# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ବୁଧବାର, ନଭେମ୍ବର ୩୦/୨୦୨୨ (୨୦ ପୃଷ୍ଠା) | Bhubaneswar, Wednesday, November 30/2022 Page 20 ₹ 7.00 | ★★★★★★

୪୯ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 7 | ମୂଲ୍ୟ ₹୭/-



DSPL-312

ODISHA
NEW OPPORTUNITIES



*Odisha's 3rd flagship Investors' Summit*

MAKE IN
ODISHA
CONCLAVE'22
BHUBANESWAR | 30 NOV-04 DEC | 2022

*Come & explore the vast investment opportunities in Odisha.*

Inauguration by

**Shri Naveen Patnaik**

Hon'ble Chief Minister, Odisha

5:30 PM | 30th Nov. 2022

Janta Maidan, Bhubaneswar

Anamorphic Display

Exhibition

Drone & Laser Show

Cultural Program

**COME, JOIN THE JUGGERNAUT**

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media

**Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc | Country Partners Germany Japan Norway




**Live Streaming on Youtube**

https://youtu.be/sYAsXeNuLMs

SCAN ME

Scan to See Live

OIPR-14005/13/0031/2223



www.setgoi.ac.in

# SHRI RAMKRISHNA INSTITUTE OF MEDICAL SCIENCES & SANAKA HOSPITALS

MALANDIGHI, DURGAPUR

A UNIT OF SANAKA EDUCATIONAL TRUST

APPROVED BY NATIONAL MEDICAL COMMISSION (FORMERLY MEDICAL COUNCIL OF INDIA) & AFFILIATED TO WBUHS




# MBBS Admission Session 2022-23

NO CAPITATION / NO BANK GUARANTEE

APPROVED FOR 150 INTAKE FOR ACADEMIC YEAR 2022-23

**SANAKA HOSPITALS** — MALANDIGHI DURGAPUR | SHRI RAMKRISHNA INSTITUTE OF MEDICAL SCIENCES | A UNIT OF SANAKA EDUCATIONAL TRUST

- 700 BEDDED IN CAMPUS SUPER SPECIALITY HOSPITAL
- 100 BEDDED INTENSIVE CRITICAL CARE UNIT
- STATE OF ART INFRASTRUCTURE & LATEST EQUIPMENTS
- 14 YEARS — MORE THAN A DECADE OF EXCELLENCE IN EDUCATION
- 51 ACRES LUSH GREEN COLLEGE CAMPUS

SH IS BEING UPGRADED TO 1000 BEDED HOSPITAL WITH DEDICATED CANCER HOSPITAL & RESEARCH CENTRE



INTRODUCING FOR THE 1ST TIME IN EASTERN INDIA -DIGITAL 160 SLICE PET-CT - FOR RADIOTHERAPY CANCER TREATMENT*



INTRODUCING FOR THE 1ST TIME IN REST OF BENGAL - VARIAN HALCYON 3.0 LINEAR ACCELERATOR FOR RADIOTHERAPY CANCER TREATMENT*

| FACILITIES AT SANAKA HOSPITALS | AVAILABILITY |
|---|---|
| Radiology including MRI (GE - 1.5 TESLA DIGITAL), CT Scan -(TOSHIBA - 64 Slice), USG (GE Vivid IQ), Echo cardiography(GE Vivid IQ ), Digital X-Ray | ✓ |
| Interventional Cardiology with CATH - LAB (GE - Flat Panel),TMT, Holter | ✓ |
| ICU with Cardiac Monitors, High end Ventilators, EMG, NCV, BERA | ✓ |
| NICU & PICU with Neonatal Ventilator & Bubble CPAP | ✓ |
| Nephrology with Dialysis Machine (B.Braun & Fresenius) | ✓ |
| Urology with Cystoscope, Urethral sound, Ureteric balloon catheter, Laser | ✓ |
| Neuro & Spine Surgery with Microscope (Carl Zeiss) & Neuro Drill (Medtronics) | ✓ |
| Orthopaedics including Joint replacement & Arthroscopy | ✓ |
| Pulmonology including Bronchoscopy | ✓ |
| Gastroenterology with GI Endoscope, Colonoscope, ERCP | ✓ |
| General Medicine & Tropical Medicine with infectious disease | ✓ |
| General & Minimally Invasive Surgeries with C- Arm & Modular OTs - laminar flow | ✓ |
| Automated Central Laboratory & Blood Bank (Whole Blood & Component) | ✓ |
| COVID ward with automatic RT-PCR (Robotic) lab | ✓ |
| Oncology / Cancer research centre | To be commissioned* |

THE SKILL TO HEAL — THE SPIRIT TO CARE

## SANAKA HOSPITAL HIGHLIGHTS IN THE LAST 7 YEARS

| | |
|---|---|
| 10,00,000+ | SATISFIED OPD PATIENTS |
| 52,000+ | SATISFIED INDOOR PATIENTS TREATED SUCCESSFULLY |
| 25,000+ | SUCCESSFUL SURGERIES |
| 3500+ | SUCCESSFUL EYE SURGERIES |

### COVID-19 HIGHLIGHTS

**RT-PCR LAB**

| | |
|---|---|
| 100% QUALITY CONTROL CONCORDANCE — ICMR APPROVED, NABL ACCREDITED, MENTORED BY AIIMS BHUBANESWAR | 2,00,000+ COVID 19 RT-PCR TESTS CONDUCTED |

**GOVT. REQUISITIONED COVID HOSPITAL**

| | |
|---|---|
| 5000+ COVID 19 PATIENTS SUCCESSFULLY TREATED | 96.8% HIGHEST RECOVERY RATE |

## SANAKA HOSPITALS IS EMPANELLED WITH

COAL INDIA • ESI • SwasthyaSathi • West Bengal Health Scheme • Eastern Railway • Bridge & Roof (I) Co. Ltd. • DSP ex-employee • All leading Corporate TPAs.

OUR OTHER COURSES: BSC & GNM NURSING | PARAMEDICAL | B. TECH | B. ARCH | B. PHARM | DIPLOMA

APPROVED BY — AFFILIATED TO

01.12.2022 | MEET US AT HOTEL PAL HEIGHTS, JAYADEV BIHAR, BHUBANESWAR BETWEEN 9 AM TO 6 PM

ADMISSION HELPLINE | FOR MBBS 7676 75 0000 | OTHER COURSES 8444 03 0010

Campus: VILL.+P.O.: Malandighi, P.S.: Kanksa, Durgapur-713212, West Bengal | E-mail: sanakaeducationaltrust@gmail.com | SUNDAY OPEN | SanakaEducationalTrust | setgoi | srims.durgapur

# ଧରିତ୍ରୀ
DHARITRI

49 ୪୯

ଭୁବନେଶ୍ୱର, ବୁଧବାର, ନଭେମ୍ବର ୩୦/୨୦୨୨ | Bhubaneswar, Wednesday, November 30/2022 | ପୃଷ୍ଠା-୧




**‘ଚନ୍ଦ୍ରମୁଖୀ ୨’ରେ କଙ୍ଗନା**

ତାମିଲ ମେଗା ଫିଲ୍ମ ‘ଚନ୍ଦ୍ରମୁଖୀ ୨’ରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ମୁଖ୍ୟ ଭୂମିକାରେ ଅଭିନୟ କରିବେ।

୧୭

୧୦

**ଗାକ୍‌ପୋଙ୍କ କୃତିତ୍ୱ**

ନେଦରଲାଣ୍ଡ୍ସର ଚତୁର୍ଥ ଖେଳାଳିଭାବେ କୋଡି ଗାକ୍‌ପୋ କ୍ରମାଗତ ୩ଟି ବିଶ୍ୱକପ ମ୍ୟାଚରେ ଗୋଲ ଦେବାର କୃତିତ୍ୱ ଅର୍ଜନ କରିଛନ୍ତି।



# ଶିକ୍ଷକ ଆନ୍ଦୋଳନ: ଅଡୁଆରେ ସରକାର

## ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭା ଅଚଳ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଶିକ୍ଷକ ଆନ୍ଦୋଳନ ସରକାରଙ୍କ ଅଡୁଆ ବଢ଼ାଇ ଦେଇଛି। ଦାବି ପୂରଣ ନେଇ ସଚିବ ଓ ମୁଖ୍ୟ ଶାସନ ସଚିବ ସ୍ତରରେ ଆଲୋଚନା ଜାରି ରହିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ପଦ୍ମପୁର ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ସରକାରଙ୍କୁ ହରଡ଼ଘଣାରେ ପକାଇଛି। ଗତ ୩ ଦିନ ହେବ ପ୍ରାଥମିକ ଶିକ୍ଷକମାନେ ଦାବି ପୂରଣ ନେଇ ଗାନ୍ଧୀ ମାର୍ଗକୁ ଅଚଳ କରି ରଖିଛନ୍ତି। ରାତିଦିନ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେବାଯାଏ ଆନ୍ଦୋଳନରୁ ନ ଓହରିବାକୁ ଧମକ ଦେଇଛନ୍ତି। ଏଭଳିସ୍ଥଳେ ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ବିଧାନସଭା ଅଚଳ ହୋଇଛି। ସରକାରଙ୍କୁ ଘେରିବାକୁ ବିରୋଧୀ ଭାଜପା ଏବଂ କଂଗ୍ରେସ ସଦସ୍ୟମାନେ ଶିକ୍ଷକଙ୍କୁ ଅସ୍ତ୍ର କରିଛନ୍ତି। ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭା ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ଉଡ଼ିଯାଇଛି। ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କ ଆଲୋଚନା ବିଷୟରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଗୃହରେ ବିବୃତି ଦେଇଥିଲେ। ଏହା ସତ୍ତ୍ୱେ ବିରୋଧୀ ଶାନ୍ତ ପଡ଼ିନାହାନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ବାରମ୍ବାର ମୁଲତବୀ ହୋଇଛି।

ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବାମାତ୍ରେ ଶିକ୍ଷକଙ୍କ ସମସ୍ୟାକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର ବାତିଲ କରି ଶିକ୍ଷକଙ୍କ ସମସ୍ୟା ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ତୁରନ୍ତ ଗୃହକୁ ଜଣାନ୍ତୁ ଦାବି କରି ହୋ ହଲ୍ଲା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟ ମାନି ନ ଥିଲେ। ଫଳରେ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୦ଟା ୩୩ ମିନିଟରୁ ୧୧ଟା ୩୦ ମିନିଟଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁଣି ହଟ୍ଟଗୋଳ ଆରମ୍ଭ ହୋଇ ଯାଇଥିଲା। ବାଚସ୍ପତି ଅଚଳାବସ୍ଥାକୁ ଦୂର କରିବାକୁ ସର୍ବଦଳୀୟ ବୈଠକ ☞ପୃଷ୍ଠା-୨

## ସଂଘ ସହ ଆଲୋଚନା ବିଫଳ



ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ। (ଫଟୋ: ମନୋରଞ୍ଜନ)

### ୫୫ ହଜାର ସ୍କୁଲରେ ପାଠପଢ଼ା ବ୍ୟାହତ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

୩ ପ୍ରମୁଖ ଦଫା ଦାବି ନେଇ ରାଜଧାନୀରେ ପ୍ରାଥମିକ ଶିକ୍ଷକମାନେ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ସରକାରଙ୍କ ସହିତ ଶିକ୍ଷକ ସଂଘର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଆଲୋଚନା ବିଫଳ ହୋଇଥିବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଅନ୍ୟପଟେ ଏହି ଆନ୍ଦୋଳନ ଯୋଗୁ ରାଜ୍ୟରେ ଥିବା ୫୫ ହଜାର ପ୍ରାଥମିକ ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

ସୂଚନାନୁସାରେ, ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ୧୬ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୂର୍ବରୁ ଥିବା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଆଦି ବ୍ୟବସ୍ଥା ନେଇ ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଆସୁଛି। ୨୦୧୭ରେ ଉକ୍ତ ଦାବିଗୁଡ଼ିକ ପୂରଣ ନେଇ ଗଣଶିକ୍ଷା ମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ପଦକ୍ଷେପ ନିଆଯାଇନାହିଁ ବୋଲି ପ୍ରତିନିଧିଦଳ ଆଲୋଚନାରେ ଉପସ୍ଥାପନ କରିଥିଲେ। ତେବେ ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପୂର୍ବରୁ ଜାଣି ନ ଥିବା କହିବା ସହ ସୋମବାର ବିଭାଗୀୟ ସଚିବଙ୍କ ପାଖରୁ ଜାଣିବାକୁ ପାଇଥିବା କହିଥିଲେ, ଯାହା ଶିକ୍ଷକ ସଂଘକୁ ଆଶ୍ଚର୍ଯ୍ୟ କରିଛି। ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ କହିଛନ୍ତି, ମୁଖ୍ୟ ଶାସନ ସଚିବ ହୋଇ ଯଦି ଏ ସମ୍ପର୍କରେ କିଛି ଜାଣି ନ ଥିବା କହୁଛନ୍ତି, ତେବେ ତାହା ଲଜ୍ଜାର ବିଷୟ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜୁରି ସଦସ୍ୟ କଲା କିଏ


KT GLOBAL SCHOOL
TRANSFORMING MINDS
CBSE PATTERN
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77

ORI-HOME
www.ori-home.org.in
Toll Free No: (+91) 1800 309 4302
ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295


**ରାଧିକା, ପ୍ରଣୟ ରାୟ ଇସ୍ତଫା ଦେଲେ**

ଆଦାନିଙ୍କ ହାତକୁ ଯିବ ଏନ୍‌ଡିଟିଭି

ପୃଷ୍ଠା-୧୧



ଓଲଟି ପଡ଼ିଥିବା ଗ୍ୟାସ୍ ଟ୍ୟାଙ୍କର ଉପରକୁ ଅଗ୍ନିଶମ କର୍ମଚାରୀମାନେ ପାଣି ପକାଉଛନ୍ତି।

## ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ, ଗାଡ଼ି ଚଳାଚଳ ବନ୍ଦ

ପଟ୍ଟାଙ୍ଗି,୨୯।୧୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲ୍ଲୁଗଡ଼ା-ତେଲରାଇ ଗ୍ରାମ ମଝି ଜାତୀୟ ରାଜପଥରେ ମଙ୍ଗଳବାର ଏକ ଏଚ୍‌ପି ଗ୍ୟାସ ଟ୍ୟାଙ୍କର ଓଲଟି ପଡିଛି। ସେଥିରୁ ଗ୍ୟାସ ଲିକ୍ କରୁଥିବାରୁ ଉକ୍ତ ରାସ୍ତାରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ କୌଣସି ଗାଡି ଚଳାଚଳ ନ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଉକ୍ତ ଟ୍ୟାଙ୍କର (ସିଜି୦୭ବିଏଲ୍-୧୬୮୪)ଟି ବିଶାଖାପାଟଣାରୁ ଛତିଶଗଡ଼ର ରାୟପୁରକୁ ଯାଉଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ପୋଲିସ ପହଞ୍ଚି ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳକୁ ବନ୍ଦ କରି ଦେଇଥିଲେ। ଯେକୌଣସି ଅଘଟଣ ରୋକିବା ପାଇଁ ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଦମକଳ ବାହିନୀ ସେଠାରେ ସଜାଗ ରହିଛି। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଉପରକୁ ପାଣି ମାରି ଲିକ୍ ହେଉଥିବା ଗ୍ୟାସକୁ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ ଜାରି ରହିଛି। ଦୁର୍ଘଟଣାରେ ଟ୍ୟାଙ୍କର ଚାଳକଙ୍କ କୌଣସି କ୍ଷତି ହୋଇନାହିଁ। ☞ପୃଷ୍ଠା-୨

## ଆଜିଠୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ଉଦ୍‌ଘାଟନ
- ୧୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଶିଳ୍ପପତି ଯୋଗଦେବେ
- ୧୧,୬୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି

ଭୁବନେଶ୍ୱର,୨୯।୧୧

‘ମେକ୍ ଇନ୍ ଓଡ଼ିଶା’(ଏମ୍‌ଆଇଓ) କନ୍‌କ୍ଲେଭ-୨୦୨୨ ବୁଧବାରଠାରୁ ଆରମ୍ଭ ହେବ। ୫ଦିନ ବ୍ୟାପି ହେବାକୁ ଥିବା ଏହି କନ୍‌କ୍ଲେଭକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ସାଢ଼େ ୫ଟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଏହି କନ୍‌କ୍ଲେଭ ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ୧୦ରୁ ଅଧିକ ରାଷ୍ଟ୍ରର ଶିଳ୍ପପତି ଏବଂ ବିଭିନ୍ନ କମ୍ପାନୀର ୧୨୪ଜଣ ବକ୍ତା ଯୋଗ ଦେବେ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି। ☞ପୃଷ୍ଠା-୨




ଖବରଦାତା ସମ୍ମିଳନୀରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ସମ୍ପର୍କରେ ସୂଚନା ଦେଉଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସଞ୍ଜୟ ସିଂ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା।

## ୨ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ

### ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା ମାମଲା

ଜଗତ୍‌ସିଂହପୁର ଅଫିସ, ୨୯।୧୧

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ୨୦୧୪ରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡାଦେଶ ଦିଆଯାଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖଲାସ କରାଯାଇଛି। ଫାଶୀଦଣ୍ଡରେ ଦଣ୍ଡିତ ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ସେକ୍ ଆସିଫ ଓ ସେକ୍ ଅକିଲ। ଖଲାସ ଅଭିଯୁକ୍ତ ହେଲେ ସେକ୍ କରିମ ଓ ସେକ୍ ଆବିଦ। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ଏହି ମାମଲାର ବିଚାର କରିଥିଲେ। ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିବା ଏପିପି ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୧।୮।୧୪ ଅପରାହ୍ନ ସମୟରେ ଏହି ଲୋମ ଟାଙ୍କୁରା ଘଟଣା ଘଟିଥିଲା। ସମ୍ପୃକ୍ତା ନାବାଳିକା(୮) ତାଙ୍କ ଦାଦା ପୁଅ ଭାଇ ସହ ଗାଁର ଏକ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ। ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ନାବାଳିକାଙ୍କୁ ଉଠାଇ ନେଇଥିଲେ। ପ୍ରଥମେ ସେକ୍ ଅକିଲ ନାବାଳିକାଙ୍କ ପାଟି ବନ୍ଦ କଲା ପରେ ସେକ୍ ଆସିଫ ଉଠାଇ ନେଇଥିଲେ। ତା’ପରେ ଗଣବଳାତ୍କାର କରାଯିବା ପରେ କଲବଲ କରି ମାରି ଦେଇଥିଲେ। ହତ୍ୟା ପରେ ଏକ ଅସମ୍ପୂର୍ଣ୍ଣ ଘରର ତାଜା ଉପରେ ମୃତଦେହ ଫିଙ୍ଗିଦେଇଥିଲେ। ପରିବାର ଲୋକଙ୍କଠାରୁ ଖବରପାଇ ପୋଲିସ ଓ ସ୍ଥାନୀୟ ଲୋକେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମୃତଦେହ ପାଇଥିଲେ। ମୃତକଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ତିର୍ତ୍ତୋଲ ପୋଲିସ ☞ପୃଷ୍ଠା-୨

## କଶ୍ମୀର ଫାଇଲ୍ସ ‘ପ୍ରଚାରଧର୍ମୀ, ଅଶ୍ଳୀଳ’

### ଆଇଏଫ୍‌ଏଫ୍‌ଆଇ ଜୁରି ସଦସ୍ୟମାନଙ୍କ ଭାବନା ବ୍ୟକ୍ତକଲେ ଅଧ୍ୟକ୍ଷ ନଦାଭ ଲାପିଡ୍

ପଣଜୀ/ନୂଆଦିଲ୍ଲୀ,୨୯।୧୧

ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ଅନ୍ତର୍ଜାତୀୟ ପ୍ରତିଯୋଗିତା ବର୍ଗରେ ସାମିଲ ହୋଇଥିବା ୧୫ ଚଳଚ୍ଚିତ୍ର ମଧ୍ୟରୁ ବିବାଦୀୟ ‘ଦି କଶ୍ମୀର ଫାଇଲ୍ସ’କୁ ଏକ ପ୍ରଚାରଧର୍ମୀ, ଅଶ୍ଳୀଳ ସିନେମା ବୋଲି ବିବେଚିତ କରାଯାଇଛି। ୫ ଜଣିଆ ଜୁରି ଏହି ଚଳଚ୍ଚିତ୍ରକୁ ଦେଖିବା ପରେ ବିବ୍ରତ ହୋଇପଡ଼ିଥିଲେ। ସେମାନଙ୍କ ଭାବନାକୁ ବ୍ୟକ୍ତ କରିଛନ୍ତି ମୁଖ୍ୟ ଜୁରି ତଥା ଇସ୍ରାଏଲୀ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ନଦାଭ ଲାପିଡ୍। ଲାପିଡ୍‌ଙ୍କ ମତରେ ଏହି ଫିଲ୍ମ ଏଭଳି ଏକ ପ୍ରତିଷ୍ଠିତ ଫିଲ୍ମ ମହୋତ୍ସବର କଳାତ୍ମକ ବର୍ଗରେ ସାମିଲ ହେବା ପାଇଁ ଉପଯୁକ୍ତ ନୁହେଁ। ଲାପିଡ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି।

ସର୍ବୋତ୍ତମ ସିନେମାଗୁଡ଼ିକୁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଡାଇରେକ୍ଟୋରେଟ୍ ଅଫ୍ ଫିଲ୍ମ ଫେଷ୍ଟିଭାଲ୍ସ ଇନ୍ ଏସିଆ ପକ୍ଷରୁ ପ୍ରତିବର୍ଷ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ) ଆୟୋଜିତ ହୋଇଥାଏ। ନଭେମ୍ବର ୨୦ରେ ଗୋଆ ରାଜଧାନୀ ପଣଜୀରେ ୫୩ତମ ଚଳଚ୍ଚିତ୍ର ମହୋତ୍ସବକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଉଦ୍‌ଘାଟନ କରିଥିଲେ। ଏହା ଗତ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଆଇଏଫ୍‌ଏଫ୍‌ଆଇ ଅନ୍ତର୍ଜାତୀୟ ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ଇସ୍ରାଏଲୀ ଫିଲ୍ମ ନିର୍ଦ୍ଦେଶକ ନଦାଭ ଲାପିଡ୍ ଜୁରି ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ଆମେରିକୀୟ ପ୍ରଯୋଜକ ଜିଙ୍କୋ ଗୋଟୋହ, ସ୍ପାନିଶ୍ ଡକ୍ୟୁମେଣ୍ଟାରି ଫିଲ୍ମ ମେକର ଜାଭିଅର ଅଙ୍ଗୁଲୋ ବର୍ଟୁରେନ, ଫରାସୀ ଏଡିଟର ପାସ୍କାଲେ ଶାଭେନ୍ସ ଏବଂ ଭାରତୀୟ ନିର୍ଦ୍ଦେଶକ ସୁଦୀପ୍ତୋ ସେନ ରହିଥିଲେ। ଉତ୍ସବ ଉଦ୍‌ଯାପନ ଅବସରରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଲାପିଡ୍ କହିଥିଲେ, ‘ସାଧାରଣତଃ ମୁଁ କୌଣସି ଲେଖା ପଢ଼ି କହି ନ ଥାଏ। ଆଜି ସମ୍ପୂର୍ଣ୍ଣ ସଂକ୍ଷିପ୍ତ ଓ ସ୍ପଷ୍ଟ ଭାବେ ନିଜ ବକ୍ତବ୍ୟ ରଖିବାକୁ ଚାହେଁ। ଫେଷ୍ଟିଭାଲର ନିର୍ଦ୍ଦେଶକ ଓ ପ୍ରୋଗ୍ରାମିଂ ମୁଖ୍ୟଙ୍କୁ ☞ପୃଷ୍ଠା-୨




ନଦାଭ ଲାପିଡ୍

## ମିଶନ ଶକ୍ତି ଗୋଷ୍ଠୀକୁ ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ରାଜ୍ୟର ମିଶନ ଶକ୍ତି ଗୋଷ୍ଠୀକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ୨୦୨୨ ଏପ୍ରିଲ ପହିଲାରୁ ପିଛିଲା ଭାବେ ଏହି ନୂତନ ଋଣ ବ୍ୟବସ୍ଥା ଲାଗୁ ହେବ। ପୂର୍ବରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଥିଲା। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ମିଶନ ଶକ୍ତି ମା’ମାନେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ। ଅଧିକ ଟଙ୍କାର ଋଣ ନେଇ ବଡ଼ ବଡ଼ ବ୍ୟବସାୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ରୂପାନ୍ତର କ୍ଷେତ୍ରରେ ମା’ମାନେ ହେଉଛନ୍ତି ଏକ ଅଭିନ୍ନ ଅଙ୍ଗ। ସରକାରଙ୍କ ☞ପୃଷ୍ଠା-୨

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ନଭେମ୍ବର, ୨୦୨୨

**ଆଜିର ମନ୍ତବ୍ୟ**

“ଧର୍ମୀୟ ରାଜନୀତି ଦେଶ ପାଇଁ କ୍ଷତିକାରକ। ଭୋଟରମାନେ ପ୍ରତ୍ୟେକ ପ୍ରାର୍ଥୀ ଓ ସେମାନଙ୍କ ଦଳ ବିଷୟରେ ଅବଗତ ହେବା ଜରୁରୀ।
– ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି ଅଧ୍ୟକ୍ଷ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଡାନାଶୀ ନଈକୂଳ
ତୋ'ସଙ୍ଗେ ବସିଲି ପେଣ୍ଡି ବଉଳ
ହରାଇଲି ଜାତିକୁଳ।**

ପ୍ରେମ ହେଉଛି ତ୍ୟାଗ, ଭଲ ପାଇବାର ପ୍ରତୀକ। ପ୍ରେମ ମାନେନା ବୟସର ମାପକାଠି କି ଧନୀ ଗରିବର ପ୍ରଭେଦ। ଏହା ହେଉଛି ପବିତ୍ର, ଶାଶ୍ୱତ, ସତ୍ୟ ଆଉ ସନାତନ। ଭଲପାଇବା ଭଳି ପବିତ୍ର ବନ୍ଧନ ଆଗରେ ଜାତି, ସମାଜ, ଧନ, ସମ୍ପତ୍ତି, ପ୍ରତିପତ୍ତି ଏସବୁ ଦେଖାଯାଏନି। ପ୍ରେମ ପାଇଁ ଜାତି, କୁଳ ହରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣ ଦେବତାଙ୍କୁ ପତର ପୂଜା
ବାଲିଗିରିଡାକୁ ଚାଉଳ ଭୁଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯାହାକୁ ଯେମିତି, ଯେଉଁଠି ଯେମିତି ତାହାହିଁ କରିବା ଠିକ୍। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ଶିକ୍ଷକ ଆନ୍ଦୋଳନ...

ଡାକିଥିଲେ। ସେଥିପାଇଁ ଗୃହକୁ ୧୧ଟା ୩୧ରୁ ୧୧ଟା ୪୫ ମିନିଟଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ପରେ ପୁଣି ୧୦ ମିନଟ ମୁଲତବୀ ଘୋଷଣା କରାଯାଇଥିଲା। ୧୧ଟା ୫୫ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ଶିକ୍ଷକଙ୍କ ଆନ୍ଦୋଳନ ବିଷୟରେ ସୋମବାର ଗୃହରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଶିକ୍ଷକଙ୍କ ସହ ଆଲୋଚନା ପାଇଁ ସରକାରଙ୍କୁ ବାଚସ୍ପତି ନିର୍ଦ୍ଦେଶଦେଲେ। ହେଲେ ବାଚସ୍ପତିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା ନାହିଁ। ସ୍କୁଲ ଓ ଗଣଶିକ୍ଷା ସଚିବ କହିଲେ, ମୁଁ ନୂଆ କରି ଆସିଛି, ଦାବି ବିଷୟରେ କିଛି ଜାଣିନି। ଶିକ୍ଷକମାନେ ରାତିସାରା ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ପାଠପଢ଼ା ନ ହେଲେ ଏ ରାଜ୍ୟର ଉନ୍ନତି ହୋଇପାରିବ ନାହିଁ। ଶିକ୍ଷକ ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ହଇରାଣ ହେବା ସହ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଯାଇପାରୁ ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁ ବିଧାନସଭାରେ ଉପସ୍ଥିତ ରହୁଥିଲେ। ଲୋକଙ୍କ ସମସ୍ୟା କଥା ଶୁଣୁଥିଲେ। ମାତ୍ର ତାଙ୍କ ନୀତି ଆଦର୍ଶରେ ଚାଲୁଥିବା ଶାସକ ଦଳର ମୁଖ୍ୟମନ୍ତ୍ରୀ ଗୃହକୁ ଆସୁନାହାନ୍ତି। ସବୁ ମନ୍ତ୍ରୀ ପଦ୍ମପୁର ନିର୍ବାଚନରେ ମାତିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଶିକ୍ଷା ଏକ ମୌଳିକ ଅଧିକାର। ସରକାର ଶିକ୍ଷକ ନିଯୁକ୍ତି କରିବାକୁ ବାଧ୍ୟ। ସରକାର ଚାହୁଁଛନ୍ତି ଶିକ୍ଷାର ବିକାଶ ନ ହେଉ। ଶିକ୍ଷାର ବିକାଶ ନ ହେଲେ ନିର୍ବାଚନ ଜିତିବା ସହଜ ହେବ। ସରକାର ତୁରନ୍ତ ଆଲୋଚନା କରି ସମସ୍ୟା ସମାଧାନ କରନ୍ତୁ ବୋଲି ନରସିଂହ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ଶିକ୍ଷକମାନେ ଶୀତକାକରରେ ରାଜରାସ୍ତାରେ ପଡ଼ିରହିଛନ୍ତି। ଆମ କ୍ୱାର୍ଟର୍ସରେ ଜାଗା ନାହିଁ। ପରିସ୍ଥିତି ଅସମ୍ଭାଳ ହେଲାଣି। ବାଚସ୍ପତି ରୁଲିଂ ଦେବା ପରେ ଶିକ୍ଷକ ପ୍ରତିନିଧିଙ୍କ ସହ ଯାହା ଆଲୋଚନା ହୋଇଛି, ତାହା ବିଫଳ ହୋଇଛି। ଆମେ କିଛି ଜାଣିପାରୁ ନାହୁଁ। ତୃତୀୟ ଦିନରେ ଆନ୍ଦୋଳନ ପହଞ୍ଚିଲାଣି। ଶିକ୍ଷା ବିଭାଗ ସଚିବ ଦାବି ବିଷୟରେ ଜାଣିନାହାନ୍ତି। ଶିକ୍ଷାମନ୍ତ୍ରୀ ବିଜେଡିକୁ ଜିତାଇବାକୁ ପଦ୍ମପୁରରେ ଡେରା ପକାଇଛନ୍ତି। ଦଳ ଜିତିଲେ ସେ ଟିକେଟ ପାଇବେ। ଟିକେଟ ପାଇଲେ ପୁଣି ଥରେ ମନ୍ତ୍ରୀ ହେବେ। ସେଇ ଚିନ୍ତାରେ ସେ ଅଛନ୍ତି। ଶିକ୍ଷକଙ୍କ କଥା ପଚାରେ କିଏ। ମିଳିତ ପ୍ରାଥମିକ ମହାସଂଘ ବିଭାଗୀୟ ସଚିବ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବଙ୍କୁ ଦାବି ବିଷୟରେ ପୂର୍ବରୁ ଜଣାଇଛନ୍ତି। ତଥାପି ସରକାର ସେମାନଙ୍କ ଦାବି ବିଷୟରେ ଜାଣି ପାରୁନାହାନ୍ତି। କ'ଣ ଆଲୋଚନା ହୋଇଛି ଗୃହକୁ ମନ୍ତ୍ରୀ ଜଣାନ୍ତୁ। ନଚେତ୍ ଏ ଗୃହ ଚାଲିପାରିବ ନାହିଁ।

ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ କହିଲେ, ରାଜ୍ୟ ସରକାରଙ୍କ ଗଣଶିକ୍ଷା ସଚିବ ଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି। ଆନ୍ଦୋଳନରୁ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରାଯାଉଛି। କେନ୍ଦ୍ର ସରକାର ସର୍ବଶିକ୍ଷା ଅଭିଯାନ ଅନୁଦାନକୁ ବନ୍ଦ କରିଦେଇଛନ୍ତି। ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଉଛନ୍ତି। ଆଲୋଚନା ଶେଷ ହୋଇନାହିଁ। ସରକାରଙ୍କ ଦ୍ୱାର ଖୋଲା ରହିଛି। ଆଲୋଚନା ଜରିଆରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, କେବଳ ଶିକ୍ଷକ ନୁହନ୍ତି, ନର୍ସ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଧାରଣାରେ ବସିଛନ୍ତି। ସମସ୍ତଙ୍କ ସହ ସରକାର ଆଲୋଚନା କରନ୍ତୁ। ଶୀତଦିନରେ ମା' ଭଉଣୀମାନେ ରାଜରାସ୍ତାରେ ଶୋଇଛନ୍ତି। ସେମାନଙ୍କ ସମସ୍ୟା ସମାଧାନ କରା ନ ଗଲେ ଏ ଗୃହ ଚାଲିପାରିବ ନାହିଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ଶିକ୍ଷା କ୍ଷେତ୍ରରେ ରାଜ୍ୟ ୨୦ ନମ୍ବର ସ୍ଥାନରେ ରହିଛି। କେରଳରେ ୯୬ ପ୍ରତିଶତ ସାକ୍ଷରତା ହାର ଥିବା ବେଳେ ଓଡ଼ିଶାରେ ୭୨ ପ୍ରତିଶତ ରହିଛି। ବିଜେଡି ସଦସ୍ୟମାନେ ଶିକ୍ଷକଙ୍କ କଥା କିଛି କହିବେନି, କାରଣ ତାଙ୍କର ଟିକେଟ କଟିଯିବ। ପଦ୍ମପୁରରେ ଶିକ୍ଷାମନ୍ତ୍ରୀ ନିର୍ବାଚନ ପ୍ରଚାର କରୁଛନ୍ତି। ସେଠାରେ ନିର୍ବାଚନ ପକ୍କା ହାରିବେ। ସରକାର ଶିକ୍ଷକଙ୍କ ଦାବି ମାନି ନିଅନ୍ତୁ।

ଭାଜପା ସଭ୍ୟ ଭାସ୍କର ମଢ଼ାଇ କହିଲେ, ଶିକ୍ଷକମାନଙ୍କର ୩ ଦଫା ଦାବି ସରକାର ତୁରନ୍ତ ପୂରଣ କରନ୍ତୁ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ବାଚସ୍ପତି କହିଲେ, ଶିକ୍ଷକଙ୍କ ସମସ୍ୟା ଉପରେ ସ୍ୱତନ୍ତ୍ର ଭାବେ ଆଲୋଚନା କରିବାକୁ ସୋମବାର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଲୋଚନା ସମ୍ପର୍କରେ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା କହିବେ ବୋଲି କହିଥିଲେ। ମନ୍ତ୍ରୀ କହିଲେ, ସ୍କୁଲ ଓ ଗଣଶିକ୍ଷା ସଚିବ ୪୫ ମିନିଟ ଧରି ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଦାବିର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବିଭାଗୀୟ ସଚିବ ଦାବି ବିଷୟରେ ଅବଗତ ଅଛନ୍ତି। ଆଲୋଚନା ପାଇଁ ସରକାରଙ୍କ ଦ୍ୱାର ଖୋଲା ରହିଛି। ରାଜ୍ୟର ଆର୍ଥିକ ଅବସ୍ଥାକୁ ଦେଖି ସରକାର ପଦକ୍ଷେପ ନେବେ। ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ଦାବି ସମ୍ପର୍କରେ ଆଲୋଚନା ହେବ। ଏହା କହିବା ବେଳେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ପାଟିତୁଣ୍ଡ କଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ୧୨ଟା ୩୬ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ଭିତରେ ବିଧାନସଭାରେ ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ପାରିତ ହୋଇଥିଲା। ପରିସ୍ଥିତିରେ ସୁଧାର ନ ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ୧୩ ମିନିଟରୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ।

## ସଂଘ ସହ ଆଲୋଚନା...

ଆଲୋଚନା କରି ଦାବି ପୂରଣ ନିମନ୍ତେ ମୁଖ୍ୟ ଶାସନ ସଚିବ ଆମକୁ ସମୟ ମାଗିଥିଲେ, କିନ୍ତୁ କୌଣସି ଲିଖିତ ପ୍ରତିଶ୍ରୁତି ଦେଲେ ନାହିଁ। ତେଣୁ ଆମେ ଆନ୍ଦୋଳନ ଜାରି ରଖିଛୁ। ବୁଧବାର ସରକାରଙ୍କ ପକ୍ଷରୁ ଆଉ ଥରେ ଆଲୋଚନା ହେବାର ସମ୍ଭାବନା ରହିଛି। ଯଦି ଆଲୋଚନା ସଫଳ ନ ହୁଏ କିମ୍ବା ଆଲୋଚନା ନ ହୁଏ, ତେବେ ସଂଘ ବୁଧବାର ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେବ। ସେପଟେ ହଜାର ହଜାର ଶିକ୍ଷକ ରାଜଧାନୀରେ ଆନ୍ଦୋଳନରେ ସାମିଲ ଥିବାରୁ ସାରା ରାଜ୍ୟରେ ଥିବା ୫୫ହଜାର ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହୋଇଛି। ଏପରିକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆସନ୍ତା ସପ୍ତାହରେ ଅର୍ଦ୍ଧବାର୍ଷିକୀ ପରୀକ୍ଷା ହେବାର ଥିଲା। ତାହା ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ବିଭୁ ପ୍ରସାଦ କହିଛନ୍ତି, ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବାରୁ ଆମେ ଦୁଃଖିତ। କିନ୍ତୁ ଆମେ ଆମର ନ୍ୟାଯ୍ୟ ଦାବି ପାଇଁ ଏଠି ରାସ୍ତାରେ ଆନ୍ଦୋଳନ କରୁଛୁ। ସରକାର ତୁରନ୍ତ ଆମ ଦାବି ଏବଂ ପିଲାଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରି ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆଗକୁ ସ୍ଥିତି ଭୟଙ୍କର ହୋଇପାରେ। ସରକାର ଆମ ଦାବି ଶୁଣିଲେ ଆମେ ଆନ୍ଦୋଳନ ପ୍ରତ୍ୟାହର କରିବୁ। ଏଥିସହିତ ଆବଶ୍ୟକ ପଡ଼ିଲେ ପିଲାଙ୍କ ଶିକ୍ଷାଦାନରେ ଯେଉଁ କ୍ଷତି ହୋଇଛି, ତା'ପାଇଁ ପ୍ରତିଦିନ ଅତିରିକ୍ତ ଏକଘଣ୍ଟା କ୍ଲାସ୍ କରିବୁ। ନଚେତ୍ ଛୁଟିଦିନରେ ତାହାକୁ ଭରଣା କରିବାକୁ ମନସ୍ଥ କରିଛୁ ବୋଲି ବିଭୁ ପ୍ରସାଦ କହିଛନ୍ତି।

## ମିଶନ ଶକ୍ତି...

ଏହି ନିଷ୍ପତ୍ତି ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ, ରାଜ୍ୟ ସରକାର ମିଶନ ଶକ୍ତିଗୁଡ଼ିକୁ ଗତ ୩ ବର୍ଷରେ ସରକାରୀ ଭାବରେ ୪୦୦୦ କୋଟି ଟଙ୍କାର ବ୍ୟବସାୟ ଯୋଗାଇ ଦେଇଛନ୍ତି। ଏଥିସହିତ ଗତ ୫ ବର୍ଷରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ୧୭ ହଜାର କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି।

# ୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ପୁଞ୍ଜିନିବେଶକାରୀଙ୍କ ଉପରେ ଫୋକସ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୁଧବାର ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ସୂଚନା ମିଳିଛି। ତେବେ ବିଧାନସଭା ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କ୍ୟାବିନେଟ୍‌ରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏ ସମସ୍ତ ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଦୃଷ୍ଟିରେ ରଖି କରାଯାଇଛି। ଶିଳ୍ପ, ସ୍ୱାସ୍ଥ୍ୟ, ଏମ୍ଏସ୍ଏମ୍ଇ, କୃଷି, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ, ଶକ୍ତି ବିଭାଗ, ସୂଚନା ଓ ପ୍ରଯୁକ୍ତି ବିଭାଗର ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସୌରଶକ୍ତି ନୀତି, ଶିଳ୍ପ ନୀତି, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ପ୍ରୋତ୍ସାହନ ବ୍ୟବସ୍ଥାକୁ ସରଳୀକରଣ କରାଯାଇଥିବା ସୂଚନା ମିଳିଛି।

# ୩୩୪ ମାମଲାରେ ହୋଇଛି ଚାର୍ଜଶିଟ୍

## ଚିଟ୍‌ଫଣ୍ଡ ଦୁର୍ନୀତି

- ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଓଡ଼ିଶା ସରକାର
- ୨.୧୦ ଲକ୍ଷ ଜମାକାରୀଙ୍କୁ ମିଳିଛି କ୍ଷତିପୂରଣ

ନୂଆଦିଲ୍ଲୀ,୨୯।୧୧

ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଓଡ଼ିଶାରେ ମୋଟ ୮୦୬ଟି ମାମଲା ଦାଏର ହୋଇଥିବାବେଳେ ସେଥିରୁ ୩୩୪ ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଥିବା ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଏହି ଦୁର୍ନୀତି ମାମଲାରେ ବର୍ତ୍ତମାନ ସୁଦ୍ଧା ୨.୧୦ ଲକ୍ଷ ଜମାକାରୀଙ୍କୁ ୮୩.୪୬ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଗଲାଣି। ବହୁକୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ସହ କ୍ଷତିଗ୍ରସ୍ତ ଜମାକାରୀଙ୍କୁ କ୍ଷତିପୂରଣ ଦାବିରେ ଦାଏର ପିଟିଶନ ଉପରେ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। ୨୦୧୧ରୁ ଅଦ୍ୟାବଧି ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ଜିଲା ପୋଲିସ ଦୁର୍ନୀତି ସହ ସମ୍ପୃକ୍ତ ବ୍ୟକ୍ତି ଓ ଆର୍ଥିକ ସଂସ୍ଥା ବିରୋଧରେ ମୋଟ ୮୦୬ ଟି ମାମଲା ଦାଏର କରିଛନ୍ତି। ୨୮୦ଟି ଚିଟ୍‌ଫଣ୍ଡ କମ୍ପାନୀ ବିରୋଧରେ ଇଓଡବ୍ଲ୍ୟୁ ୬୭ ଏବଂ ଜିଲା ପୋଲିସ ୭୩୯ ମାମଲା ରୁଜୁ କରିଥିବାବେଳେ ୩୩୪ ମାମଲାରେ ଚୂଡ଼ାନ୍ତ ଚାର୍ଜଶିଟ୍ ଏବଂ ୨୬୯ ମାମଲାରେ ପ୍ରାଥମିକ ଚାର୍ଜଶିଟ୍ ଦାଖଲ ହୋଇଛି। ବର୍ତ୍ତମାନ ସୁଦ୍ଧା ୧,୪୦୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି କିମ୍ବା ରିମାଣ୍ଡରେ ନିଆଯାଇଛି। ବିଭିନ୍ନ ଅଦାଲତରେ ମାମଲାଗୁଡ଼ିକର ବିଚାର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରହିଛି। ୧୨ଟି ମାମଲାର ବିଚାର ଶେଷ ହୋଇ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ୮୩ ମାମଲାରେ ଚିଟ୍‌ଫଣ୍ଡ ଦୁର୍ନୀତି ସହ ସମ୍ପୃକ୍ତ ୬୫ କମ୍ପାନୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରୋଜଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍, ହାଇଟେକ୍ ଇଷ୍ଟେଟ୍ସ ଆଣ୍ଡ ପ୍ରମୋଟର୍ସ ପ୍ରା.ଲିଃ, ରାଜଧାନୀ ସିଷ୍ଟମ୍ସ ଆଣ୍ଡ ଇଷ୍ଟେଟ୍ ପ୍ରା.ଲିଃ, ଗୋଲ୍ଡେନ୍ ଲ୍ୟାଣ୍ଡ ଡେଭେଲପର୍ସ ଲିଃ, ଜିଏଲ୍‌ପି ଡେଭେଲପର୍ସ ଲିଃ ବିରୋଧରେ ତଦନ୍ତରେ ସନ୍ତୋଷଜନକ ଅଗ୍ରଗତି ହୋଇଛି। ସେମାନଙ୍କ ଅଧିକାଂଶ ସମ୍ପତ୍ତି ବାଜ୍ୟାପ୍ତି ହୋଇ ବିକ୍ରି କରାଯାଇଛି। ଜମାକାରୀଙ୍କୁ କ୍ଷତିପୂରଣ ଦେବା ଲାଗି ୨୦୧୪ରେ ରାଜ୍ୟ ସରକାର ୩୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ କରିଥିଲ। ଯାଞ୍ଚ ପରେ କ୍ଷୁଦ୍ର ଜମାକାରୀ ଦାଖଲ କରିଥିବା ୧,୨୯,୫୨୦ ସତ୍ୟପାଠ ଠିକ୍ ବୋଲି ଜଣାପଡ଼ିଥିଲା। ସେମାନେ ମୋଟ ୬୦,୨୪,୨୧,୫୦୦ ଟଙ୍କା ପାଇବାକୁ ଥିବା ସତ୍ୟପାଠ ଜରିଆରେ ଦାବି କରିଥିଲେ। କର୍ପସ ପାଣ୍ଠିରୁ ୫୪,୮୨୮ କ୍ଷୁଦ୍ର ଜମାକାରୀଙ୍କୁ ୨୬,୫୩,୪୬,୧୦୫ କୋଟି ଟଙ୍କା ଦିଆଯାଇଥିବା ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି। ଚିଟ୍‌ଫଣ୍ଡ ମାମଲାରେ ସୁପ୍ରିମକୋର୍ଟ ଗତ ୧୪ ତାରିଖରେ ଓଡ଼ିଶା ସରକାର, ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଏହି ମାମଲାରେ ଆମିକସ୍ କ୍ୟୁରି ନିଯୁକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧କୁ ଧାର୍ଯ୍ୟ ହୋଇଛି।



**ସଉକ ନା ପେସା:** କଟକ ଯୋବ୍ରା ଆନିକଟ ମହାନଦୀରେ ଜଣେ ଯୁବକ ହ୍ୟୁମ୍ ପାଇପ୍ ନିକଟରେ ବସି ବନିଶୀରେ ମାଛ ଧରୁଛନ୍ତି।

## ୨ ଅଭିଯୁକ୍ତଙ୍କୁ...

ଦଫା ନଂ. ୩୦୨/୩୭୬/୩୭୬(ଡି)ରେ ମାମଲା (ନଂ. ୧୮୩/୧୪) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଉପରୋକ୍ତ ୪ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ୮ ବର୍ଷ ପରେ ୨୭ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଆଜିଠୁ ମେକ୍...

୨୦୧୬ ଏବଂ ୨୦୧୮ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ସଫଳ ଆୟୋଜନ ପରେ ୨୦୨୨ରେ ହେବାକୁ ଥିବା ୩ୟ ସଂସ୍କରଣର ବ୍ୟାପକ ସଫଳତା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ମନ୍ତ୍ରୀ ପ୍ରତାପ ଦେବ ଏମ୍ଆଇଓ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ କହିଛନ୍ତି ଯେ କନ୍‌କ୍ଲେଭରେ ଭାଗନେବା ପାଇଁ ଏ ପର୍ଯ୍ୟନ୍ତ ୧୧,୬୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ଗତ ୨ଟି ସଂସ୍କରଣ ତୁଳନାରେ ୩ୟ ସଂସ୍କରଣ ସବୁ ଦୃଷ୍ଟିରୁ ଭଲ ଓ ଫଳପ୍ରଦ ହେବ। କନ୍‌କ୍ଲେଭର ସଫଳ ରୂପାୟନ ପାଇଁ ରାଜ୍ୟ ସରକାରଙ୍କ ୨୨ଟି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟଭାର ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ପ୍ରତାପ ଦେବ କହିଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ଏମ୍ଓଆଇର ଆଭିମୁଖ୍ୟ ସାଙ୍ଗକୁ ଏମ୍ଆଇଓ ପୋର୍ଟାଲରେ ପ୍ରତିଦିନରେ କାର୍ଯ୍ୟକ୍ରମ, ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ସର୍ବଦଳୀୟ ଅଧିବେଶନ, ଥିମେଟିକ୍ ଅଧିବେଶନ, ସେକ୍ଟରାଲ ଅଧିବେଶନ, ସ୍ପିକର ତାଲିକା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ରହିଥିବା କହିଥିଲେ। ଏମ୍ଓଆଇ କନ୍‌କ୍ଲେଭ୍-୨୨କୁ ଅଧିକରୁ ଅଧିକ ଲୋକାଭିମୁଖ୍ୟ କରିବା ସହ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗତ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦେଶର ପ୍ରମୁଖ ସହର କୋଏମ୍ବାଟୁର, ଜାମସେଦପୁର, ଅହମ୍ମଦାବାଦ, ଲକ୍ଷ୍ନୌ, ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଭଳି ବିଭିନ୍ନ ମେଟ୍ରୋ ସହର ଏବଂ ଦୁବାଇଠାରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଉପରୋକ୍ତ ସମସ୍ତ ରୋଡ୍ ଶୋ'ରୁ ବହୁଳ ଭାବେ ସକାରାତ୍ମକ ପ୍ରତିକ୍ରିୟା ପାଇବା ପରେ ଉକ୍ତ କନ୍‌କ୍ଲେଭ କର୍ପୋରେଟ୍ ଇଣ୍ଡିଆରୁ ବହୁଳ ପରିମାଣର ଅଂଶଗ୍ରହଣ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। କନ୍‌କ୍ଲେଭରେ ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲା, ବେଦାନ୍ତ ରିସୋର୍ସ ଲିମିଟେଡ୍‌ର ଚେୟାରମ୍ୟାନ ଅନିଲ ଅଗ୍ରୱାଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ସଜନ ଜିନ୍ଦଲ, ଜେଏସ୍‌ପିଏଲ୍‌ର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ୍‌ଙ୍କ ସମେତ ବହୁ ଜଣାଶୁଣା ଶିଳ୍ପପତି ମଧ୍ୟ ଉକ୍ତ କନ୍‌କ୍ଲେଭରେ ସାମିଲ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ , ଜାପାନ, ନରୱେ ଏବଂ ଜର୍ମାନୀ ଚଳିତ ବର୍ଷର କଣ୍ଟ୍ରି ପାର୍ଟନର ଥିବା ବେଳେ ସେମାନଙ୍କର ପ୍ରତିନିଧିମାନେ ମଧ୍ୟ ଉକ୍ତ ସମାରୋହରେ ଯୋଗଦେବେ ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସଞ୍ଜୟ ସିଂଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## କଶ୍ମୀର ଫାଇଲ୍ସ...

ଏହାର ସିନେମାଟିକ୍ (ଚଳଚ୍ଚିତ୍ର ସମ୍ବନ୍ଧୀୟ) ସମୃଦ୍ଧି ଓ ବିବିଧତା ପାଇଁ ଧନ୍ୟବାଦ ଜଣାଉଛି। ଇଣ୍ଟରନ୍ୟାଶନାଲ କମ୍ପିଟିଶନରେ ୧୫ ଫିଲ୍ମ ରହିଥିଲା। ସେଥିରୁ ୧୪ଟି ଫିଲ୍ମର ସିନେମାଟିକ୍ ଗୁଣବତ୍ତା ରହିଛି। ଏହି ଫିଲ୍ମଗୁଡ଼ିକ ଏକ ମହତ୍ତ୍ୱପୂର୍ଣ୍ଣ ବିତର୍କ ସୃଷ୍ଟି କରିଛନ୍ତି, ଯାହାକି କଳା ଓ ଜୀବନ ପାଇଁ ଅପରିହାର୍ଯ୍ୟ। କିନ୍ତୁ କଶ୍ମୀର ଫାଇଲ୍ସ ଫିଲ୍ମକୁ ନେଇ ଆମେ ସମସ୍ତେ ବିଚଳିତ ଓ ବିସ୍ମିତ। ଆମେ ଏହାକୁ ଏକ ପ୍ରୋପାଗଣ୍ଡା (ପ୍ରଚାରଧର୍ମୀ) ଓ ଅଶ୍ଳୀଳ ଚଳଚ୍ଚିତ୍ର ମନେକରୁଛୁ, ଯାହାକି ଏହି ମର୍ଯ୍ୟାଦାଜନକ ଫିଲ୍ମ ଫେଷ୍ଟିଭାଲର ଏକ କଳାତ୍ମକ ପ୍ରତିଯୋଗିତା ବର୍ଗ ପାଇଁ ଅନୁପଯୁକ୍ତ। ଏହି ଭାବନାକୁ ମଞ୍ଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ସହ ଶେୟାର କରିବାରେ ମୁଁ କୌଣସି ଦ୍ୱିଧା ଅନୁଭବ କରୁନାହିଁ ବୋଲି ଲାପିଡ୍ କହିଥିଲେ।

ବିବେକ ଅଗ୍ନିହୋତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ ଓ ପଲ୍ଲବୀ ଜୋଷୀଙ୍କ ଅଭିନୀତ କଶ୍ମୀର ଫାଇଲ୍ସକୁ ଗତ ସପ୍ତାହରେ 'ପାନୋରାମା' ବର୍ଗରେ ପ୍ରଦର୍ଶନ କରାଯାଇଥିଲା। ୧୯୯୦ ଦଶକରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଓ ସେମାନଙ୍କୁ ଟାର୍ଗେଟ କିଲିଂ କରାଯିବା ପୃଷ୍ଠଭୂମି ଉପରେ ଫିଲ୍ମ ଗତିଶୀଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଭାଜପା ନେତାମାନେ କଶ୍ମୀର ଫାଇଲ୍ସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏପରି କି କେତେକ ଭାଜପା ଶାସିତ ରାଜ୍ୟରେ ଫିଲ୍ମକୁ ଟିକସମୁକ୍ତ କରାଯାଇଥିଲା। ଏହା ଚଳିତବର୍ଷ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମଗୁଡ଼ିକ ମଧ୍ୟରେ ସର୍ବାଧିକ ଆୟକାରୀ ସିନେମା ଥିଲା। ଗତ ମେ'ରେ ସିଙ୍ଗାପୁର କଶ୍ମୀର ଫାଇଲ୍ସକୁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟିକାରୀ ଦର୍ଶାଇ ଏହା ଉପରେ ନିଷେଧାଦେଶ ଜାରି କରିଥିଲା।

## ଗ୍ୟାସ୍ ଟ୍ୟାଙ୍କର...

କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତର ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣା ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ଥିବା ସମ୍ପର୍କରେ ଟୁଇଟ୍ ଯୋଗେ ଲୋକଙ୍କୁ ଅବଗତ କରାଇଛନ୍ତି। ମାତ୍ର ଯେଉଁ ଯାତ୍ରୀମାନେ ଆନ୍ଧ୍ର ଅଭିମୁଖେ ଯିବାକୁ ଚାହିଁବେ, ସେମାନେ ପଟ୍ଟାଙ୍ଗି ପୂର୍ବରୁ ଥିବା ପୁକାଲି ଛକଠାରୁ ଡାହାଣକୁ ଯାଇଥିବା ରାସ୍ତାରେ ଯାଇ ପୁକାଲି ସାପ୍ତାହିକ ହାଟରୁ ବାମପଟେ ଅନ୍ୟ ଏକ ରାସ୍ତାରେ ଚନ୍ଦକା ରାଲେଗଡା ଦେଇ ଆନ୍ଧ୍ର ଅଭିମୁଖେ ଯାଇପାରିବେ ବୋଲି ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟାଙ୍କୁ ପଚାରିବାରୁ ସେ କହିଲେ, ରେଲେଗଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିଆଁ ଲଗାଇବାକୁ ପୋଲିସ ଆସି ମନା କରିଛି। ଫଳରେ ବର୍ତ୍ତମାନ ଲୋକେ ରୋଷେଇବାସ କରିପାରି ନାହାନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ଖାଦ୍ୟ ବ୍ୟବସ୍ଥା କରାଯାଇନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କ ମାନସିକ ଅଶାନ୍ତିକୁ ନିମନ୍ତ୍ରଣ କରିପାରେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଜଣେ ସହକର୍ମୀଙ୍କ ଜରିଆରେ ପାଇପାରନ୍ତି। ସାଂସ୍କୃତିକ କିମ୍ବା କ୍ରୀଡ଼ା, ଚଳଚ୍ଚିତ୍ରରେ ସହୃଦୟ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଯୋଜନା ମୁତାବକ କାମ କଲେ କୌଣସି ଅସୁବିଧା ହେବ ନାହିଁ।

**ବୃଷ**
ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ହଠାତ୍ ଆପଣଙ୍କୁ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଦିନଭରି ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ**
ସବୁ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ବାଟରେ ଯିବା ଆସିବା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ କଟୁକ୍ତି ଅସହ୍ୟ ହେବ। ଅତୀତରେ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**କର୍କଟ**
ପାରିବାରିକ ସମସ୍ୟା ସମାଧାନ ନେଇ ଆଶାୟୀ ହୋଇପାରନ୍ତି। ରାଜନୀତି, ସଂଗଠନ, ସଭାସମିତି, ସାଂସ୍କୃତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆତ୍ମୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ଲାଭ କରିବେ।

**ସିଂହ**
ଭଲ ସମ୍ପର୍କ ନ ଥିବା ପଡ଼ୋଶୀଙ୍କ ଟାହି, ଟାପରା ମନକୁ ବିଷାଦିତ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମଧ୍ୟ ବ୍ୟସ୍ତତା ଦ୍ୱିଗୁଣିତ ହୋଇପାରେ। କଳା, ସାହିତ୍ୟ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଯୁକ୍ତିତର୍କ ପୂର୍ବକ ସହକର୍ମୀଙ୍କ ସହ ବାଦବିବାଦ ଜଟିଳ ହୋଇପାରେ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅବଶ୍ୟ ଲାଭବାନ୍ ହେବେ। ପାରିବାରିକ ଅସ୍ଥିରତା କ୍ରମଶଃ ବୃଦ୍ଧି ପାଉଥିବାରୁ ଦୁଶ୍ଚିନ୍ତା ବହୁଗୁଣିତ ହେବାର ଆଶଙ୍କା ରହିଛି। ଅସ୍ଥିରତା ମଧ୍ୟରେ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ବାଧହେବେ।

**ତୁଳା**
ଆଜି ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ପରିବାର ମଧ୍ୟରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**ବିଛା**
କୌଣସି କାମ ତରବରିଆ ଭାବେ ନ କରି ସବୁ ଆଡ଼କୁ ନଜର ଦେଇ କଲେ ଭଲ ହେବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁଙ୍କ ସାହାଯ୍ୟ ନେଇ ପାରିବାରିକ ତିକ୍ତତାର ସମାପ୍ତି ପାଇଁ କର୍ମପନ୍ଥା ଅବଲମ୍ବନ କରିବେ। ସତ୍‌ସଙ୍ଗ ଲାଭ କରିବା ସାଙ୍ଗକୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲଭିବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ନିଜର ଦୃଢ଼ତା ହେତୁ ମାନସିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ସମ୍ମାନିତ ହେବେ। ସବୁଭଲ ଥିଲେ ମଧ୍ୟ କୌଣସି ବିଫଳତାକୁ ନେଇ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି।

**ମକର**
ଭାବପ୍ରବଣତା ବୃଦ୍ଧି ମାନସିକ ଅସ୍ଥିରତା ସହିତ ଧୈର୍ଯ୍ୟଚ୍ୟୁତି ଘଟାଇପାରେ। ପଡ଼ୋଶୀ, ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସହୃଦୟତା ମନୋବଳ ବଢ଼ାଇବାରେ ସାହାଯ୍ୟ କରିବ। ଆଜି ସକାଳୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଯୋଗାଯୋଗ, ସଭାସମିତି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ଆଜି କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ କ୍ରମେ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଜମିଜମା ସମ୍ପର୍କିତ ବିବାଦ ଦେଖାଦେବାର ବହୁତ ସମ୍ଭାବନା ରହିଛି। ଋଣ ପରିଶୋଧ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି।

**ମୀନ**
ପାରିବାରିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ନିଜର ବ୍ୟବହାରିକ ଜ୍ଞାନ କୌଶଳ ପ୍ରୟୋଗ କରିପାରିଲେ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିପାରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ତଥାପି ସାମୟିକ ଭାବରେ ପାରିବାରିକ ସମସ୍ୟା ବିଷୟରେ ଚିନ୍ତା କରି ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ସକାଳ ଘ.୦୭.୧୧ମି.ଗତେ ଶତଭିଷା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୦୭ମି. ଗତେ ଘ.୦୮.୧୮ମି. ମଧ୍ୟେ, ଘ. ୧୦.୨୯ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୫ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।

# ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡିର ଜେରା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡ଼େ ଲମ୍ବିଛି ତାହାର ଖୋଳତାଡ଼ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକ ପରେ ଜଣଙ୍କୁ ଜେରା କରି ତଥ୍ୟ ହାସଲ କରୁଛି ଇଡି। ଏହାରି ଭିତରେ ମଙ୍ଗଳବାର ଅର୍ଚ୍ଚନା ରହୁଥିବା ଘର ମାଲିକ ତଥା ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡି ଜେରା କରିଛି। ୫ ବର୍ଷ ତଳେ ଅର୍ଥାତ୍ ୨୦୧୭ରେ ଅର୍ଚ୍ଚନା ଓ ପ୍ରମୋଦଙ୍କ ମଧ୍ୟରେ ଘଟିଥିବା କିଛି ରୋଚକ ଘଟଣାକୁ ନେଇ ଇଡି ପଚରାଉଚରା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅର୍ଚ୍ଚନା ଭୁବନେଶ୍ୱର ଆସିବା ପରେ ୨୦୧୬ରୁ ପ୍ରାୟ ୧୧ ମାସ ଧରି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ପ୍ରମୋଦଙ୍କ ଘରେ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସହ ଭଡ଼ାରେ ରହୁଥିଲେ। ଏପରିକି ଉପର ମହଲାରେ ସହଯୋଗୀ ଶ୍ରଦ୍ଧାଞ୍ଜଳି ମଧ୍ୟ ରହୁଥିଲେ। ସେତେବେଳେ ୯ ହଜାର ଟଙ୍କା ମାସିକ ଭଡ଼ା ଥିଲା। ୨ ମାସ ଟଙ୍କା ଦେବା ପରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳି ଭଡ଼ା ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଘର ଛାଡ଼ିବାକୁ କହିବାରୁ ଅର୍ଚ୍ଚନା ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଭଡ଼ା ଟଙ୍କା ନ ଦେବାରୁ ୨୦୧୭ ସେପ୍ଟେମ୍ବରରେ ପ୍ରମୋଦ ଖଣ୍ଡଗିରି ଥାନାରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାର ୨ମାସ ପରେ ପ୍ରମୋଦଙ୍କ ନାମରେ ଅର୍ଚ୍ଚନା ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ଅର୍ଚ୍ଚନା ତାଙ୍କ


ପ୍ରମୋଦ ସ୍ୱାଇଁ

ଏତଲାରେ ଉଲ୍ଲେଖ କରିଥିଲେ, ହିରୋଇନ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରମୋଦ ତାଙ୍କର ଅଶ୍ଳୀଳ ଫଟୋ ଉଠାଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ସେ ଗର୍ଭବତୀ ଥିବା ସମୟରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଅନ୍ୟପକ୍ଷରେ ଏହି ଅଭିଯୋଗ ପରେ ଉଭୟଙ୍କ ମଧ୍ୟରେ ମାମଲାର

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

■ **୫ ବର୍ଷ ତଳର ଘଟଣାକୁ ନେଇ ପଚରାଉଚରା**

ରଫାଦଫା ହୋଇଥିଲା ବୋଲି କୁହାଯାଉଛି। ଏହା ପଛରେ ବଡ଼ ଡିଲ୍ ହୋଇଥିବା ଇଡି ସନ୍ଦେହ କରିଛି।

ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପ୍ରମୋଦ ନୟାପଲ୍ଲୀସ୍ଥିତ ଇଡିର ଆଞ୍ଚଳିକ କାର୍ଯ୍ୟାଳୟରେ ହାଜର ହେବା ସମୟରେ ଗଣମାଧ୍ୟମକୁ କହିଥିଲେ, ଅର୍ଚ୍ଚନା ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ଜେରା ପରେ ବାହାରିବା ପରେ ସବୁ କହିବି ବୋଲି କହିଥିଲେ। ତେବେ ଇଡି ତାଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିବା ସୂଚନା ମିଳିଛି। ଅର୍ଚ୍ଚନା କେତେ ଟଙ୍କା ଭଡ଼ା ଦେଉଥିଲେ, କିଏ କିଏ ତାଙ୍କ ଘରକୁ ଆସୁଥିଲେ, କି ପରିଚୟ ଦେଉଥିଲେ, ୫ ବର୍ଷ ତଳର ମାମଲାକୁ ନେଇ ଟଙ୍କା ଡିଲ୍ ହୋଇଥିଲା କି ଏପରି ବିଭିନ୍ନ ଦିଗକୁ ନେଇ ପ୍ରମୋଦଙ୍କୁ ଇଡି ପଚରାଉଚରା କରି ତଥ୍ୟ ପାଇଛି। ଅନ୍ୟପଟେ ଜେଲରେ ଦିନ କାଟୁଥିବା ଅର୍ଚ୍ଚନା ଓ ସ୍ୱାମୀ ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ। ଏହାପରେ ଉଭୟଙ୍କୁ ଅଧିକ ପଚରାଉଚରା ଲାଗି ଇଡି ରିମାଣ୍ଡରେ ଆଣିବ। ନାଗ-ଚାନ୍ଦ ଦମ୍ପତିଙ୍କୁ ରିମାଣ୍ଡରେ ଆଣିବା ପରେ ଶ୍ରଦ୍ଧାଞ୍ଜଳିଙ୍କୁ ପୁଣି ଥରେ ଡାକି ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏପରିକି ଶ୍ରଦ୍ଧାଞ୍ଜଳି ଓ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଡକାଇ ନାଗ-ଚାନ୍ଦ ଦମ୍ପତିଙ୍କ ସହ ଇଡି ଚତୁଃମୁଖୀ ଜେରା କରିପାରେ ବୋଲି କୁହାଯାଉଛି। ତେବେ ଅର୍ଚ୍ଚନା ରିମାଣ୍ଡରେ ଆସିବା ପରେ କିଛି ବଡ଼ବଡ଼ିଆ ଜେରା ହେବାକୁ ଆସିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।




# ମଧ୍ୟାହ୍ନଭୋଜନ ଖାଇ ୧୧୬ ଛାତ୍ରୀଛାତ୍ର ଅସୁସ୍ଥ


ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଚିକିତ୍ସା ଚାଲିଛି।

**ଖମାର, ୨୯।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ରଜଡ଼ଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାନଭୋଜନ ଖାଇ ୧୧୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟନ୍ଦ୍ରେରେ ଭର୍ତ୍ତି କରାଯାଇଛି। ମଧ୍ୟାନଭୋଜନରେ ଖାଇଥିବା ସୋୟା ବଡି ନିମ୍ନମାନର ଥିବା କାରଣରୁ ଛାତ୍ରୀଛାତ୍ରମାନେ ଅସୁସ୍ଥ ହୋଇଥିବା ଅଭିଭାବକମାନେ ସନ୍ଦେହ କରୁଛନ୍ତି। ସେହିପରି ବିଷାକ୍ତ ଖାଦ୍ୟ ପାଇଁ ଛାତ୍ରୀଛାତ୍ରମାନଙ୍କ ବାନ୍ତି ହେଉଥିବା ମେଡିକାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ପାଲଲହଡ଼ା ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରା କହିଛନ୍ତି, ସୋୟାବଡିରେ କିଛି ଅସୁବିଧା ଥିବାରୁ ଛାତ୍ରୀଛାତ୍ରମାନେ ଅସୁସ୍ଥ ହୋଇଥାଇପାରନ୍ତି। ତେବେ ଶିକ୍ଷକମାନଙ୍କ ଦାୟିତ୍ୱହୀନତା ହିଁ ଏଥିପାଇଁ ଦାୟୀ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ଯାଏ ମେଡିକାଲରେ ଛାତ୍ରୀଛାତ୍ରମାନଙ୍କ ଚିକିତ୍ସା ଜାରି ରହିଥିବା ସୂଚନା ମିଳିଛି।












ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ନଭେମ୍ବର, ୨୦୨୨

" ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ।–ଶ୍ରୀମା



# ଜୁରି ସଦସ୍ୟ କଲା କିଏ

ନିକଟରେ ଗୋଆଠାରେ ଶେଷ ହୋଇଥିବା ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)ରେ 'ଦି କଶ୍ମୀର ଫାଇଲ୍ସ' ପ୍ରଦର୍ଶିତ ହେବା ପରେ ଏହା ଆହୁରି ବିବାଦ ଭିତରକୁ ଚାଲିଯାଇଛି। ବିଚାରକମଣ୍ଡଳୀ ମୁଖ୍ୟ ଇସ୍ରାଏଲର ଚଳଚ୍ଚିତ୍ର ନିର୍ଦ୍ଦେଶକ ନଦାଭ ଲାପିଡ୍ 'ଦି କଶ୍ମୀର ଫାଇଲ୍ସ'କୁ ଏକ ପ୍ରଚାରଧର୍ମୀ ଓ ଅଶ୍ଳୀଳ ସିନେମା ବୋଲି ଅବିହିତ କରିଛନ୍ତି। ଲାପିଡ୍ କହିଥିଲେ, ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଆସିଥିବା ୧୫ ଫିଲ୍ମ ମଧ୍ୟରୁ ୧୪ଟିରେ ଚଳଚ୍ଚିତ୍ର ସମ୍ବନ୍ଧୀୟ ଗୁଣାବଳୀ ଥିବା ଲକ୍ଷ୍ୟ କରାଯାଇଥିଲା। କିନ୍ତୁ ୧୫ତମ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ଦେଖିବା ପରେ 'ଆମେ ସମସ୍ତେ' ବ୍ୟତିବ୍ୟସ୍ତ ହୋଇପଡ଼ିଥିଲୁ ଓ ତାହା ଆମକୁ ଝଟକା ଦେଇଥିଲା। ସେ ଆହୁରି ପ୍ରଶ୍ନ କରିଥିଲେ ଯେ ଏଭଳି ଏକ ଅଶ୍ଳୀଳ ଓ ଅନୁପଯୁକ୍ତ ଚଳଚ୍ଚିତ୍ର କିପରି ଓ କାହିଁକି ଅନ୍ତର୍ଜାତୀୟ ବର୍ଗରେ ପ୍ରଦର୍ଶିତ ହେଲା। ଲାପିଡ୍ ଜଣେ ଅନ୍ତର୍ଜାତୀୟ ସ୍ତରର ସିନେମା ନିର୍ଦ୍ଦେଶକ। ସେ ଅନେକ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ସିନେମା 'ସିନୋନିମ୍' ୬୯ତମ ବର୍ଲିନ୍ ଫିଲ୍ମ ମହୋତ୍ସବରେ ଗୋଲ୍ଡେନ୍ ବେୟର ଆୱାର୍ଡ ପାଇଥିଲା। ଏଥିସହିତ ତାଙ୍କର ଅନ୍ୟ ଏକ ସିନେମା 'ପୋଲିସମ୍ୟାନ୍' ଲୋକୋର୍ନୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ–୨୦୧୯ରେ ବିଶେଷ ପୁରସ୍କାର ପାଇଥିଲା। ଗତବର୍ଷ କାନ୍ ଫିଲ୍ମ ଫେଷ୍ଟିଭାଲରେ ତାଙ୍କ ସିନେମା 'ଆହେଡ଼୍ସ ନି' ଅନ୍ୟତମ ପୁରସ୍କାର 'ପାଲମଦ୍'ର' ହାସଲ କରିଥିଲା। ଏହାବ୍ୟତୀତ ଲାପିଡ୍ ବିଭିନ୍ନ ଅନ୍ତର୍ଜାତୀୟ ସିନେମା ମହୋତ୍ସବରେ ଜୁରି ସଦସ୍ୟ ରହିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍‌ଙ୍କ ସମେତ ଆମେରିକୀୟ ଫିଲ୍ମ ପ୍ରଯୋଜକ ଜିଙ୍କୋ ଗୋଟୋ, ସ୍ପେନୀୟ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ଜାଭିଅର୍ ଏଞ୍ଜୁଲୋ ବାର୍ଟୁରେନ୍ ଏବଂ ଫରାସୀ ଚଳଚ୍ଚିତ୍ର ସମ୍ପାଦକ ପାସ୍କାଲ ଶାଭେନ୍ସ ବିଚାରକମଣ୍ଡଳୀର ସଦସ୍ୟ ଥିଲେ। ଏଠାରେ ଆହୁରି ମଧ୍ୟ କୁହାଯାଇପାରେ ଯେ ନିକଟରେ ଶେଷ ହୋଇଥିବା ଗୋଆ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ ପାଇଁ ଯେତେଜଣ ଜୁରି ସଦସ୍ୟ ହୋଇଛନ୍ତି ସେମାନେ ସମସ୍ତେ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଏହି ସଦସ୍ୟଙ୍କୁ ବାଛିବା ପଛରେ ଏକ ମହତ୍ ଉଦ୍ଦେଶ୍ୟ ରହିଛି। ଏହିଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନଙ୍କୁ ସମ୍ପୃକ୍ତ କରାଇଲେ ସେହି କାର୍ଯ୍ୟକ୍ରମର ଗରିମା ବୃଦ୍ଧି ପାଇଥାଏ। ଉଦାହରଣସ୍ୱରୂପ, ଭାରତ ଓ ପାକିସ୍ତାନ ମଧ୍ୟରେ ଯଦି ଦକ୍ଷିଣ ଆଫ୍ରିକାରେ କ୍ରିକେଟ ଖେଳ ହୁଏ ତେବେ ଅମ୍ପାୟାର ସବୁବେଳେ ଅନ୍ୟ ଏକ ଦେଶର ରହିଥାନ୍ତି। ଏହାଦ୍ୱାରା ନିରପେକ୍ଷତା ବଜାୟ ରହେ। ଏହି ଚିନ୍ତାକୁ ବୁଝିପାରିଲେ ଜଣାପଡ଼େ ଯେ ଲାପିଡ୍ ଓ ତାଙ୍କ ସହିତ ଗୋଆ ଫିଲ୍ମ ମହୋତ୍ସବରେ ଜୁରି ସଦସ୍ୟଙ୍କ ପ୍ରତିଭା ଓ ଯୋଗ୍ୟତାକୁ ନିରୀକ୍ଷଣ କରି ଭାରତ ସରକାର ସେମାନଙ୍କୁ ବାଛିଥିଲେ।

ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'କଶ୍ମୀର ଫାଇଲ୍ସ' ୧୧ ମାର୍ଚ୍ଚ ୨୦୨୨ରେ ମୁକ୍ତିଲାଭ କରିବା ପରେ ଭାରତରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେଥିରେ ଗତ ଶତାବ୍ଦୀର ୯୦ ଦଶକରେ କଶ୍ମୀରରେ ପଣ୍ଡିତମାନେ ଭୋଗିଥିବା ଦୁର୍ଦ୍ଦଶା, ହତ୍ୟା ଓ ସଂଗ୍ରାମର କାହାଣୀ ବର୍ଣ୍ଣନା କରାଯାଇଛି। ସେହି ଦୃଷ୍ଟିରୁ ଏହାକୁ ସବୁ ଭାରତୀୟ ଦେଖିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କ ବହୁ ମନ୍ତ୍ରୀ ସେତେବେଳେ ଦେଶବାସୀଙ୍କୁ ନିବେଦନ କରିଥିଲେ। ଏପରି କି ଅନେକ ରାଜ୍ୟ ସରକାର ଏହାକୁ ଦେଶାତ୍ମବୋଧକ ଚିନ୍ତା ଉଦ୍ରେକକାରୀ ଚଳଚ୍ଚିତ୍ର ଆଖ୍ୟା ଦେଇ ଟିକସ ଛାଡ଼ କରିଦେଇଥିଲେ। ଏଥିସହିତ ପାର୍ଲାମେଣ୍ଟ ସମେତ ଅନେକ ଜାଗାରେ ତାହାର ମାଗଣା ପ୍ରଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏବେ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଏହା ସମାଲୋଚିତ ହେବା ପରେ ଆଜି ମୁମ୍ବାଇ ସିନେମା ଜଗତର ଯେଉଁ କେତେଜଣ ବ୍ୟକ୍ତିବିଶେଷ ଗଣମାଧ୍ୟମକୁ ଆସି ଲାପିଡ୍‌ଙ୍କୁ ଆକ୍ରମଣ କରୁଛନ୍ତି ସେମାନେ ଜଜ୍ ଏବଂ ଜୁରିର ତଫାତ୍ ବୁଝିବା ସହିତ କେନ୍ଦ୍ର ସରକାରଙ୍କ ଏହି ଘଟଣା ଘଟାଇବାରେ ଭୂମିକାକୁ ହୃଦୟଙ୍ଗମ କରିବା ଦରକାର। ଆଜିର ଭାରତ ସରକାରଙ୍କ ପ୍ରତିଟି ପଦକ୍ଷେପ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। କୌଣସି ଘଟଣା ଘଟୁନାହିଁ ଯେଉଁଥିରେ ଶାସକ ଦଳର ଉଦ୍ଦେଶ୍ୟ ରହୁନାହିଁ। ଦି କଶ୍ମୀର ଫାଇଲ୍ସକୁ ବହୁଳ ପ୍ରସାରିତ କରିବା ପାଇଁ ଏବକାର ସମୟ ଉପଯୋଗୀ ଥିଲା ବୋଲି ଭାବିହେବ। ଅଳ୍ପ କିଛିଦିନ ପରେ ଗୁଜରାଟ ବିଧାନସଭା ଲାଗି ଭୋଟ ହେବ। ତାହା ପୂର୍ବରୁ ଯଦି ଏହି ଅନ୍ତର୍ଜାତୀୟ ଜୁରି ଦି କଶ୍ମୀର ଫାଇଲ୍ସ ସମେତ ୧୫ଟି ସିନେମାକୁ ପ୍ରଶଂସା କରିଦେଇ ଥାଆନ୍ତେ ତେବେ ଅତ୍ୟନ୍ତ ପୁରାତନ ହିନ୍ଦୁ ଧର୍ମ ପାଇଁ ଅନେକ ସାହାଯ୍ୟ ହୋଇଥା'ନ୍ତା। ଏଥିସହିତ ପେଗାସସ୍ ଭଳି ଅନେକ ଦାମୀ ଯାନ୍ତ୍ରିକ ଉପକରଣ ଇସ୍ରାଏଲ୍‌ଠାରୁ କିଣାଯାଇଥିବାରୁ ସେହି ଦେଶର ସିନେମା ନିର୍ଦ୍ଦେଶକ ନଦାଭ ଲାପିଡ୍‌ଙ୍କୁ ଜୁରିର ଅଧ୍ୟକ୍ଷ କରାଯାଇଥିବାର ଲାଭ ହାସଲ ହୋଇଥାଆନ୍ତା। ଏହା ଲଜ୍ଜା ନୁହେଁ, ଦୁଃଖର ବିଷୟ ଯେ ଅନ୍ତର୍ଜାତୀୟ ସିନେମା ନିର୍ଦ୍ଦେଶକମାନେ ଆମ ଦେଶର କୋଚୋଟିଆ ରାଜନୀତିକୁ ବୁଝିବାରେ ଅସଫଳ ହେବା ଯୋଗୁ ଦି କଶ୍ମୀର ଫାଇଲ୍ସକୁ ପ୍ରଶଂସା କରିବା ପରିବର୍ତ୍ତେ ସମାଲୋଚନା କରିଦେଇଗଲେ। ସେମାନଙ୍କ ମତ ବାସ୍ତବ ସିନେମା ପ୍ରସ୍ତୁତି ଓ ସତ୍ୟ ଉପରେ ଆଧାରିତ ହୋଇଥିବାରୁ ତାଙ୍କୁ ଖୁଣି ହେବ ନାହିଁ। କିନ୍ତୁ ସେମାନଙ୍କୁ ଭାରତରେ ଆସି ସରକାରୀ କାର୍ଯ୍ୟକ୍ରମରେ ଜୁରି ସଦସ୍ୟ ହେବାର ଅଧିକାର ଦେଲା କିଏ ? ସତ୍ୟ ଶୁଣିବାକୁ ଅରାଜି ବ୍ୟକ୍ତିମାନେ ଏବେ ଏହି ପ୍ରଶ୍ନର ଉତ୍ତର ଖୋଜିବା ଦରକାର।

## ଛଳନାର ମୁଖା



ହରେକୃଷ୍ଣ ପଣ୍ଡା

ବିଶ୍ୱର ଘଡ଼ିସନ୍ଧି ସମୟରେ ପ୍ରଭାବଶାଳୀ ଜି–୨୦ ରାଷ୍ଟ୍ର ସମୂହ କୌଣସି ନିଷ୍ପତ୍ତିମୂଳକ ଦ୍ରୁତ ପଦକ୍ଷେପ ନେଇପାରୁ ନାହାନ୍ତି। ଏହାର କାରଣ ହେଉଛି ରୁଷିଆ, ଆମେରିକା, ଚାଇନା ଆଦି ସଦସ୍ୟ ରାଷ୍ଟ୍ରମାନଙ୍କର ଦୋମୁହାଁ ନୀତି। ସମଗ୍ର ବିଶ୍ୱକୁ ବିପଦ ମୁଖକୁ ଠେଲି ଦେଇଥିବା ଚାଇନାର ବିସ୍ତାରବାଦ ନୀତି ଓ ଜୈବିକ ଅସ୍ତ୍ର ସଂରକ୍ଷଣ କାର୍ଯ୍ୟଧାରା ଉପରେ ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ଆଦି ଯେଉଁ ଗର୍ଜନ କରିଥିଲେ ତାହା କ୍ରମଶଃ ଫସରଫାଟି ଗଲା। ଏଥି ପୂର୍ବରୁ ଆତଙ୍କବାଦର ବିଲୋପ ପାଇଁ ଜି–୨୦ ରାଷ୍ଟ୍ର ଯେଉଁ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ ତାହାର ଫଳ କିଛି ହେଲା ନାହିଁ। ଏବେ ବି ସେହି ଆତଙ୍କବାଦ ରହିଛି। ଆଫଗାନରେ ତାଲିବାନ ଶାସନକୁ ବାଟ ନ ଛାଡ଼ିବା ପାଇଁ ଯେଉଁସବୁ ରାଷ୍ଟ୍ର ବିରୋଧର ସ୍ୱର ଉଠାଇଥିଲେ ତାହା କ୍ରମଶଃ ନୀରବି ଗଲା। ଲୋକସଂଖ୍ୟା ଦୃଷ୍ଟିରୁ ଜି୨୦ ଦେଶଗୁଡ଼ିକ ବିଶ୍ୱ ଜନସଂଖ୍ୟାର ଦୁଇ ତୃତୀୟାଂଶ। ଜିଡିପି ୯୦ ପ୍ରତିଶତ ଓ ବାଣିଜ୍ୟିକ ଅଂଶ ୮୦ ପ୍ରତିଶତ। ଏହି ଦେଶଗୁଡ଼ିକ ମଧ୍ୟରେ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ। ଏମାନେ ସମଗ୍ର ବିଶ୍ୱର କଲ୍ୟାଣ, ଶାନ୍ତି ରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକଜୁଟ ହୋଇଥିଲେ ହେଁ କେହି ନିଜର ସ୍ୱାର୍ଥକୁ ବଳି ଦେବାକୁ ଚାହାନ୍ତି ନାହିଁ। ବିଶ୍ୱର ପ୍ରତିପତ୍ତିଶାଳୀ ରାଷ୍ଟ୍ର ବୋଲାଇବା ପାଇଁ ଆମେରିକା, ରୁଷ୍, ଚାଇନା ମଧ୍ୟରେ ଶୀତଳଯୁଦ୍ଧ ବହୁଦିନରୁ ଚାଲିଛି। ଏମାନେ ମିତ୍ର ରାଷ୍ଟ୍ରଗୁଡ଼ିକୁ ନେଇ ମଧ୍ୟ ଗୋଷ୍ଠୀ ଗଠନ କରିଛନ୍ତି; ଯାହା ବିଶ୍ୱରେ ପରମାଣୁ ନିରସ୍ତ୍ରୀକରଣ, ଶାନ୍ତି, ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜିଛି। ଏମାନଙ୍କ ମଧ୍ୟରେ ଏକତା, ନିରନ୍ତର ଆଲୋଚନା ଓ ସହମତି ପ୍ରକାଶ ପାଇପାରୁ ନାହିଁ। ଏଯାବତ୍ ଯେତେଗୁଡ଼ିଏ ସମସ୍ୟା ପାଇଁ ବୈଠକ ବସିଛି ଏବଂ ଯେଉଁ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି ତାହା ବାସ୍ତବ ରୂପେ କାର୍ଯ୍ୟକାରୀ ହୋଇ ନ ଥିବା କୁହାଯାଇପାରେ।

ବାସ୍ତବରେ ଦେଖିବାକୁ ଗଲେ ଜି–୨୦ ରାଷ୍ଟ୍ରୀୟ ସଂଗଠନ ବିଶ୍ୱର ସର୍ବବୃହତ୍ ଶକ୍ତିଶାଳୀ ସଂଗଠନ। ଏମାନଙ୍କ ମଧ୍ୟରେ ଏକତା ଓ ଆନ୍ତରିକତା ଥିଲେ ବିଶ୍ୱ ଯାବତୀୟ ସଙ୍କଟରୁ ମୁକ୍ତ ହୋଇ ସାରିଥାଆନ୍ତା। ୨୦୨୧ରେ ସ୍କଟଲାଣ୍ଡଠାରେ ଅନୁଷ୍ଠିତ ଜି–୨୦ ସମ୍ମିଳନୀରେ ବିଶ୍ୱ ତାପମାତ୍ରା ହ୍ରାସ କରିବାକୁ ନିଆଯାଇଥିବା ନିଷ୍ପତ୍ତିକୁ ଭାରତ ସମେତ କେତେକ ରାଷ୍ଟ୍ର କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଥିବା ବେଳେ ଚାଇନା ତା'ର ଲକ୍ଷ୍ୟ ୨୦୬୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ରୁଷ୍ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିନାହିଁ। ବିଶ୍ୱର ପ୍ରମୁଖ ଅର୍ଥନୈତିକ ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ଓ ତାହା ଗ୍ଲାସଗୋରେ ଜାତିସଂଘ ଜଳବାୟୁ ସମ୍ମିଳନୀରେ ଆଲୋଚନା କରାଯାଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ରଗୁଡ଼ିକ ସମୟ ଗଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ ବିଶ୍ୱରେ ଅର୍ଥନୈତିକ ସଙ୍କଟ, ଖାଦ୍ୟ ସମସ୍ୟା, ବାଣିଜ୍ୟିକ ଯୁଦ୍ଧ, ଡଲାରର ମୂଲ୍ୟବୃଦ୍ଧି ଭଳି ସମସ୍ୟା ଦୂର କରିବାରେ ଏହି ସଂଗଠନର କିଛି ଭୂମିକା ନ ଥିବା ଭଳି ମନେହୁଏ। ଜି–୨୦ ସମ୍ମିଳନୀର ଆଭିମୁଖ୍ୟକୁ ସଫଳ କରିବାରେ ଆମେରିକା–ଚାଇନା ମଧ୍ୟରେ ଲାଗିଥିବା ବାଣିଜ୍ୟିକ ଯୁଦ୍ଧ ବାଧା ସୃଷ୍ଟି କରୁଥିବା ବେଳେ ଏବେ ରୁଷ୍–ୟୁକ୍ରେନ ଯୁଦ୍ଧ ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ବିଶ୍ୱ ନେତୃବୃନ୍ଦ ସମ୍ମିଳିତ ଭାବେ ଏହି ଯୁଦ୍ଧକୁ ଚାହିଁଥିଲେ ବନ୍ଦ କରିପାରନ୍ତେ। କିନ୍ତୁ ଏହା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଇଣ୍ଡୋନେସିଆର ବାଲିଦ୍ୱୀପଠାରେ ଅନୁଷ୍ଠିତ ଜି–୨୦ ସମ୍ମିଳନୀ ପରମାଣୁ ଯୁଦ୍ଧକୁ ଏଡ଼ାଇବା ପାଇଁ ଅନୁଷ୍ଠିତ ହୋଇଥିଲା। ବାଲି ଘୋଷଣାନାମାରେ ରୁଷିଆ–ୟୁକ୍ରେନ ଯୁଦ୍ଧକୁ ନେଇ ସହମତି ପ୍ରକାଶ ନ ପାଇବା ଦୁଃଖର ବିଷୟ। ଧ୍ୱଂସାତ୍ମକ କାର୍ଯ୍ୟର ବିଲୋପ ପାଇଁ ବିଶ୍ୱ ନେତୃବୃନ୍ଦ ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ କୁଣ୍ଠିତ ହୋଇ ନିଷ୍ଠୁରତାର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଯୁଦ୍ଧ ବେଳେ ବନ୍ଦୀ ଥିବା ସାଧାରଣ ନାଗରିକମାନଙ୍କୁ ସୁରକ୍ଷା ଦେବା ସହିତ ଅନ୍ତର୍ଜାତୀୟ ଆଇନକୁ ମାନିବା ଲାଗି ଘୋଷଣାନାମାରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଏହାର କାର୍ଯ୍ୟକାରୀତା ସନ୍ଦେହାତ୍ମକ। ଆଣବିକ ଅସ୍ତ୍ର ବ୍ୟବହାର କିମ୍ବା ଏଭଳି ଧମକକୁ ସମସ୍ତ ସଦସ୍ୟ ରାଷ୍ଟ୍ର ଗୁରୁତ୍ୱ ଦେବା ସହିତ ଶାନ୍ତିପୂର୍ଣ୍ଣ ଉପାୟରେ ଯୁଦ୍ଧର ଅବସାନ ଘଟାଇବାକୁ ଆହ୍ୱାନ ଦେଇଛନ୍ତି। କିନ୍ତୁ ରୁଷ୍ ଏହାକୁ ଗ୍ରହଣ କଲେ ତ? ଏ ସମ୍ପର୍କରେ କୌଣସି ସଂକଳ୍ପ ନିଆଯାଇ ନ ଥିବାବେଳେ ବିବାଦୀୟ ବିତର୍କ ଏମାନଙ୍କ ଛଳନାର ମୁଖା ଖୋଲି ଦେଇଛି। ଇଣ୍ଡୋନେସିଆ ରାଷ୍ଟ୍ରପତି ସାମ୍ବାଦିକ ସମ୍ମିଳନୀରେ ଏଭଳି ବିବାଦକୁ ସ୍ୱୀକାର କରିଛନ୍ତି।



ଗତ ସେପ୍ଟେମ୍ବର ମାସରେ ସାଂଘାଇ ସହ ଯୋଗ ସମ୍ମିଳନୀରେ ଭାରତ ପକ୍ଷରୁ ପୁଟିନଙ୍କୁ ଯାହା କୁହାଯାଇଥିଲା ତା'ର ପ୍ରତିଫଳନ ଏହି ସମ୍ମିଳନୀରେ ପ୍ରତିଫଳିତ ହୋଇଛି ସତ, କିନ୍ତୁ ଏ ସମ୍ପର୍କରେ ଭିନ୍ନ ମତ ପ୍ରକାଶ ପାଇଥିଲା। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। ତେବେ ଯେଉଁ ସଦସ୍ୟ ରାଷ୍ଟ୍ର ଏସମ୍ପର୍କରେ ସହମତ ନ ହୋଇଛନ୍ତି ସେମାନଙ୍କ ଆଭିମୁଖ୍ୟ ନିନ୍ଦନୀୟ ବୋଲି ବିଶ୍ୱବାସୀ ଜାଣିଲେ। ଜାତିସଂଘ ସୁରକ୍ଷା ପରିଷଦରେ ଜାତୀୟ ସ୍ଥିତି ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଯାହା କହିଥିଲେ ତାହା ଜି–୨୦ରେ କେବଳ ଦୋହରା ଯାଇଥିଲା। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। କିନ୍ତୁ ଆଉ କେତେକ ରାଷ୍ଟ୍ର ଏହା ଉପରେ ଭିନ୍ନ ମତ ରଖିବା ଫଳରେ ବିଶ୍ୱ ପାଇଁ ବିପଦ ସୃଷ୍ଟି କରାଯିବା କୁହାଯାଇପାରେ। ଦସ୍ତାବିଜରେ ଖୁବ୍ କମ ଲେଖା ହୋଇଥିବା ବେଳେ ସମ୍ମିଳନୀର ଆଭିମୁଖ୍ୟ କ'ଣ ତାହା ପ୍ରକାଶ ପାଇପାରି ନାହିଁ। କୋଭିଡ୍ ମହାମାରୀ ପରେ ଅର୍ଥନୀତି ଉପରେ ଏହା ବିଶ୍ୱଯୁଦ୍ଧ ଭଳି ଅନୁଭୂତ ହୁଏ। ଜି–୨୦ ସମିଟିରେ ରୁଷ୍‌ର ରାଷ୍ଟ୍ରପତି ଯୋଗ ନ ଦେବା ତାତ୍ପର୍ଯ୍ୟପୂର୍ଣ୍ଣ।

ଯାହା ହେଉ ୟୁରୋପୀୟ ପାର୍ଲାମେଣ୍ଟରେ ବିଳମ୍ବ ହେଉ ପଛେ ରୁଷିଆକୁ ଆତଙ୍କବାଦର ପୃଷ୍ଠପୋଷକ ବୋଲି ଘୋଷଣା କରାଯାଇଛି। ୟୁକ୍ରେନରେ ସମସ୍ତ ମାନବାଧିକାର ଆଇନ ଗୁଡ଼ିକୁ ରୁଷ୍ ଉଲ୍ଲଂଘନ କରି ସାରିଲାଣି। ଆମେରିକା ସମେତ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ଏହିଭଳି ପଦକ୍ଷେପ ନେଇପାରି ଥାଆନ୍ତେ। ଏଯାବତ୍ ନେଇ ନାହାନ୍ତି କାହିଁକି ? ଅବଶ୍ୟ କୁହାଯାଇପାରେ ଆଜି ରୁଷ୍ ୟୁକ୍ରେନ ଉପରେ ଯେଉଁ ଧ୍ୱଂସାଭିମୁଖୀ ପଦକ୍ଷେପ ନେଇଛି ସେଥିପାଇଁ ୟୁରୋପୀୟ ସଂଘ ଦାୟୀ। ୟୁକ୍ରେନ ରୁଷ୍‌ରୁ ଅଲଗା ହେବା ପରେ ୟୁରୋପୀୟ ସଂଘ ୟୁକ୍ରେନ ପ୍ରତି ତା'ର କର୍ତ୍ତବ୍ୟ କରିଥିଲେ ଆଜି ରୁଷ୍ ଏଭଳି ଆକ୍ରମଣାତ୍ମକ ପଦକ୍ଷେପ ନେଇ ପାରି ନ ଥାନ୍ତା। ଏବେ ସେହି ଛଳନାର ମୁଖା ପିନ୍ଧି ୟୁରୋପୀୟ ସଂଘ, ଆମେରିକା ଓ ବ୍ରିଟେନ ରୁଷିଆ ଉପରେ କଠୋର କଟକଣା ଜାରି କରି ସାରିଛନ୍ତି ବୋଲି କହୁଛନ୍ତି। ସେମାନେ ଯଦି କଠୋର କଟକଣା କରି ଥାଆନ୍ତେ ତେବେ ରୁଷ୍ ଆଜି ୟୁକ୍ରେନର ପରମାଣୁ କେନ୍ଦ୍ର ଉପରେ ରକେଟ ମାଡ଼ କରି ନ ଥାଆନ୍ତା। ଆମେରିକା କଂଗ୍ରେସର ଉଭୟ ଗୃହ ରୁଷିଆକୁ ଆତଙ୍କବାଦୀ ରାଷ୍ଟ୍ର ତାଲିକାରେ ରଖିବା ପାଇଁ ପରରାଷ୍ଟ୍ର ସଚିବ ଆଣ୍ଟୋନୀ ବ୍ଲିଙ୍କେନଙ୍କୁ ଅନୁରୋଧ କରିଥିଲେ ହେଁ ସେ ମନା କରି ଦେଇଥିଲେ। ଆତଙ୍କବାଦକୁ ଭାରତ ବ୍ୟତୀତ କୌଣସି ରାଷ୍ଟ୍ର ରୋକ୍‌ଠୋକ୍ ଜବାବ ଦେଇପାରୁ ନାହାନ୍ତି। କାରଣ ୟୁ ର ୪ ସଦସ୍ୟ ଲିଥୁଆନିଆ, ଲାଟ୍‌ଭିଆ,ଏଷ୍ଟୋନିଆ ଏବଂ ପୋଲାଣ୍ଡ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ରାଷ୍ଟ୍ର ବୋଲି ଘୋଷଣା କରିଛନ୍ତି। ଏ ଛଳନାର ମୁଖା କେତେଦିନ ?

ସୟଦପୁର, ଯାଜପୁର

## ଚାରଣଭୂମି ଓ ଚାରା ସଙ୍କଟ



ଈପ୍ସିତା ମହାନ୍ତି

ନିକଟରେ ପଶୁଖାଦ୍ୟ (ଚାରା) ଅଭାବ ଏବଂ ଲାମ୍ପି ନାମକ ଚର୍ମରୋଗ ଦ୍ୱାରା ଦେଶର ପ୍ରାୟ ୧୫ଟି ରାଜ୍ୟର ୨୦ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଣୀ ପ୍ରଭାବିତ ହୋଇଥିଲେ। ଏହି ରୋଗରେ ଲକ୍ଷାଧିକ ଗୋରୁଙ୍କ ଜୀବନ ଯାଇଛି। ଏହି ଦୁଇ କାରଣରୁ ବିଭିନ୍ନ ରାଜ୍ୟର ପଶୁପାଳକ ତଥା ଗୋପାଳକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ କାରଣରୁ ଦେଶରେ ଆଜି ଜ୍ୱାର, ସୋୟାବିନ ଏବଂ ବାଜରା ପରି ସବୁଜ ପଶୁଖାଦ୍ୟର ଅଭାବ ଦେଖାଦେଇଛି।

ଚଳିତ ବର୍ଷ ପଶୁଖାଦ୍ୟ ଜନିତ ଶସ୍ୟ ଉତ୍ପାଦନ ହ୍ରାସ ପାଇଛି। ରାଜସ୍ଥାନରେ ବାଜରା ଫସଲ କ୍ଷତିଗ୍ରସ୍ତ ହୋଇଛି। ସମ୍ପ୍ରତି ଦେଶରେ ଯନ୍ତ୍ର ଦ୍ୱାରା ଧାନ, ଗହମ ଆଦି ଫସଲ ଅମଳ ହେଉଥିବାରୁ ପୂର୍ବଭଳି ଆବଶ୍ୟକ ପରିମାଣର ନଡ଼ା କିମ୍ବା ଛଣ ମିଳୁନାହିଁ। କୃଷିକ୍ଷେତ୍ରରେ ଫସଲର ଯେଉଁ ଅବଶିଷ୍ଟାଂଶ ରହୁଛି କୃଷକମାନେ ତାହାକୁ ଜାଳି ଦେଉଛନ୍ତି। ସେଥିପାଇଁ ବାୟୁ ପ୍ରଦୂଷଣ ବଢୁଛି। ପୂର୍ବରୁ ଦୁଇଶହ ଟଙ୍କାରେ ଯେତିକି ନଡ଼ା ମିଳୁଥିଲା ବର୍ତ୍ତମାନ ସେତିକି ନଡ଼ା ପାଇଁ ୭ଶହ ରୁ ୮ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପଶୁଖାଦ୍ୟର ମୂଲ୍ୟ ବୃଦ୍ଧି ହେତୁ ଦୁଗ୍ଧ ତଥା ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଉଛି। ରାଜସ୍ଥାନ, ଗୁଜରାଟ, ହରିୟାଣା ଏବଂ ପଞ୍ଜାବରେ ଅଧିକ ଗୋଜାତୀୟ ପଶୁ ରହିଥିଲେ ବି ସେଠାରେ ପଶୁଖାଦ୍ୟର ଉପଲବ୍ଧତା ଆଶାଜନକ ନୁହେଁ।

ଭାରତୀୟ ଚାରଣଭୂମି ଓ ଚାରା ଅନୁସନ୍ଧାନ ସଂସ୍ଥାନ (ଇଣ୍ଡିଆନ ଗ୍ରାସ୍‌ଲ୍ୟାଣ୍ଡ ଏବଂ ଫୋଡର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍), ଝାନ୍‌ସୀର ନିର୍ଦ୍ଦେଶକ ଅମରେଶ ଚନ୍ଦ୍ରଙ୍କ ମତରେ ଦେଶରେ ସବୁଜ ଚାରା ୧୨ରୁ ୧୫ ପ୍ରତିଶତ ଏବଂ ଶୁଖିଲା ଚାରାର ଉପଲବ୍ଧତା ୨୫ରୁ ୨୬ ପ୍ରତିଶତ ହ୍ରାସ ଘଟିଛି। ଚାଷଜମି ସଙ୍କୁଚିତ ହୋଇ ଚାଲିଥିବାରୁ ପର୍ଯ୍ୟାପ୍ତ ଚାରା ଲଗାଇବା ପାଇଁ ଚାଷୀଙ୍କ ପାଖରେ ଜମିର ଅଭାବ ରହିଛି। ପ୍ରକୃତରେ ଏଥିପାଇଁ ୧୫ ପ୍ରତିଶତ ଚାଷଜମିର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ କେବଳ ୪ ପ୍ରତିଶତ ଜମିରେ ଚାରା ଚାଷ ହେଉଛି। ପୂର୍ବରୁ ଗୋଜାତୀୟ ପଶୁ ଗୋଚର ବା ପତିତ ଜମି, ପୋଖରୀ, ନଦୀ ଆଦି ଜଳାଶୟ କୂଳସ୍ଥ ଚାରଣଭୂମିରେ ଚରୁଥିଲେ। ବର୍ତ୍ତମାନ ଅନେକ ଜଳାଶୟ ନିଶ୍ଚିହ୍ନ ହୋଇସାରିଲାଣି। ଯାହା ରହିଛି ତାହା ନିକଟସ୍ଥ ଚାରଣଭୂମି ଆଜି ଅଦୃଶ୍ୟ ପ୍ରାୟ। ନଦୀକୂଳରେ ବିସ୍ତୀର୍ଣ୍ଣ ଚାରଣଭୂମି ଆଉ ଦେଖିବାକୁ ମିଳୁନାହିଁ। ଅନେକ ରାଜ୍ୟରେ ଗୋରୁ ଚରାଇବା କାର୍ଯ୍ୟ ପ୍ରାୟ ଲୁପ୍ତ ହୋଇଗଲାଣି। ଚକବନ୍ଦୀ ବା ଭୂବନ୍ଦୋବସ୍ତ (ସେଟେଲମେଣ୍ଟ) ସମୟରେ ଗ୍ରାମଗୁଡ଼ିକରେ ଚାରଣଭୂମି ନିର୍ମାଣ କରାଯାଇ ପାରିଥାନ୍ତା, କିନ୍ତୁ ତାହା ହୋଇପାରି ନାହିଁ।

୨ ବର୍ଷ ପୂର୍ବେ ପଶୁଖାଦ୍ୟର ସମ୍ଭାବ୍ୟ ସଙ୍କଟକୁ ଅନୁମାନକରି ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ପ୍ରାୟ ୧ଶହ କୃଷକ ଉତ୍ପାଦକ ସଂଗଠନ ଗଠନ ସହ ପଞ୍ଜୀକରଣ ପାଇଁ ପ୍ରସ୍ତୁତି ଚଳାଇଥିଲା। ୨୦୧୯–୨୦ ବଜେଟରେ ୧୦ ହଜାର କୃଷକ ଉତ୍ପାଦକ ସଙ୍ଗଠନ ଗଠନ ପାଇଁ ପ୍ରସ୍ତାବ ଦିଆଗଲା। ସଂସଦର ଉଭୟ ସଦନରେ ବହୁବାର ଆଲୋଚନା ସତ୍ତ୍ୱେ ଏ ଦିଗରେ କୌଣସି କାର୍ଯ୍ୟ ହୋଇନାହିଁ। ଆଶଙ୍କା ରହିଛି ୨୦୨୫ ସୁଦ୍ଧା ୩୮ ପ୍ରତିଶତ ସବୁଜ ଏବଂ ୪୦ ପ୍ରତିଶତ ଶୁଖିଲା ପଶୁଖାଦ୍ୟ ହ୍ରାସ ପାଇବ। ଦାନା ମିଶ୍ରିତ ଚାରାର ମାତ୍ରା ମଧ୍ୟ ୩୮ ପ୍ରତିଶତ ହ୍ରାସ ଘଟିବ। ଏହି ସ୍ଥିତି ପଶୁପାଳକଙ୍କ ସହ ପଶୁଧନ ପାଇଁ ସମସ୍ୟା ସୃଷ୍ଟି କରିବ। କେତେକ ରାଜ୍ୟର ଭୁଲ୍ ନୀତି ଯୋଗୁ ପଶୁପାଳନ ବାଧାପ୍ରାପ୍ତ। ଲୋକେ ଦୁଗ୍ଧ ପାଇଁ ମାଈ ବାଛୁରୀର ଯତ୍ନ ଯଦିଓ ନେଉଛନ୍ତି କିନ୍ତୁ ଅଣ୍ଡିରା ବାଛୁରୀକୁ ବଳଦ କରିବା ପାଇଁ ଖୁଆଇ ପିଆଇ ପାଳିବାକୁ ଅଯଥା ସମ୍ବଳ ଓ ସମୟର ଅପଚୟ ବୋଲି ଭାବିନେଲେଣି। ଏଥିଯୋଗୁ ଗୋଟିଏ ପଟେ ଶହଶହ ଅଣ୍ଡିରା ବାଛୁରୀ ଷଣ୍ଢ ହୋଇ ବୁଲୁଛନ୍ତି, ଅନ୍ୟପଟେ ଗୋଖାଦ୍ୟ ବା ଚାରା ଉତ୍ପାଦନ ପାଇଁ କୃଷକମାନଙ୍କର ଆଗ୍ରହ କମିଛି। ବୁଲା ପଶୁଙ୍କ ଉପରେ କୌଣସି ଠୋସ୍ ନୀତିନିୟମ ବା କଟକଣା ନ ଥିବାରୁ ଚାଷୀଙ୍କ ଯନ୍ତ୍ରଣା ଆଜି ଦ୍ୱିଗୁଣିତ ହୋଇଛି।

ଜାନୁୟାରୀ ୨୦୨୦ରେ ପ୍ରକାଶିତ ବିଂଶତମ ପ୍ରାଣୀଗଣନା ଅନୁଯାୟୀ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ବୁଲାଗୋରୁ ରହିଛନ୍ତି। ଗୋଜାତୀୟ ପଶୁ ବିକ୍ରି ଏବଂ ସେମାନଙ୍କ ପରିବହନ ଉପରେ ନିଷେଧାଦେଶ ହେତୁ ଅନୁପଯୋଗୀ ପଶୁମାନଙ୍କୁ କୃଷକମାନେ ବାହାରେ ଖୋଲାମେଲାରେ ଛାଡ଼ି ଦେଉଛନ୍ତି। ଏମାନେ କୃଷିକ୍ଷେତ୍ରରେ ପଶି ଚରିବୁଲି ଫସଲ ନଷ୍ଟ କରୁଛନ୍ତି। ଏମାନଙ୍କୁ କୃଷକମାନେ ବସତି ଅଞ୍ଚଳରୁ ଘଉଡ଼ାଇବା ଆରମ୍ଭ କରିଛନ୍ତି। ଏଥିପାଇଁ ଏମାନେ ଏବେ ରାଜପଥ ମୁହାଁ ହୋଇଛନ୍ତି। ଯାହା ଉଭୟ ପଶୁ ଏବଂ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସଡ଼କ ଦୁର୍ଘଟଣା ବୃଦ୍ଧି ଘଟିବାର ଏହା ଏକ ପ୍ରମୁଖ କାରଣ। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଏହାର ସମାଧାନ କରିପାରିବେ। ଗୋଟିଏ କିମ୍ବା ଏକାଧିକ ଗ୍ରାମପଞ୍ଚାୟତ ପାଇଁ କାଞ୍ଜିଆହୁଦା ବଦଳରେ ଗୋଶାଳା ପ୍ରତିଷ୍ଠା କରି ସେଠାରେ ବୁଲା ଗୋରୁଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ କରିହେବ। ବୁଲାଗୋରୁଙ୍କ ମାଲିକମାନଙ୍କୁ ଅର୍ଥଦଣ୍ଡ (ଜରିମାନା) କରାଗଲେ ରାଜକୋଷକୁ ଅର୍ଥ ଆସିବ ଏବଂ ସେମାନେ ସଜାଗ ରହିବେ। ଦାବିଦାର ନଥିବା ଗାଈକୁ ଭୂମିହୀନ ଗରିବ କୃଷକଙ୍କ ମଧ୍ୟରେ ବଣ୍ଟନ ସହ ପ୍ରୋତ୍ସାହନ ରାଶି ପ୍ରଦାନ କଲେ ସେମାନେ ଆତ୍ମନିର୍ଭର ହୋଇପାରିବେ।



ପଶୁଧନ ହ୍ରାସ ହେତୁ ଆଜି ଚମଡ଼ା ଶିଳ୍ପ ବିପଦ ମୁଖରେ। ହାଡ଼ରୁ ପ୍ରସ୍ତୁତ ସାରର ଅଭାବ ବୃଦ୍ଧି ପାଇଛି। ଗୋବରର ଅଭାବ ହେତୁ ପର୍ଯ୍ୟାପ୍ତ ସ୍ୱଦେଶୀ ଜୈବିକ ଖତ ଉପଲବ୍ଧ ହୋଇପାରୁନାହିଁ। ଏହା ଚାଷୀଙ୍କ ସାମ୍ନାରେ ଅନ୍ୟ ଏକ ସମସ୍ୟା ସୃଷ୍ଟି କରିଛି। ଗୋବରଖତ ବିନା କ୍ଷେତଗୁଡ଼ିକ ବନ୍ଧ୍ୟା ହେବାରେ ଲାଗିଛି। ଗୋବର ବିନା କମ୍ପୋଷ୍ଟ ତିଆରି ଅସମ୍ଭବ। ଆଗକୁ କେବଳ ରାସାୟନିକ ସାରର ଶକ୍ତି ଉପରେ ନିର୍ଭରକରି ଚାଷ କରିବା ଉଭୟ ପରିବେଶ ଓ ଚାଷୀମାନଙ୍କ ପାଇଁ ଲାଭଦାୟକ ହେବନାହିଁ।

ପ୍ରାଣୀଧନକୁ ବଞ୍ଚାଇ ରଖିବା ପାଇଁ ପ୍ରଥମେ ସେମାନଙ୍କର କିଣାବିକାକୁ ନିୟନ୍ତ୍ରଣ ମୁକ୍ତ କରିବାକୁ ପଡ଼ିବ। ସେମାନଙ୍କ ପାଇଁ ଚାରଣଭୂମିର ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା କେବଳ ପଶୁଖାଦ୍ୟ ନୁହେଁ ମନୁଷ୍ୟଙ୍କ ଖାଦ୍ୟ ସମସ୍ୟାରେ ମଧ୍ୟ ଅନେକାଂଶରେ ସୁଧାର ଆସିବ। ଦୁନିଆ ଅନାହାରର ଯେଉଁ ଜଟିଳ ସମସ୍ୟାରେ ଛନ୍ଦିହେବାକୁ ଯାଉଛି ସେଥିରୁ ମଧ୍ୟ ମୁକ୍ତି ମିଳିବ।

ବୈପାରିଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

### ଏଇ ଭାରତରେ

ଉତ୍ତରଭାରତରେ ଗହମ ଓ ଧାନ ଖୁଣ୍ଟା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ହେଉଛି ଓ ସ୍ୱାସ୍ଥ୍ୟକୁ ଅତ୍ୟଧିକ ପ୍ରଭାବିତ କରୁଛି। ଏହାକୁ ରୋକିବା ଲାଗି ସରକାରଙ୍କ ପ୍ରୟାସରେ ଆଖିଦୃଶିଆ ସଫଳତା ମିଳିପାରୁ ନ ଥିବାବେଳେ ଖୁଣ୍ଟାରୁ ଇଟା ତିଆରି କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ତରୁଣ ଜାମି। ବିଶାଖାପଟନମ୍ ନିବାସୀ ତରୁଣ ପେସାରେ ଜଣେ ସିଭିଲ ଇଞ୍ଜିନିୟର। ସେ ୨୦୧୭ରେ ଗ୍ରୀନ୍ ଜାମ୍ କମ୍ପାନୀ ପ୍ରତିଷ୍ଠା କରି ସେଠାରେ ଏହି ଇଟା ଉତ୍ପାଦନ କରୁଛନ୍ତି। ଫଳରେ ବାୟୁମଣ୍ଡଳରୁ କାର୍ବନ ନିର୍ଗମନ କମ୍ କରାଯାଇପାରୁଛି। ଏଗ୍ରିକଲ୍‌ଚର ୱେଷ୍ଟ (କୃଷି ବର୍ଜ୍ୟ) ଏବଂ କିଛି ଶିଳ୍ପରୁ ବାହାରୁଥିବା ଅବଶେଷାଂଶକୁ ମିଶାଇ ଏହି କମ୍ପାନୀ ଆଗ୍ରୋକିଟ୍ ସୃଷ୍ଟି କରୁଛି। ଏହା କଂକ୍ରିଟର ବିକଳ୍ପ ହୋଇପାରିଛି। ଏହାକୁ ବ୍ୟବହାର କଲେ ନିର୍ମାଣ ମୂଲ୍ୟ ଅଧା କମିଯାଉଛି। ତରୁଣଙ୍କ ଦ୍ୱାରା ପ୍ରସ୍ତୁତ ଇଟା ପାରମ୍ପରିକ ଇଟାଠାରୁ ୩୦% ହାଲୁକା ହେଉଛି। ପରିବେଶ ଯାହା କ୍ଷତି ହୋଇଛି ତାହାକୁ ଭରଣା କରି ପରିସଂସ୍ଥାର ପୁନର୍ଗଠନ କରିବା ହିଁ ମାନବ ପାଇଁ କଲ୍ୟାଣକର ହେବ ବୋଲି କହନ୍ତି ତରୁଣ। ପରିବେଶ ଉପରେ ଆମ ଜୀବନଶୈଳୀର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଚିନ୍ତା କରି ଏଭଳି କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଆଗାମୀ ପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୭

- ସୁପ୍ରିମ୍‌କୋର୍ଟକୁ ସେନା ସହାୟତା ଦେବା ପାଇଁ ପାକିସ୍ତାନ ରାଷ୍ଟ୍ରପତି ଫାରୁକ ଅହମ୍ମଦ ଖାଁ ଲେଘାରୀ ଦେଇଥିବା ଆଦେଶକୁ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ପ୍ରତ୍ୟାଖ୍ୟାନ।
- ଗୋଖାଦ୍ୟ ଦୁର୍ନୀତିର ଏକ ଷଡ଼ଯନ୍ତ୍ର ଦିଗକୁ ନେଇ ହୋଇଥିବା ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଜାମିନ ପ୍ରଦାନ।
- ଚଳଚ୍ଚିତ୍ରର ଶୁଟିଂ ସମୟରେ ଏକ ଚଳନ୍ତା ରେଳଗାଡ଼ିକୁ ଅଟକାଇବା ଘଟଣାରେ ଅଭିନେତା ଶତିଶ ଶାହଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି।

### su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 9 | | 1 |
| 2 | | | | | 8 | | | 4 |
| 6 | | 4 | | | | | | |
| | | | | | 4 | | 1 | |
| | | 9 | 5 | | | | | 2 |
| | | | 2 | | | 3 | 4 | |
| 3 | 4 | | | | 9 | 7 | 5 | |
| 9 | 1 | 6 | | | | | | |
| | 7 | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 4 | 6 | 1 | 8 | 7 | 9 |
| 1 | 7 | 6 | 9 | 8 | 5 | 4 | 3 | 2 |
| 8 | 9 | 4 | 2 | 3 | 7 | 5 | 1 | 6 |
| 6 | 1 | 2 | 3 | 7 | 8 | 9 | 5 | 4 |
| 5 | 8 | 7 | 6 | 4 | 9 | 3 | 2 | 1 |
| 3 | 4 | 9 | 1 | 5 | 2 | 6 | 8 | 7 |
| 7 | 2 | 5 | 8 | 9 | 4 | 1 | 6 | 3 |
| 9 | 6 | 1 | 5 | 2 | 3 | 7 | 4 | 8 |
| 4 | 3 | 8 | 7 | 1 | 6 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଠ୍ୟକ୍ରମରେ ପହଁରା ଶିକ୍ଷା ରହୁ

ମହାଶୟ,

ମାନବ ସଭ୍ୟତା ନିଜର ଆବଶ୍ୟକତା ପାଇଁ ପିଢ଼ି ପରେ ପିଢ଼ି ପହଁରାଶିକ୍ଷାକୁ ଆପଣେଇ ନେଉଥିଲା। ଯୁଗ ବଦଳିବା ସଙ୍ଗେ ସଙ୍ଗେ ଆଧୁନିକ ସଭ୍ୟତାର ଛାଟ ଆସିଯିବା ପରେ ପରେ ସଭିଙ୍କ ପାଇଁ ଆଉ ପହଁରାଶିକ୍ଷା ଆବଶ୍ୟକ ପଡୁନାହିଁ। ଏହା ଯଦିଓ ସତ, ହେଲେ ବିପଦ ବେଳେ ବୁଦ୍ଧି ଗୁଡୁମ ହୋଇଯାଉଛି। ପ୍ରତିବର୍ଷ ନଦୀ, ସମୁଦ୍ର ଓ ଜଳସ୍ରୋତମାନଙ୍କରେ ଅନେକ ଲୋକ ଜୀବନ ହାରୁଛନ୍ତି। ଅନେକ ପର୍ଯ୍ୟଟକ ମୃତ୍ୟୁବରଣ କରୁଛନ୍ତି। ସେଲ୍‌ଫି ନବାବାଲା ବି ବାଦ୍ ପଡୁନାହାନ୍ତି। ପହଁରା ବିଷୟରେ କିଛି କୌଶଳ ଜାଣିଥିବା ଲୋକ ହିଁ ବିପଦ ବେଳେ ଜୀବନ ରକ୍ଷା କରିପାରୁଛନ୍ତି। ଏଭଳି ପରିସ୍ଥିତିରେ ବିଦ୍ୟାଳୟ ପାଠ୍ୟକ୍ରମରେ ପହଁରା ଶିକ୍ଷାକୁ ଏକ ବିଷୟବସ୍ତୁ ଭାବେ ସାମିଲ କରାଗଲେ ଭଲ ହୁଅନ୍ତା। ସମ୍ପ୍ରତି ରାଜ୍ୟ ଆପଦ ମିତ୍ର ତାଲିମ ବିପର୍ଯ୍ୟୟ ପରିଚାଳନାର ଏକ ତାରବାଡ଼ ସଦୃଶ। ହେଲେ ଦିନକୁ ଦିନ ପହଁରା ଶିଖିଥିବା ଲୋକ ସରି ସରି ଆସିବା ଚିନ୍ତାଜନକ ବିଷୟ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଦୁଃଖ ତା'ର ତାରାରାଜି
ଲଭି ମହା ଦୁଃଖ
ମଳିନ ତୁଷାରେ ପରା
ଆବରିଛି ମୁଖ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ବିଧାନସଭାରେ ଗୃହୀତ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ବିଧାନସଭାର ଅନୁମୋଦନ ଲାଭ କରିଛି। ସଂଶୋଧିତ ବିଲ୍‌ରେ ଜିଲା ଯୋଜନା କମିଟିର ସଦସ୍ୟମାନଙ୍କୁ ଶୃଙ୍ଖଳିତ ଓ ଦାୟିତ୍ୱବାନ୍ କରିବା ଉଦ୍ଦେଶ୍ୟରେ ମୂଳ ଅଧିନିୟମର ଧାରା-୫ରେ ଥିବା ସଦସ୍ୟମାନଙ୍କ ଅପସାରଣ ବ୍ୟବସ୍ଥା ନିମିତ୍ତ ଉଦ୍ଦିଷ୍ଟ ୩ ଖଣ୍ଡ ସହିତ ଆଉ ଏକ ଖଣ୍ଡକୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲାସ୍ତରରେ, ପଞ୍ଚାୟତ ଓ ପୌର ପାଳିକାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଯୋଜନାଗୁଡ଼ିକର ଏକତ୍ରୀକରଣ ଓ ଜିଲା ପାଇଁ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ସକାଶେ ଜିଲାସ୍ତରରେ ଜିଲା ଯୋଜନା କମିଟି କରିବା ଲାଗି ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ବିଧାନମଣ୍ଡଳ ଓଡ଼ିଶା ଜିଲା ଯୋଜନା କମିଟି ରୁଲ-୧୯୯୮ ପ୍ରଣୟନ କରିଥିଲେ। ଉକ୍ତ ନିୟମର ଧାରା-୩ ଅନୁଯାୟୀ ପ୍ରତ୍ୟେକ ଜିଲାରେ ଗୋଟିଏ ଜିଲା ଯୋଜନା କମିଟି ଗଠନ ହେବାର ବ୍ୟବସ୍ଥା ରହିଛି। ଏହି ନିୟମର ଉପଧାରା-୩ ଅନୁଯାୟୀ ସର୍ବନିମ୍ନ ୮୦ ପ୍ରତିଶତ ସଭ୍ୟ ଜିଲା ପରିଷଦର ସଭ୍ୟ ଏବଂ ଜିଲାର ମ୍ୟୁନିସିପାଲିଟିଗୁଡ଼ିକରୁ ନିର୍ବାଚିତ ହେବାର ବ୍ୟବସ୍ଥା ରହିଛି। ସଭ୍ୟମାନେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଜନସଂଖ୍ୟା ଅନୁପାତରେ ନିର୍ବାଚିତ ହେବେ। ୨୦୧୮ ଓଡ଼ିଶା ଅଧିନିୟମ ୧୫ ଏବଂ ଓଡ଼ିଶା ଅଧିନିୟମ ୧୬ ଦ୍ୱାରା ସଂଶୋଧିତ ଯଥାକ୍ରମେ ପୌର ପରିଷଦ ନିୟମ ୧୯୫୦ ଏବଂ ଓଡ଼ିଶା ମହାନଗର ନିୟମ ୨୦୦୩ ଅନୁଯାୟୀ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ କାଉନ୍‌ସିଲର ଏବଂ କର୍ପୋରେଟରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ପରିବର୍ତ୍ତେ ସିଧାସଳଖ ନିର୍ବାଚିତ ହେଉଛନ୍ତି। ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଏବଂ ମହାନଗର ନିଗମର ମେୟରଙ୍କୁ ଜିଲା ଯୋଜନା କମିଟିର ସଭ୍ୟ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତାବ ରହିଛି।

## ୧ରୁ ପୂର୍ବାହ୍ନ ୯ରୁ ସନ୍ଧ୍ୟା ୫ ଯାଏ କ୍ୟାପିଟାଲ ହସ୍ପିଟାଲ ଓପିଡି ଖୋଲା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ କ୍ୟାପିଟାଲ ହସ୍ପିଟାଲ ବହିର୍ବିଭାଗ (ଓପିଡି) ସମୟ ପରିବର୍ତ୍ତନ ହୋଇଛି। ଡିସେମ୍ବର ୧ରୁ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କ୍ୟାପିଟାଲ ହସ୍ପିଟାଲର ଓପିଡି ଖୋଲା ରହିବ। ତେବେ ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ପାଇଁ ବନ୍ଦ ରହିବ। ଏଥିଲାଗି ପଞ୍ଜୀକରଣ କାଉଣ୍ଟର ସକାଳ ୮ଟା ୩୦ରୁ ଅପରାହ୍ନ ୧୨ଟା ୩୦ ଏବଂ ଅପରାହ୍ନ ୧ଟା ୩୦ରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ। ଏହି ସୁବିଧା ସପ୍ତାହର ସବୁଦିନ ଉପଲବ୍ଧ ହେବ ବୋଲି କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।

# ମାତୃ ମୃତ୍ୟୁହାର ହ୍ରାସରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ମାତୃ ମୃତ୍ୟୁହାର ହ୍ରାସରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏସ୍ଆର୍ଏସ୍ ଏମ୍ଏମ୍ଆର୍ ବୁଲେଟିନ୍ ତଥ୍ୟରୁ ଏହି ସୂଚନା ମିଳିଛି। ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ଲକ୍ଷରେ ମାତୃ ମୃତ୍ୟୁହାର ୧୬୮ ପଏଣ୍ଟ ଥିବାବେଳେ ୨୦୧୮-୨୦ରେ ୧୧୯ ହୋଇଛି। ଗତ ୩ ବର୍ଷରେ ଓଡ଼ିଶାରେ ମାତୃ ମୃତ୍ୟୁହାର ୪୯ ପଏଣ୍ଟ ହ୍ରାସ ପାଇଛି। ଜାତୀୟ ହ୍ରାସ ହାର ୨୫ ପଏଣ୍ଟ ଥିବାବେଳେ ଓଡ଼ିଶାରେ ହ୍ରାସ ହାର ୪୯ ପଏଣ୍ଟ ରହିଛି। ଦେଶରେ ୨୦୧୫-୧୭ରେ ମାତୃ ମୃତ୍ୟୁହାର ୧୨୨ ପଏଣ୍ଟ ଥିବାବେଳେ ୨୦୧୮-୨୦ରେ ୯୭ ପଏଣ୍ଟ ରହିଛି। ଏ ନେଇ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏସ୍ଆର୍ଏସ୍ ଏମ୍ଏମ୍ଆର୍ ବୁଲେଟିନ୍ ରିପୋର୍ଟ ଅନୁସାରେ, ମାତୃ ମୃତ୍ୟୁହାରରେ ୭୩ ପଏଣ୍ଟ ହ୍ରାସ ସହ ରାଜସ୍ଥାନ ପ୍ରଥମ ସ୍ଥାନରେ ଥିବାବେଳେ ୪୯ ପଏଣ୍ଟ ହ୍ରାସ ସହ ଦ୍ୱିତୀୟରେ ଓଡ଼ିଶା ଏବଂ ଉତ୍ତରପ୍ରଦେଶ ରହିଛନ୍ତି। ସେହିପରି ୪୭ ପଏଣ୍ଟ ହ୍ରାସ ସହ ବିହାର ତୃତୀୟ ସ୍ଥାନ ପାଇଛି। ଓଡ଼ିଶାର ସ୍ୱାସ୍ଥ୍ୟକର୍ମୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସ୍ୱାସ୍ଥ୍ୟ ବିଭାଗ ପ୍ରଶଂସା କରିଛି। ରାଜ୍ୟରେ ସବୁ ସ୍ତରରେ ଗୁଣବତ୍ତା ଚିକିତ୍ସା ସେବା ଯୋଗାଇଦେବାର ଉଦ୍ୟମ ଏହି ସଫଳତା ଦେଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ମହୁମାଛି ଆକ୍ରମଣରେ ବାଳକ ମୃତ

**ବଲାଙ୍ଗୀର ଅଫିସ, ୨୯।୧୧**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ରଜାମରା ଗ୍ରାମର ଗୌରୀଶଙ୍କର ରଣା(୧୩)ନାମକ ଜଣେ ବାଳକଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ସୋମବାର ଅପରାହ୍ଣରେ ଗୌରୀଶଙ୍କର ଅନ୍ୟ ଦୁଇଜଣ ସାଙ୍ଗଙ୍କ ସହ ତାଙ୍କ କ୍ଷେତ ପାଖକୁ ଯାଇଥିଲେ। ସେଠାରେ ଥିବା ଏକ ମହୁଲ ଗଛରେ ଥିବା ମହୁଫେଣା ଉପରକୁ ଢେଲା ମାରିଥିଲେ। ମହୁଫେଣାରେ ଢେଲା ବାଜିବା ପରେ ମହୁମାଛିମାନେ ସମ୍ପୃକ୍ତ ପିଲାମାନଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରେ ଗୌରୀଶଙ୍କର ଗୁରୁତର ହୋଇପଡି ସେହି କ୍ଷେତରେ ପଡିରହିଥିଲେ। ତାଙ୍କର ଅନ୍ୟ ଦୁଇ ସାଙ୍ଗ ଅଳ୍ପ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକେ ଗୌରୀଶଙ୍କରଙ୍କୁ ସେଠାରୁ ଉଦ୍ଧାର କରି ପ୍ରଥମେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ଡାକ୍ତର ଗୌରୀଶଙ୍କରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ବଲାଙ୍ଗୀରରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୌରୀଶଙ୍କରଙ୍କ ମୃତ୍ୟୁରେ ତାଙ୍କ ମାତାପିତା, ପରିବାର ଲୋକେ ଭାଙ୍ଗି ପଡିଛନ୍ତି।



































ଜୟପୁରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଦଳୀୟ ନେତା ସଚିନ ପାଇଲଟ ଓ ରାଜ୍ୟ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା।

# ମୋଦିଙ୍କୁ ରାବଣ ସହ ତୁଳନା କଲେ ଖାର୍ଗେ

**ଭାଜପାର ସମାଲୋଚନା**

**ଅହମଦାବାଦ,୨୯।୧୧**

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅହମଦାବାଦରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କୁ ରାବଣ ସହ ତୁଳନା କରିବାକୁ ନେଇ ବିବାଦ ଦେଖାଦେଇଛି। ଗୁଜରାଟ ପୁତ୍ରଙ୍କୁ ଖାର୍ଗେ ବାରମ୍ବାର ଅପମାନିତ କରୁଥିବା ଭାଜପା ଅଭିଯୋଗ କରିଛି।

ନିର୍ବାଚନ ରାଲିରେ ଖାର୍ଗେ କହିଥିଲେ, ମୋଦି ପ୍ରଧାନମନ୍ତ୍ରୀ ଭାବେ ନିଜ କାର୍ଯ୍ୟକୁ ଭୁଲିଯାଇ ନିର୍ବାଚନ ପ୍ରଚାରରେ ଲାଗିଛନ୍ତି। ପଞ୍ଚାୟତ ନିର୍ବାଚନରୁ ଆରମ୍ଭ କରି ବିଧାୟକ ଏବଂ ଏମ୍‌ପି ନିର୍ବାଚନ ପର୍ଯ୍ୟନ୍ତ ସବୁବେଳେ ମୋଦିଙ୍କୁ ଚାହିଁ ଭୋଟ ଦିଅ ବୋଲି କୁହାଯାଉଛି। ଆମେ କେତେଥର ତାଙ୍କ ମୁହଁ ଦେଖିବୁ, ମୋଦିଙ୍କର ରାବଣ ଭଳି ୧୦୦ ମୁଣ୍ଡ ଅଛି କି ବୋଲି ଖାର୍ଗେ ପ୍ରଶ୍ନ କରିବାରୁ ସଭାରେ ହାସ୍ୟରୋଳ ଖେଳିଯାଇଥିଲା। ମୋଦି କ'ଣ ପଞ୍ଚାୟତ, ମ୍ୟୁନିସିପାଲିଟିରେ ଆସି କାର୍ଯ୍ୟ କରିବେ କି? ମୋଦିଙ୍କ ନାଁରେ ଭୋଟ ନ ମାଗି ପ୍ରାର୍ଥୀଙ୍କ ନାମରେ ମାଗିବାକୁ ଖାର୍ଗେ କହିଛନ୍ତି।

ଖାର୍ଗେଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ଗଣତାନ୍ତ୍ରିକ ଉପାୟରେ ପ୍ରତିଶୋଧ ନେବା ଲାଗି ଗୁଜରାଟ ପୁତ୍ର ମୋଦିଙ୍କୁ ୧୦୦ ପ୍ରତିଶତ ଭୋଟ ଦେବା ଲାଗି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଭୋଟରମାନଙ୍କୁ କହିଛନ୍ତି। ଗୁଜରାଟ ନିର୍ବାଚନୀ ତାତିର ସାମ୍ନା କରିବାରେ ବିଫଳ ହୋଇ କଂଗ୍ରେସ ଅଧ୍ୟକ୍ଷ ଭାଷା ଉପରୁ ନିୟନ୍ତ୍ରଣ ହରାଇଥିବା ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ କହିଛନ୍ତି। ପୂର୍ବରୁ ମୋଦିଙ୍କୁ କଂଗ୍ରେସ 'ମୌତ୍ କା ସୌଦାଗର କହୁଥିଲା, ଏବେ ରାବଣ କହୁଛି। ଗୁଜରାଟ ପୁତ୍ରଙ୍କୁ କଂଗ୍ରେସ ବାରମ୍ବାର ଅପମାନିତ କରିଆସୁଛି ବୋଲି ମାଲବ୍ୟ କହିଛନ୍ତି। ଅନ୍ୟପକ୍ଷରେ ଖାର୍ଗେଙ୍କୁ ଭାଜପାର ସମାଲୋଚନା ଦଳିତ ବିରୋଧୀ କ୍ରୋଧ ବୋଲି କଂଗ୍ରେସ କହିଛି।



ନିର୍ବାଚନୀ ପ୍ରଚାର ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ

# ଗୋଟିଏ ମଞ୍ଚରେ ଗେହଲଟ୍, ପାଇଲଟ

**ନୂଆଦିଲ୍ଲୀ,୨୯।୧୧**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କୁ ଗଦ୍ଦାର କହିବା ପରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେବେ ମଙ୍ଗଳବାର ଜୟପୁରରେ ଏକ ଖବରଦାତା ସମ୍ମିଳନୀରେ ଉଭୟ ନେତା ଗୋଟିଏ ମଞ୍ଚରେ ଉପସ୍ଥିତ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କଂଗ୍ରେସ ରାଜସ୍ଥାନ ଶାଖାରେ ସବୁ ଠିକ୍ ଚାଲିଛି, ଏହା ଜଣାଇବା ପାଇଁ ଏଭଳି ଏକ ମଞ୍ଚର ଆୟୋଜନ କରାଯାଇଥିବା କୁହାଯାଉଛି। ଆମେ ଏକାଠି ଅଛୁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ଉଭୟ ଗେହଲଟ୍ ଓ ପାଇଲଟ୍ ଦଳର ସମ୍ପତ୍ତି ବୋଲି ସୋମବାର ରାହୁଲ ଗାନ୍ଧୀ କହିଥିଲେ। ଡିସେମ୍ବର ୪ରେ ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା ରାଜସ୍ଥାନରେ ପ୍ରବେଶ କରିବ। ଏନେଇ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଗେହଲଟ୍ ଓ ବରିଷ୍ଠ ନେତା ପାଇଲଟ୍ ସୂଚନା ଦେଇଛନ୍ତି। ରାଜ୍ୟରେ ରାହୁଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯିବ। ରାଜସ୍ଥାନରେ ଭାରତ ଯୋଡ଼ୋ ଯାତ୍ରା ୧୨ ଦିନ ଚାଲିବ ଓ ଏଥିରେ ସବୁ ବର୍ଗର ଲୋକେ ସାମିଲ ହେବେ ବୋଲି ପାଇଲଟ୍ କହିଛନ୍ତି। ରାହୁଲ ଗାନ୍ଧୀ ଉଭୟଙ୍କୁ ଦଳର ଦମ୍ପତ୍ତି କହିବା ପରେ କ୍ଷମତା କନ୍ଦଳ ସମ୍ପର୍କରେ କିଛି କହିବାର ନାହିଁ ବୋଲି ଗେହଲଟ୍ କହିଥିଲେ।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଗେହଲଟ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପାଇଲଟ୍‌ଙ୍କୁ ଗଦ୍ଦାର କହିଥିଲେ। ୨ ବର୍ଷ ପୂର୍ବେ ନିଜ ଦଳର ସରକାର ଭାଙ୍ଗିବାକୁ ଉଦ୍ୟମ ଚଳାଇଥିବା ପାଇଲଟ୍ କିପରି ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ରାଜସ୍ଥାନରେ ସଂଗଠନକୁ ମଜଭୁତ କରିବା ପାଇଁ ଆବଶ୍ୟକ ପଡ଼ିଲେ କଂଗ୍ରେସ କଠୋର ନିଷ୍ପତ୍ତି ନେବ ବୋଲି ବରିଷ୍ଠ ନେତା ଜୟରାମ ରମେଶ ଦୁଇଦିନ ପୂର୍ବରୁ ଗଣମାଧ୍ୟମକୁ କହିଥିଲେ।

# ଡିଜିପିଙ୍କୁ ଭେଟିଲା ଭାଜପା ପ୍ରତିନିଧି ମଣ୍ଡଳୀ

**■ ବରଗଡ଼ ଏସ୍‌ପିଙ୍କ ବଦଳି ଦାବି**

**କଟକ ଅଫିସ,୨୯।୧୧**

ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ମୁକ୍ତ ତଥା ଅବାଧ ନିର୍ବାଚନ ନିମନ୍ତେ ବରଗଡ଼ ଏସ୍‌ପିଙ୍କ ନିଷ୍କ୍ରିୟତା ଯୋଗୁ ତାଙ୍କୁ ବଦଳି କରିବାକୁ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। କିଛିଦିନ ହେବ ପଦ୍ମପୁରରେ ଆଇନଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇପଡ଼ିଛି। ଭାଜପା କର୍ମୀମାନେ ଶାସକ ଦଳର ମନ୍ତ୍ରୀ, ବିଧାୟକଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଫଳରେ ସେଠାରେ ଭାଜପା ସମର୍ଥକଙ୍କ ମନରେ ସର୍ବଦା ଭୟ ଲାଗି ରହିଛି। ପଦ୍ମପୁରରେ ଉପନିର୍ବାଚନ ପାଇଁ ହିଂସାକାଣ୍ଡ ଘଟିଛି। ପୋଲିସ ଏହାକୁ ରୋକିବା ପାଇଁ ନିଷ୍କ୍ରିୟ ହୋଇପଡିଛି। ଫଳରେ କେନ୍ଦୁଝର ସଦର ବିଧାୟକ ମୋହନ ମାଝିଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳୀ ଡିଜିପି ସୁନୀଲ ବଂଶଲଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି।

# କଂଗ୍ରେସ ହେଭିୱେଟ୍‌ଙ୍କ ପ୍ରଚାର



ପିସିସି ସଭାପତି ଶରତ ପଟ୍ଟନାୟକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି କଂଗ୍ରେସ ପ୍ରାର୍ଥୀ ଓ ଦଳୀୟ ତୁଙ୍ଗ ନେତୃବୃନ୍ଦ।

**ପାଇକମାଲ/ଝାରବନ୍ଧ, ୨୯।୧୧(ଡି.ଏନ.ଏ.)**

**ପଦ୍ମପୁର ଉପନିର୍ବାଚନ**

ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଇକମାଲ ବ୍ଲକ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ପଦ୍ମପୁର ଉପନିର୍ବାଚନର କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ସମେତ କଂଗ୍ରେସର ଓଡିଶା ପ୍ରଭାରୀ ଏମ୍‌ପି ଡ଼ଃ ଏ ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ମହାନନ୍ଦ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ବାଙ୍କନିଧି ବେହେରା ପ୍ରମୁଖ ମଙ୍ଗଳବାର ନୃସିଂହନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଥିଲେ। ସେମାନେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ନୃସିଂହନାଥରୁ ବାହାରି ପାଇକମାଲ ଦେଇ ଅମଥି, ଝାରବନ୍ଧ, ଡୁଙ୍ଗୁରିପାଲି, ଗଉଡ଼ମାଲ, ଜଗଦଲପୁର ଦେଇ ପଦ୍ମପୁରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଝାରବନ୍ଧରେ ବ୍ଲକ କଂଗ୍ରେସ ସଭାପତି ମୁଜାଫର ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡି ବିଧାୟକ, ଭାଜପା ନେତାଙ୍କ ନାଁରେ ମାମଲା

**■ ଅପହରଣ ଅଭିଯୋଗ ନାଟକୀୟ ମୋଡ ନେଲା**

**■ ଭାଜପା ଟଙ୍କା ବାଣ୍ଟୁଥିବା ବିଜେଡିର ଅଭିଯୋଗ**

**■ ୨ ପୃଥକ୍ ମାମଲା ରୁଜୁ କରି ପୋଲିସର ତଦନ୍ତ**

**ଝାରବନ୍ଧ,୨୯।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ସବୁ ଦଳ ପ୍ରଚାରରେ ମାତିଛନ୍ତି। ସୋମବାର ସନ୍ଧ୍ୟାରେ ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଗୋଠୁଗୁଡ଼ା ପଞ୍ଚାୟତର ଭାଜପା ପ୍ରଭାରୀ ତଥା ସୁନ୍ଦରଗଡ଼ ଜିଲା ଜାରଙ୍ଗଲୋଇ ଗ୍ରାମର ଦିଲୀପ କୁମାର ସେନାପତି ଓରଫ୍ ପିଙ୍କୁଙ୍କୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ବନ୍ଧୁକ ମୁନରେ ଅପହରଣ କରିନେବା ଅଭିଯୋଗ ହଇଚଇ ସୃଷ୍ଟି କରିଥିଲା। ଭାଜପା ନେତା ସେନାପତି ରାତାରାତି ଉଦ୍ଧାର ହୋଇଛନ୍ତି। ଅନ୍ୟପଟେ ଏହି ଘଟଣା ଏବେ ନାଟକୀୟ ମୋଡ଼ ନେଇଛି। ସେନାପତିଙ୍କୁ ବିଧାୟକ ଦିଶାରୀ ଅପହରଣ କରିଥିବା ନେଇ ଭାଜପାର ଝାରବନ୍ଧ ମଣ୍ଡଳ ସଭାପତି ମିଳନ ପାଣ୍ଡେ ଏତଲା ଦେଇଥିଲେ। ଅପରପକ୍ଷେ ଭାଜପା ନେତା ସେନାପତି ସଲଡ଼ିହି ଗ୍ରାମରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବାଣ୍ଟୁଥିଲେ ବୋଲି ଗ୍ରାମର ବିଜେଡ଼ି ନେତା ଦେବାର୍ଚ୍ଚନ ବରିହା ଝାରବନ୍ଧ ଥାନାରେ ଏତଲା ଦେଇଛନ୍ତି।

ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତି କରି ଝାରବନ୍ଧ ପୋଲିସ ପୃଥକ୍ ୨ଟି ମାମଲା ରୁଜୁ କରିଛି। ଭାଜପା ନେତା ପାଣ୍ଡେଙ୍କ ଏତଲା ଅନୁଯାୟୀ ଲାଞ୍ଜିଗଡ଼ ବିଧାୟକ ଦିଶାରୀଙ୍କ ବିରୋଧରେ ଦଫା ୩୬୩, ୩୭୯, ୫୦୬, ୩୪ ଆଇପିସି ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି । ଅନ୍ୟପଟେ ବିଜେଡ଼ି ନେତା ବରିହାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଦଫା ୩୪୨, ୩୨୩, ୫୦୬, ୩୪ ଆଇପିସିରେ ଅନ୍ୟ ଏକ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ଏତଲା ପାଇବାର କିଛି ସମୟ ପରେ ସଲଡ଼ିହି ଗ୍ରାମରୁ ସେନାପତିଙ୍କୁ ଉଦ୍ଧାର କରାଯାଇଥିବା କହିଛନ୍ତି। ସେହିପରି ଉଭୟ ମାମଲାର ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ବେହେରା ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ଭାଜପା ନେତା ସେନାପତିଙ୍କୁ ସୋମବାର ସନ୍ଧ୍ୟାରେ ଲାଞ୍ଜିଗଡ଼ ବିଧାୟକ ଦିଶାରୀ ଏବଂ ତାଙ୍କ ସହଯୋଗୀମାନେ ଏକ ଇନୋଭା କାର୍‌ରେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ସଲଡ଼ିହି ଗ୍ରାମରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଭାଜପା ନେତା ସେନାପତି ଟଙ୍କା ବାଣ୍ଟୁଥିଲେ ବୋଲି ଗ୍ରାମର ବିଜେଡ଼ି ନେତା ବରିହା ଥାନାରେ ଅନ୍ୟ ଏକ ଏତଲା ଦେଇଥିଲେ ।

## ଜିଏସ୍‌ଟି ଚଢ଼ାଉକୁ ବିରୋଧ: ବିଧାୟିକା କୁସୁମ ଟେଟେଙ୍କ ନାଁରେ ମାମଲା

**ପଦ୍ମପୁର/ବରଗଡ଼ ଅଫିସ୍,୨୯।୧୧**

ବରଗଡ଼ ଜିଲା ପଦ୍ମପୁର ଏବଂ ପାଇକମାଲରେ ସୋମବାର ଜିଏସ୍‌ଟି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉକୁ ବିରୋଧ କରି ଉଭୟ ପଦ୍ମପୁର ଓ ପାଇକମାଲରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଜିଏସ୍‌ଟି ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ ସହିତ କିଛି କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଥିଲା। ଜିଏସ୍‌ଟି ଅଧିକାରୀମାନେ ଏ ନେଇ ଉଭୟ ପଦ୍ମପୁର ଏବଂ ପାଇକମାଲ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପଦ୍ମପୁର ଏବଂ ପାଇକମାଲ ଥାନାରେ ପୃଥକ୍ ୨ଟି ମାମଲା ରୁଜୁ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଭାଜପା ବିଧାୟିକା କୁସୁମ ଟେଟେ ଏବଂ ଅନ୍ୟ ଦଳୀୟ ନେତା ଅଭିଯୁକ୍ତ ରହିଛନ୍ତି। ପଦ୍ମପୁର ଥାନାରେ ଜିଏସ୍‌ଟି ଅଧିକାରୀଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୩୧୬/୨୨) ରୁଜୁ ହୋଇଛି। ଏଥିରେ ପଦ୍ମପୁର ନଗର ଭାଜପା ସଭାପତି ସୁନିଲ ଅଗ୍ରୱାଲ ଏବଂ ଅନ୍ୟମାନଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେହିପରି ପାଇକମାଲ ଥାନାରେ ଅନ୍ୟ ଏକ ମାମଲା (ନଂ.୨୭୭/୨୨) ରୁଜୁ ହୋଇଛି । ଏଥିରେ ସୁନ୍ଦରଗଡ଼ ଭାଜପା ବିଧାୟିକା କୁସୁମ ଟେଟେ, ପାଇକମାଲର ଭାଜପା ନେତା ଗୋବର୍ଦ୍ଧନ ଅଗ୍ରୱାଲ ଏବଂ ଅନ୍ୟମାନେ ଅଭିଯୁକ୍ତ ରହିଛନ୍ତି।



କୁସୁମ ଟେଟେ

# ଓଡ଼ିଶାକୁ ଉତ୍ତର ପ୍ରଦେଶ, ବିହାର ଭଳି ପରିଣତ କରିବାକୁ ଚେଷ୍ଟା କରାଯାଉଛି: ବିଜେଡି

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ମାତ୍ର ଭାଜପା ନିର୍ବାଚନୀ ତଥା ରାଜନୈତିକ ହିଂସା ଘଟାଇ ଓଡ଼ିଶାକୁ ଉତ୍ତର ପ୍ରଦେଶ କିମ୍ବା ବିହାରରେ ପରିଣତ କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି । ବିଜେଡି ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ଗତ ୨୪ଘଣ୍ଟା ମଧ୍ୟରେ ପଦ୍ମପୁର ଉପନିର୍ବାଚନରେ ଭାଜପାର ଆଇନ ବିରୋଧୀ ଆଚରଣ ରାଜ୍ୟବାସୀଙ୍କ ନିକଟରେ ସେମାନଙ୍କ ଅସଲ ମୁଖା ଖୋଲିଦେଇଛି। ସୋମବାର ସକାଳେ ପଦ୍ମପୁରର ୩ଟି ସ୍ଥାନରେ ଆଇଟି ଚଢ଼ାଉ ବେଳେ ସେହି ସ୍ଥାନରେ କୌଣସି ବିଜେଡି କର୍ମୀ କିମ୍ବା ନେତାଙ୍କୁ ଦେଖିବାକୁ ମିଳି ନ ଥିଲା । କିନ୍ତୁ ଯେତେବେଳେ ପଦ୍ମପୁରର ଏକ କପଡ଼ା ଦୋକାନରେ ଜିଏସ୍‌ଟି ଚଢ଼ାଉ କରାଗଲା ସେତେବେଳେ ଠାକୁର ରଣଜିତ ଦାସ, ପିଙ୍କି ପ୍ରଧାନ ଏବଂ କାଳନ୍ଦୀ ସାମଲ ୩ ଜଣ ଭାଜପା କର୍ମୀ ଜିଏସ୍‌ଟି ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କୁ ସରକାରୀ କାର୍ଯ୍ୟ ପାଳନ କରିବାରେ ବାଧା ସୃଷ୍ଟି କଲେ । ଯେତେବେଳେ ଜିଏସ୍‌ଟି ଟିମ୍ ଦୋକାନ ପରିସରରୁ ବାହାରକୁ ଯାଉଥିଲେ ଭାଜପା ନେତାମାନେ ଜଣେ ମହିଳା ଅଧିକାରୀଙ୍କ ପଛରେ ଦୌଡ଼ି ଆସି ଗାଡ଼ି ଭାଙ୍ଗିବା ସହିତ ତାଙ୍କୁ ଆକ୍ରମଣ କରିଛନ୍ତି। ସେହିପରି ଗୋଠୁଗୁଡା ପଞ୍ଚାୟତର ସାଲଡିହି ଗ୍ରାମରେ ଭାଜପା ନେତା ଓ କର୍ମୀମାନେ ଟଙ୍କା ବାଣ୍ଟୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ । ସେମାନେ ପଳାଇଯାଇଥିଲେ ଏବଂ ସେମାନଙ୍କ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ଉଦ୍ଦେଶ୍ୟରେ ସେମାନେ ଭାଜପା ନେତା ଦିଲୀପ ସେନାପତିଙ୍କ ମିଥ୍ୟା ଅପହରଣର ମାମଲା ଦାୟର କରିଥିଲେ। ଝାରବନ୍ଧରେ ଜଣେ ବିଜେଡି କର୍ମୀଙ୍କୁ ଏକ ଗାଁରେ ଭାଜପା କର୍ମୀମାନେ ବାନ୍ଧି ରଖିଥିଲେ ଯାହାଙ୍କୁ ପରେ ପୋଲିସ ଉଦ୍ଧାର କରିଥିଲା । ସୋମବାର ରାତି ୨ଟାରେ ଭାଜପା ବିଧାୟିକା କୁସୁମ ଟେଟେଙ୍କ ସହ ୧୦୦ ଜଣ କର୍ମୀ ଜିଏସ୍‌ଟି ଚଢ଼ାଉ ଚାଲିଥିବା ବ୍ୟବସାୟୀ ଗୋବର୍ଦ୍ଧନ ଅଗ୍ରୱାଲଙ୍କ ଘରେ ପଶିଥିଲେ। ପ୍ରଶାସନିକ ତଥା ଆଇନଗତ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲେ ବୋଲି ସସ୍ମିତ କହିଛନ୍ତି।

# 'କାହା ଟଙ୍କା ଧରାପଡ଼ିବା ଭୟରେ ଡରୁଛି ଭାଜପା'





**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

**ସିଇଓଙ୍କୁ ଫେରାଦ ହୋଇ ଅଭିଯୋଗ କଲା ବିଜେଡି**

ସୋମବାର ସନ୍ଧ୍ୟାରେ ପଦ୍ମପୁର ଜଗଦମ୍ବା କ୍ଲଥ୍ ଷ୍ଟୋରରେ ଜିଏସ୍‌ଟି ଚଢ଼ାଉ ସମୟରେ ଭାଜପାର ୩ ଜଣ ନେତା ଠାକୁର ରଣଜିତ ଦାସ, ପିଙ୍କି ପ୍ରଧାନ ଏବଂ କାଳନ୍ଦୀ ସାମଲ ଜାଣିଶୁଣି ଗଣ୍ଡଗୋଳ ଭିଆଇଥିବା ଅଭିଯୋଗ ଆଣିଛି ବିଜେଡି। ଏହି ମର୍ମରେ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇ ଉକ୍ତ ୩ଭାଜପା ନେତାଙ୍କୁ ପଦ୍ମପୁରରୁ ତଡ଼ିପାର କରିବା ସହ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରାଯାଇଛି। ସେହିପରି ପଦ୍ମପୁରରେ ସର୍ଭେଲାନ୍ସ ବଢ଼ାଇବାକୁ ବିଜେଡି ଦାବି କରିଛି। ବିଜେଡି ପକ୍ଷରୁ କୁହାଯାଇଛି, ଜିଏସ୍‌ଟି ଟିମ୍‌ର ଜଣେ ମହିଳା ଅଧିକାରୀଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିବା ସହ ଭାଜପା କର୍ମୀମାନେ ଗାଡ଼ି ପୋଡ଼ିଛନ୍ତି। କାହା ଟଙ୍କା ଧରାପଡ଼ିବା ଭୟରେ ଭାଜପା ଏଭଳି କାଣ୍ଡ କରିଛି ବୋଲି ବିଜେଡି ପ୍ରଶ୍ନ କରିଛି। କେଉଁ କେନ୍ଦ୍ରମନ୍ତ୍ରୀଙ୍କ ଟଙ୍କା ଧରାପଡ଼ିବାର ଭୟ ରହିଥିଲା। ଭାଜପା ଏସବୁ ପ୍ରଶ୍ନର ଉତ୍ତରଦେବା ଦରକାର ବୋଲି ବିଜେଡି କହିଛି। ସେହିପରି ଭାଜପା ନେତା ଦିଲୀପ କୁମାର ସେନାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶାସକ ଦଳ ଦାବି କରିଛି। ସେ ବିଜେଡି କର୍ମୀଙ୍କୁ ଶାରୀରିକ ନିର୍ଯାତନା ଦେବା ସହିତ ପଦ୍ମପୁରରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବାର ବିଜେଡି ଅଭିଯୋଗ ଆଣିଛି।

## ଠିକାଦାରଙ୍କ ଘରେ ଚଢ଼ାଉ

ପଦ୍ମପୁର.୨୯।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଏନ୍‌ଏସି ୱାର୍ଡ଼ ନଂ-୪ ନିବାସୀ ଜଣେ ଠିକାଦାର ପ୍ରତାପ ପଟ୍ଟନାୟକଙ୍କ ଘରେ ମଙ୍ଗଳବାର ରାତିରେ ଉପନିର୍ବାଚନ ପାଇଁ ଗଠିତ ପୋଲିସର ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରିଛି। ତେବେ କାହିଁକି ଚଢ଼ାଉ ହୋଇଛି, ତାହା ଜଣାପଡ଼ିନାହିଁ। ଉପନିର୍ବାଚନ ବେଳେ ଫ୍ଲାଇଂ ସ୍କ୍ୱାଡ୍‌ର ଏହି ଚଢ଼ାଉ ଚର୍ଚ୍ଚାର ବିଷୟ ହୋଇଛି। ଚଢ଼ାଉବେଳେ ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ।

## ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ପଦ୍ମପୁର.୨୯।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ନେଇ ହିଂସା ଘଟଣା ପଦାକୁ ଆସିବାରେ ଲାଗିଛି। ସୋମବାର ଝାରବନ୍ଧରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅପହରଣ ଅଭିଯୋଗ ହୋଇଥିବାବେଳେ ଭାଜପା କର୍ମୀମାନେ ବିଜେଡ଼ି କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ କରିଥିବା ପାଲଟା ଅଭିଯୋଗ ହୋଇଥିଲା। ଅନ୍ୟପଟେ ମଙ୍ଗଳବାର ପଦ୍ମପୁର ଥାନା ପୁରେନା ଗ୍ରାମରେ ଜଣେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ବିଜେଡ଼ି କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଉପନିର୍ବାଚନ ସମୟରେ ଏଭଳି ଆକ୍ରମଣ, ପ୍ରତି ଆକ୍ରମଣ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଟଙ୍କା ମୁଣି ଧରି ବୁଲୁଛନ୍ତି ନବ ଦାସ: ଧର୍ମେନ୍ଦ୍ର

**ପାଇକମାଲ, ୨୯।୧୧ (ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ପାଇଁ ମତଦାନକୁ ଆଉ ସପ୍ତାହେ ବାକି ଥିବାରୁ ସବୁଦଳର ହେଭିୱେଟ୍ ନେତା ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଏହି କ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ପାଇକମାଲ ବ୍ଲକ ମାଣ୍ଡୋସିଲ ଧାନମଣ୍ଡି ସମ୍ମୁଖରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ ତାଙ୍କ ଭାଷଣରେ କହିଥିଲେ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କଂଗ୍ରେସରେ ଥିବା ବେଳେ କଂଗ୍ରେସକୁ ବୁଡାଇଲେ। ଏବେ ବିଜେଡିକୁ ଆସି ନବୀନଙ୍କୁ ବୁଡାଇବେ। ସ୍ୱାସ୍ଥ୍ୟ ମନ୍ତ୍ରୀ ପଦ୍ମପୁର ନିର୍ବାଚନରେ ଟଙ୍କା ମୁଣି ଧରି ବୁଲୁଛନ୍ତି ବୋଲି ସେ କହିଥିଲେ। କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ, କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ବୃଦ୍ଧି କରି ଚାଷୀଙ୍କ ସୁଖ ଦୁଃଖରେ ରହିଛି। ହେଲେ ବିଜେଡି ସରକାର ମିଲ୍ ମାଲିକଙ୍କ ସହ ମଧୁଚନ୍ଦ୍ରିକା କରି ଚାଷୀଙ୍କୁ ହଇରାଣ କରୁଛନ୍ତି। ବରଗଡ-ନୂଆପଡା ଭାୟା ପଦ୍ମପୁର ଦେଇ ନୂତନ ରେଳପଥ ପାଇଁ ରାଜ୍ୟ ସରକାର ଆଜି ଜାଗା ଦେଲେ କେନ୍ଦ୍ର ସରକାର କାଲି କାମ ଆରମ୍ଭ କରିବେ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ। ମାଣ୍ଡୋସିଲ ମଣ୍ଡଳ ଭାଜପା ସଭାପତି ଲଳିତ ଜଗତ ସଭା ପରିଚାଳନା କରିଥିଲେ। ଏହି ସଭାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପଦ୍ମପୁର ଉପନିର୍ବାଚନ ପ୍ରାର୍ଥୀ ପ୍ରଦୀପ ପୁରୋହିତ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।



ରୋଡ୍ ଶୋ'ରେ ଭାଜପା ପ୍ରାର୍ଥୀ ଓ ଦଳୀୟ ନେତୃବୃନ୍ଦ।

## ପ୍ରିୟାଂଶୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,(ବ୍ୟୁରୋ)-ଅନ୍ତର୍ଜାତୀୟସ୍ତରରେ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଥିବା ଓଡ଼ିଆ ଝିଅ ପ୍ରିୟାଂଶୀ ଜେନାଙ୍କୁ ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଲଭ୍‌ଷ୍ଟାର ସୋସିଆଲ ୱାର୍କ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରିୟାଂଶୀ ଭୁବନେଶ୍ୱରରେ ପହଞ୍ଚିବା ପରେ ଟ୍ରଷ୍ଟର ଅଧକ୍ଷ କିଶୋର ଚନ୍ଦ୍ର ଦିଗାଲ, ସିଦ୍ଧାନ୍ତ ନାୟକ, ପଶୁପ୍ରେମୀ ପ୍ରଦୀପ ଦାସ ପ୍ରମୁଖ ପ୍ରିୟାଂଶୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୬ରୁ ନୂଆଦିଲ୍ଲୀରେ ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଆଇକନ ଅନୁଷ୍ଠିତ ହୋଇଥିଲା। ଏଥିରେ ୮୨୦୦ ପ୍ରତିଯୋଗୀଙ୍କ ମଧ୍ୟରୁ ୯୩ ଜଣ ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ଦିବାକର ପରିଡ଼ାଙ୍କ ଜୟନ୍ତୀ, ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଶହୀଦ ଦିବାକର ପରିଡ଼ାଙ୍କ ଜୟନ୍ତୀ ଅବସରରେ ସ୍ମୃତିଚାରଣ ସଭା, ପ୍ରତିମୂର୍ତ୍ତିସ୍ଥଳ, ପୂର୍ବାହ୍ନ ୯ଟା।
- ଜାତୀୟ ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ବଚନ୍ ମେମୋରିଆଲ୍ ଫୁଟବଲ୍ ଟୁର୍ନାମେଣ୍ଟ-୨୦୨୨, ଓସିଏ କ୍ଲବ, ଅପରାହ୍ନ ୧ଟା।
- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୨, ଜନତା ମଇଦାନ, ଅପରାହ୍ନ ୫ଟା ୩୦।
- ବ୍ରହ୍ମାକୁମାରୀ ଓମ୍ ନିବାସ ପକ୍ଷରୁ 'ଦିବ୍ୟ ମହାକୁମ୍ଭ' ମେଳାର ଆଲୋଚନାଚକ୍ର, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନରାଙ୍କ ୮୩ତମ ଜୟନ୍ତୀ ପାଳନ, ନହରକଣ୍ଟା, ଶ୍ରୀଜୟଦେବ କଲେଜ ପରିସର, ସକାଳ ୭ଟା ୩୦।

# ଶିଶୁଙ୍କ ସାମୂହିକ ବିକାଶ ପାଇଁ ହେବ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

### ରାଜ୍ୟ ସରକାର -ଏଆଇଏଫ୍ ମଧ୍ୟରେ ଚୁକ୍ତି

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଆମେରିକାନ୍ ଇଣ୍ଡିଆନ୍ ଫାଉଣ୍ଡେଶନ (ଏଆଇଏଫ୍) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ନିତ୍ୟାନନ୍ଦ ବାରିକ ଏବଂ ଆମେରିକାନ୍ ଇଣ୍ଡିଆନ୍ ଫାଉଣ୍ଡେଶନ ପକ୍ଷରୁ ଏହାର ନିର୍ଦ୍ଦେଶକ ମାଥ୍ୟୁ ଜୋଶେଫ୍ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ କହିଲେ, ଶିଶୁ ଖାଦ୍ୟରେ ଉତ୍କର୍ଷ ଆଣିବା ଓ ସେମାନଙ୍କ ଗୁରୁତର ପୁଷ୍ଟିହୀନତାକୁ ରୋକିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଅନେକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି। ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା ଓ ଗୋପବନ୍ଧୁ ନଗର ବ୍ଲକ୍‌ରେ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପ୍ରାରମ୍ଭିକ ଶିକ୍ଷା ପାଇଁ ପ୍ରସ୍ତୁତି ସମ୍ବନ୍ଧୀୟ ସମନ୍ୱିତ କାର୍ଯ୍ୟକ୍ରମରେ ଆମ ବିଭାଗ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେଶନ ସହଯୋଗରେ ଶିଶୁଙ୍କ ସାମୂହିକ ବିକାଶ ଉଦ୍ଦେଶ୍ୟରେ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯିବ। ଏହି ଦୁଇ ବ୍ଲକ୍‌ର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ୬ମାସରୁ ୩ବର୍ଷର ପିଲାଙ୍କୁ ଗରମ ରନ୍ଧାଖାଦ୍ୟ ଦିଆଯିବ। ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାଠାରୁ ଏହି ପଦକ୍ଷେପ ଅଧିକ ଫଳପ୍ରଦ ହେବ। ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ପାଇଁ ପ୍ରସ୍ତୁତି ଓ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ କମାଇବା ପାଇଁ ଏହି ପଦକ୍ଷେପ ପ୍ରଭାବୀ ଓ ଫଳପ୍ରସୂ ହେବ। ଦୁଇଟିଯାକ ବ୍ଲକ୍‌ରେ ଅପପୁଷ୍ଟି ଭୋଗୁଥିବା ଶିଶୁଙ୍କ ପୁଷ୍ଟିସାଧନ ଦିଗରେ ଏହି ପଦକ୍ଷେପ ନିର୍ଣ୍ଣାୟକ ଭୂମିକା ନେବ। ଶିଶୁଙ୍କର ପ୍ରାକ୍-ବିଦ୍ୟାଳୟ ପ୍ରସ୍ତୁତିକୁ ଅଧିକ ଜୋରଦାର କରିବା ସହ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିପାରିବ ବୋଲି ମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ ୨ ଲକ୍ଷ ୫୦ ହଜାର ଗୋଷ୍ଠୀ ସଦସ୍ୟ, ୬ ବର୍ଷରୁ କମ୍ ୨୦ ହଜାର ପିଲା ଓ ୧୨ ହଜାର କିଶୋରଙ୍କ ହିତସାଧନ ନିମନ୍ତେ ଉଦ୍ଦିଷ୍ଟ। ମୟୂରଭଞ୍ଜ ଜିଲାର ଦୁଇଟି ବ୍ଲକ୍‌ର ୩୮୮ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ପାଇଲଟ୍ ପ୍ରୋଜେକ୍ଟ କାମ କରିବ।

ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା କହିଲେ, ମୟୂରଭଞ୍ଜର ଏହି ଦୁଇଟି ବ୍ଲକ୍‌ର ଶିଶୁଙ୍କ ପୁଷ୍ଟିସାଧନ, ଖାଦ୍ୟରେ ଉନ୍ନତି ଓ ସେମାନଙ୍କ ସାମୂହିକ ବିକାଶ ଉଦ୍ଦେଶ୍ୟରେ ଏହି ପ୍ରୋଜେକ୍ଟ ସଫଳତା ହାସଲ କରିବ। ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇଥିବା ମୟୂରଭଞ୍ଜର ଜିଲାପାଳ ବିନିତ୍ ଭରଦ୍ୱାଜ, ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେଶନ ନିର୍ଦ୍ଦେଶକ ମାଥ୍ୟୁ ଜୋଶେଫ୍, ପ୍ରୋଜେକ୍ଟ ନିର୍ଦ୍ଦେଶକ ରାଜକମଲ ଶର୍ମା ପ୍ରମୁଖ ଏହି ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ଅତିରିକ୍ତ ସଚିବ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଦେଇଥିଲେ।



ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍‌ଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

## ଜାଗା ମିଶନରେ ଦୁର୍ନୀତି ଅଭିଯୋଗ

### ୨ ନିର୍ବାହୀ ଅଧିକାରୀଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**ମଙ୍ଗୁଳି/ଜଗତପୁର,୨୯।୧୧(ଡି.ଏନ.ଏ)**

ଜାଗା ମିଶନ ଚୟନରେ ଚୌଦ୍ୱାର ପୌରପାଳିକାରେ ଦୁର୍ନୀତି ହୋଇଥିବାନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ପୂର୍ବତନ ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଓ ବର୍ତ୍ତମାନର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କୁ ଡିସେମ୍ବର ୨୦ରେ ବ୍ୟକ୍ତିଗତ ଭାବେ ହାଜିର ହେବାକୁ ନୋଟିସ ପଠାଯାଇଛି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ମନୋଜ ସାହୁ ଏବଂ ଶ୍ରୀକାନ୍ତ ପାକଳ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କିତ ତଥ୍ୟ ସୂଚନା ଅଧିକାରୀ ଆଇନ ବଳରେ ମିଳିଛି ବୋଲି ସେମାନେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ଅନୁସାରେ ୨୦୧୭ ପୂର୍ବରୁ ବସ୍ତିରେ ରହୁଥିବା ଯେଉଁ ହିତାଧିକାରୀଙ୍କ ନିଜସ୍ୱ ପଟ୍ଟା ନ ଥିବ ସେମାନଙ୍କୁ ଜାଗା ମିଶନ ଯୋଜନାରେ ସାମିଲ କରାଯିବ। ଏହି ନିୟମ ଅନୁଯାୟୀ, ଚୌଦ୍ୱାର ପୌରପାଳିକାରେ ଏକ ଏନ୍‌ଜିଓ ସର୍ଭେ କରି ଏଠାରେ ୭୯୩ ଜଣ ଜାଗା ପାଇବା ପାଇଁ ଯୋଗ୍ୟ ବୋଲି ରିପୋର୍ଟ ଦେଇଛି। ସେଥିରୁ କେବଳ ୧୦ନମ୍ବର ୱାର୍ଡରୁ ୩୨୪ ଜଣ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ମାତ୍ର ଏହା ମଧ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦୁଇ ମହଲା ବା ତିନିମହଲା କୋଠା ଘର ଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୮ରେ ପୌରପାଳିକାର ୯ଟି ସ୍ୱୀକୃତିପ୍ରାପ୍ତ ଓ ୮ଟି ଅଣସ୍ୱୀକୃତିପ୍ରାପ୍ତ ବସ୍ତିକୁ ମିଶାଇ ମୋଟ ୧୭ଟି ବସ୍ତି ଥିଲା। କିନ୍ତୁ ୨୦୨୦ରେ ମିଳିଥିବା ତଥ୍ୟ ଅନୁସାରେ, ୧୭ ବସ୍ତି ବଦଳରେ ୧୫ଟି ବସ୍ତି ଉଲ୍ଲେଖ କରାଯାଇଛି। ଏହାଛଡ଼ା ଅନେକ ବସ୍ତିକୁ ବଦଳାଇ ୧୦ ନମ୍ବର ୱାର୍ଡରୁ ୫ଟି ନୂଆ ବସ୍ତି ଏବଂ ଅନ୍ୟ ଅଣସ୍ୱୀକୃତିପ୍ରାପ୍ତ ବସ୍ତିକୁ ମିଶାଯାଇ ହିତାଧିକାରୀଙ୍କ ନୂଆ ତାଲିକା ପ୍ରସ୍ତୁତ କରାଯାଇଛି। ଏପରିକି ବସ୍ତି ତାଲିକାରେ ଥିବା ମଠସାହି, ଗୋପାଳନଗର ଓ ଜୟନ୍ତୀନଗରକୁ ତାଲିକାରୁ ବାଦ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଗର୍ଭାଶୟ କର୍କଟ ନିରାକରଣ କାର୍ଯ୍ୟକ୍ରମ ଅନୁଧ୍ୟାନ କଲେ ନରୱେ ରାଷ୍ଟ୍ରଦୂତ




କାର୍ଯ୍ୟକ୍ରମରେ ସିଏମସି ମେୟର ସୁବାସ ସିଂ, କମିଶନର ନିଖିଲ ପଵନ କଲ୍ୟାଣ, ନରୱେର ରାଷ୍ଟ୍ରଦୂତ ହାନ୍ସ ଜ୍ୟାକବ୍ ଏବଂ ଅନ୍ୟ ଅତିଥିବୃନ୍ଦ।

**କଟକ ଅଫିସ,୨୯।୧୧**

### କଟକରେ ଦେଶର ପ୍ରଥମ ପାଇଲଟ୍ ପ୍ରୋଜେକ୍ଟ

ନରୱେର ରାଷ୍ଟ୍ରଦୂତ ହାନ୍ସ ଜ୍ୟାକବ୍ ମଙ୍ଗଳବାର କଟକରେ ପହଞ୍ଚି ସହରରେ ଚାଲିଥିବା ଗର୍ଭାଶୟ କର୍କଟ ନିରାକରଣ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଛନ୍ତି। ପୂର୍ବାହ୍ନରେ ସେ ଥୋରିଆସାହିସ୍ଥିତ କଟକ ମହାନଗର ତଥା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀ ଓ ହିତାଧିକାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ସେ ଏଥିରେ ସନ୍ତୋଷ ପ୍ରକାଶ କରି ଏହା ଦେଶର ସର୍ବପ୍ରଥମ ପାଇଲଟ୍ ପ୍ରୋଜେକ୍ଟ ବୋଲି ଅଭିହିତ କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ମହିଳାମାନଙ୍କୁ ସଚେତନ କରାଇବା ଓ ସେମାନଙ୍କୁ ଚିକିତ୍ସା କେନ୍ଦ୍ରକୁ ଆଣି ପରାମର୍ଶ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଇଥିବା ଆଶାକର୍ମୀ ଓ ଏଏନ୍‌ଏମ୍‌ମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ସିଏମସି ମେୟର ସୁବାସ ସିଂ, କମିଶନର ନିଖିଲ ପଵନ କଲ୍ୟାଣ, ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର, କଟକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟଙ୍କ ସମେତ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ଦେଶରେ ଗର୍ଭାଶୟ କର୍କଟ ଏକ ଜଟିଳ ରୂପ ଧାରଣ କରୁଥିବା ସଂକ୍ରାନ୍ତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ରିପୋର୍ଟ ପ୍ରକାଶ ପାଇବା ପରେ 'ନରୱେ-ଇଣ୍ଡିଆ ପାର୍ଟନରସିପ୍ ଇନିସିଏଟିଭ୍'(ଏନଆଇପିଆଇ) ପକ୍ଷରୁ ଦେଶରେ ଗର୍ଭାଶୟ କର୍କଟ ନିରାକରଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କିଛି ଦିନ ପୂର୍ବେ ଦେଶର ପ୍ରଥମ ପାଇଲଟ୍ ପ୍ରୋଜେକ୍ଟ ଭାବେ ଏହି କାର୍ଯ୍ୟକ୍ରମ କଟକରେ କାର୍ଯ୍ୟକାରୀ କରାଯାଇଥିଲା । ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଜରିଆରେ 'ସିଟି ହେଲଥ୍ ସୋସାଇଟି' ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଥୋରିଆସାହି ଓ ଆଖପାଖ ଅଞ୍ଚଳର ୩୦ରୁ ୬୫ ବର୍ଷର ମହିଳାଙ୍କର ଗର୍ଭାଶୟ ପରୀକ୍ଷା କରାଯାଇ ୨୯ ଜଣଙ୍କର ଚିକିତ୍ସା କରାଯାଇଥିଲା ।

## ୮ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ୨୧୭ କେଜି ଗଞ୍ଜେଇ ପୋଡ଼ାଗଲା

**ଭୁବନେଶ୍ୱର (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ, ୨୯।୧୧**

ଓଡ଼ିଶା ପୋଲିସ ଦ୍ୱାରା ଜବତ ନିଶାଦ୍ରବ୍ୟକୁ ଏ ସଂକ୍ରାନ୍ତ ମାମଲାର ବିଚାର ପୂର୍ବରୁ ନଷ୍ଟ କରାଯିବା ଅଭିଯାନ ଜାରି ରହିଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପୁଣି ଥରେ ବିପୁଳ ପରିମାଣର ବ୍ରାଉନସୁଗାର ଓ ଗଞ୍ଜେଇ ପୋଡ଼ି ନଷ୍ଟ କରିଛି। ଏସ୍‌ଟିଏଫ୍ ମାମଲା (ନଂ. ୩/୨୦୨୦, ୯/୨୦୨୦, ୨୦/୨୦୨୦, ୦୯/୨୦୨୧, ୧୮/୨୦୨୧, ୦୩/୨୦୨୨)ରେ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ୮ କେଜି ୭୪୬ ଗ୍ରାମ ବ୍ରାଉନସୁଗାରକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟିଙ୍କ ନିଷ୍ପତ୍ତିକ୍ରମେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ପୋଡ଼ି ଦିଆଯାଇଛି। ସେହିପରି ଏସ୍‌ଟିଏଫ୍ କେସ୍ (ନଂ.୦୧/୨୦୧୭)ରେ ଜବତ ୨୧୭ କେଜି ୪୦୦ ଗ୍ରାମ ଗଞ୍ଜେଇ ପୋଡ଼ାଯାଇଛି। ଏହି ସମୟରେ ଏସ୍‌ଟିଏଫ୍ ଏସ୍‌ପି, ଡିଏସ୍‌ପି, ଅବକାରୀ ଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ଏଯାବତ ଏସ୍‌ଟିଏଫ୍ ୨୧ କେଜି ୫୬୧ ଗ୍ରାମ ବ୍ରାଉନସୁଗାର ଏବଂ ୧୮ କୁଇଣ୍ଟାଲ ୧୭ କେଜି ଗଞ୍ଜେଇ ନଷ୍ଟ କରିଛି। ଓଡିଶା ପୋଲିସ ଏଯାବତ ୩୩୩ କୁଇଣ୍ଟାଲ ୪୯ କେଜି ୯୨୮ ଗ୍ରାମ ଗଞ୍ଜେଇ ଓ ୨୪ କେଜି ୫୬୮ ଗ୍ରାମ ବ୍ରାଉନସୁଗାର ନଷ୍ଟ କରିଛି।

### ଅଧସ୍ତନ କର୍ମଚାରୀଙ୍କଠୁ ଲାଞ୍ଚ ନେବା ମାମଲା

# 'ମାର୍କଫେଡ୍'ର ପୂର୍ବତନ ମ୍ୟାନେଜରଙ୍କୁ ୩ ବର୍ଷ ଜେଲ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

- ୧୯ ବର୍ଷ ପରେ ରାୟ ପ୍ରକାଶ
- ୧୦ ହଜାର ଲାଞ୍ଚ ନେଇ ଧରାପଡ଼ିଥିଲେ ନବକିଶୋର

ଷ୍ଟେଟ୍ କୋଅପରେଟିଭ୍ ମାର୍କେଟିଂ ଫେଡରେଶନ୍ ଲିମିଟେଡ୍ (ମାର୍କଫେଡ୍)ର ଅଧସ୍ତନ କର୍ମଚାରୀଙ୍କଠୁ ଲାଞ୍ଚ ନେବା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା 'ମାର୍କଫେଡ୍'ର ପୂର୍ବତନ ମ୍ୟାନେଜର (ଇନ୍‌ପୁଟ୍) ନବ କିଶୋର ପଟ୍ଟନାୟକଙ୍କୁ ୩ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୧୦ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ୩ୟ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସସ୍ମିତା ପାଢ଼ୀ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୦୩ ମସିହାରେ ହୋଇଥିବା ଇଫ୍‌କୋ ୟୁରିଆ ସାର ଦୁର୍ନୀତି ମାମଲାରେ ନବ କିଶୋର ପଣ୍ଡାଙ୍କୁ ସରକାରଙ୍କ ପକ୍ଷରୁ ବିଭାଗୀୟ ତଦନ୍ତ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ସମୟରେ 'ମାର୍କଫେଡ୍'ର ଅଧସ୍ତନ କର୍ମଚାରୀ ତଥା କଟକ ଏରିଆ ମ୍ୟାନେଜର ସୁଶାନ୍ତ କୁମାର ଜେନାଙ୍କୁ ଦୁର୍ନୀତି ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲେ। ସୁଶାନ୍ତଙ୍କଠୁ ଏଥିପାଇଁ ନବ କିଶୋର ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଏହା ୧୦ ହଜାର ଟଙ୍କାରେ ଛିଡ଼ିଥିଲା। ଏନେଇ ସୁଶାନ୍ତ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୋଗ କରିଥିଲେ। ୨୦୦୩ ଡିସେମ୍ବର ୯ରେ ବାପୁଜୀନଗରସ୍ଥିତ ଏକ ହୋଟେଲରେ ନବକିଶୋର ଏହି ଲାଞ୍ଚ ଟଙ୍କା ନେବାକୁ ସ୍ଥିର ହୋଇଥିଲା। ନବକିଶୋର ଟଙ୍କା ନେବାବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୬୪/୨୦୦୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ମାମଲାରେ ୮ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ଦୁର୍ନୀତି ସଂକ୍ରାନ୍ତରେ ପ୍ରମାଣ ପାଇବା ପରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଜ୍ଞା



@ ପ୍ରଦୋଷ



@ ଚନ୍ଦ୍ରମଣି



@ ଶାନ୍ତନୁ



@ ଅମର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।






ଭୁବନେଶ୍ୱର ଜନତା ମଇଦାନରେ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ମେକ୍ ଇନ୍ କନ୍‌କ୍ଲେଭ -୨୦୨୨ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। (ଫଟୋ: ବିକାଶ)



ରାଜ୍ୟ ଜଳସମ୍ପଦ ବିଭାଗ ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ଜଳ ସଂରକ୍ଷଣ ସଂକ୍ରାନ୍ତ ସଚେତନତା କର୍ମଶାଳା। (ଫଟୋ: ମନୋରଞ୍ଜନ)



ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବିଶାଳ ସମାବେଶ ଓ ଧାରଣା। ଫଟୋ: ମନୋରଞ୍ଜନ

# ୧୦ ଦଫା ଦାବିରେ ଆଶାକର୍ମୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)**

ବିଧାନସଭା ଶୀତ ଅଧିବେଶନ ଅବସରରେ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରିବା ପାଇଁ ମଙ୍ଗଳବାର ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ରାସ୍ତାକୁ ଓହ୍ଲାଇଛି। ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ହଜାର ହଜାର ଆଶାକର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ଘୋଷଣା କରିବା, ସର୍ବନିମ୍ନ ୧୮ହଜାର ଟଙ୍କା ମାସିକ ବେତନ ଦେବା, ଇପିଏଫ୍ ଓ ଇଏସ୍‌ଆଇ ଲାଗୁ କରିବା, ଯୋଗ୍ୟ ଆଶାକର୍ମୀଙ୍କୁ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି ଦିଆଯିବା, ଆକସ୍ମିକ ମୃତ୍ୟୁରେ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ସହ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା ଆଦି ଦାବିରେ ଲୋୟର ପିଏମ୍‌ଜିରେ ଆଶାକର୍ମୀ ଆନ୍ଦୋଳନରେ ବସିଥିଲେ। ସଂଘ ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି କହିଛନ୍ତି, କର୍ମଜୀବୀ ମହିଳା ତଥା ଆଶାକର୍ମୀମାନେ କରୋନା ସମୟରେ ଦୁଃସାହସର ସହିତ ସେବା କରିଥିଲେ। ତେବେ ମହିଳା ସଶକ୍ତୀକରଣର ଡିଣ୍ଡିମ ପିଟୁଥିବା ସରକାର ଏହାକୁ ଭୁଲିଯାଇ ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ସେହିପରି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଡାକ୍ତର ଓ ଅନ୍ୟ ମେଡିକାଲ ଷ୍ଟାଫ୍‌ମାନେ ଆଶାକର୍ମୀଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ ସହ ନିର୍ଯାତନା ଦେଉଛନ୍ତି। ସେମାନଙ୍କ ଚାକିରୀର ସ୍ଥାୟିତ୍ୱ ନ ଥିବାରୁ ଉପରିସ୍ଥ ଅଧିକାରୀ ତଥା ନିଯୁକ୍ତିଦାତାଙ୍କ ଧମକ ଓ ଶୋଷଣର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି ବୋଲି ସଭାନେତ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

# ପିପିଇ କିଟ୍ ପିନ୍ଧି ପ୍ରତିବାଦ




ପିପିଇ କିଟ୍ ପିନ୍ଧି ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା।

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ପିପିଇ କିଟ୍ ପିନ୍ଧି ମଙ୍ଗଳବାର ଲୋୟର ପିଏମଜିରେ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ଓଡ଼ିଶା ଏଏନ୍‌ଏମ ୱାର୍କର୍ସ ୟୁନିୟନ ପକ୍ଷରୁ ୩ଦଫା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୋଭିଡ୍ ମହାମାରୀ ସମୟରେ ଗାଁରୁ ସହର ବୁଲି ବୁଲି ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିବା ସ୍ୱାସ୍ଥ୍ୟକର୍ମୀ ତଥା କୋଭିଡ୍ ଯୋଦ୍ଧାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଏହି ଆନ୍ଦୋଳନ କରାଯାଇଛି। ମଙ୍ଗଳବାର ଧାରଣାସ୍ଥଳରେ ପୂର୍ବରୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ବୟସ ସୀମା ନ ନରଖି ବିନା ପରୀକ୍ଷାରେ ସ୍ଥାୟୀ ସେବା ପ୍ରଦାନ କରାଯାଉ ବୋଲି ଆନ୍ଦୋଳନରତ କର୍ମୀ କହିଛନ୍ତି। ସେହିପରି ସରକାରଙ୍କ ଘୋଷିତ ୫ ପ୍ରତିଶତ ଗ୍ରେସ୍ ମାର୍କକୁ ବାତିଲ କରି ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଦାବି କରାଯାଇଛି। ମହାମାରୀ ସମୟରେ ନିଜ ପରିବାରକୁ ଭୁଲି ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ପର କରିଦେଇଥିବା କହି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ତାଲିମପ୍ରାପ୍ତ ବେକାରି ଚକ୍ଷୁ ସହାୟକ ସଂଘର ଧାରଣା




**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

୪ଦଫା ଦାବି ନେଇ ତାଲିମପ୍ରାପ୍ତ ବେକାରି ଚକ୍ଷୁ ସହାୟକ ସଂଘ ପକ୍ଷରୁ ଲୋୟର ପିଏମଜିରେ ଧାରଣା ଦିଆଯାଇଛି। ଖୁବ୍ ଶୀଘ୍ର କ୍ୟାଡର୍ ରୁଲ୍ ଲାଗୁ, ସ୍ଥାୟୀ ନିଯୁକ୍ତି ପ୍ରଦାନ, ଖାଲି ଥିବା ପଦବୀ ପୂରଣ ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଠିକା ନିଯୁକ୍ତି ବନ୍ଦ କରିବା ଦାବିରେ ଚକ୍ଷୁ ସହାୟକ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ଚକ୍ଷୁ ସହାୟକ ପଦବୀରେ ଚକ୍ଷୁ ଚିକିତ୍ସା ସମ୍ପର୍କିତ ବିଭିନ୍ନ ସେବା ପ୍ରଦାନ କରି ଆସୁଛନ୍ତି। ତେବେ ଦୀର୍ଘ ୩୦ ବର୍ଷ ପରେ ସ୍ୱାସ୍ଥ୍ୟ ବିଭାଗରେ ଚକ୍ଷୁ ସହାୟକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା କରାଯାଇ ମାର୍କ ଭିତ୍ତିରେ ଦୁଇ ବ୍ୟାଚ୍‌ରେ ୧୮୦ ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସରକାରୀ ମେଡିକାଲ କଲେଜରେ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅନୁଷ୍ଠାନରେ ପ୍ରଶିକ୍ଷଣ ଦିଆଯାଇଥିଲା। ତେବେ ତାଲିମ ସରିବା ପରେ ମଧ୍ୟ ଖାଲିପଡ଼ିଥିବା ପଦବୀରେ ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ତେବେ ସେମାନଙ୍କର ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହି ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

# ସରକାର ନ ଶୁଣିବା ପର୍ଯ୍ୟନ୍ତ ଏଠି ପଡ଼ି ରହିବୁ

**ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ୩ ଦିନ ହେଲା ବିଭିନ୍ନ ଦାବିନେଇ ପ୍ରାଥମିକ ଶିକ୍ଷକ, ଅଙ୍ଗନୱାଡ଼ି ସଂଘ, ଆଶା କର୍ମୀ ଆଦି ପକ୍ଷରୁ ଆନ୍ଦୋଳନ କରାଯାଉଛି। ଦିନ ସମୟରେ ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆନ୍ଦୋଳନକାରୀମାନେ ଆସୁଥିବାରୁ ଟ୍ରାଫିକ୍ ଜାମ୍ ହେବା ସହ ମାଷ୍ଟରକ୍ୟାଣ୍ଟିନ୍‌ରୁ ପିଏମ୍‌ଜି ଛକ ଲୋକାରଣ୍ୟ ହୋଇ ଗର୍ଜନରେ ଫାଟି ପଡୁଛି। ଅପରପଟେ ଦୂରଦୂରାନ୍ତରୁ ଆସିଥିବା ଅନେକ ହଜାର ଆନ୍ଦୋଳନକାରୀ ଘରକୁ ନ ଫେରିପାରି ପିଏମ୍‌ଜି ରାସ୍ତାର ବିଭିନ୍ନ ସ୍ଥାନରେ ରାତିରେ ଶୀତକାକରରେ ଖୋଲା ଆକାଶ ତଳେ ଶୋଇ ରହୁଛନ୍ତି। ସରକାର ଦାବି ନ ଶୁଣିବା ପର୍ଯ୍ୟନ୍ତ ଏଭଳି ବିକ୍ଷୋଭ ଜାରି ରହିବ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି ଆନ୍ଦୋଳନକାରୀ।**

"ଧାରଣାକୁ ୩ ଦିନ ବିତିଲା। ହେଲେ ସରକାର ଆମର ଦୁଃଖ ଏପର୍ଯ୍ୟନ୍ତ ଶୁଣିଲେନି। କିନ୍ତୁ ଯେପର୍ଯ୍ୟନ୍ତ ଆମର ଦାବି ପୂରଣ ହୋଇନି ଏ ଜାଗା ଛାଡ଼ି ଆମେ ଯିବୁନି। ଶୀତ କାକରରେ ଘର ପରିବାରକୁ ଛାଡ଼ି ଧାରଣାରେ ବସିଛୁ। ଦିନରେ ଯେତିକି ହଇରାଣ ହେଉଛୁ ତାହାଠୁ ବଳିଯାଉଛି ରାତି। ଖାଇବା ପିଇବାଠାରୁ ଆରମ୍ଭ କରି ସବୁ ପ୍ରକାର ଅସୁବିଧା ହେଉଛି। ତେଣୁ ସରକାର ଖୁବ ଶୀଘ୍ର ଦାବି ପୂରଣ କଲେ ଆମେ ଖୁସିର ସହ ଘରକୁ ଫେରିବୁ।

**- କନକଲତା ମହାନ୍ତୋ, ଶିକ୍ଷୟିତ୍ରୀ, କେନ୍ଦୁଝର ଜିଲା**

"ଶୌଚାଳୟ ନ ଥିବାରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛୁ। ଏହାସହ ଯେତିକି ବି ବ୍ୟବସ୍ଥା ହୋଇଛି, ସେଠାରେ ପାଣି ଠିକ୍ ଭାବେ ମିଳୁନାହିଁ। ତେଣୁ ପାଖରେ ଥିବା ଲୋକମାନଙ୍କ ଘରକୁ ଯାଉଛୁ। ସାଙ୍ଗରେ ଛୋଟ ପିଲା ଆସିଥିବାରୁ ତାଙ୍କୁ ବି ଥଣ୍ଡା କାକରରେ ଧରି ଶୀତରେ ଥରିବାକୁ ପଡୁଛି।

**- ରୀତାଞ୍ଜଳି ଭୋଇ, ଆନ୍ଦୋଳନକାରୀ**

"୩ ଦିନ ହେଲା ଖରା ଶୀତରେ ଧାରଣାରେ ବସିଛୁ। ମୋର ୪ ବର୍ଷର ଝୁଅ। ଘରେ କାହା ପାଖରେ ନ ରହିବାରୁ ତାକୁ ସାଙ୍ଗରେ ଆଣି ସ୍ୱାମୀସ୍ତ୍ରୀ ଧାରଣାରେ ବସିଛୁ। ରାତିରେ ଖୋଲା ଆକାଶରେ ବସି ରହୁଥିବାରୁ ପିଲାକୁ ଥଣ୍ଡା ହେଲାଣି। ସରକାର ଆମର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆମେ ଅହୋରାତ୍ର ଧାରଣାରେ ବସିବୁ।

**- ଝୁନାବତ ଶବର, ଶିକ୍ଷୟିତ୍ରୀ, ଗଞ୍ଜାମ**

"ହାତରୁ ଖାଇବାକୁ ପଡୁଛି। ତାହା ସହିତ ଛୋଟ ପିଲାଙ୍କୁ ଧରିକି ଆସିବାରୁ ନାହିଁ ନ ଥିବା ହଇରାଣ ହରକତ ହେଉଛି। ଶୀତ ସାଙ୍ଗକୁ ମଶାର ଉତ୍ପାତ ଆମକୁ ଅଣନିଃଶ୍ୱାସି କରିଦେଉଛି।

**- ଅଶୋକ କୁମାର ରଇତା, ଗଞ୍ଜାମରୁ ଆସିଥିବା ଆନ୍ଦୋଳନକାରୀ**

"ବୁଧବାରକୁ ଧାରଣା ୪ଦିନରେ ପହଞ୍ଚିବ। ଏହାଦ୍ୱାରା ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ହେବ। ଆଉ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ। ବହୁ ଶିକ୍ଷୟିତ୍ରୀ ରାସ୍ତାରେ ଛୋଟ ପିଲାଙ୍କୁ ଧରିକି ବସୁଛନ୍ତି। ତେଣୁ ତାଙ୍କର ବି ଯାହା ଅସୁବିଧା ହେବ ଏଥିପାଇଁ ସରକାର ଦାୟୀ ରହିବେ।

**- ଦଇଣ୍ଡା ରଇତା, ଗଞ୍ଜାମ**

## ଦିନରେ ଗର୍ଜନ, ରାତିରେ ଖୋଲା ଆକାଶ ଭରସା



ପିଏମ୍‌ଜି ରାସ୍ତାରେ ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବା ଆନ୍ଦୋଳନକାରୀ। ଫଟୋ: ମୌସମ

"୨ ବର୍ଷର ଝିଅକୁ ଧରି ଦାବି ପୂରଣ ପାଇଁ ଆସିଛି। ତାହା ସହିତ ଖୋଲା ଆକାଶ ତଳେ ଦିନ ରାତି କଟୁଛି। ରାତିରେ ସାଧାରଣତଃ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏହାସତ୍ତ୍ୱେ ବି ଆମେ ହକ୍ ପାଇଁ ଲଢେଇ କରିବୁ। ସରକାର ଆମକୁ ଯେଉଁ ଅଣଦେଖା କରୁଛନ୍ତି ତାହାର ଜବାବ ଦେବାକୁ ଆସିଛି। ଶହ ଶହ ବିକ୍ଷୋଭକାରୀ ଏଠାରେ ଏକତ୍ରିତ ହୋଇଥିବାରୁ ଶୌଚାଳୟ ଓ ପାଣିର ଘୋର ଅଭାବ ଦେଖାଯାଉଛି।

**- ବର୍ଷା, ଆଶାକର୍ମୀ**

"ସୁରକ୍ଷା ପାଇଁ ଯଦିଓ ଏଠାରେ ପୋଲିସ ମୁତୟନ ଅଛନ୍ତି, କିନ୍ତୁ ଦିନ ଚର୍ଯ୍ୟାରେ ଆମେ ନାହିଁ ନ ଥିବା ହଇରାଣ ହେଉଛୁ। ଏପରକି ଶୌଚାଳୟ ଧାରଣା ସ୍ଥଳ ଛାଡ଼ି ୧ କି.ମି.ରୁ ଅଧିକ ବାଟ ଯିବାକୁ ପଡୁଛି। ତେଣୁ ଏଥିପାଇଁ ବ୍ୟବସ୍ଥା କଲେ ଆମେ ଟିକେ ହଇରାଣରୁ ସାମାନ୍ୟ ମୁକ୍ତି ପାଇବୁ।

**- ଝୁଲୁ ଲତା ବିଶ୍ୱାଳ, ଆଶାକର୍ମୀ**

"୮ ଦଫା ଦାବି ନେଇ ୩ ଦିନ ହେଲା ଏଠାରେ ଧାରଣା ଦେଇଛୁ। ସରକାର ଆମ କଥା ଶୁଣୁ ନାହାନ୍ତି। ଶୀତ କାକରରେ ପଡ଼ିଛୁ। ପାଣି ମିଳୁନାହିଁ। ଅନ୍ୟ ସରୀସୃପର ଭୟ ମଧ୍ୟ ରହୁଛି। ସରକାର ଆମ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆମେ ଏମିତି ଧାରଣ ଦେବୁ।

**- ତ୍ରିନାଥ ସାହୁ, କଣାସ, ପୁରୀ, ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଙ୍ଘ**

"୨୨ ତାରିଖଠୁ ୩ ଦଫା ଦାବି ନେଇ ଧାରଣା ଦେଉଛୁ। ଲୋୟର ପିଏମ୍‌ଜିରେ ସୁରକ୍ଷା ବ୍ୟବସ୍ଥା ଠିକ୍ ଅଛି। ପୋଲିସ ତାର କାର୍ଯ୍ୟ କରୁଛି। ରାତିରେ ଶୋଉନାହୁଁ। ଖାଇବା ଠିକ୍‌ରେ ହେଉନାହିଁ। କେତେ ଜଣ ଡାକ୍ତରଖାନାରେ ମଧ ଭର୍ତ୍ତି ହୋଇଛନ୍ତି। ସରକାର ଆମ ସହ କୌଣସି ଆଲୋଚନା କରୁନାହାନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ।

**- ବିଶ୍ୱରଞ୍ଜନ ଆଚାର୍ଯ୍ୟ, ବଲାଙ୍ଗୀର, ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଙ୍ଘ**

"୨୭ ତାରିଖଠୁ ୩ ଦଫା ଦାବି ନେଇ ଧାରଣା ଦେଇଛୁ। କିନ୍ତୁ ସରକାର ଆମ କଥା ଏପର୍ଯ୍ୟନ୍ତ ରଖି ନାହାନ୍ତି। କୁହୁଡ଼ି କାକରରେ ଆମେମାନେ ପଡ଼ି ରହିଛୁ। ଆମ ପାଇଁ ସୁରକ୍ଷା ବ୍ୟବସ୍ଥା କିଛି କରାଯାଇନାହିଁ। ଶୀତ ରାତିରେ ମଶାଙ୍କ ଉପଦ୍ରବ ଭାରି କଷ୍ଟ ଦେଉଛି। ପାଣି ଟିକେ ମଧ ଠିକ୍‌ରେ ମିଳୁନାହିଁ। ବିଭିନ୍ନ ଅସୁବିଧା ଭିତରେ ରହିଛୁ। ଆମ ନ୍ୟାଯ୍ୟ ଦାବି ପୂରଣ ନ ହେବା ଯାଏଁ ଆମେ ରାସ୍ତାରୁ ଉଠିବୁ ନାହିଁ।

**- କେଶବ ଚନ୍ଦ୍ର ଦଳାଇ, କୁଜଙ୍ଗ, ମିଳିତ ପ୍ରାଥମିକ ଶିକ୍ଷକ ମହାସଙ୍ଘ**

# ଆନ୍ଦୋଳନ ପାଇଁ ଟ୍ରାଫିକ୍ ଜାମ୍

## ଜନସାଧାରଣ ହଇରାଣ



**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ବିଶେଷକରି ବିଧାନସଭା ଚାଲୁଥିବାବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏକାଧିକ ସଙ୍ଗଠନ ସେମାନଙ୍କ ଦାବି ନେଇ ଲୋୟର ପିଏମ୍‌ଜିରେ ଧାରଣା ଦେଉଛନ୍ତି। ଫଳରେ ଟ୍ରାଫିକ୍ ଜାମ ପରିସ୍ଥିତି ସଙ୍ଗିନ ହେଉଛି। ଏଥିପାଇଁ ଜନସାଧାରଣଙ୍କୁ ହଇରାଣ ହେବାକୁ ପଡୁଛି।

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ଦଫା ଦାବି ନେଇ ରବିବାରଠାରୁ ଲୋୟର ପିଏମ୍‌ଜିରେ ବଡ଼ଧରଣର ଆନ୍ଦୋଳନ ଚାଲିଛି। ଦାବି ପୂରଣ ନ ହେବା ଯାଏ ସେମାନେ ଧାରଣାରୁ ଉଠିବେନି ବୋଲି କୁହାଯାଇଛି। ରାଜ୍ୟର ସବୁ ଜିଲାରୁ ହଜାର ହଜାର ଶିକ୍ଷକ ଭୁବନେଶ୍ୱର ଆସି ଧାରଣା ଦେଉଛନ୍ତି। ସେହିପରି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବ୍ୟତୀତ ତାଲିମପ୍ରାପ୍ତ ବେକାରୀ ଚକ୍ଷୁ ସହାୟକ ସଂଘ, କୋଭିଡ ଯୋଦ୍ଧା ଏନ୍.ଏନ୍.ଏମ୍ କର୍ମଚାରୀ, ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଏବଂ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ଭଳି ଏକାଧିକ ସଂଘ ସେମାନଙ୍କ ବିଭିନ୍ନ ଦାବି ନେଇ ଧାରଣା ଦେଉଛନ୍ତି। ଫଳରେ ଧାରଣାସ୍ଥଳକୁ ଯିବା ଏବଂ ଆସିବା ସମୟରେ ଟ୍ରାଫିକ୍ ଜାମ ହେଉଛି। ମଙ୍ଗଳବାର ମଧ୍ୟ ଅଧିକାଂଶ ସ୍ଥାନରେ ଧାରଣା ଚାଲିଥିବାରୁ ଟ୍ରାଫିକ ଜାମ ହୋଇଥିଲା। ଲୋୟର ପିଏମ୍‌ଜି ନିକଟବର୍ତ୍ତୀ ଛକ ଏବଂ ଗଳି ରାସ୍ତାରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ବିଶେଷ କରି ପୂର୍ବାହ୍ନ ଓ ଅପରାହ୍ନରେ ଏହି ସ୍ଥିତି ଜଟିଳ ହେଉଛି। କାରଣ ପୂର୍ବାହ୍ନରେ ଭୁବନେଶ୍ୱରର ଅନ୍ୟସ୍ଥାନରେ ରହୁଥିବା କିମ୍ବା ବାହାରୁ ଆସିଥିବା ସଂଘର ସଦସ୍ୟମାନେ ଧାରଣାସ୍ଥଳକୁ ଯାଉଛନ୍ତି। ସେହିପରି ଅପରାହ୍ନରେ ବହୁ ସଦସ୍ୟ ଧାରଣାସ୍ଥଳରୁ ଅନ୍ୟ ସ୍ଥାନକୁ ଯିବାରୁ ଟ୍ରାଫିକ୍ ସ୍ଥିତି ଅସମ୍ଭାଳ ହୋଇପଡୁଛି। ମଙ୍ଗଳବାର ଭିଡ଼ ପାଇଁ ଟ୍ରାଫିକ୍ ସିଗ୍‌ନାଲ ନିର୍ଦ୍ଧାରିତ ସମୟ ପୂର୍ବରୁ ଛାଡୁଥିଲା। ସେହିପରି ଆନ୍ଦୋଳନକାରୀଙ୍କ ଗାଡି ପାର୍କିଂ ପାଇଁ କିଛି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି। ହେଲେ ଢେର ଅଧିକ ଲୋକ ଆସିବାରୁ ଯିଏ ଯୁଆଡେ ପାରିଲେ ଗାଡ଼ି ରଖୁଛନ୍ତି। ଏପରିକି ରାସ୍ତା କଡରେ ମାଳମାଳ ଗାଡି ରହିବାରୁ ରାସ୍ତା ସଂକୁଚିତ ହୋଇପଡୁଛି। ଏଣୁ ଟ୍ରାଫିକ ସମସ୍ୟା ଉପୁଜୁଛି। ବିଧାନସଭାରେ ପ୍ରଶ୍ନକାଳ ସରିବା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି କୁହାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜଧାନୀବାସୀ ଦାବି କରୁଛନ୍ତି।



କେତେ ଜଣ ଆନ୍ଦୋଳନକାରୀମାନେ ରାତି ସମୟ ବିତାଇବା ପାଇଁ ଚେସ୍ ଖେଳୁଛନ୍ତି।

**ଅବକାରୀ ବିଭାଗର ଚଢ଼ାଉ: ଜଣେ ଗିରଫ**

ଗମ୍ଭାରୀମୁଣ୍ଡା, (ଡି.ଏନ୍.ଏ.): ବାଣପୁର ସାନସିରେଇପୁର ବିଟ୍ ହାଉସ ନିକଟରୁ ମଙ୍ଗଳବାର ବାଲୁଗାଁ ଅବକାରୀ ବିଭାଗ ୪୦ ଲିଟର ମଦ ଓ ବାଇକ୍ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ନନ୍ଦପୁର ପଞ୍ଚାୟତ ଅଧୀନ ସରନଇ ଗ୍ରାମର ସୁବାସ ଦଳବେହେରା। ୧୨୦/୨୨-୨୩ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେନା କହିଛନ୍ତି।



## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ବନ କର୍ମଚାରୀ ଆହତ

**ଟାଙ୍ଗୀ(ଖୋର୍ଦ୍ଧା), ୨୯।୧୧(ଡି.ଏନ୍.ଏ.):** ମାଙ୍କଡ଼ କାମୁଡ଼ାରେ ମଙ୍ଗଳବାର ଜଣେ ବନ କର୍ମଚାରୀ ଆହତ ହୋଇଛନ୍ତି। ସେ ହେଲେ ଦେବେନ୍ଦ୍ର କୁମାର ବେହେରା। ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଟାଙ୍ଗୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ମାଙ୍କଡ଼ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲା। ଖବରପାଇ ବନ ବିଭାଗର ଏକ ଟିମ୍ ପହଞ୍ଚି ମାଙ୍କଡ଼କୁ ଉଦ୍ଧାର କରିବା ବେଳେ ହଠାତ୍ ଦେବେନ୍ଦ୍ରଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ଘୋଡ଼ ଲାଗି ଆରମ୍ଭ

**ଖୋର୍ଦ୍ଧା ଅଫିସ,୨୯।୧୧:** ଶ୍ରୀଚୈତନ୍ୟ ବିହାରସ୍ଥିତ ଗୌର ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ ଅବସରରେ ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ହୋଇଯାଇଛି। ମଙ୍ଗଳବାର ଓଢ଼ଣ ଷଷ୍ଠୀ ଅବସରରେ ଠାକୁରଙ୍କୁ ଓଢ଼ଣ(ଘୋଡ଼) ଲାଗି ଆରମ୍ଭ ହୋଇଛି। ମଧ୍ୟାହ୍ନରେ ମଙ୍ଗଳସ୍ରୋତ, ଶ୍ରୀଚୈତନ୍ୟ ସହସ୍ର ନାମ, ପାରାୟଣ, କୀର୍ତ୍ତନ ଏବଂ ପ୍ରବଚନ କରାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଶ୍ରୀଚୈତନ୍ୟ ଓ ଦାଢ଼ତ୍ୟ ଭକ୍ତି ସମ୍ପର୍କରେ କହିଥିଲେ। ଭକ୍ତି ଓ ସମର୍ପଣ ଭାବ ରହିଲେ, ଈଶ୍ୱରତ୍ୱ ପ୍ରାପ୍ତି ହୋଇଥାଏ। ଯଶୋଦାନନ୍ଦ ମହାରାଜ, ବୋଧାୟନ ମହାରାଜ, ଅନନ୍ତ ହରିଦାସ ବାବାଜୀ, ବ୍ରଜବାବା, ଶିକ୍ଷାବିତ୍ ଯୁଧିଷ୍ଠିର ଛୁଆଲସିଂ, ଜଗଦୀଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜୟ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଗରମ ପିଚୁ କଡ଼େଇରେ ପଡ଼ି ଯୁବକ ଗୁରୁତର

**ଜଟଣୀ,୨୯।୧୧(ଡି.ଏନ୍.ଏ.):** ଗରମ ପିଚୁ କଡ଼େଇରେ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ କୁହା ଗ୍ରାମର ଟୁଟୁ ପ୍ରଧାନ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଜଟଣୀ କପିଳପ୍ରସାଦ ରାସ୍ତା ମରାମତି କାର୍ଯ୍ୟ ଚାଲିଛି। ବିରିବନ୍ଧ ବ୍ରିଜ କ୍ଷେତ୍ରପାଳ ଗ୍ରାମ ନିକଟ ନିକଟରେ ରାସ୍ତା କାମ ପାଇଁ ପିଚୁ ଗରମ କରାଯାଇଥିଲା। ସୋମବାର ରାତିରେ ଟୁଟୁ ସେଠାକୁ ଯାଇଥିବା ବେଳେ ଗରମ ପିଚୁ କଡ଼େଇରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ୧୧୯ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୯।୧୧:** ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ବିଜୁ ଯୁବ ଜନତା ଦଳ ଏବଂ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ବ୍ଲକ ବାଜପୁର ପଞ୍ଚାୟତରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଆବାହକ ଅରୁପ ପଟ୍ଟନାୟକ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୧୧୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରୁଦ୍ର ନାରାୟଣ ଦତ୍ତ, ଦିଲୀପ ହୋତା ସଂଯୋଜନା କରିଥିବା ବେଳେ ସରପଞ୍ଚ କେଦାରଶ୍ୱର ପୃଷ୍ଟି, ଦ୍ୱାରିକା ନାଥ ମହାନ୍ତି, ବିଶ୍ୱଦୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଉପସ୍ଥିତ ଥିଲେ। ତୁଷାର କାନ୍ତ ବରାଳ, ରାହୁଲ ଶାହା, ଜିତେନ୍ଦ୍ର ସାହୁ, ଅମେଳେଶ ଦାସ ଶିବିର ପରିଚାଳନା କରିଥିଲେ।

### 'ଦମନ' ଦେଖିଲେ ପ୍ରଶାସନିକ ଅଧିକାରୀ

**ଖୋର୍ଦ୍ଧା ଅଫିସ,୨୯।୧୧:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ପ୍ରଶାସନିକ ଅଧିକାରୀମାନେ ଭୁବନେଶ୍ୱର କଳିଙ୍ଗ ବିହାରସ୍ଥିତ ଆଇନକ୍ସ ରେଗାଲିଆ ସିନେମା ହଲରେ ଦମନ ଚଳଚ୍ଚିତ୍ର ମଙ୍ଗଳବାର ସନ୍ଧ୍ୟାରେ ଦେଖିଛନ୍ତି। ଦୁର୍ଗମ ପାହାଡିଆ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଅଭିଯାନ ସମାଜରେ ଏକ ପ୍ରେରଣାଦାୟୀ ହୋଇପାରିଛି। ଲୋକଙ୍କ ନିକଟରେ ଡାକ୍ତରୀ ସେବା ପହଞ୍ଚାଇବା ପାଇଁ ଜଣେ ଡାକ୍ତରଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ପର୍ଯ୍ୟବେକ୍ଷିତ ହୋଇଛି। ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାତ୍ରୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିକାଶ ପାଇଁ ସମନ୍ୱୟ, ପ୍ରତିବଦ୍ଧତା ଜରୁରୀ

**ଖୋର୍ଦ୍ଧା ଅଫିସ,୨୯।୧୧**

ଯୋଗାଯୋଗ, ବୈଷୟିକ ଜ୍ଞାନ ବିଶ୍ୱରେ ବିକାଶ କ୍ଷେତ୍ରରେ ମାଧ୍ୟମ ସାଜିଛି। ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ ସମସ୍ୟା ଦେଇ ଗତି କରୁଛି। ତେଣୁ ସମସ୍ତ ଆହ୍ୱାନକୁ ସମ୍ମୁଖୀନ କରି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ଯୋଜନା ଓ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟ କରିବାକୁ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ କହିଛନ୍ତି। ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ ନିମିତ ଜିଲାର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନେଇ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱତନ୍ତ୍ର ସଚିବ ଅରୁମୁଗମ କହିଥିଲେ, ଜନସାଧାରଣଙ୍କ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ, ସାମାଜିକ ଓ ପରିବେଶ ବିକାଶକୁ ନିଶ୍ଚିତ ପାଇଁ ମିଳିତ ଜାତିସଂଘ ୧୭ଟି ପ୍ରମୁଖ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟଭାବେ ଚିହ୍ନଟ କରିଛି। ଏହାକୁ କ୍ଷେତ୍ରସ୍ତରରେ ଲୋକଙ୍କ ବାସ୍ତବ ଆବଶ୍ୟକକୁ ଦୃଷ୍ଟି ଦେଇ ଓ ନିଷ୍ଠାର ସହ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ସ୍ଥାନୀୟ ଅଞ୍ଚଳର ବିବିଧ ସମସ୍ୟା ଓ ଆବଶ୍ୟକତାକୁ ଅନୁଧ୍ୟାନ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଇ ଯୋଜନାକୁ ତୃଣମୂଳସ୍ତରର ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ମିଳିତ ଜାତିସଂଘ ପକ୍ଷରୁ ୨୦୧୬ ରୁ ୨୦୩୦ ମସିହା ପର୍ଯ୍ୟନ୍ତ ନିଜସ୍ୱ ସମ୍ବଳକୁ ଉପଯୋଗ କରି ବିକାଶ ଲକ୍ଷ୍ୟ ହାସଲ ନେଇ ଭାରତ ସମେତ ୧୯୩ଟି ରାଷ୍ଟ୍ର ୨୦୧୫ ମସିହାରେ ନୀତିଗତ ଭାବେ ନିଷ୍ପତ୍ତି ନେଇଥିଲେ। ଏହି ଲକ୍ଷ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ କ୍ଷୁଧାମୁକ୍ତ ରାଜ୍ୟ ସୁନିଶ୍ଚିତ, ଦାରିଦ୍ର୍ୟ ଦୂରୀକରଣ, ଗୁଣାତ୍ମକ ଶିକ୍ଷାଦାନ, ମହିଳା ସଶକ୍ତୀକରଣ, ଶିଶୁଙ୍କୁ ଉପଯୁକ୍ତ ପୋଷଣ ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ ଓ ପାନୀୟଜଳ ଯୋଗାଣ ତ୍ୱରାନ୍ୱିତ, ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ୧୩ଟି ଜିଲାରେ ଏହି ପ୍ରଶିକ୍ଷଣ ଶିବିର ସରିଥିବା ବେଳେ ମଙ୍ଗଳବାରଠାରୁ ଖୋର୍ଦ୍ଧା ଜିଲାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଦୀର୍ଘସ୍ଥାୟୀ ବିକାଶ ପାଇଁ କ୍ଷେତ୍ର ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଓ ପ୍ରତିବଦ୍ଧତା ଜରୁରୀ ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ ଆବଶ୍ୟକତା, ସ୍ଥାନୀୟ ସମ୍ବଳର ଉପଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଭିଡିଓ ବାର୍ତ୍ତା ମାଧ୍ୟମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶଙ୍କର ବେହେରା କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଷୟ ବିଶାରଦ ଭାବେ ବିଜ୍ଞାନ ମହାନ୍ତି, ଉପାସନା ମହାପାତ୍ର, ରୂପାଲି ମହାନ୍ତି, ଭିକ୍ଟୋରିଆ, ଜନ୍ମେଜୟ ମିଶ୍ର ପ୍ରମୁଖ ବିଶେଷଜ୍ଞ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ହିମାଂଶୁ ମୋହନ ଲେଙ୍କା, ମୋନାଲି ରାଜ ସିଂ, ସୁମତି ସାହୁ, ମୃଣାଳୀ ପଟ୍ଟନାୟକ, ଅଶୋକ କୁମାର ଦାଶ, ପରିସଂଖ୍ୟାନ ବିଭାଗର ସୁବାସ ଚନ୍ଦ୍ର ପୃଷ୍ଟି, ଟାଙ୍ଗିଆପଡା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ, ଜିଲାପାଳ ଏବଂ ଅନ୍ୟମାନେ।

## ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତି ଅଧିବେଶନ

**ବୋଲଗଡ଼,୨୯।୧୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ସର୍କଲ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ୩୯ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଅଧିବେଶନର ବୈଠକରେ ସଙ୍ଗଠନର ସଭାପତି ଶିକ୍ଷାବିତ୍ କୃଳମଣି ହୋତା ପୌରୋହିତ୍ୟ କରିଥିବା ବେଳେ ଅତିଥିଭାବେ ଡା.ସଦାନନ୍ଦ ମିଶ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ନନ୍ଦକିଶୋର ମାର୍ଥା ବେଦ ଉଚ୍ଚାରଣ ଓ ଜଣାଣ ଗାନ କରିଥିଲେ। ସଙ୍ଗଠନର ଦିବଂଗତ ସଦସ୍ୟ ନାଟ୍ୟକାର ବାମଦେବ ସୁବୁଦ୍ଧି ଏବଂ ଆଦର୍ଶ ଶିକ୍ଷକ କେଦାରନାଥ ପଟ୍ଟଯୋଶୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ନୂତନ ସଦସ୍ୟଭାବେ ଦୁଇଜଣ ଅବସରପ୍ରାପ୍ତ କର୍ମଚାରୀ ଉକ୍ତ ସମନ୍ୱୟ ସମିତିରେ ଯୋଗଦେଇଥିଲେ। ଆୟୋଜିତ ଆଲୋଚନାଚକ୍ରରେ ବରିଷ୍ଠ ନାଗରିକମାନେ ନିଜର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଜୟକୃଷ୍ଣ ଫତେସିଂହ, ଭୀମସେନ ବିଶ୍ୱାଳ,କୈଳାସ ଚନ୍ଦ୍ର ସାହୁ, ତାରେଶ୍ୱର ରଥ, ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ମାଧବ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମଣ୍ଡିକୁ ବ୍ୟବସ୍ଥିତ କରି ସମସ୍ତ ଚାଷୀଙ୍କ ଧାନ କିଣାଯାଉ

**ଖୋର୍ଦ୍ଧା ଅଫିସ,୨୯।୧୧**

ଚାଷୀଙ୍କୁ ଧାନର ଉପଯୁକ୍ତ ସହାୟକ ମୂଲ୍ୟ ପ୍ରଦାନ, ଅଭାବୀ ବିକ୍ରି, କଟନୀ ଛଟନୀ ବନ୍ଦ ତଥା ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ଜୱାଦ କ୍ଷତିପୂରଣ, ଇନସ୍ୟୁରାନ୍ସ ବା ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଇନାହିଁ। ଏନେଇ ନବନିର୍ମାଣ କୃଷକ ସଙ୍ଗଠନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି। ଖରିଫ ଋତୁରେ ପ୍ରତିବର୍ଷ କଟନୀଛଟନୀ ଆଳରେ ୫ରୁ ୧୫ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। ପ୍ରତିବର୍ଷ ଏ ବାବଦରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଛି। ଏହା ଏକ ବଡ ସ୍କାମ। କ୍ରାଇମବ୍ରାଞ୍ଚର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଏହାର ଯାଞ୍ଚ ଲାଗି ଦାବି କରିଥିଲେ। ମୌସୁମୀ ପ୍ରବେଶରେ ବିଳମ୍ବ, ନିଅଣ୍ଟିଆ ବର୍ଷା, ମରୁଡ଼ି, ବନ୍ୟା ବାତ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇ ଚାଷୀ ଫସଲ ଅମଳ କରୁଛି। ବିକ୍ରି ସମୟରେ ମଧ୍ୟ ହଇରାଣ ହେଉଛି। ଧାନ କେବଳ ଛୋଟ ଅଖା ସଂଗ୍ରହରେ ପାଇଁ ନିଷ୍ପତ୍ତି ସତ୍ତ୍ୱେ କାର୍ଯ୍ୟକାରୀ କରାଯାଉନାହିଁ। ଧାନମଣ୍ଡି ଖୋଲିବାରେ ବିଳମ୍ବ, ଟୋକନ ଲାପ୍ସ ଯୋଗୁ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। କୌଣସି ଚାଷୀ ଯେପରି ଧାନ ବିକ୍ରିରୁ ବାଦ୍ ପଡିବେ ନାହିଁ, ଧାନମଣ୍ଡିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଚଳିତବର୍ଷ ଯେପରି ଚାଷୀ ଯେପରି ଧାନବିକ୍ରିରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ମଣ୍ଡିକୁ ଦଲାଲ ମୁକ୍ତ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ କୁମାର ମାନସିଂଙ୍କ ସମେତ କାହ୍ନୁଚରଣ ବେହେରା, ନିରଞ୍ଜନ ପ୍ରଧାନ, ଅଜୟ କୁମାର ଜେନା, ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ମିଶନ ଶକ୍ତି ଋଣମେଳା

**କୃଷ୍ଣପ୍ରସାଦ,୨୯।୧୧(ଡି.ଏନ୍.ଏ.)**

ମହିଳାଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭିନ୍ନ ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରାଯାଇଛି। ବ୍ୟାଙ୍କ ଋଣ ଜରିଆରେ ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ କରି ଲାଭବାନ ହେବା ସହ ଆର୍ଥିକ କ୍ଷେତ୍ରରେ ଉନ୍ନତି ଓ ଆତ୍ମନିର୍ଭରଶୀଳ ହୋଇ ଦେଶ ଗଠନରେ ସାମିଲ ହୋଇପାରିବେ ଏହି ଲକ୍ଷ୍ୟ ନେଇ ମିଶନ ଶକ୍ତି ଋଣ ମେଳା ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବ୍ଲକ ପ୍ରଶାସନ ଏବଂ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ କୃଷ୍ଣପ୍ରସାଦ ଶାଖା ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନ ବ୍ୟାଙ୍କ କୃଷ୍ଣପ୍ରସାଦ ଶାଖା ପରିଚାଳକ ରାଜୀବ କୁମାର ସାହୁ, ଉପ ଶାଖାପରିଚାଳକ ରଣଜିତ୍ କୁମାର ବେହେରା, ଆରଡିଓ ବିଶ୍ୱଜିତ୍ ମହାନ୍ତି, ବିପିଏମ ଉମାକାନ୍ତ ମିଶ୍ର, ବିପିସି ସାବିତ୍ରୀ ପଶ୍ଚିମକବାଟ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ଦିଗରେ ଆଲୋଚନା କରିଥିଲେ। ମେଳାରେ ୧୫୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ। ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ଲକ୍ଷ ଟଙ୍କାର ଋଣ ମଞ୍ଜୁର ପ୍ରମାଣପତ୍ର ବିଡିଓ ମନୋଜ କୁମାର ନାୟକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ରାଜକିଶୋର ପ୍ରଧାନ, ସୁବାସ ଚନ୍ଦ୍ର ପାତ୍ର, ୟୁନିୟନ ବ୍ୟାଙ୍କ କର୍ମଚାରୀ ପ୍ରମୋଦ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଅଖିଳମୋହନ ସାରସତ୍ୱ ଜଗତର ଜଣେ ଅମ୍ଳାନ ପ୍ରତିଭା

**ଖୋର୍ଦ୍ଧା ଅଫିସ,୨୯।୧୧**

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କ ପୁଣ୍ୟତିଥି ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଙ୍ଗଳବାର କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଂସଦ ସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ.ପ୍ରିୟରଞ୍ଜନ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଅଖିଳମୋହନଙ୍କ ସଂକଳନ ସମ୍ପର୍କରେ ଆଲୋଚନା କରିଥିଲେ। ସାରସ୍ୱତ ସାଧକ କୃଷ୍ଣଚନ୍ଦ୍ର ବାହିନୀପତି ଓ ଡ.ପ୍ରିୟରଞ୍ଜନ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତ, ନାରାୟଣ ଦାସ, ଜ୍ୟୋତିପ୍ରଭା ପଟ୍ଟନାୟକ, ଇତିଶ୍ରୀ ସାହୁ, ବାସୁଦେବ ସାହୁ, ଡ.ବୃନ୍ଦାବନ ପଣ୍ଡା, ଖୋର୍ଦ୍ଧା ଆଇନଜୀବୀ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ କବି ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ଅଖିଳ ମୋହନ ସାରସ୍ୱତ ଜଗତରେ ଜଣେ ଅମ୍ଳାନ ପ୍ରତିଭା। ତାଙ୍କ ରଚିତ ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର, ଓ ଅନ୍ଧଗଳି, ଅନାଗତ ଫାଲ୍‌ଗୁନ, ପ୍ୟାରିସ୍ ଭ୍ରମଣ ବୃତାନ୍ତ 'ଅନ୍ୟଦେଶ', ନଦୀର ନାମ ଗଣତନ୍ତ୍ର, 'ପ୍ରଥମ ଓ ଶେଷ' ଆଦି ଗଳ୍ପ ସଙ୍କଳନ, ବାଘରାଣୀ ଖଇରି ଆଦି ଗ୍ରନ୍ଥ ଆପଣାର ଦିପ୍ତୀ ଓ ଦ୍ୟୁତି ଯୋଗୁ ପାଠକଙ୍କୁ ଆକର୍ଷିତ କରିଛି ବୋଲି ମତପ୍ରକାଶ ପାଇଥିଲା।

# ପୂର୍ବତନ ବିଧାୟକଙ୍କୁ ଦଳରୁ ବହିଷ୍କାର ଦାବି



ଗାନ୍ଧୀଛକଠାରେ ଅନୁଷ୍ଠିତ ପ୍ରତିବାଦ ସଭା।

**ବାଲୁଗାଁ,୨୯।୧୧(ଡି.ଏନ୍.ଏ.)**

**ବିଜେଡିରେ ଗୋଷ୍ଠୀ କନ୍ଦଳ**

ଚିଲିକା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ (ବିଜେଡି)ରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଫଳରେ କର୍ମୀମାନେ କାହାକୁ ସମର୍ଥନ କରିବେ ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଗତ ୨୩ ତାରିଖରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଏକ କର୍ମୀ ସମ୍ମିଳନୀରେ ନିର୍ବାଚନମଣ୍ଡଳୀରେ ବିଜେଡିର ସାମ୍ପ୍ରତିକ ସ୍ଥିତି ନେଇ ଆଲୋଚନା କରିଥିଲେ। ବିଧାୟକ ପ୍ରଶାନ୍ତ ଜଗଦେବ ଓ କେତେଜଣ ଦଳୀୟ ନେତୃବୃନ୍ଦଙ୍କ ପାଇଁ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଏବଂ ମାନସ ପ୍ରଧାନଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ଶତାଧିକ ବିଜେଡି ପୁରୁଷ ଓ ମହିଳା କର୍ମୀ ଉତ୍ତରାୟଣୀ ମନ୍ଦିର ନିକଟରୁ ବାହାରି ରଘୁନାଥଙ୍କ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ବାଲୁଗାଁ ଗାନ୍ଧୀ ଛକଠାରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯିବା ସହ ରଘୁନାଥଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଉକ୍ତ ସଭାରେ ରଘୁନାଥ ଦଳୀୟ ସଙ୍ଗଠନକୁ ଦୁର୍ବଳ କରିବା ନିମନ୍ତେ ଉଦ୍ୟମ ଜାରି ରଖିଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ରଘୁନାଥଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଏକ ଦାବିପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିକଟକୁ ପଠାଯାଇଛି। ଏହି ଦାବିପତ୍ରର ନକଲ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୁରୀ ଏମ୍‌ପି ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ଜିଲା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲିକ ଏବଂ ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟଙ୍କ ନିକଟକୁ ମଧ୍ୟ ପଠାଯାଇଛି। ଏହି ପ୍ରତିବାଦ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଏନ୍‌ଏସି ବିଧାୟକଙ୍କ ପ୍ରତିନିଧି ପ୍ରକାଶ କୁମାର ପ୍ରଧାନ, ଅକ୍ଷୟ ରଣସିଂହ, ଉତ୍ପଳ ପାଇକରାୟ, ଜୟକୃଷ୍ଣ ସ୍ୱାଇଁ, ପ୍ରଭାସ ସୁନ୍ଦରାୟ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବହୁ ପୁରୁଷ ଓ ମହିଳା କର୍ମୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ଏହି ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମହାବୀର କ୍ରିକେଟ କ୍ଲବ, ଖିଲାମୁଣ୍ଡା ୱାରିଅର ବିଜୟୀ



**ଟାଙ୍ଗୀ(ଖୋର୍ଦ୍ଧା),୨୯।୧୧(ଡି.ଏନ୍.ଏ.)**

ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ମହାବୀର କ୍ରିକେଟ କ୍ଲବ ଓ ଉଗ୍ରତାରା ଲାୟନ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବୀର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୨୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଉଗ୍ରତାରା ଲାୟନ୍ସ କ୍ଲବ ସମସ୍ତ ଉଇକେଟ ବିନିମୟରେ ୧୨୮ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ଲାକ୍ କ୍ୟାପସ ଓ ଖିଲାମୁଣ୍ଡା ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲାକ କ୍ୟାପସ ଟିମ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୧୨୭ରନ୍ ସଂଗ୍ରହ କରିଥିଲା। ଜବାବରେ ଖିଲାମୁଣ୍ଡା ୱାରିଅର ୫ ଉଇକେଟ ବିନିମୟରେ ୧୨୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମନୋରଞ୍ଜନ ବେହେରା, ସୁକାନ୍ତ ଦତ୍ତ ଓ ସୁନିଲ ବାହେତୀ ମ୍ୟାଚ୍ ପରିଚାଳନା କରିଥିଲେ। ଶିଶିର କୁମାର ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ବିଜୟ ନାୟକ ଓ ରବୀନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚେତାବନୀ

**ବୋଲଗଡ଼/ବେଗୁନିଆ,୨୯।୧୧(ଡି.ଏନ୍.ଏ.)**

ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ଆହ୍ୱାନରେ ସେମାନଙ୍କ ୫ ଦଫା ଦାବି ପୂରଣ ନ ହେଲେ ଆସନ୍ତା ୧୪ ତାରିଖରୁ କାର୍ଯ୍ୟରେ ଅସହଯୋଗ ଏବଂ ୨୧ ତାରିଖ ପରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏନେଇ ମଙ୍ଗଳବାର ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡା.ଦୁର୍ଗା ପ୍ରସାଦ ଜେନାଙ୍କୁ ବୋଲଗଡ଼ ବ୍ଲକର ୨୩ଟି ଉପକେନ୍ଦ୍ରର ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଧଳାପଥର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପରିଚାଳିକା ସେଫାଳି ରାଉତଙ୍କ ନେତୃତ୍ୱରେ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ବେହେରା, ଦୀପକ ମହାନ୍ତି, ମନୋଜ ପାଇକରାୟଙ୍କ ସମେତ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ। ଦାବି ମଧ୍ୟରେ କର୍ମଚାରୀଙ୍କୁ ଚାକିରି କାଳରେ ସର୍ବନିମ୍ନ ୪ଥର ପଦୋନ୍ନତି ଓ କ୍ୟାଡର ପୁନର୍ଗଠନ, ବିଭାଗ ପକ୍ଷରୁ ୨୦୨୦ ମସିହା ପ୍ରକାଶିତ ଚିଠି ଅନୁଯାୟୀ ଗ୍ରେଡପେ, ପଦବୀ ନାମ ପରିବର୍ତ୍ତନ, ପୋଷାକ ଭତ୍ତା ପ୍ରଦାନ ଆଦି ଦାବି ରହିଛି। ଏଥିସହିତ କୋଭିଡ ପୂର୍ବରୁ କର୍ମଚାରୀ ଆନ୍ଦୋଳନ କରି ଆସୁଥିଲେ ଏବଂ କୋଭିଡ ମହାମାରୀକୁ ଗୁରୁତ୍ୱ ଦେଇ ପୁନଃ କାର୍ଯ୍ୟ କରିଥିଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ନେଲେନାହିଁ। ଏନେଇ ଆସନ୍ତା ୭ ତାରିଖରୁ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ସରକାରଙ୍କ ପାଖକୁ ଯାଉଥିବା ଅନଲାଇନ ଡାଟାବେସକୁ ଅଚଳ କରି ସରକାରଙ୍କୁ କୌଣସି ସୂଚନା ଯୋଗାଣରେ ସହଯୋଗ କରିବେ ନାହିଁ ବୋଲି କହିଛନ୍ତି।

ସେହିପରି ବେଗୁନିଆ ସଦର ମହକୁମା ସ୍ଥିତ ମା'ବରମୂଳେଇଙ୍କ ପୀଠ ପରିସରରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ କ୍ଷେତ୍ରୀୟ କର୍ମଚାରୀଙ୍କୁ ନେଇ ବୈଠକ ହୋଇଯାଇଛି। ସ୍ୱାସ୍ଥ୍ୟ ପରିଦର୍ଶକ ଗୋଲଖ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଦର୍ଶକ ସନ୍ତୋଷ ସାହୁ ସଭାପତିତ୍ୱ କରିଥିଲେ। ମହାସଂଘର ରାଜ୍ୟ ସଭାନେତ୍ରୀ ମାନ୍ୟା ମମତା ନାୟକ ଅତିଥିଭାବେ ଯୋଗଦେଇଥିଲେ। ପରିଦର୍ଶକ ଯୁଧିଷ୍ଠିର ଦେବତା ବୈଠକର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ୫ଦଫା ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପରିଦର୍ଶିକା କଳ୍ପନା ରାୟ ଧନ୍ୟବାଦ ଦେଇଥିଲେ।



ବେଗୁନିଆ ମା' ବରମୂଳେଇ ପୀଠ ପରିସରରେ ଅନୁଷ୍ଠିତ ବୈଠକ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୩୦ ନଭେମ୍ବର, ୨୦୨୨





ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବିଶାଳ ସମାବେଶ ଓ ଧାରଣା। ଫଟୋ: ମନୋରଞ୍ଜନ

# ୧୦ ଦଫା ଦାବିରେ ଆଶାକର୍ମୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)**

ବିଧାନସଭା ଶୀତ ଅଧିବେଶନ ଅବସରରେ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରିବା ପାଇଁ ମଙ୍ଗଳବାର ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ରାସ୍ତାକୁ ଓହ୍ଲାଇଛି। ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ହଜାର ହଜାର ଆଶାକର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ଘୋଷଣା କରିବା, ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ଦେବା, ଇପିଏଫ୍ ଓ ଇଏସ୍‌ଆଇ ଲାଗୁ କରିବା, ଯୋଗ୍ୟ ଆଶାକର୍ମୀଙ୍କୁ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି ଦିଆଯିବା, ଆକସ୍ମିକ ମୃତ୍ୟୁରେ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ସହ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା ଆଦି ଦାବିରେ ଲୋୟର ପିଏମ୍‌ଜିରେ ଆଶାକର୍ମୀ ଆନ୍ଦୋଳନରେ ବସିଥିଲେ। ସଂଘ ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି କହିଛନ୍ତି, କର୍ମଜୀବୀ ମହିଳା ତଥା ଆଶାକର୍ମୀମାନେ କରୋନା ସମୟରେ ଦୁଃସାହସର ସହିତ ସେବା କରିଥିଲେ। ତେବେ ମହିଳା ସଶକ୍ତୀକରଣର ଡିଣ୍ଡିମ ପିଟୁଥିବା ସରକାର ଏହାକୁ ଭୁଲିଯାଇ ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ସେହିପରି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଡାକ୍ତର ଓ ଅନ୍ୟ ମେଡିକାଲ ଷ୍ଟାଫ୍‌ମାନେ ଆଶାକର୍ମୀଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ ସହ ନିର୍ଯାତନା ଦେଉଛନ୍ତି। ସେମାନଙ୍କ ଚାକିରୀର ସ୍ଥାୟିତ୍ୱ ନ ଥିବାରୁ ଉପରିସ୍ଥ ଅଧିକାରୀ ତଥା ନିଯୁକ୍ତିଦାତାଙ୍କ ଧମକ ଓ ଶୋଷଣର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି ବୋଲି ସଭାନେତ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

# ପିପିଇ କିଟ୍ ପିନ୍ଧି ପ୍ରତିବାଦ



ପିପିଇ କିଟ୍ ପିନ୍ଧି ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା।

**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)**

ପିପିଇ କିଟ୍ ପିନ୍ଧି ମଙ୍ଗଳବାର ଲୋୟର ପିଏମଜିରେ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ଓଡ଼ିଶା ଏଏନ୍‌ଏମ ୱାର୍କର୍ସ ୟୁନିୟନ ପକ୍ଷରୁ ୩ଦଫା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୋଭିଡ୍ ମହାମାରୀ ସମୟରେ ଗାଁରୁ ସହର ବୁଲି ବୁଲି ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିବା ସ୍ୱାସ୍ଥ୍ୟକର୍ମୀ ତଥା କୋଭିଡ୍ ଯୋଦ୍ଧାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଏହି ଆନ୍ଦୋଳନ କରାଯାଇଛି। ମଙ୍ଗଳବାର ଧାରଣାସ୍ଥଳରେ ପୂର୍ବରୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ବୟସ ସୀମା ନ ନରଖି ବିନା ପରୀକ୍ଷାରେ ସ୍ଥାୟୀ ସେବା ପ୍ରଦାନ କରାଯାଉ ବୋଲି ଆନ୍ଦୋଳନରତ କର୍ମୀ କହିଛନ୍ତି। ସେହିପରି ସରକାରଙ୍କ ଘୋଷିତ ୫ ପ୍ରତିଶତ ଗ୍ରେସ୍ ମାର୍କକୁ ବାତିଲ କରି ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଦାବି କରାଯାଇଛି। ମହାମାରୀ ସମୟରେ ନିଜ ପରିବାରକୁ ଭୁଲି ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ପର କରିଦେଇଥିବା କହି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ତାଲିମପ୍ରାପ୍ତ ବେକାରି ଚକ୍ଷୁ ସହାୟକ ସଂଘର ଧାରଣା




**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)**

୪ଦଫା ଦାବି ନେଇ ତାଲିମପ୍ରାପ୍ତ ବେକାରି ଚକ୍ଷୁ ସହାୟକ ସଂଘ ପକ୍ଷରୁ ଲୋୟର ପିଏମଜିରେ ଧାରଣା ଦିଆଯାଇଛି। ଖୁବ୍ ଶୀଘ୍ର କ୍ୟାଡର୍ ରୁଲ୍ ଲାଗୁ, ସ୍ଥାୟୀ ନିଯୁକ୍ତି ପ୍ରଦାନ, ଖାଲି ଥିବା ପଦବୀ ପୂରଣ ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଠିକା ନିଯୁକ୍ତି ବନ୍ଦ କରିବା ଦାବିରେ ଚକ୍ଷୁ ସହାୟକ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ଚକ୍ଷୁ ସହାୟକ ପଦବୀରେ ଚକ୍ଷୁ ଚିକିତ୍ସା ସମ୍ପର୍କିତ ବିଭିନ୍ନ ସେବା ପ୍ରଦାନ କରି ଆସୁଛନ୍ତି। ତେବେ ଦୀର୍ଘ ୩୦ ବର୍ଷ ପରେ ସ୍ୱାସ୍ଥ୍ୟ ବିଭାଗରେ ଚକ୍ଷୁ ସହାୟକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା କରାଯାଇ ମାର୍କ ଭିତ୍ତିରେ ଦୁଇ ବ୍ୟାଚ୍‌ରେ ୧୮୦ ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସରକାରୀ ମେଡିକାଲ କଲେଜରେ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅନୁଷ୍ଠାନରେ ପ୍ରଶିକ୍ଷଣ ଦିଆଯାଇଥିଲା। ତେବେ ତାଲିମ ସରିବା ପରେ ମଧ୍ୟ ଖାଲିପଡ଼ିଥିବା ପଦବୀରେ ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ତେବେ ସେମାନଙ୍କର ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହି ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

# ସରକାର ନ ଶୁଣିବା ପର୍ଯ୍ୟନ୍ତ ଏଠି ପଡ଼ି ରହିବୁ

**ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ୩ ଦିନ ହେଲା ବିଭିନ୍ନ ଦାବିନେଇ ପ୍ରାଥମିକ ଶିକ୍ଷକ, ଅଙ୍ଗନୱାଡ଼ି ସଂଘ, ଆଶା କର୍ମୀ ଆଦି ପକ୍ଷରୁ ଆନ୍ଦୋଳନ କରାଯାଉଛି। ଦିନ ସମୟରେ ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆନ୍ଦୋଳନକାରୀମାନେ ଆସୁଥିବାରୁ ଟ୍ରାଫିକ୍ ଜାମ୍ ହେବା ସହ ମାଷ୍ଟରକ୍ୟାଣ୍ଟିନ୍‌ରୁ ପିଏମ୍‌ଜି ଛକ ଲୋକାରଣ୍ୟ ହୋଇ ଗର୍ଜନରେ ଫାଟି ପଡୁଛି। ଅପରପଟେ ଦୂରଦୂରାନ୍ତରୁ ଆସିଥିବା ଅନେକ ହଜାର ଆନ୍ଦୋଳନକାରୀ ଘରକୁ ନ ଫେରିପାରି ପିଏମ୍‌ଜି ରାସ୍ତାର ବିଭିନ୍ନ ସ୍ଥାନରେ ରାତିରେ ଶୀତକାକରରେ ଖୋଲା ଆକାଶ ତଳେ ଶୋଇ ରହୁଛନ୍ତି। ସରକାର ଦାବି ନ ଶୁଣିବା ପର୍ଯ୍ୟନ୍ତ ଏଭଳି ବିକ୍ଷୋଭ ଜାରି ରହିବ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି ଆନ୍ଦୋଳନକାରୀ।**

"ଧାରଣାକୁ ୩ ଦିନ ବିତିଲା। ହେଲେ ସରକାର ଆମର ଦୁଃଖ ଏପର୍ଯ୍ୟନ୍ତ ଶୁଣିଲେନି। କିନ୍ତୁ ଯେପର୍ଯ୍ୟନ୍ତ ଆମର ଦାବି ପୂରଣ ହୋଇନି ଏ ଜାଗା ଛାଡ଼ି ଆମେ ଯିବୁନି। ଶୀତ କାକରରେ ଘର ପରିବାରକୁ ଛାଡ଼ି ଧାରଣାରେ ବସିଛୁ। ଦିନରେ ଯେତିକି ହଇରାଣ ହେଉଛୁ ତାହାଠୁ ବଳିଯାଉଛି ରାତି। ଖାଇବା ପିଇବାଠାରୁ ଆରମ୍ଭ କରି ସବୁ ପ୍ରକାର ଅସୁବିଧା ହେଉଛି। ତେଣୁ ସରକାର ଖୁବ ଶୀଘ୍ର ଦାବି ପୂରଣ କଲେ ଆମେ ଖୁସିର ସହ ଘରକୁ ଫେରିବୁ।

**- କନକଲତା ମହାନ୍ତୋ, ଶିକ୍ଷୟିତ୍ରୀ, କେନ୍ଦୁଝର ଜିଲା**

"ଶୌଚାଳୟ ନ ଥିବାରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛୁ। ଏହାସହ ଯେତିକି ବି ବ୍ୟବସ୍ଥା ହୋଇଛି, ସେଠାରେ ପାଣି ଠିକ୍ ଭାବେ ମିଳୁନାହିଁ। ତେଣୁ ପାଖରେ ଥିବା ଲୋକମାନଙ୍କ ଘରକୁ ଯାଉଛୁ। ସାଙ୍ଗରେ ଛୋଟ ପିଲା ଆସିଥିବାରୁ ତାଙ୍କୁ ବି ଥଣ୍ଡା କାକରରେ ଧରି ଶୀତରେ ଥରିବାକୁ ପଡୁଛି।

**- ରୀତାଞ୍ଜଳି ଭୋଇ, ଆନ୍ଦୋଳନକାରୀ**

"୩ ଦିନ ହେଲା ଖରା ଶୀତରେ ଧାରଣାରେ ବସିଛୁ। ମୋର ୪ ବର୍ଷର ଛୁଆ। ଘରେ କାହା ପାଖରେ ନ ରହିବାରୁ ତାକୁ ସାଙ୍ଗରେ ଆଣି ସ୍ୱାମୀସ୍ତ୍ରୀ ଧାରଣାରେ ବସିଛୁ। ରାତିରେ ଖୋଲା ଆକାଶରେ ବସି ରହୁଥିବାରୁ ପିଲାକୁ ଥଣ୍ଡା ହେଲାଣି। ସରକାର ଆମର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆମେ ଅହୋରାତ୍ର ଧାରଣାରେ ବସିବୁ।

**- ଝୁନାବତ ଶବର, ଶିକ୍ଷୟିତ୍ରୀ, ଗଞ୍ଜାମ**

"ହାତରୁ ଖାଇବାକୁ ପଡୁଛି। ତାହା ସହିତ ଛୋଟ ପିଲାଙ୍କୁ ଧରିକି ଆସିବାରୁ ନାହିଁ ନ ଥିବା ହଇରାଣ ହରକତ ହେଉଛି। ଶୀତ ସାଙ୍ଗକୁ ମଶାର ଉତ୍ପାତ ଆମକୁ ଅଣନିଃଶ୍ୱାସି କରିଦେଉଛି।

**- ଅଶୋକ କୁମାର ରଇତା, ଗଞ୍ଜାମରୁ ଆସିଥିବା ଆନ୍ଦୋଳନକାରୀ**

"ବୁଧବାରକୁ ଧାରଣା ୪ଦିନରେ ପହଞ୍ଚିବ। ଏହାଦ୍ୱାରା ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ହେବ। ଆଉ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ। ବହୁ ଶିକ୍ଷୟିତ୍ରୀ ରାସ୍ତାରେ ଛୋଟ ପିଲାଙ୍କୁ ଧରିକି ବସୁଛନ୍ତି। ତେଣୁ ତାଙ୍କର ବି ଯାହା ଅସୁବିଧା ହେବ ଏଥିପାଇଁ ସରକାର ଦାୟୀ ରହିବେ।

**- ଦଇଣ୍ଡା ରଇତା, ଗଞ୍ଜାମ**

"୨ ବର୍ଷର ଝିଅକୁ ଧରି ଦାବି ପୂରଣ ପାଇଁ ଆସିଛି। ତାହା ସହିତ ଖୋଲା ଆକାଶ ତଳେ ଦିନ ରାତି କଟୁଛି। ରାତିରେ ସାଧାରଣତଃ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏହାସତ୍ତ୍ୱେ ବି ଆମେ ହକ୍ ପାଇଁ ଲଢ଼େଇ କରିବୁ। ସରକାର ଆମକୁ ଯେଉଁ ଅଣଦେଖା କରୁଛନ୍ତି ତାହାର ଜବାବ ଦେବାକୁ ଆସିଛି। ଶହ ଶହ ବିକ୍ଷୋଭକାରୀ ଏଠାରେ ଏକତ୍ରିତ ହୋଇଥିବାରୁ ଶୌଚାଳୟ ଓ ପାଣିର ଘୋର ଅଭାବ ଦେଖାଯାଉଛି।

**- ବର୍ଷା, ଆଶାକର୍ମୀ**

"ସୁରକ୍ଷା ପାଇଁ ଯଦିଓ ଏଠାରେ ପୋଲିସ ମୁତୟନ ଅଛନ୍ତି, କିନ୍ତୁ ଦିନ ଚର୍ଯ୍ୟାରେ ଆମେ ନାହିଁ ନ ଥିବା ହଇରାଣ ହେଉଛୁ। ଏପରକି ଶୌଚାଳୟ ଧାରଣା ସ୍ଥଳ ଛାଡ଼ି ୧ କି.ମି.ରୁ ଅଧିକ ବାଟ ଯିବାକୁ ପଡୁଛି। ତେଣୁ ଏଥିପାଇଁ ବ୍ୟବସ୍ଥା କଲେ ଆମେ ଟିକେ ହଇରାଣରୁ ସାମାନ୍ୟ ମୁକ୍ତି ପାଇବୁ।

**- ଝୁଲୁ ଲତା ବିଶ୍ୱାଳ, ଆଶାକର୍ମୀ**

"୮ ଦଫା ଦାବି ନେଇ ୩ ଦିନ ହେଲା ଏଠାରେ ଧାରଣା ଦେଇଛୁ। ସରକାର ଆମ କଥା ଶୁଣୁ ନାହାନ୍ତି। ଶୀତ କାକରରେ ପଡ଼ିଛୁ। ପାଣି ମିଳୁନାହିଁ। ଅନ୍ୟ ସରୀସୃପର ଭୟ ମଧ୍ୟ ରହୁଛି। ସରକାର ଆମ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆମେ ଏମିତି ଧାରଣ ଦେବୁ।

**- ତ୍ରିନାଥ ସାହୁ, କଣାସ, ପୁରୀ, ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଙ୍ଘ**

"୨୨ ତାରିଖଠୁ ୩ ଦଫା ଦାବି ନେଇ ଧାରଣା ଦେଉଛୁ। ଲୋୟର ପିଏମ୍‌ଜିରେ ସୁରକ୍ଷା ବ୍ୟବସ୍ଥା ଠିକ୍ ଅଛି। ପୋଲିସ ତାର କାର୍ଯ୍ୟ କରୁଛି। ରାତିରେ ଶୋଉନାହୁଁ। ଖାଇବା ଠିକ୍‌ରେ ହେଉନାହିଁ। କେତେ ଜଣ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଛନ୍ତି। ସରକାର ଆମ ସହ କୌଣସି ଆଲୋଚନା କରୁନାହାନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ।

**- ବିଶ୍ୱରଞ୍ଜନ ଆଚାର୍ଯ୍ୟ, ବଲାଙ୍ଗୀର, ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଙ୍ଘ**

"୨୭ ତାରିଖଠୁ ୩ ଦଫା ଦାବି ନେଇ ଧାରଣା ଦେଇଛୁ। କିନ୍ତୁ ସରକାର ଆମ କଥା ଏପର୍ଯ୍ୟନ୍ତ ରଖି ନାହାନ୍ତି। କୁହୁଡ଼ି କାକରରେ ଆମେମାନେ ପଡ଼ି ରହିଛୁ। ଆମ ପାଇଁ ସୁରକ୍ଷା ବ୍ୟବସ୍ଥା କିଛି କରାଯାଇନାହିଁ। ଶୀତ ରାତିରେ ମଶାଙ୍କ ଉପଦ୍ରବ ଭାରି କଷ୍ଟ ଦେଉଛି। ପାଣି ଟିକେ ମଧ ଠିକ୍‌ରେ ମିଳୁନାହିଁ। ବିଭିନ୍ନ ଅସୁବିଧା ଭିତରେ ରହିଛୁ। ଆମ ନ୍ୟାଯ୍ୟ ଦାବି ପୂରଣ ନ ହେବା ଯାଏଁ ଆମେ ରାସ୍ତାରୁ ଉଠିବୁ ନାହିଁ।

**- କେଶବ ଚନ୍ଦ୍ର ଦଳାଇ, କୁଜଙ୍ଗ, ମିଳିତ ପ୍ରାଥମିକ ଶିକ୍ଷକ ମହାସଙ୍ଘ**

## ଦିନରେ ଗର୍ଜନ, ରାତିରେ ଖୋଲା ଆକାଶ ଭରସା



ପିଏମ୍‌ଜି ରାସ୍ତାରେ ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବା ଆନ୍ଦୋଳନକାରୀ। ଫଟୋ: ମୌସମ

# ଆନ୍ଦୋଳନ ପାଇଁ ଟ୍ରାଫିକ୍ ଜାମ୍

## ଜନସାଧାରଣ ହଇରାଣ



**ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ବିଶେଷକରି ବିଧାନସଭା ଚାଲୁଥିବାବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏକାଧିକ ସଙ୍ଗଠନ ସେମାନଙ୍କ ଦାବି ନେଇ ଲୋୟର ପିଏମ୍‌ଜିରେ ଧାରଣା ଦେଉଛନ୍ତି। ଫଳରେ ଟ୍ରାଫିକ୍ ଜାମ ପରିସ୍ଥିତି ସଙ୍ଗିନ ହେଉଛି। ଏଥିପାଇଁ ଜନସାଧାରଣଙ୍କୁ ହଇରାଣ ହେବାକୁ ପଡୁଛି।

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ଦଫା ଦାବି ନେଇ ରବିବାରଠାରୁ ଲୋୟର ପିଏମ୍‌ଜିରେ ବଡ଼ଧରଣର ଆନ୍ଦୋଳନ ଚାଲିଛି। ଦାବି ପୂରଣ ନ ହେବା ଯାଏ ସେମାନେ ଧାରଣାରୁ ଉଠିବେନି ବୋଲି କୁହାଯାଇଛି। ରାଜ୍ୟର ସବୁ ଜିଲାରୁ ହଜାର ହଜାର ଶିକ୍ଷକ ଭୁବନେଶ୍ୱର ଆସି ଧାରଣା ଦେଉଛନ୍ତି। ସେହିପରି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବ୍ୟତୀତ ତାଲିମପ୍ରାପ୍ତ ବେକାରୀ ଚକ୍ଷୁ ସହାୟକ ସଂଘ, କୋଭିଡ ଯୋଦ୍ଧା ଏନ୍.ଏନ୍.ଏମ୍ କର୍ମଚାରୀ, ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ, ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଏବଂ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ଭଳି ଏକାଧିକ ସଂଘ ସେମାନଙ୍କ ବିଭିନ୍ନ ଦାବି ନେଇ ଧାରଣା ଦେଉଛନ୍ତି। ଫଳରେ ଧାରଣାସ୍ଥଳକୁ ଯିବା ଏବଂ ଆସିବା ସମୟରେ ଟ୍ରାଫିକ୍ ଜାମ ହେଉଛି। ମଙ୍ଗଳବାର ମଧ୍ୟ ଅଧିକାଂଶ ସ୍ଥାନରେ ଧାରଣା ଚାଲିଥିବାରୁ ଟ୍ରାଫିକ ଜାମ ହୋଇଥିଲା। ଲୋୟର ପିଏମ୍‌ଜି ନିକଟବର୍ତ୍ତୀ ଛକ ଏବଂ ଗଳି ରାସ୍ତାରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ବିଶେଷ କରି ପୂର୍ବାହ୍ନ ଓ ଅପରାହ୍ନରେ ଏହି ସ୍ଥିତି ଜଟିଳ ହେଉଛି। କାରଣ ପୂର୍ବାହ୍ନରେ ଭୁବନେଶ୍ୱରର ଅନ୍ୟସ୍ଥାନରେ ରହୁଥିବା କିମ୍ବା ବାହାରୁ ଆସିଥିବା ସଂଘର ସଦସ୍ୟମାନେ ଧାରଣାସ୍ଥଳକୁ ଯାଉଛନ୍ତି। ସେହିପରି ଅପରାହ୍ନରେ ବହୁ ସଦସ୍ୟ ଧାରଣାସ୍ଥଳରୁ ଅନ୍ୟ ସ୍ଥାନକୁ ଯିବାରୁ ଟ୍ରାଫିକ୍ ସ୍ଥିତି ଅସମ୍ଭାଳ ହୋଇପଡୁଛି। ମଙ୍ଗଳବାର ଭିଡ଼ ପାଇଁ ଟ୍ରାଫିକ୍ ସିଗ୍‌ନାଲ ନିର୍ଦ୍ଧାରିତ ସମୟ ପୂର୍ବରୁ ଛାଡୁଥିଲା। ସେହିପରି ଆନ୍ଦୋଳନକାରୀଙ୍କ ଗାଡି ପାର୍କିଂ ପାଇଁ କିଛି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି। ହେଲେ ଢେର ଅଧିକ ଲୋକ ଆସିବାରୁ ଯିଏ ଯୁଆଡେ ପାରିଲେ ଗାଡ଼ି ରଖୁଛନ୍ତି। ଏପରିକି ରାସ୍ତା କଡରେ ମାଲମାଲ ଗାଡି ରହିବାରୁ ରାସ୍ତା ସଂକୁଚିତ ହୋଇପଡୁଛି। ଏଣୁ ଟ୍ରାଫିକ ସମସ୍ୟା ଉପୁଜୁଛି। ବିଧାନସଭାରେ ପ୍ରଶ୍ନକାଳ ସରିବା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି କୁହାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜଧାନୀବାସୀ ଦାବି କରୁଛନ୍ତି।



କେତେ ଜଣ ଆନ୍ଦୋଳନକାରୀମାନେ ରାତି ସମୟ ବିତାଇବା ପାଇଁ ଚେସ୍ ଖେଳୁଛନ୍ତି।

**ଗ୍ଲୋବାଲର 'ଆଗମନ-୨୦୨୨'**

ବାଲିଅନ୍ତା,(ଡି.ଏନ୍.ଏ.)- ସ୍ଥାନୀୟ ହଂସପାଳସ୍ଥିତ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ନବାଗତ ଛାତ୍ରାଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆଗମନ-୨୦୨୨' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦିଲୀପ ମହାନ୍ତି ଯୋଗଦେଇ ଶୃଙ୍ଖଳା ମାଧ୍ୟମରେ ସଫଳତା ମିଳିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଡ. ଲୋନା ନାୟକ ଯୋଗଦେଇ ଛାତ୍ରାଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ଗଭର୍ଣ୍ଣିଂବଡି ସଭ୍ୟା ମମତା ଦାସ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଏନ୍.କେ. ମିଶ୍ର ସ୍ୱାଗତ ଭାଷଣ ଓ ଡ. ମୁନ୍‌ମୁନ୍ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିପୁଲ କୁମାର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମେକ୍ ଇନ୍ ଓଡ଼ିଶା କନକ୍ଲେଭ ପାଇଁ ୧୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ବୁଧବାରଠାରୁ ଆରମ୍ଭ ହେବ 'ମେକ୍ ଇନ ଓଡ଼ିଶା କନକ୍ଲେଭ'। ରାଜ୍ୟ ତଥା ରାଜ୍ୟ ବାହାରର ୧୦୦ରୁ ଅଧିକ ଶିଳ୍ପପତି ଏକାଠି ହେବେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିମାନ ବନ୍ଦରରୁ ଆରମ୍ଭ କରି ରାସ୍ତା, ହୋଟେଲ, ଜନତା ମଇଦାନ, ପାର୍କିଂ, ଟ୍ରାଫିକ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ୨୧୩ ପୋଲିସ ଅଧିକାରୀ କର୍ମଚାରୀ ଦାୟିତ୍ୱରେ ରହିବେ। ୧୨ ଏସିପି, ୩ ଏଡିସିପି, ୨୧ ଇନ୍ସପେକ୍ଟର, ୫୦ ଏସଆଇ ଓ ଏଏସଆଇ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବ ଏହି ଶିଳ୍ପ ମହାକୁମ୍ଭ। ଅପରପକ୍ଷରେ ସାଧାରଣ ଲୋକ କେବଳ ୪ ତାରିଖ ସନ୍ଧ୍ୟାରେ ଜନତା ମଇଦାନରେ ଆସି ବୁଲିପାରିବେ। ଅନ୍ୟମାନେ କାର୍ ପାସ ଓ ନିମନ୍ତ୍ରଣ ପତ୍ର ଦେଖାଇ କନକ୍ଲେଭକୁ ଆସିପାରିବେ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): ନୟାପଲ୍ଲୀ ଥାନା ପୋଲିସ ମଙ୍ଗଳାବାର ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ସାଲିଆସାହିରେ ରହୁଥିବା କେନ୍ଦ୍ରାପଡ଼ାର ବବୁଲୁ ଓରଫ ରଶ୍ମିକାନ୍ତ ବେହେରା। ତାଙ୍କଠାରୁ ୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ ୭୩୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଜବତ ବ୍ରାଉନସୁଗାର ଖୋର୍ଦ୍ଧାରୁ ଆଣି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳର ବିକ୍ରି କରୁଥିବା ଜଣାପଡିଛି।

### କିଶୋରୀଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)- ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ ଦ ୟୁନାଇଟେଡ୍ ପପୁଲେସନ୍ ଫଣ୍ଡ (ୟୁଏନ୍‌ଏଫ୍‌ପିଏ) ମିଳିତ ଆନୁକୂଲ୍ୟରେ ସାମାଜିକ ବିକାଶ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ସାମାଜିକ ଅନୁଷ୍ଠାନ 'ହମାରା ବଚପନ୍' ଓ ଉତ୍କଳ କରାଟେ ସ୍କୁଲ ସହଯୋଗରେ ବସ୍ତି ଅଞ୍ଚଳର କିଶୋରୀମାନଙ୍କୁ ଆତ୍ମସୁରକ୍ଷାର କୌଶଳ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ସହରର ବିଭିନ୍ନ ବସ୍ତି ଅଞ୍ଚଳର କିଶୋରୀମାନେ ଅଂଶଗ୍ରହଣ କରିଥିବାବେଳେ ଜରୁରିକାଳୀନ ସମୟରେ କିପରି ନିଜର ସୁରକ୍ଷା କରିପାରିବେ ସେ ନେଇ ତାଲିମ ଦିଆଯାଉଛି।

### ଫର୍ନିଚର ମରାମତି ଦୋକାନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ) : ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜଗନ୍ନାଥ ନଗର ଲେନ -୧୦ରେ ଥିବା ଏକ ଫର୍ନିଚର ମରାମତି ଦୋକାନରେ ମଙ୍ଗଳବାର ଭୋର ୪ଟା ସମୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ସୂଚନା ମିଳିଛି। ଅଗ୍ନିଶମ ବିଭାଗ ପହଁଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଶର୍ଟସର୍କିଟରୁ ଘଟିଥିବା ଅନୁମାନ କରାଯାଉଛି।

# ଜାମୁକୋଲି ଗୋଶାଳାରେ ଅନିୟମିତତା

- ଚଢ଼ାଉ କଲେ ମେୟର
- ଗୋଶାଳାରେ ସିସିଟିଭ ସହ ଲାଗିବ ହାଇମାଷ୍ଟ ଲାଇଟ୍

ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଜାମୁକୋଲି ଗୋଶାଳାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏଠାରେ ଥିବା ଗାଈଗୋରୁ, ଷଣ୍ଢଙ୍କ ଯତ୍ନ ଠିକ୍ ଭାବେ ନିଆଯାଉ ନ ଥିବାବେଳେ ସେମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ। ଏଠାରେ ବିଭିନ୍ନ ହେର୍‌ଫେର୍ ହେଉଥିବା ଅଭିଯୋଗ ପାଇବା ପରେ ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇଥିଲା। ଘଟଣାର ସତ୍ୟତା ଜଣାପଡିବା ପରେ ମେୟର ବିରକ୍ତି ପ୍ରକାଶ କରିଥିଲେ। ସପ୍ତାହକ ମଧ୍ୟରେ ଜାମୁକୋଲି ଗୋଶାଳାରେ ଗୋରୁଗାଈଙ୍କ ସଂଖ୍ୟା ୩ଗୁଣା ବୃଦ୍ଧି ପାଇ ୫୯୦ରେ ପହଞ୍ଚିଛି। ସାଢେ ୫ ଏକର ପରିମିତି ଏହି ଗୋଶାଳାରେ ୮ଶହ ଗୋରୁ ରହିବାର କ୍ଷମତା ରହିଛି। ମାତ୍ର ମଙ୍ଗଳବାର ଠାରୁ ଗୋରୁଙ୍କୁ ଜଟଣୀ ସ୍ଥିତ ଗୋଶାଳାକୁ ପଠାଯିବ ବୋଲି ସୂଚନା ଦିଆଯାଇଛି।

ବିଶ୍ୱ କପ୍ ହକି ପାଇଁ ସଜେଇ ହେଉଛି ରାଜଧାନୀ ଭୁବନେଶ୍ୱର। ପରିମଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ସବୁକୁ ନେଇ ପ୍ରସ୍ତୁତି ଜୋର୍‌ଦାର କରାଯାଉଛି। ଏହି କ୍ରମରେ ରାସ୍ତାରୁ ଗୋରୁ ଉଠା ଅଭିଯାନକୁ ବ୍ୟାପକ କରାଯାଇଛି। ରାସ୍ତାରୁ ଗୋରୁ ଉଠାଇବା ପାଇଁ ୩ଟି ସଂସ୍ଥା ଯଥା ବିଶାଳ, ଜେ.କେ. ଟ୍ରେଡର୍ସ ଏବଂ ଆର୍‌କେ ଟ୍ରେଡର୍ସକୁ ଦାୟିତ୍ୱ ଦିଆଯାଇଥିବାବେଳେ ଗୋଶାଳାରେ ସେମାନଙ୍କର ଯତ୍ନ ନେବା ପାଇଁ ପିପୁଲ ଫର୍ ଆନିମଲ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ପ୍ରତି ଗୋରୁଙ୍କ ଖାଇବା ଏବଂ ଯତ୍ନ ନେବା ବାବଦରେ ବିଏମ୍‌ସି ୨ଶହ ଟଙ୍କା ଖର୍ଚ୍ଚ କରୁଛି। ଏଥିସହ ନିୟୋଜିତ ଡାକ୍ତର, କର୍ମଚାରୀ ଆଦି ସମସ୍ତ ବାବଦରେ ମାସକୁ ଅତି କମ୍‌ରେ ୪ରୁ ୫ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ମାତ୍ର ଠିକ୍ ଭାବେ ସେବା ନ ଯୋଗାଇ ବିଏମ୍‌ସି ଅର୍ଥରେ ମାଲାମାଲ ହେଉଛନ୍ତି ଠିକା ସଂସ୍ଥା। ପୂର୍ବରୁ ଏ ସମ୍ପର୍କରେ ଅଭିଯୋଗ ହୋଇଥିବାବେଳେ ଗତ କର୍ପୋରେଶନ ବୈଠକରେ ମଧ୍ୟ ପ୍ରସଙ୍ଗ ଉଠିଥିଲା। ବାରମ୍ବାର ଅଭିଯୋଗ ପାଇବା ପରେ ଅତର୍କିତ ଚଢାଉ କରାଯାଇଥିଲା। ସ୍ଥିତିକୁ ଦେଖି ମେୟର ଅସନ୍ତୋଷ ପ୍ରକାଶ କରିବା ସହ ଗୋଶାଳାରେ ସିସିଟିଭି ଲଗାଇବା, ଗୋରୁଗାଈଙ୍କ ଯତ୍ନ ନେବା ପାଇଁ ଅଧିକ ଲୋକଙ୍କୁ ନିୟୋଜିତ କରିବା, ୩ଟି ହାଇମାଷ୍ଟ ଲାଇଟ ସହିତ ଖରାରୁ ରକ୍ଷା ପାଇବା ପାଇଁ ଅଧିକ ସଂଖ୍ୟାରେ ସେଡ୍ ଓ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋରୁଗାଈଙ୍କ ଯତ୍ନରେ ଅବହେଳା ନେଇ ଅଭିଯୋଗର ତଦନ୍ତ ହେବ ଏବଂ ଏହା ସତ୍ୟ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମସି ଡେ଼ପୁଟି କମିଶନର ରମେଶ ଚନ୍ଦ୍ର ଜେନା କହିଛନ୍ତି। ଗୋଟିଏ ଷଣ୍ଢ ପାଇଁ ଖୋଲା ସ୍ଥାନରେ ୨୪ ବର୍ଗମିଟର ଏବଂ ଆବଦ୍ଧ ସ୍ଥାନରେ ୧୨ ବର୍ଗମିଟର ସ୍ଥାନ ଆବଶ୍ୟକ। ସେହିପରି ଗୋଟେ ଗାଈ ପାଇଁ ଖୋଲା ସ୍ଥାନରେ ୧୨ ବର୍ଗମିଟର ଏବଂ ଆବଦ୍ଧ ସ୍ଥାନରେ ୬ବର୍ଗ ମିଟର ସ୍ଥାନ ଆବଶ୍ୟକ। ସେହି ଅନୁପାତରେ ଜାମୁକୋଲି ଗୋଶାଳାରେ ୮୬୬ ଗୋରୁ ରହିପାରିବେ। ମାତ୍ର ଏବେ ଜଟଣୀ ଏବଂ ଆବଶ୍ୟକ ପଡିଲେ ପୁରୀରେ ଥିବା ଗୋଶାଳାକୁ ସ୍ଥାନାନ୍ତର କରାଯିବ। ବର୍ତ୍ତମାନ ଗୋଶାଳାରେ ରକ୍ଷଣାବେକ୍ଷଣ କରିବା ପାଇଁ ନିୟୋଜିତ ସଂସ୍ଥା ପକ୍ଷରୁ ୨୫ଜଣ ସଦସ୍ୟ ରହିଛନ୍ତି। ସେହିପରି ଜଣେ ଭେଟେନାରି ଡାକ୍ତର ଏବଂ ଜଣେ ଏଲ୍‌ଆଇ ଅଛନ୍ତି। ଖୁବ୍‌ଶୀଘ୍ର କେୟାରଟେକରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସେ ସୂଚନା ଦେଇଛନ୍ତି।



ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ଲେଖକ ସ୍ୱଦେଶ ସୁନ୍ଦର ପଟ୍ଟନାୟକଙ୍କ ପୁସ୍ତକ 'ଜଳନ୍ତର ଇତିହାସ: ଏକ ଛିନ୍ନପୃଷ୍ଠାର ଆତ୍ମକଥା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ବିଜ୍ଞାନ ଶିକ୍ଷା ଅଭିବୃଦ୍ଧିରେ ଶିଶୁ ବିଜ୍ଞାନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଏବଂ ମଦର୍ସ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ୩୦ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଏବଂ ସାଧନ କର୍ମୀ ବିଜ୍ଞାନ ଶିକ୍ଷକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ସ୍ଥାନୀୟ ମଦର୍ସ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ କରିବା, ସେମାନଙ୍କ ସୃଷ୍ଟି ଶକ୍ତିକୁ ତ୍ୱରାନ୍ୱିତ କରିବା ଏବଂ ସଂଘବଦ୍ଧ ଭାବରେ କାର୍ଯ୍ୟ କରିବାରେ ଶିଶୁ ବିଜ୍ଞାନ କଂଗ୍ରେସର ଭୂମିକା ଅତୁଳନୀୟ ବୋଲି ବିଜ୍ଞାନ କଂଗ୍ରେସର ଅଧ୍ୟକ୍ଷ ତଥା ବିଶିଷ୍ଟ ବୈଜ୍ଞାନିକ ଡ. ରଣସିଂହ ନିର୍ମଳେନ୍ଦୁ ରାୟ କହିଥିଲେ। ପ୍ରାରମ୍ଭରେ ମଦର୍ସ ପବ୍ଲିକ ସ୍କୁଲ ଉପାଧ୍ୟକ୍ଷ ଆଶା ଟି. ଆର୍ ସ୍ୱାଗତ ଭାଷଣ ଦେଇଥିଲେ। ବିଜ୍ଞାନ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ଶିଶୁ ବିଜ୍ଞାନୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ପତି କହିଥିଲେ। ପିଲାଙ୍କର ଅନ୍ତର୍ନିହିତ ଶକ୍ତି ବୃଦ୍ଧି କରିବାରେ ଶିଶୁ ବିଜ୍ଞାନ କଂଗ୍ରେସ ସହାୟକ ହେଉଛି ବୋଲି ମୁଖ୍ୟ ସଂଯୋଜକ କବିତା ରାୟ କହିଥିଲେ। ଶିଶୁ ବିଜ୍ଞାନ କଂଗ୍ରେସର ଯୁଗ୍ମ ସଂଯୋଜକ ସୁନିଲ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀ ସମ୍ପାଦକ ତଥା ଶିଶୁ ବିଜ୍ଞାନ କଂଗ୍ରେସର ଶୈକ୍ଷିକ ସଂଯୋଜକ ପ୍ରଫେସର ଆଶିଷ କୁମାର ମହାନ୍ତି ଏବଂ ଗଞ୍ଜାମ ଜିଲା ସଂଯୋଜକ ଗୋପାଳକୃଷ୍ଣ ପଣ୍ଡା ସମସ୍ତ ଜିଲା ସଂଯୋଜକ ଏବଂ ବିଜ୍ଞାନ ଶିକ୍ଷକଙ୍କୁ ଚଳିତ ବର୍ଷର ମୁଖ୍ୟ ବିଷୟ ବସ୍ତୁ 'ସୁସ୍ଥ ରହିଲେ ଆମ ପରିସଂସ୍ଥା–ବଜାୟ ରହିବ ସ୍ୱାସ୍ଥ୍ୟ ଓ ସୁସ୍ଥତା' ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାକୁ ଶିଶୁ ବିଜ୍ଞାନ କଂଗ୍ରେସର ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ, ମଦର୍ସ ପବ୍ଲିକ ସ୍କୁଲର ସନ୍ତୋଷୀ ମହାପାତ୍ର ଏବଂ ପ୍ରଦୀପ କୁମାର ଖାଡ଼ଙ୍ଗା ପରିଚାଳନା କରିଥିଲେ।



ନିଖିଳ ଓଡ଼ିଶା ସରକାରୀ ହୋମିଓପ୍ୟାଥିକ୍ ସେବା ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅତିଥି ।

# ଓସ୍‌ଡମା କୋର୍ କମିଟିକୁ ଏମ୍ସ ଡା. ସୁଦୀପ୍ତ ସିଂହ ମନୋନୀତ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଓଡ଼ିଶାରେ ପ୍ରତିବର୍ଷ ସାପ କାମୁଡ଼ା ଏବଂ ତଜ୍ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ଏଥିରେ ରୋକ ଲଗାଇବା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା) ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ୭ଜଣିଆ କୋର୍ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଏମ୍ସ ଭୁବନେଶ୍ୱରର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପ୍ରତିନିଧି, କୋଲକାତା ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବୈଜ୍ଞାନିକ ଡ. ପ୍ରତ୍ୟୁଷ ମହାପାତ୍ର, ବିଶ୍ୱ ବ୍ୟାଙ୍କ ପ୍ରତିନିଧି ପୀୟୂଷ ରାମଅୱତର୍ ସେଖସରିଆ, ସ୍ନେକ ହେଲ୍ପଲାଇନର ମୁଖ୍ୟ ଶୁଭେନ୍ଦୁ ମଲ୍ଲିକ ଏବଂ ଓସ୍‌ଡମାର ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ରଖାଯାଇଛି। ଭୁବନେଶ୍ୱର ଏମ୍ସ ତରଫରୁ ଫୋରେନସିକ ମେଡିସିନ ଓ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହଙ୍କୁ ଓସ୍‌ଡମା କୋର୍ କମିଟିକୁ ମନୋନୀତ କରାଯାଇଛି। ଏ ନେଇ ମଙ୍ଗଳବାର ଭୁବନେଶ୍ୱର ଏମ୍ସ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଉଲ୍ଲେଖଯୋଗ୍ୟ, ଡା. ସୁଦୀପ୍ତଙ୍କର ସାପ ଏବଂ ସାପକାମୁଡ଼ା ବିଷୟରେ ବିଶେଷ ରୁଚି ରହିଥିବାବେଳେ ସାପ କାମୁଡ଼ାକୁ ନେଇ ଆନ୍ତର୍ଜାତିକ ଜର୍ନାଲଗୁଡ଼ିକରେ ଗବେଷଣା ମଧ୍ୟ ପ୍ରକାଶିତ ହୋଇଛି।

# ଆଞ୍ଚଳିକ ଭାଷାରେ ରଚିତ ମହାଭାରତର ବିଶ୍ୱସ୍ତରୀୟ ଅନୁବାଦ ଆବଶ୍ୟକ

**ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା**

ଭୁବନେଶ୍ୱର, ୨୯।୧୧ (ବ୍ୟୁରୋ)

ଓଡ଼ିଆର ପ୍ରଖ୍ୟାତ ସାରଳା ମହାଭାରତ ସମେତ ଭାରତର ଆଞ୍ଚଳିକ ଭାଷାରେ ରଚିତ ମହାଭାରତଗୁଡ଼ିକର ବିଶ୍ୱସ୍ତରୀୟ ଅନୁବାଦ ଆବଶ୍ୟକ। ଏପରି ହେଲେ ପୃଥିବୀରେ ଭାରତୀୟ ଭାଷା–ସାହିତ୍ୟର ନେତୃତ୍ୱ ପ୍ରତିଷ୍ଠିତ ହୋଇପାରିବ ବୋଲି ଭାଷାତତ୍ତ୍ୱବିତ୍ ତଥା ଷ୍ଟୋନି ବ୍ରୁକ୍ ବିଶ୍ୱବିଦ୍ୟାଳୟ, ନ୍ୟୁୟର୍କର ଭାରତ ବିଦ୍ୟା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀଧର କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଫେସର ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପୁଣ୍ୟ ସ୍ମୃତିରେ ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଶ୍ରୀଧର ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ମହାକାବ୍ୟରେ ଅସାଧାରଣତା ଓ ଜନଜୀବନର ମହାସଂଗମ: କୁମାରବ୍ୟାସଙ୍କ କନ୍ନଡ ମହାଭାରତ' ଶୀର୍ଷକ ବିଷୟ ଉପରେ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ଏଥିସହ ଆର୍ତ୍ତବଲ୍ଲଭଙ୍କୁ ପୂର୍ବ ଭାରତର ଦିଗପାଳ ବୋଲି ସେ ଅଭିହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏକାଡେମୀର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଯୋଗ ଦେଇଥିବାବେଳେ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକ ଡକ୍ଟର ଆର୍ତ୍ତବଲ୍ଲଭଙ୍କ ସାରସ୍ୱତ ଜୀବନୀ ଉପରେ ନିଜର ଅଭିଭାଷଣ ରଖିଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉପସଭାପତି ଡ. ସଂଗ୍ରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଟଙ୍କା ନ ଦେବାରୁ ମାଡ଼ ମାରି ଲୁଟ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଟଙ୍କା ଦେବାକୁ ମନା କରିବାରୁ ଯୁବକଙ୍କୁ ମାଡ ମାରି ଲୁଟ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେ ହେଲେ ୟୁନିଟ-୩ ରେ ରହୁଥିବା ଗଞ୍ଜାମ ଜିଲାର ତୋଫାନ ସେଠୀ (୨୩) । ତାଙ୍କଠାରୁ ୧୯୦୦ ଟଙ୍କା ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତଙ୍କ ନାମରେ ଖାରବେଳନଗର ଥାନାରେ ପୂର୍ବରୁ ୪ଟି ମାମଲା ରହିଥିବା ବେଳେ କ୍ୟାପିଟାଲ ଥାନାରେ ମଧ୍ୟ ଗୋଟିଏ ମାମଲା ରହିଛି। ପ୍ରକାଶ ଯେ, ଅଭିଯୋଗକାରୀ ଦୀପକ କୁମାର ବାରିକ ଓ ତାଙ୍କର ଜଣେ ବନ୍ଧୁ ଅନ୍ୟ ଜଣେ ବନ୍ଧୁଙ୍କୁ ନେବା ପାଇଁ ସୋମବାର ରେଲୱେ ଷ୍ଟେଶନକୁ ଆସିଥିଲେ। ଟ୍ରେନ ଆସିବା ବିଳମ୍ବ ଥିବା ଦେଖି ଉଭୟ ଏକ ଦୋକାନରେ ଚା ପିଉଥିଲେ । ଏହି ସମୟରେ ଅଭିଯୁକ୍ତ ତୋଫାନ ଟଙ୍କା ମାଗିଥିଲେ । ହେଲେ ଦୀପକ ଓ ତାଙ୍କ ସାଙ୍ଗ ବିରୋଧ କରିଥିଲେ। ଏଥିରେ ତୋଫାନ ଉତ୍ତ୍ୟକ୍ତ ହୋଇ ଦୀପକଙ୍କ ବନ୍ଧୁଙ୍କୁ ଆକ୍ରମଣ କରିବା ସହିତ ପକେଟରେ ଥିବା ୪୦୦୦ଟଙ୍କା ବଳପୂର୍ବକ ଛଡାଇନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।


ରବୀନ୍ଦ୍ରମଣ୍ଡପରେ 'ସପ୍ତରଙ୍ଗ' ଉଦଯାପନୀ ଦିବସରେ ଦୁଇ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି । (ଫଟୋ– ମୌସମ)

# ମୃଦୁ ଗୁଞ୍ଜନର 'ସପ୍ତରଙ୍ଗ' ଉଦ୍‌ଯାପିତ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ମୃଦୁ ଗୁଞ୍ଜନ' ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ରବୀନ୍ଦ୍ରମଣ୍ଡପରେ 'ସପ୍ତରଙ୍ଗ' ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଅଶୋକ ତ୍ରିପାଠୀ, ଏଲ୍.ଏନ୍. ଅଗ୍ରୱାଲ୍, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ବିଜୟ କୁମାର ଦାସ, ଗୁରୁ ବିଜୟ କୁମାର ସାହୁ, ଗୁରୁ ମମତା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ତିମ ସନ୍ଧ୍ୟାରେ ଅନୁଷ୍ଠାନର ଛୋଟ ପିଲାଙ୍କୁ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ସିପ୍ରା ସ୍ୱାଇଁ, ଐଶ୍ୱର୍ଯ୍ୟା ସିଂହଦେଓ, ସୃଜନର କଳାକାର ଏବଂ ପରେ ଗୁରୁ ଲିଙ୍ଗରାଜ ପ୍ରଧାନ, ସାଥୀ ଗୁରୁ ରୋଜାଲିନ ମହାପାତ୍ର (ଦେବଦାସୀ) ଏବଂ ଗୁରୁ ଜ୍ୟୋସ୍ନାରାଣୀ ସାହୁ, ସୁରମନ୍ଦିର କଟକର କଳାକାରମାନେ ନୃତ୍ୟନାଟିକା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ୨ ମୋବାଇଲ୍ ଲୁଟେରାଙ୍କୁ ଛେଚିଲେ ଲୋକେ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ) :

ରାଜଧାନୀର ବିଭିନ୍ନ ସ୍ଥାନରୁ ଲୁଟ୍ କରିବା ମହଙ୍ଗା ପଡ଼ିଛି। ମୋବାଇଲ୍ ଲୁଟ୍ କରି ଫେରାର ହେବାକୁ ଉଦ୍ୟମ କରୁଥିବା ୨ ଯୁବକଙ୍କୁ ଲୋକେ କାବୁ କରି ନିର୍ଘାତ ଛେଚିବା ସହିତ କାନଧରି ବସଉଠ କରାଇ ପୋଲିସରେ ଜିମା ଦେଇଛନ୍ତି। ଶହୀଦନଗର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲାର ସଞ୍ଜୟ କୁମାର ନାୟକ (୨୪), ଖୋର୍ଦ୍ଧାର ଚିନ୍ମୟ ମହାନ୍ତି (୨୧) । ଏମାନଙ୍କଠାରୁ ଗୋଟିଏ ମୋଟର ସାଇକେଲ, ଭ୍ୟାନିଟ ବ୍ୟାଗ, ଆଧାର କାର୍ଡ, ହଜାରେ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ମାର୍କେଟରୁ ଘରକୁ ଫେରୁଥିବା ସମୟରେ ପୋଷ୍ଟାଲ କଲୋନୀ ନିକଟରେ ଅଭିଯୁକ୍ତଦ୍ୱୟ ମୋଟର ସାଇକେଲରେ ପଛରୁ ଆସି ତାଙ୍କ ହାତରୁ ଭ୍ୟାନିଟି ବ୍ୟାଗକୁ ଛଡାଇ ନେବା ସହ ଗୋଇଠା ମାରି ପଳାଇ ଯାଇଥିଲେ । ପରେ ଭିଏସ୍‌ଏସ୍ ନଗରରେ ଜଣେ ବ୍ୟକ୍ତିଙ୍କ ଠାରୁ ମୋବାଇଲ୍ ଲୁଟ୍ କରି ଫେରାର୍ ହେବାକୁ ଉଦ୍ୟମ କଲା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ପରେ ତାଙ୍କୁ କାନଧରି ବସ୍‌ଉଠ କରିବା ସହିତ ମାଡ଼ ମାରି ପୋଲିସ ଜିମା ଦେଇଥିଲେ।

# 'କଠିନ ସମୟ ଦେଇ ଗତି କରୁଛି ଗଣମାଧ୍ୟମ'

**'ସର୍ବସାଧାରଣ'ର ୧୩ତମ ବାର୍ଷିକୋତ୍ସବ**

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଦୈନିକ ଓଡ଼ିଆ ଖବରକାଗଜ 'ସର୍ବସାଧାରଣ' ମଙ୍ଗଳବାର ୧୩ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟ କାର୍ଯ୍ୟାଳୟଠାରେ ବାର୍ଷିକୋତ୍ସବ ପାଳନ କରିଛି। ପ୍ରତିଷ୍ଠାତା ସଞ୍ଜୟ କୁମାର ଦାସବର୍ମା କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ସାମ୍ପ୍ରତିକ ସ୍ଥିତିରେ ସାମ୍ବାଦିକଙ୍କ ବାକ୍ ସ୍ୱାଧୀନତା ଚାପଗ୍ରସ୍ତ ହୋଇଛି। ମୁଦ୍ରିତ ଅପେକ୍ଷା ଡିଜିଟାଲ୍ ଖବର ପରିବେଷଣ ବଢ଼ିଛି। ଆବଶ୍ୟକ ପରିମାଣର ଖବର ଠିକ୍ ସମୟରେ ମିଳିପାରୁନାହିଁ। ଫଳରେ ଖବରକାଗଜ ପ୍ରକାଶନ ଅତ୍ୟଧିକ ବ୍ୟୟ ସାପେକ୍ଷ ହୋଇପଡ଼ିଛି। ତେବେ ଏହି ସ୍ଥିତି ବେଶୀ ଦିନ ରହିବ ନାହିଁ। ଆମେ ସମସ୍ତେ ଯଦିଓ ନିଜକୁ ନିରପେକ୍ଷ ବୋଲି କହୁଛନ୍ତି, କିନ୍ତୁ ବାସ୍ତବରେ ଆମେ ସମସ୍ତେ ପକ୍ଷଭୁକ୍ତ। ଆମ ବିଚାର ଓ ବିବେକ ମଧ୍ୟରେ ତାରତମ୍ୟ ଆରମ୍ଭ ହୋଇଛି। ଏହାରି ଭିତରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଗଣମାଧ୍ୟମ ଏକ କଠିନ ସମୟ ଦେଇ ଗତି କରୁଛି ବୋଲି ଦାସବର୍ମା କହିଥିଲେ। ସମ୍ପାଦକ ସତ୍ୟପ୍ରିୟ ଜୟସିଂହ ଅଭିଭାଷଣ ରଖି ଆସନ୍ତା ବର୍ଷଠାରୁ ସର୍ବସାଧାରଣର ୟୁଟ୍ୟୁବ୍ ଚ୍ୟାନେଲ୍ ଆରମ୍ଭ ହେବ ବୋଲି କହିଥିଲେ। ବାର୍ତ୍ତା ସମ୍ପାଦକ ସୁକାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜିଲା ଓ ଅନ୍ୟ ପ୍ରତିନିଧିମାନଙ୍କୁ ପ୍ରତିଷ୍ଠାତା ଦାସବର୍ମା ଏବଂ ଅନ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବର୍ତ୍ତମାନ ସମୟରେ ଗଣମାଧ୍ୟମ ପ୍ରତି ଥିବା ବିଭିନ୍ନ ଆହ୍ୱାନ ତଥା ସାମ୍ବାଦିକଙ୍କ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ସହସମ୍ପାଦକ ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।



'ସର୍ବସାଧାରଣ'ର ୧୩ତମ ବାର୍ଷିକୋତ୍ସବରେ ଅତିଥିମାନଙ୍କ ସହିତ ସମ୍ବର୍ଦ୍ଧିତ ବ୍ୟକ୍ତିଗଣ।

# 'ଭୁବନେଶ୍ୱର ଫାଷ୍ଟ' ତ୍ୱରାନ୍ୱିତ କରିବାକୁ ଶପଥ ଗ୍ରହଣ

**ବିଏମ୍‌ସିର ପରିମଳ ସମ୍ପର୍କିତ କର୍ମଶାଳା 'ଆତ୍ମଚିନ୍ତନ'**

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୱାର୍ଡସ୍ତରରେ ପରିମଳ ସମସ୍ୟାର ମୁକାବିଲା ପାଇଁ କର୍ମଶାଳା 'ଆତ୍ମଚିନ୍ତନ' ଆୟୋଜିତ ହୋଇଛି। କର୍ମଶାଳାର ଦ୍ୱିତୀୟ ଦିନରେ ପରିମଳ ପାଇଁ ୱାର୍ଡସ୍ତରରେ ରହିଥିବା କମିଟି ସଦସ୍ୟମାନେ ପରସ୍ପର କାର୍ଯ୍ୟକଳାପର ସମୀକ୍ଷା ଏବଂ ମୂଲ୍ୟାଙ୍କନ କରିଥିଲେ । ନିଜ ନିଜ ୱାର୍ଡରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ 'ଭୁବନେଶ୍ୱର ଫାଷ୍ଟ' କାର୍ଯ୍ୟକ୍ରମକୁ ଆଗେଇ ନେବାକୁ କର୍ମଶାଳାରେ ଯୋଗଦେଇଥିବା ସଦସ୍ୟମାନେ ଶପଥ ନେଇଛନ୍ତି। ପରିମଳ ଏବଂ ଆନୁଷଙ୍ଗିକ ବିକାଶ ସହିତ ନିଆଯାଇଥିବା କାମକୁ ବାସ୍ତବରେ ପ୍ରତିଫଳିତ କରିବା ପାଇଁ ପ୍ରତ୍ୟେକ ୱାର୍ଡକୁ ଏକ ୟୁନିଟ୍ ଭାବେ ଗ୍ରହଣ କରାଯାଇଛି । ୱାର୍ଡସ୍ତରୀୟ ପରିମଳ କମିଟି କର୍ମଶାଳାର ଦ୍ୱିତୀୟ ଦିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଦକ୍ଷିଣ–ପଶ୍ଚିମ ଜୋନ୍ ଅନ୍ତର୍ଗତ ୨୧ଟି ୱାର୍ଡର ପ୍ରତିନିଧିମାନେ ଦୁଇଟି ଅଧିବେଶନରେ ସେମାନଙ୍କର ଅନୁଭୂତି, ଅଭିଜ୍ଞତା ଓ ପର୍ଯ୍ୟବେକ୍ଷଣ ପରସ୍ପର ମଧ୍ୟରେ ବାଣ୍ଟିଥିଲେ । ଏଥିରେ ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତ କୁଲାଙ୍ଗେ ଉପସ୍ଥିତ ରହି ସେମାନଙ୍କ ସହ ମତ ବିନିମୟ କରିଥିଲେ। ଏହି କର୍ମଶାଳା ଜରିଆରେ କର୍ପୋରେଟର ଓ ୱାର୍ଡସ୍ତରର କର୍ମଚାରୀଙ୍କ ସଂପୃକ୍ତି, ପରସ୍ପର ଭାବ ବିନିମୟ, ମହାନଗର ନିଗମ ପରିମଳ ବ୍ୟବସ୍ଥା ସୁଧାରିବାରେ ବେଶ ସହାୟକ ହୋଇପାରିବ । କେବଳ ସେତିକି ନୁହେଁ, ଏହାଫଳରେ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ କର୍ପୋରେଟରଙ୍କ ମଧ୍ୟରେ ପ୍ରତିଯୋଗିତା ପାଇଁ ପଥ ପରିଷ୍କାର କରିଦେଇଛି ବୋଲି ମେୟର କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ବିନୟ କୁମାର ଦାଶ, ଡେପୁଟି କମିଶନର ରବି ନାରାୟଣ ଜେଠୀଙ୍କ ସମେତ ୨୧ଟି ୱାର୍ଡର କର୍ପୋରେଟର, ୱାର୍ଡ ଅଫିସର, ୱାର୍ଡ ସୁପରଭାଇଜର, ସାନିଟାରି ଇନସ୍ପେକ୍ଟର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ, ଏଜେନ୍ସି ସୁପରଭାଇଜରମାନେ ଯୋଗଦେଇଥିଲେ । ସମସ୍ତଙ୍କୁ ନେଇ ପ୍ରତି ସେଶନରେ ୧୧ଟି ଗ୍ରୁପ ଗଠନ କରାଯାଇଥିଲା । ଭୁବନେଶ୍ୱର ଫାର୍ଷ୍ଟ ଅଭିଯାନରେ ଜନସାଧାରଣଙ୍କୁ ସାମିଲ କରିପାରିଲେ, ସହଜରେ ପରିମଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଧିକାଂଶ କର୍ପୋରେଟର ମତବ୍ୟକ୍ତ କରିଥିଲେ । ପୂର୍ବରୁ ଯେଉଁସ୍ଥାନରେ ଡଷ୍ଟବିନ ରହୁଥିଲା, ଡଷ୍ଟବିନ ମୁକ୍ତ ଭୁବନେଶ୍ୱର ହେବା ପରେ ମଧ୍ୟ ଲୋକେ ଏବେବି ସେଠାରେ ଅଳିଆ ଫୋପାଡି ଦେଉଛନ୍ତି । ତେଣୁ ସେ ସ୍ଥାନର ସୌନ୍ଦର୍ଯ୍ୟକରଣ କରିବାକୁ ଏବଂ ଏହାର ସକାରାତ୍ମକ ଉପଯୋଗ କରିବାକୁ କେତେକ କର୍ପୋରେଟର ମତବ୍ୟକ୍ତ କରିଥିଲେ। ସେଥିପାଇଁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରତି ରବିବାର ଦିନ ସାମୂହିକ ସଫେଇ କାର୍ଯ୍ୟକ୍ରମ କରିବା, ପ୍ରତି ୫ ଶହ ପରିବାର ଥିବା ଅଞ୍ଚଳରେ ୨୦ ଜଣିଆ କମିଟି ଗଠନ କରି ଲୋକେ ଯେପରି ଓଦା ଓ ଶୁଖିଲା ଅଲଗା କରି ଦେବେ ସେ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ମତ ଦିଆଯାଇଛି। ସମସ୍ତ ଅଭିଯୋଗ ଶୁଣିବା ପରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ କହିଥିଲେ ଯେ, ଆମ ପାଖରେ ଉପଲବ୍ଧ ସମ୍ବଳକୁ ନେଇ ଆମେ କାମ କରିବା। ଯେଉଁ ୱାର୍ଡରେ ଗାଡି ସମସ୍ୟା ରହିଛି, ସେମାନଙ୍କୁ ଗାଡି ଯୋଗାଇ ଦିଆଯିବ।


କର୍ମଶାଳା 'ଆତ୍ମଚିନ୍ତନ'ରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଉଦ୍‌ବୋଧନ ଦେଉଛନ୍ତି ।

## ସଂକ୍ଷେପରେ

### ୭ରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ

**କଟକ ସଦର,୨୯।୧୧(ଡି.ଏନ୍.ଏ.):** ବିଭିନ୍ନ ଦାବି ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ଡିସେମ୍ବର ୭ରେ ବିଧାନସଭା ସମ୍ମୁଖରେ କଟକ ସଦର ବ୍ଲକ ଡିଲର ସଂଘ ଆନ୍ଦୋଳନ କରିବ। କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସଠାରେ ପ୍ରଦୀପ ଦାସଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ସଂଘର ସାଧାରଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସେଥିପାଇଁ ଉକ୍ତ ଦିନ ସମସ୍ତ ଡିଲର ପଏଣ୍ଟ ବନ୍ଦ ରହିବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୩୦ ମାସର ରିଲିଫ ଚାଉଳ, ଗହମ ବଣ୍ଟନ କରିଥିଲେ ମଧ ଆଜିପର୍ଯ୍ୟନ୍ତ ପାରିଶ୍ରମିକ ସରକାର ପ୍ରଦାନ ନ କରିବା, ୩ ମାସର କଣ୍ଟ୍ରୋଲ ସାମଗ୍ରୀ ନ ମିଳିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଉପେନ୍ଦ୍ର ବେହେରା, ଦିଜବର ସାହୁ, ତ୍ରିନାଥ ଦାଶ, ଭାସ୍କର ସ୍ୱାଇଁ, ହେମଲତା ସାହୁ, ରମ୍‌ଜାନ୍ ଖାଁ ଓ ଖାଲିଲୁଲ୍ଲା ପ୍ରମୁଖ ଯୋଗଦେଇଥିଲେ।

### ଦଧୀଚି ଫାର୍ମାସୀ କଲେଜରେ କ୍ୟାମ୍ପସ ନିଯୁକ୍ତି

**କଣ୍ଟାପଡା,୨୯।୧୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଫାର୍ମାସୀ କଲେଜ ପରିସରରେ ମଙ୍ଗଳବାର କ୍ୟାମ୍ପସ ନିଯୁକ୍ତି ଶିବିର ଆୟୋଜିତ ହୋଇଯାଇଛି। ମାକ୍‌ଲିଓଡ ଫାର୍ମାସ୍ୟୁଟିକାଲ କମ୍ପାନୀ ପକ୍ଷରୁ ଆୟୋଜିତ ଏହି ଶିବିରରେ ରାଜ୍ୟର ବିଭିନ୍ନ କଲେଜରୁ ବି ଫାର୍ମ, ଏମ୍ ଫାର୍ମ ଓ ଡି ଫାର୍ମ ବିଭାଗର ଛାତ୍ରୀଛାତ୍ର ଯୋଗଦେଇ ଏପିଆର୍ ପ୍ରଡକ୍ସନ, କ୍ୟୁସି ଓ କ୍ୟୁଆର ପଦବୀ ପାଇଁ ସାକ୍ଷାତକାର ଦେଇଥିଲେ। ରାଜ୍ୟର ଫାର୍ମାସୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବା ପାଇଁ ଦଧିଚି ଶିକ୍ଷାସମୂହର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶଙ୍କ ଉଦ୍ୟମକ୍ରମେ ପ୍ରତିବର୍ଷ ଏଭଳି କ୍ୟାମ୍ପ୍ ଆୟୋଜନ କରାଯାଉଛି ବୋଲି କଲେଜ ଅଧକ୍ଷ ଡ. ରଜତ କୁମାର କର କହିଥିଲେ। ଆୟୋଜକ କମ୍ପାନୀର ଏଚ୍‌ଆର୍ ଅଭିଲାଶ ସ୍ୱାଇଁ, ଐଶ୍ୱର୍ଯ୍ୟା ବିଶୋୟୀ, ଅମିତ୍ କାନଭରଙ୍କ ସମେତ ଫାର୍ମାସୀ କଲେଜର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

### ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

**ଫୁଲନଖରା,୨୯।୧୧(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠର ଅନନ୍ତ ବଳିଆ କଲେଜ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ମଧାହ୍ନରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ସ୍ଥାନୀୟ ସାମଲ ସାହିର ଆଶିଷ ପ୍ରଧାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ସାହିର କେତେଜଣ ଯୁବକଙ୍କ ସହ ଆଶିଷଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଆଶିଷ କାମସାରି ମଧାହ୍ନରେ ଘରକୁ ଫେରୁଥିବାବେଳେ ଯୁବକମାନେ ଖଣ୍ଡା ଓ ଲୁହାରଡ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ବାମଗୋଡ ଭାଙ୍ଗି ଯାଇଛି। ଏନେଇ ଆଶିଷଙ୍କ ଶ୍ୱଶୁର ବଗୁଲି ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୩୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

# ମଲ୍ଟିପର୍ପସିଂ ପାର୍କ ପାଇଁ ୯ କୋଟି ମଞ୍ଜୁର

**କଟକ ଅଫିସ,୨୯।୧୧**

■ଜଗିଂ ଟ୍ରାକ୍, ବାସ୍କେଟ ବଲ୍ କୋର୍ଟ, ଭେଣ୍ଡିଂଜୋନ୍ ନିର୍ମାଣ ହେବ

■ସୌନ୍ଦର୍ଯ୍ୟକରଣ ହେବ ମଧୁବାବୁଙ୍କ ସମାଧିପୀଠ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରବାସୀଙ୍କ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି। ଗୋଟିଏ ସ୍ଥାନରେ ଜଗିଂ ଟ୍ରାକ୍, ବାସ୍କେଟ ବଲ୍ କୋର୍ଟ, ଜିମ୍ ଟ୍ରାକ୍ କରାଯିବ। ବେଲଭ୍ୟୁଛକ ଜୁଡିସିଆଲ ଏକାଡେମୀ ନିକଟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ଥିବାବେଳେ ଗୋରାକବରଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠକୁ ସୌନ୍ଦର୍ଯ୍ୟକରଣ କରାଯିବ। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ସହରର ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି। ଜୁଡିସିଆଲ ଏକାଡେମୀ ନେତାଜୀ ସେତୁ ନିକଟରେ ମଲ୍ଟିପର୍ପସିଂ ପାର୍କ ଓ ମଧୁସମାଧି ପୀଠର ଉନ୍ନତୀକରଣ କରାଯିବ। ସରକାରଙ୍କ ପକ୍ଷରୁ ମଲ୍ଟିପର୍ପସିଂ ପାର୍କ ପାଇଁ ୯ କୋଟି ଓ ମଧୁସୂଦନଙ୍କ ସମାଧିପୀଠ ପାଇଁ କୋଟିଏ ଟଙ୍କା ମଞ୍ଜୁର ହୋଇଛି। ମଲ୍ଟିପର୍ପସିଂ ପାର୍କ ପାଇଁ ଟେଣ୍ଡର ଶେଷ ହୋଇଥିବାବେଳେ ଏହାର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ପୋଲିସ ଗୃହ କଲ୍ୟାଣ ନିଗମ କରିବ। ଏଠାରେ ନେତାଜୀଙ୍କ ବିରାଟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ସେହିପରି ଯୋଗ ପାଇଁ ସ୍ୱତନ୍ତ୍ର ସ୍ଥାନ, ସାଇକେଲ ଚାଳକଙ୍କ ପାଇଁ ଭିନ୍ନ ରାସ୍ତା, ପିଲାଙ୍କ ଲାଗି ନୂତନ ଖେଳ ସାମଗ୍ରୀ ଖଞ୍ଜା ଯିବ। ସେହିପରି ସ୍କେଟିଂ ପାଇଁ ସ୍ୱତନ୍ତ୍ର ରାସ୍ତା, ଭେଣ୍ଡିଂଜୋନ୍ ସହ ଫୁଡ୍ କୋର୍ଟ ବ୍ୟବସ୍ଥା, ନୂତନଧରଣର ଆଶ୍ରୟ ସ୍ଥଳୀ ନିର୍ମାଣ, ଚାରିଚକିଆ ଯାନ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ, ଆଲୋକରେ ସଜ୍ଜିତ ଜଳ ଫୁଆରା ନିର୍ମାଣ କରାଯିବ। ସହରବାସୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯିବ। ସେହିପରି ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ମଧୁ ବାବୁଙ୍କ ସମାଧିପୀଠର ସୌନ୍ଦର୍ଯ୍ୟକରଣ କରାଯିବ। ପାନୀୟଜଳ ସହ ମଧୁବାବୁଙ୍କ ବିଷୟରେ ଜାଣିବା ପାଇଁ ସୂଚନା ଫଳକ ବ୍ୟବସ୍ଥା କରାଯିବ। ଏହାକୁ ମଧ ଅତ୍ୟାଧୁନିକ ଢଙ୍ଗରେ ନିର୍ମାଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ବେଲଭ୍ୟୁ ଛକ ଏଭଳି ରୂପ ପାଇବ ଯାହା ପୂର୍ବରୁ ଓଡ଼ିଶାର କେଉଁ ଛକରେ ଦେଖିବାକୁ ମିଳି ନ ଥିବ। ଦିଲ୍ଲୀ ଓ ମୁମ୍ବାଇଠାରୁ କଟକ କୌଣସି ଗୁଣରେ କମ୍ ହେବନି ବୋଲି ସେ କହିଛନ୍ତି।



କଟକ ମିଶନରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ମଙ୍ଗଳବାର ସିଏନ୍‌ଆଇ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

# ମହିଳା ହିଂସା ରୋକିବ ସଖୀ



ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ,୨୯।୧୧**

ଏସ୍‌ସିବି ମେଡିକାଲ ପରିସରସ୍ଥିତ ନର୍ସିଂ କଲେଜଠାରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ ଯୋଗଦେଇ ମହିଳା ହିଂସା ରୋକିବା ଦିଗରେ ସଖୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରୋଟେକସନ ଅଧିକାରୀ ମଞ୍ଜୁଲତା ନାୟକ ହିଂସା ପୀଡିତାମାନଙ୍କ ପାଇଁ ସଖୀର କାର୍ଯ୍ୟଶୈଳୀ ଉପରେ ଛାତ୍ରୀମାନଙ୍କୁ କହିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭେଲପମେଣ୍ଟର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ସଖୀର କାର୍ଯ୍ୟକାରିତା ପରେ ନାରୀମାନଙ୍କ ଉପରେ ହେଉଥିବା ହିଂସା କମିଛି ବୋଲି କହିଥିଲେ। ନର୍ସିଂ କଲେଜର ଅଧକ୍ଷା ବିଜୟାଲକ୍ଷ୍ମୀ ଦାସ ଏହି କାର୍ଯ୍ୟକ୍ରମ ଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ ବୋଲି କହିଥିଲେ। ସଖୀ ୱାନ୍ ଷ୍ଟପ୍ ସେଣ୍ଟର ମୁଖ୍ୟ ପରିଚାଳିକା ସୌମ୍ୟା ସୁରଚିତା ସାହୁଙ୍କ ସମେତ ସଦସ୍ୟାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଦ୍ୱାରା ଗଠିତ ତଥା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭେଲପମେଣ୍ଟ ଦ୍ୱାରା ସଖୀ ୱାନ୍ ଷ୍ଟପ୍ ସେଣ୍ଟର ୨୦୧୯ ମାର୍ଚ୍ଚରୁ କାର୍ଯ୍ୟ କରିଆସୁଛି।

# ଧାରଣାରୁ ହଟିଲେ ଛାତ୍ରାବାସ ଅନ୍ତେବାସୀ

**କଟକ ଅଫିସ,୨୯।୧୧**

**ଓଏସ୍‌ଆଇସିକୁ ଚିଠି ଲେଖିଲେ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଜଗନ୍ନାଥ ଛାତ୍ରାବାସ ଅନ୍ତେବାସୀଙ୍କ ଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। କୁଳପତିଙ୍କ ନିକଟରୁ ହଷ୍ଟେଲର ଅସୁବିଧାଗୁଡିକ ଦୂର କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନ୍ତେବାସୀ ଧାରଣାରୁ ଉଠିଥିଲେ। ଖୁବ୍‌ଶୀଘ୍ର ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍‌ଆଇସି) ଦ୍ୱାରା ହଷ୍ଟେଲର ଆବଶ୍ୟକତା ଅନୁଯାୟୀ ଚେୟାର, ଟେବୁଲ, ଖଟ ଯୋଗାଇ ଦିଆଯିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଗମର ସାଧାରଣ ପରିଚାଳକଙ୍କୁ ଏକ ଚିଠି କରିଛନ୍ତି। ୧୫୦ଟି ଲେଖାଏ ବେଡ୍ ଓ ମଶାରି, ୧୫୦ ଟେବୁଲ, ୨୦୦ ଚେୟାର ଏବଂ ୨୫୦ କପ୍‌ବୋର୍ଡ ଯୋଗାଣ ନିମନ୍ତେ ଯାହା ଖର୍ଚ୍ଚ ହେବ ତାହାର ଏକ ଏଷ୍ଟିମେଟ୍ ପ୍ରଦାନ ପାଇଁ କୁହାଯାଇଛି। ଅନ୍ତେବାସୀମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଆସବାବପତ୍ର ତୁରନ୍ତ ଯୋଗାଇ ଦେବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ଯୋବ୍ରାଠାରେ ଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ଛାତ୍ରାବାସରେ ୨୪୦ ଅନ୍ତେବାସୀ ରହୁଛନ୍ତି। ଛାତ୍ରାବାସ ପ୍ରକୋଷ୍ଠରେ ଥିବା ଖଟଗୁଡିକ ଭାଙ୍ଗିଯାଇଛି। ସେହିପରି ପାଠ ପଢିବାକୁ ଥିବା ଟେବୁଲ ଓ ଚେୟାର ଭାଙ୍ଗିଯାଇଥିଲେ ମଧ ମରାମତି କରାଯାଉନାହିଁ। ଏତଦ୍‌ବ୍ୟତୀତ ଆଲମିରା ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଏହି ଅବ୍ୟବସ୍ଥା ଦୂର କରିବା ପାଇଁ ସୋମବାରଠାରୁ ଅନ୍ତେବାସୀ ଧାରଣାରେ ବସିଥିଲେ। ଅପରାହ୍ନରେ କୁଳପତି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ସମସ୍ୟାର ସମାଧାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଟାଙ୍ଗୀରେ ତହସିଲ କାର୍ଯ୍ୟାଳୟ ପୁନଃ ପ୍ରତିଷ୍ଠା ଦାବି

**କଟକ ଅଫିସ,୨୯।୧୧**

ଟାଙ୍ଗୀ ଅଞ୍ଚଳରେ ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟର ପୁନଃ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କୁ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟ ବର୍ତ୍ତମାନ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ଜଗତପୁର ଅଞ୍ଚଳରେ ରହିଛି। ତୁରନ୍ତ ଏହାକୁ ଟାଙ୍ଗୀ ଅଞ୍ଚଳକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଛି। ତେଣୁ ଟାଙ୍ଗୀ-ଚୌଦ୍ୱାର ତହସିଲ ଆନ୍ଦୋଳନର ଆବାହକ ତଥା ଆଇନଜୀବୀ ପ୍ରଭାତ କୁମାର ପ୍ରହରାଜଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଟାଙ୍ଗୀ ଅଞ୍ଚଳରେ ତହସିଲ କାର୍ଯ୍ୟାଳୟର ପୁନଃ ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତ।

୧୯୮୨ ମସିହାରେ ତହସିଲ କାର୍ଯ୍ୟାଳୟ ଟାଙ୍ଗୀ ଅଞ୍ଚଳରେ କାର୍ଯ୍ୟ କରୁଥିଲା। ପରବର୍ତ୍ତୀ ସମୟରେ ଏହାକୁ ଜଗତପୁର ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ୨୦୦୮ରେ ରାଜ୍ୟ ସରକାର ସମସ୍ତ ବ୍ଲକ ମୁଖ୍ୟାଳୟରେ ତହସିଲ କାର୍ଯ୍ୟାଳୟକୁ ସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଆଧାରରେ ୨୦୧୩ରେ ଟାଙ୍ଗୀ ଅଞ୍ଚଳରେ ତହସିଲ କାର୍ଯ୍ୟାଳୟର ପୁନଃ ପ୍ରତିଷ୍ଠା ନିମନ୍ତେ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୧ ଜୁନ୍ ୧୯ରେ ତହସିଲ କାର୍ଯ୍ୟାଳୟ ଟାଙ୍ଗୀ ଅଞ୍ଚଳରେ ପୁନଃ ପ୍ରତିଷ୍ଠା ନିମନ୍ତେ ବିଭାଗୀୟ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତିକୁ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିଲେ। ପରବର୍ତ୍ତୀ ସମୟରେ ତହସିଲ ସ୍ଥାନାନ୍ତର ନେଇ ଆଶଙ୍କା ପ୍ରକାଶ ପାଇବାରୁ ଆନ୍ଦୋଳନ ପାଇଁ ପ୍ରହରାଜ ଚେତାବନୀ ଦେଇଥିଲେ। ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଚିତ୍ତରଞ୍ଜନ ସାମଲ, ଭଞ୍ଜିମୁଣ୍ଡା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ଗରୁଡ଼ ଗାଁ ସରପଞ୍ଚ ମମତା ମଲ୍ଲିକ, କନ୍ହେଇପୁର ସରପଞ୍ଚ ଭରତ ବେହେରା, ଗୋବିନ୍ଦପୁର ସରପଞ୍ଚ ସୁଜାତା ହାତୀ, କୋଟସାହି ସରପଞ୍ଚ ସୁମନପ୍ରଭା ସାହୁ ଓ ସମିତିସଭ୍ୟା ମଧୁସ୍ମିତା ଚାତର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।


କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

### ଶୈଳବାଳାରେ ଇଣ୍ଟର କଲେଜ କବାଡ଼ି ଟୁର୍ନାମେଣ୍ଟ

**କଟକ ଅଫିସ, ୨୯।୧୧**

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ଇଣ୍ଟର କଲେଜ କବାଡ଼ି ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୧୬ଟି ମହିଳା କଲେଜରୁ ୧୬୦ ଜଣ ଛାତ୍ରୀ ଭାଗ ନେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଡ. ଯୋଗମାୟା ପଣ୍ଡା, ମେନକାରାଣୀ ସାହୁ ଓ ପଦ୍ମଜା ଯଗତୀ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣଲତା ବଳ କ୍ରୀଡା ପରିଚାଳନା କରିଥିଲେ।

### ଆର୍‌ପିଏଫ୍ କର୍ମଚାରୀ ଫେରାଇଲେ ମୋବାଇଲ, ମନିପର୍ସ

**କଟକ ଅଫିସ,୨୯।୧୧**

କଟକ ରେଲଷ୍ଟେଶନରୁ ପାଇଥିବା ମୋବାଇଲ ଓ ମନିପର୍ସ ଫେରାଇ ଆରପିଏଫ୍ କର୍ମଚାରୀ ପ୍ରଶଂସାର ପାତ୍ର ହୋଇଛନ୍ତି। ମଙ୍ଗଳବାର ସକାଳେ ଷ୍ଟେଶନରେ ଡ୍ୟୁଟି କରୁଥିବା ଆର୍‌ପିଏଫ୍ କର୍ମଚାରୀ ଦେବରାଜ ମହାପାତ୍ର ଓ ଅଞ୍ଜଳି ଏକ ମୋବାଇଲ ଫୋନ୍ ଓ ୨୨୦୦ ଟଙ୍କା ଥିବା ମନିପର୍ସ ପାଇଥିଲେ। କିଛି ସମୟ ପରେ ମୋବାଇଲକୁ ଏକ କଲ୍ ଆସିଲା। ଅପରପାର୍ଶ୍ୱରୁ ବ୍ୟକ୍ତି ଜଣକ ନିଜ ପରିଚୟ ଦେଇ ହଜିଥିବା ସାମଗ୍ରୀ ବିଷୟ କଥା କହିଥିଲେ। ପରେ ଆର୍‌ପିଏଫ କର୍ମଚାରୀଙ୍କଠାରୁ ସାମଗ୍ରୀଦ୍ୱୟ ଗ୍ରହଣ କରିଥିଲେ।


କଟକ ଶ୍ରଦ୍ଧାଞ୍ଜଳି କ୍ଲବର କଳାକାରଙ୍କ ଦ୍ୱାରା ମଙ୍ଗଳବାର ଅନ୍ନପୂର୍ଣ୍ଣା ଥିଏଟରରେ ପରିବେଷିତ ନାଟକ 'ଅର୍ଜୁନୀ'ର ଏକ ଦୃଶ୍ୟ। ଫଟୋ: ରାଜକିଶୋର

# କ୍ରିକେଟ୍, ଏମ୍‌ସିସି ସମ୍ବଲପୁର ବିଜୟୀ

**ବଡ଼ମ୍ବା,୨୯।୧୧(ଡି.ଏନ୍.ଏ.)**

ବାପୁଜୀ କ୍ରିକେଟ୍ କ୍ଲବ, ଶଙ୍ଖାମେରୀ ଦ୍ୱିତୀୟ ସର୍ବଭାରତୀୟ ବାପୁଜୀ ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ଏମ୍‌ସିସି ସମ୍ବଲପୁର କ୍ୱାଟର ଫାଇନାଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶଙ୍ଖାମେରୀ ଖେଳପଡ଼ିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ଲିଗ୍ ମ୍ୟାଚ ସୁହାନୀ ୧୧ କୋଲକତା ଏବଂ ଏମ୍‌ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ ଏକ୍ସଟ୍ରିମ ପାୱାର କେନ୍ଦୁଝର ଏବଂ ଏମ୍‌ସିସି ଆଠଗଡ଼ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆଠଗଡ଼ ବିଜୟୀ ହୋଇଥିଲା। ଏହାପରେ ଏମ୍‌ସିସି ସମ୍ବଲପୁର ଓ ଆଠଗଡ଼ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡା ଯୋଗଦେଇଥିଲେ।

# ଶିଶୁ ମୁଣ୍ଡରେ ବଢୁଛି ମାଂସପିଣ୍ଡୁଳା

**କଟକ ଅଫିସ,୨୯।୧୧**

ସାଙ୍ଗ ସାଥୀ ମେଳରେ ହସି, ଖେଳି ଦିନ କାଟିବା ବୟସରେ ବୋଝ ପାଲଟିଛି ମୁଣ୍ଡରେ ବଢୁଥିବା ମାଂସ ପିଣ୍ଡୁଳା। ଏହି ବୟସରେ ସ୍କୁଲ ଯିବା ବଦଳରେ ଚିକିତ୍ସା ପାଇଁ ଦୌଡୁଛନ୍ତି ମେଡିକାଲ। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଶ୍ରୀକୋରୁଆଁ ଗ୍ରାମର ମହେଶ୍ୱର ଭୋଇ ଓ ନିର୍ମଳା ଭୋଇଙ୍କ ସାନପୁଅ ଆଦିତ୍ୟ ଭୋଇ (୭)। ଆଦିତ୍ୟଙ୍କ ଉପରେ ବଡ଼ ଭଉଣୀ ଅର୍ଚ୍ଚିତା(୧୪) ଓ ସାନ ଭଉଣୀ ଅର୍ପିତା(୧୨) ଅଛନ୍ତି।

ନିର୍ମଳାଙ୍କ କହିବାନୁସାରେ, ଆଦିତ୍ୟଙ୍କୁ ୫ ବର୍ଷ ହୋଇଥିବାବେଳେ ତାଙ୍କ ପେଟରେ ଟ୍ୟୁମର ହୋଇଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଲା। କଟକ ଶିଶୁଭବନରେ ଅପରେଶନ କରାଯାଇ ଟ୍ୟୁମର ବାହାର କରାଗଲା। ହେଲେ ବର୍ଷଟେ ଯାଇଛି କି ନାହିଁ, ମୁଣ୍ଡରେ ବାହାରିଲା ଟ୍ୟୁମର। ପୁଅକୁ ଧରି ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲୁ। ସେଠାରେ କିଛିଦିନ ଚିକିତ୍ସିତ ହେବା ପରେ ଡାକ୍ତର ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଚିକିତ୍ସା ପାଇଁ ପଠାଇଦେଲେ। ସେଠାରେ ୨୦୨୧ ନଭେମ୍ବର ୨୬ରୁ ଆଦିତ୍ୟଙ୍କ କେମୋ ଚିକିତ୍ସା ଚାଲିଛି। କିଛି ଦିନ ପରେ ଦରକାର ହେଲେ ଅପରେଶନ କରାଯାଇପାରେ। ମେଡିକାଲରେ ଡାକ୍ତରଙ୍କୁ ଦେଖାଇବା, ପରୀକ୍ଷାନିରୀକ୍ଷା ଆଦି ମାଗଣାରେ ହେଉଛି। ହେଲେ ମେଡିସିନ, ଖାଇବା ଓ ଯାତାୟାତ ଖର୍ଚ୍ଚ ତୁଲାଇବା ବହୁତ କଷ୍ଟକର ହେଉଛି। ମୁଣ୍ଡରେ ମାଂସ ପିଣ୍ଡୁଳା ବଢ଼ିବା କାରଣରୁ ୨ ବର୍ଷ ହେବ ସ୍କୁଲ ଯିବା ବନ୍ଦ ହୋଇଯାଇଛି। ମା'ବାପା ଦୁହେଁ ମୂଲ ଲାଗିଲେ ଘରେ ଚୁଲି ଜଳେ। ପୁଣି ପୁଅର ଏପରି ସ୍ୱାସ୍ଥ୍ୟାବସ୍ଥା ସହ ଦୁଇ ଝିଅଙ୍କ ଚିନ୍ତା ରହିଛି। ଏପରି ସ୍ଥିତିରେ ଆଦିତ୍ୟଙ୍କ ଅପରେଶନ ପାଇଁ ଅର୍ଥ ବାଧକ ସାଜିଛି। ସାମାଜିକ କର୍ମୀ ନବପ୍ରସାଦ ସାହୁ ଏହି ପରିବାରକୁ ଯଥାଶକ୍ତି ସାହାଯ୍ୟ ସହଯୋଗ ଯୋଗାଇଛନ୍ତି। ବଦାନ୍ୟ ବ୍ୟକ୍ତିଙ୍କ ସମେତ ସରକାରୀ ତଥା ବେସରକାରୀ ସ୍ତରରେ ଉକ୍ତ ପରିବାରକୁ ସାହାଯ୍ୟ ଯୋଗାଇଦେବା ନିମନ୍ତେ ସେ ନିବେଦନ କରିଛନ୍ତି।


ଆଦିତ୍ୟଙ୍କ ସହ ପରିବାର ସଦସ୍ୟ।

**ଅପରେଶନ ପାଇଁ ଅର୍ଥ ବାଧକ**

# ଭୁଶୁଡ଼ିପଡ଼ିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

**ମାହାଙ୍ଗା, ୨୯।୧୧(ସ୍ୱ.ପ୍ର)**

ମାହାଙ୍ଗା ବ୍ଲକ କୋଠପଦା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଅଧୀନ ଭେଡା ପଞ୍ଚାୟତ ପଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାର ଲାପଟୁଆଁଠାରେ ଥିବା ପୋଲର ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୪ ବର୍ଷ ପୂର୍ବେ ପ୍ରାୟ ୩ କିମି ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନରେ ହୋଇଥିବା ଯୋଗୁଁ ଲାପଟୁଆଁ ଗ୍ରାମ ନିକଟରେ ଥିବା ମାହାରା ପୋଲର ଗୋଟିଏ ପାର୍ଶ୍ୱ ପ୍ରାୟ ୭ ଫୁଟରୁ ୮ ଫୁଟ ଲମ୍ବର କଂକ୍ରିଟ ଭାଙ୍ଗି ଭୁଶୁଡି ପଡିଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀ ବିପଦର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସମସରପୁର, କଇଥା, ମଉଦା, ଭେଡା ଆଦି ପଞ୍ଚାୟତର ଜନସାଧାରଣ ଏହି ପୋଲ ଦେଇ ପ୍ରତ୍ୟେକ ଦିନ ଯିବାଆସିବା କରିଥାନ୍ତି। କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଶତାଧିକ ଲୋକ ଏହି ପୋଲ ଉପରେ ଯିବାଆସିବା କରନ୍ତି। ବର୍ତ୍ତମାନ ପୋଲଟି ଭୁଶୁଡ଼ି ପଡ଼ିଥିବାରୁ ପ୍ରାୟତଃ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଖାଲି ସେତିକି ନୁହେଁ, ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ଗୃହପାଳିତ ପ୍ରାଣୀ ମଧ ଅନେକ ସମୟରେ ଖାଲରେ ପଡୁଛନ୍ତି। ଏହି କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିବା ଯନ୍ତ୍ରୀ ମାହାଙ୍ଗା ଗ୍ରାମ ଉନ୍ନୟନ କାର୍ଯ୍ୟାଳୟରେ ରହି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଫଳରେ କୋଠପଦା କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ରାସ୍ତା, ସରକାରୀ କୋଠାବାଡି ଆଦିର ସଠିକ୍ ରକ୍ଷଣାବେକ୍ଷଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଦାୟିତ୍ୱରେ ଥିବା ମାହାଙ୍ଗା ଗ୍ରାମ ଉନ୍ନୟନ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତାରେ ଥିବା ସମସ୍ୟା ତୁରନ୍ତ ସମାଧାନ କରାଯିବ ବୋଲି କହିଛନ୍ତି।


ଲାପଟୁଆଁଠାରେ ଥିବା ପୋଲର ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ଯାଇଛି।

**ତଦାରଖ କରିବାକୁ ନାହାନ୍ତି ଯନ୍ତ୍ରୀ**

## ସାକ୍ଷୀଗୋପାଳଙ୍କ ଘୋଡ଼ଲାଗି ବେଶ ଆରମ୍ଭ

ସାକ୍ଷୀଗୋପାଳ,(ଡି.ଏନ୍.ଏ./ସ.ପ୍ର.): ସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କ ମଙ୍ଗଳବାରଠାରୁ ଘୋଡ଼ଲାଗି ବେଶ ଆରମ୍ଭ ହୋଇଛି। ଦୈନନ୍ଦିନ ଦେବନୀତି ମଧ୍ୟରେ ଦ୍ୱିପ୍ରହର ଧୂପ ସମୟରେ ରେଶମ ବସ୍ତ୍ରରେ ପ୍ରସ୍ତୁତ ନୂତନ ଘୋଡ଼ ବେଢ଼ା ପରିକ୍ରମା କରାଯାଇଥିଲା। ରତ୍ନ ସିଂହାସନରେ ପୂଜାପଣ୍ଡା ସେବକ ଘୋଡ଼ ଲାଗି କରିବା ସହ ଉପଚାର, ଆଳତି ଓ ଦୂବ, ବରକୋଳି ପତ୍ର, ଫୁଲ, ଅରୁଆ ଚାଉଳରେ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଶୀତ ସମୟରେ ଠାକୁରଙ୍କ ଶ୍ରୀଅଙ୍ଗକୁ ରେଶମ ବସ୍ତ୍ରରେ ଆଚ୍ଛାଦିତ କରିବା ପାଇଁ ଏହି ବେଶ କରାଯାଇଥାଏ। ଆଗାମୀ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ବେଶ କରାଯାଉଥିବାରୁ କେବଳ ଠାକୁରଙ୍କ ଶ୍ରୀମୁଖ ଦର୍ଶନ ମିଳିଥାଏ। ସାକ୍ଷୀଗୋପାଳଙ୍କ ସହିତ ମନ୍ଦିର ବେଢ଼ା ପାର୍ଶ୍ୱ ଦେବଦେବୀ, ଜାଗା ମହାବୀର, ମଶାଣିଆ ମହାବୀର ଓ ବାଟ ମହାବୀରଙ୍କୁ ଘୋଡ଼ଲାଗି କରାଯାଇଛି।

# ଲେବର କାର୍ଯ୍ୟାଳୟ ଘେରିଲେ ନିର୍ମାଣ ଶ୍ରମିକ

## ପରିଚୟ ପତ୍ର, ସହାୟତା ରାଶି ପ୍ରଦାନ ଦାବି

ପୁରୀ ଅଫିସ,୨୯।୧୧

ବର୍ଷ ବର୍ଷ ଧରି ନିର୍ମାଣ ଶ୍ରମିକମାନଙ୍କ ପରିଚୟ ପତ୍ର ଓ ସହାୟତା ରାଶି କାର୍ଯ୍ୟାଳୟରେ ପଡ଼ିରହିଥିଲେ ମଧ୍ୟ ପୁରୀ ଡିଏଲଓ ତାହା ପ୍ରଦାନ କରୁ ନାହାନ୍ତି। ଏପରିକି ସଂଯୋଜକ ମାଧ୍ୟମରେ ଲାଞ୍ଚ ନହେଲେ ସେ ସହାୟତା ରାଶି ଦେଉ ନ ଥିବା ଭଳି ଅଭିଯୋଗ ହୋଇଛି। ଏ ନେଇ ଶ୍ରୀଜଗନ୍ନାଥ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ମଙ୍ଗଳବାର ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ଆସି ଲେବର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନିର୍ମାଣ ଶ୍ରମିକ ମହାସଂଘ ଅଧୀନରେ ୨୦ଟି ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତା ରହିଛନ୍ତି। ସଂଘର କର୍ମକର୍ତ୍ତାଙ୍କର ୩୬୦୦ଟି ଶ୍ରମିକ ପରିଚୟ ପତ୍ର, ୧୮୦୦ଟି ବିବାହ ସହାୟତା ରାଶି, ୫୦ଟି ମୃତ୍ୟୁକାଳୀନ ସହାୟତା



ଶ୍ରୀଜଗନ୍ନାଥ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ପୁରୀ ଲେବର କାର୍ଯ୍ୟାଳୟ ଘେରାଉ କରାଯାଉଛି।

ରାଶି, ୨୮୦୦ଟି ଶିକ୍ଷା ସହାୟତା ରାଶି କାର୍ଯ୍ୟାଳୟରେ ପଡ଼ିରହିଛି। ପରିଚୟ ପତ୍ର, ସହାୟତା ରାଶି ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଆସିଲେ ମଧ୍ୟ ଡିଏଲଓ ଅଣଦେଖା କରୁଛନ୍ତି। ଏପରିକି ସଂଯୋଜକ ମାଧ୍ୟମରେ ଅଫିସରମାନେ ଦସ୍ତଖତ କରିବା ପାଇଁ ଟଙ୍କା ଦାବି କରୁଛନ୍ତି। ଏହାକୁ ବିରୋଧ କଲେ କାର୍ଯ୍ୟରୁ ସସ୍‌ପେଣ୍ଡ ତଥା ଅନ୍ୟତ୍ର ସ୍ଥାନାନ୍ତର କରି ଦେବାକୁ ଧମକ ଦେଉଛନ୍ତି। ଡିଏଲଓ ଏବଂ ଡବ୍ଲୁସି ଲାଞ୍ଚ ନେବାର ଭିଡିଓ ରେକର୍ଡିଂ ଥିବା ମହାସଂଘ ପକ୍ଷରୁ କୁହାଯାଇଛି। ତେଣୁ ବିଷୟକୁ ତଦନ୍ତ କରି ଅଫିସର ଓ ଡବ୍ଲୁସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସହାୟତା ଲାଗି ପରିଚୟ ପ୍ରଦାନ କରାଯାଉ ବୋଲି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମହାସଂଘ ପକ୍ଷରୁ ଜିଲାପାଳଙ୍କ ସମେତ ଏସ୍‌ପି, ଶ୍ରମମନ୍ତ୍ରୀ, ଶ୍ରମ କମିଶନର, ଓଡ଼ିଶା କୋଠାବାଡ଼ି ନିର୍ମାଣ ସଂଘ ଓ ଜେଏଲ୍‌ସି ଭୁବନେଶ୍ୱର ନିକଟକୁ ଦାବିପତ୍ର ପଠାଯାଇଛି। ବିକ୍ଷୋଭରେ ମହାସଂଘର ସଭାପତି ଅଶ୍ୱିନୀ ନନ୍ଦ, ସାଧାରଣ ସମ୍ପାଦକ ମହେଶ୍ୱର ମୁଦୁଲି, ଆବାହକ ନବକିଶୋର ମହାନ୍ତିଙ୍କ ସମେତ ମହାସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

ପୁରୀ ଅଫିସ,୨୯।୧୧



ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀ ମଙ୍ଗଳବାର ଅବସରରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଓଢ଼ଣ ଷଷ୍ଠୀ ନୀତି ବା ଘୋଡ଼ ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରାଗୁଡ଼ିକ ମଧ୍ୟରେ ଓଢ଼ଣ ଷଷ୍ଠୀ ପ୍ରମୁଖ। ମହାପ୍ରଭୁ ମାଘ ମାସ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଏହି ବେଶ ହେବେ। ମଙ୍ଗଳବାର ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅବସରରେ ମହାପ୍ରଭୁଙ୍କ ସକାଳ ଧୂପବଢ଼ିବା ପରେ ମଇଲମ କରାଯାଇଥିଲା। ପରେ ପୂର୍ବ ରାତିରୁ ଅର୍ଥାତ ପଞ୍ଚମୀ ତିଥିରୁ ଅଧିବାସିତ ହୋଇଥିବା ଘୋଡ(ଶୀତବସ୍ତ୍ର)ଗୁଡ଼ିକୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିର ଚାରିପାଖରେ ତିନି ଘେରା ପ୍ରଦକ୍ଷିତ କରାଯାଇ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହଙ୍କୁ ରତ୍ନ ସିଂହାସନରେ ପାଗ ଓ ଘୋଡ଼ ଲାଗି କରାଯାଇ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପରେ ପ୍ରସାଦ ଲାଗି ସହ ତିନିବାଡ଼ରେ ବନ୍ଦାପନା କରାଯାଇଥିଲା। ୭ଦିନରେ ଠାକୁରମାନେ ୭ ପ୍ରକାର ରଙ୍ଗର ଘୋଡ଼ ପରିଧାନ କରିବାର ବିଧି ରହିଛି। ରବିବାରରେ ଲାଲ ରଙ୍ଗ, ସୋମବାର କଳାଛିଟା ମିଶା ଶୁକ୍ଳରଙ୍ଗ, ମଙ୍ଗଳବାର ବାରପାଟିଆ, ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ ଏବଂ ଶୁକ୍ରବାର ଧଳା ରଙ୍ଗ, ଏବଂ ଶନିବାର କଳା ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି। ମଙ୍ଗଳବାର ଓଢ଼ଣଷଷ୍ଠୀ ପଡ଼ିଥିବାରୁ ଶ୍ରୀବିଗ୍ରହମାନଙ୍କୁ ବାରପାଟିଆ ରଙ୍ଗର ଘୋଡ଼ ଲାଗି କରାଯାଇଛି। ଶ୍ରୀବିଗ୍ରହମାନେ ପ୍ରତ୍ୟେକ ଦିନ ଚାରିଥର ଘୋଡ଼ ଲାଗିହେବେ। ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଏବଂ ବଡ଼ ସିଂହାର ବେଶରେ ମହାପ୍ରଭୁଙ୍କୁ ଘୋଡ଼ ଲାଗି କରାଯାଇଥାଏ। ମହାପ୍ରଭୁଙ୍କ ଘୋଡ଼ଲାଗି ସହ ଶ୍ରୀମନ୍ଦିରରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ମଧ୍ୟ ଘୋଡ଼ ଲାଗି କରାଯାଇଛି। ଶ୍ରୀମନ୍ଦିର ସହ ଘରେ ଥିବା ଠାକୁରଙ୍କୁ ମଧ୍ୟ ଲୋକମାନେ ପରମ୍ପରା ଅନୁସାରେ ଘୋଡ଼ଲାଗି କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୧।୨୦୨୨

| | |
|---|---|
| ୩, ୬୦, ୩୫୨ ଟଙ୍କା | |
| ସୁନା | ୧୦.୦୫୦ ଗ୍ରାମ |
| ରୁପା | ୧୬.୬୪୦ ଗ୍ରାମ |

## ବାଇକ୍ ସହ ୧ଲକ୍ଷ ଟଙ୍କା ଜବତ, ଲୁଟେରା ଗିରଫ

ଡେଲାଙ୍ଗ,୨୯।୧୧(ଡି.ଏନ୍.ଏ): ଡେଲାଙ୍ଗ ପୋଲିସ ମଙ୍ଗଳବାର ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଚିନ୍ନା ପ୍ରଧାନ(୨୪)। ପୋଲିସ ତାଙ୍କଠାରୁ ୧ଲକ୍ଷ ଟଙ୍କା ଓ ଆପାଚି ବାଇକ୍ ଜବତ କରିଛି। ସୂଚନା ଥାଉକି, ଗତ ୯ ତାରିଖରେ ତିଗିରିଆ ଗ୍ରାମର ବସନ୍ତ ସାହୁ ଓ ତାଙ୍କ ସ୍ତ୍ରୀ କଣ୍ଟି ଗ୍ରାମ୍ୟ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ମାଣିତ୍ରୀ ଗାଁ ମୁଣ୍ଡ ହମ୍ପସ୍‌ରେ ଏକ ଆପାଚି ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଭ୍ୟାନିଟିକୁ ଝାମ୍ପିନେଇ ପଳାଇଥିଲେ। ବ୍ୟାଗରେ ୨ ଲକ୍ଷ ଟଙ୍କା, ୨ ମୋବାଇଲ ଓ ବ୍ୟାଙ୍କ ଖାତା ଥିଲା। ଏନେଇ ଡେଲାଙ୍ଗ ଥାନାରେ ବସନ୍ତ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୩୩୪/୨୨) ରୁଜୁ କରିଥିଲା। ବିଭିନ୍ନ ତଦନ୍ତ ପରେ ଚିନ୍ନା ଲୁଟିଥିବା ପୋଲିସ ଜାଣିବା ପରେ ମଙ୍ଗଳବାର ଡେଲାଙ୍ଗରେ ଥିବା ଜଣାପଡ଼ିଥିଲା। ଖବର ପାଇ ଡେଲାଙ୍ଗ ଆଇଆଇସିଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଭୁଦତ୍ତ ବିଶ୍ୱାଲ ଓ ସିପାହି ପ୍ରଶାନ୍ତ ପ୍ରଧାନ ଡେଲାଙ୍ଗ ହାଟ ବାଜର ସନ୍ନିକଟ ରାମଚନ୍ଦ୍ରପୁର ଏସ୍‌ବିଆଇ ଶାଖା ନିକଟରେ ଚଢ଼ାଉ କରି ଚିନ୍ନାଙ୍କୁ ଗିରଫ କରିଥିଲେ।

## ବନ୍ଧୁକ ସହ ୨ ଗାଡ଼ି ଜବତ, ୩ ଗିରଫ

ବ୍ରହ୍ମଗିରି,୨୯।୧୧(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ମୋଟ ଗ୍ରାମରୁ ଲୁଟ୍ କରି ଫେରାର ହୋଇଥିବା ଏକ ଲୁଟେରା ଗ୍ୟାଙ୍ଗକୁ ମଙ୍ଗଳବାର ବ୍ରହ୍ମଗିରି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଲାଠିପଡ଼ା ଗ୍ରାମର ସିଦ୍ଧାନ୍ତ ଦଳାଇ, ଜଗବନ୍ଧୁ ମହାରଣା, ଜିତ୍ ନାୟକ। ପୋଲିସ ସେମାନଙ୍କଠାରୁ ଏକ ଚୋରା ବନ୍ଧୁକ, ୪ଟି ମୋବାଇଲ ଫୋନ୍, ୨ଟି କଟୁରି ଏବଂ ୨ଟି ବାଇକ୍ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୨୭୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ମଙ୍ଗୁଳି ବେହେରାଙ୍କ ଘରେ କେତେକ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ପଶିଥିଲେ। ମଙ୍ଗୁଳିଙ୍କ ପୁଅ ରତ୍ନାକରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହିତ ତାଙ୍କ ଘରକୁ ଲାଗିଥିବା ଦୋକାନରୁ ଟଙ୍କା ଓ ଜିନିଷ ପତ୍ର ଲୁଟି ନେଇଥିଲେ। ଏନେଇ ମଙ୍ଗୁଳି ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହିତ ଏକ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ଠିକଣା ଠାବ କରିଥିଲା। ଏନେଇ ପୁରୀଠାରେ ଥିବା ଏକ ମଣିରାମ ମଠରୁ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା।



ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ପୁରୀରେ ମଙ୍ଗଳବାର ଅନୁଷ୍ଠିତ ସାହିତ୍ୟ ଆସରରେ ମୀନକେତନ ମିଶ୍ରଙ୍କ 'ବୋଉ ତ କେବଳ ବୋଉ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ନିଶା ନିବାରଣ ସଚେତନତା

ଡେଲାଙ୍ଗ,୨୯।୧୧(ଡି.ଏନ୍.ଏ)

ସାମାଜିକ ଅନୁଷ୍ଠାନ ଆଭା ପକ୍ଷରୁ ନିଶା ନିବାରଣ ସଚେତନାତା ଶିବିର କଲ୍ୟାଣପୁର +୨ ବିଜ୍ଞାନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଆଇଏସ୍‌ଡି, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଦକ୍ଷତା ମନ୍ତ୍ରାଳୟ ସହାୟତାରେ ଅନୁଷ୍ଠିତ ଏକ ଦିବସୀୟ ଶିବିରରେ ଅଧ୍ୟାପକ ଦିଲୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଅଭା ଅନୁଷ୍ଠାନର ସଭାପତି ସୁଧୀର ଚନ୍ଦ୍ର ଦାଶ, ଅଧ୍ୟାପକ କୈଳାସ ଚନ୍ଦ୍ର ସାହୁ, ଡ.କ୍ଷେତ୍ରବସୀ ପ୍ରଧାନ, ଅଧ୍ୟାପକ ସମ୍ପଦ ପ୍ରଧାନ, ଉତ୍ତମ ସ୍ୱାଇଁ, ସଞ୍ଜୟ ଦଳାଇ, ଆଭା ସହସମ୍ପାଦକ ବାଲୁଙ୍କେଶ୍ୱର ପରିଡା ପ୍ରମୁଖ ଯୋଗଦେଇ ନିଶା ନିବାରଣ ସମ୍ପର୍କରେ କଲେଜର ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। କଲେଜର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।

## ଜିଲାସ୍ତରୀୟ ବକ୍ସିଂ ପ୍ରତିଯୋଗିତା

ପୁରୀ ଅଫିସ,୨୯।୧୧

ତାଳବଣିଆସ୍ଥିତ ପୁରୀ ଷ୍ଟାଡିୟମରେ ପୁରୀ ଜିଲା କ୍ରୀଡ଼ା ସଂସଦ ତରଫରୁ ଜିଲାସ୍ତରୀୟ ବରିଷ୍ଠ ପୁରୁଷ ଓ ମହିଳା ଏବଂ ଜୁନିୟର ବାଳକ ବକ୍ସିଂ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ ବକ୍ସିଂ ସଂଘ ଉପ ସଭାପତି ସୁଦର୍ଶନ ସାହୁ, ଶିବ ପ୍ରସାଦ ମିଶ୍ର, ବିଶ୍ୱଭୂଷଣ ପଣ୍ଡା ଏବଂ କିଶୋର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସ୍ଥାନରୁ ଅନେକ ଖେଳାଳି ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗ ଓ ଓଜନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଡିସେମ୍ବର ୬ ଓ ୭ ତାରିଖ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ଜୁନିୟର ବିଭାଗରେ ବିଜୟ ଲାଭ କରିଥିବା ଖେଳାଳିମାନେ ହେଉଛନ୍ତି ଆକାଶ ବେହେରା, ଜନ୍ମଜେୟ ନାୟକ, ରଶ୍ମିରଞ୍ଜନ ମାଇତି ଓ ଚନ୍ଦନ ଥାପ୍ପା। ସେହିପରି ପୁରୁଷ ବିଭାଗ ବର୍ଗରେ ୧୦ ପ୍ରତିଯୋଗୀ ବିଭନ୍ନ ବିଭାଗରେ ବିଜୟ ଲାଭ କରିଛନ୍ତି। ବରିଷ୍ଠ ମହିଳା ବିଭାଗ ବର୍ଗ ପ୍ରତିଯୋଗିତାରେ ୭ ପ୍ରତିଯୋଗୀ ବିଜୟ ଲାଭ କରିଛନ୍ତି। ସେମାନେ ହେଲେ ଭବାନୀ ବାରିକ, ସୁନୀତା ଜେନା, ସିବିକା ସେନାପତି, କୁନି ସ୍ୱାଇଁ, କବିତା ଗୁରୁ, ବର୍ଷାରାଣୀ ଜେନା ଏବଂ ପ୍ରମିଳା ଥାପ୍ପା।

# ଫୁଡ୍ କୋର୍ଟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୨୯।୧୧

ପୁରୀ ଚକ୍ରତୀର୍ଥ ରୋଡ୍‌ସ୍ଥିତ ୟୁଥ ହଷ୍ଟେଲ ନିକଟରେ ପର୍ଯ୍ୟଟନ ବିଭାଗ ସହାୟତାରେ ଏସ୍ ଏସ୍ କନ୍ସୋର୍ଟିୟମ୍‌ର ସହଭାଗିତାରେ ଭିବ୍ରାନ୍ସ ନାମରେ ଏକ ଫୁଡ୍ କୋର୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ପୁରୀ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ଗୁରୁତ୍ୱ ବହନ କରୁଥିବାରୁ ଏହି ଫୁଡ କୋର୍ଟ ପର୍ଯ୍ୟଟକଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସେବାୟତ ରାମକୃଷ୍ଣ ଦାଶ ମହାପାତ୍ର, ଏସ୍ ଏସ୍ କନ୍ସୋର୍ଟିୟମ୍‌ର ଏମ୍‌ଡି ଶୁଭେନ୍ଦୁ ଶେଖର ମହାପାତ୍ର, ମ୍ୟାନେଜିଂ ପାର୍ଟନର ସ୍ମୃତି ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଏକ ତୀର୍ଥ ସ୍ଥାନ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାର ଓ ବିଦେଶରୁ ଶତାଧିକରୁ ଊର୍ଦ୍ଧ୍ୱ ଯାତ୍ରୀ ପ୍ରତ୍ୟେକ ଦିନ ଆସୁଛନ୍ତି। ସେମାନଙ୍କର ଖାଦ୍ୟପେୟର ସୁବିଧା ନିମନ୍ତେ କିପରି ଗୁଣାତ୍ମକ ସେବା ଯୋଗାଇ ଦିଆଯାଇପାରିବ ସେଥିପାଇଁ ପର୍ଯ୍ୟଟନ ବିଭାଗ ଏହି ଫୁଡ୍ କୋର୍ଟ ଭିବ୍ରାନ୍ସର ପରିକଳ୍ପନା କରାଯାଇଛି। ଏଠାରେ ଏକାକାଳୀନ ୩ ଶହ ଲୋକ ବସିବାକୁ ବ୍ୟବସ୍ଥା ଥିବାବେଳେ ସର୍ବନିମ୍ନ ୧୦୦ ଟଙ୍କାରୁ ଖାଦ୍ୟ ଉପଲବ୍ଧ ହେବ। ଏଥିସହ ଅତିଥିମାନଙ୍କ ପାଇଁ ରୁମ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




ଭିବ୍ରାନ୍ସ ଫୁଡ୍ କୋର୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ସତ୍ୟବାଦୀ ପାଇଁ ଗୌରବ ଜୟନ୍ତୀ

ସାକ୍ଷୀଗୋପାଳ,୨୯।୧୧ (ଡି.ଏନ.ଏ./ସ୍ୱ.ପ୍ର.)

ପୁରୀ ଜିଲା ସତ୍ୟବାଦୀର ପାରା ଆଥଲେଟ ଝିଅ ଜୟନ୍ତୀ ବେହେରା। ନିକଟରେ ପର୍ତ୍ତୁଗାଲରେ ହୋଇଥିବା ବିଶ୍ୱ ପାରା ଆଥେଲେଟିକ୍ସ ପ୍ରତିଯୋଗିତା ୨୦୨୨ରେ ଭାଗନେଇ ଯୁଗ୍ମ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ବିଶ୍ୱସ୍ତରୀୟ କ୍ରୀଡ଼ା ଉତ୍ସବର ପ୍ରଥମ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇଥିଲେ ଜୟନ୍ତୀ। ଏହାପରେ ପୁଣି ୨୦୦ ଏବଂ ୪୦୦ ମିଟର ଦୌଡରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବାରୁ ଖୁସି ବ୍ୟକ୍ତ କରିବା ସହିତ ଜୟନ୍ତୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ତାଙ୍କର କୋଚ ବିଷ୍ଣୁ ପ୍ରସାଦ ମିଶ୍ର। ସେହିପରି ଜୟନ୍ତୀଙ୍କ ପରିବାର ସମେତ ଗ୍ରାମବାସୀରେ ଖୁସିର ଲହରି ଖେଳିଯାଇଛି।

## ମତଦାତାଙ୍କ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ

ବଳଙ୍ଗା,୨୯।୧୧(ଡି.ଏନ୍.ଏ.)

ବଳଙ୍ଗା ମହାବିଦ୍ୟାଳୟରେ ନୂତନ ମତଦାତାଙ୍କ ଅନ୍‌ଲାଇନ ପଞ୍ଜୀକରଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଂଶୀଧର ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ବସନ୍ତ ମଲ୍ଲିକ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ପଞ୍ଚାୟତ ବିଭାଗ ସହକାରୀ ଗୁଣନିଧି ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଭୋଟର ପଞ୍ଜୀକରଣ ପ୍ରକ୍ରିୟା ବୁଝାଇଥିଲେ। ନୂତନ ଭୋଟର ପଞ୍ଜୀକରଣ ପାଇଁ ଫର୍ମ-୬, ଭୋଟଦାତାଙ୍କ ନାମ ହଟାଇବା ପାଇଁ ଫର୍ମ-୭, ଭୋଟର କାର୍ଡ ସଂଶୋଧନ ପାଇଁ ଫର୍ମ-୮ ଓ ଭୋଟର ଆଇଡି ସହ ଆଧାର ସଂଯୋଗୀକରଣ ପାଇଁ ଫର୍ମ-୯ ବ୍ୟବହାର ନିମନ୍ତେ ପ୍ରଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୋଷ ପତି, ବଳଭଦ୍ର ରଥ, ଅଶୋକ ସୁବୁଦ୍ଧି ପ୍ରମୁଖ ସାମିଲ ଥିଲେ।

## ପାରିବାରିକ ଗଣ୍ଡଗୋଳ:ଏସ୍‌ପିଙ୍କ ଦ୍ୱାରସ୍ଥ

ଡେଲାଙ୍ଗ,୨୯।୧୧(ଡି.ଏନ.ଏ):

ଡେଲାଙ୍ଗ ଥାନା ନିପୁର ଗ୍ରାମରେ ପାରିବାରିକ ଗଣ୍ଡଗୋଳ ଦେଖିବାକୁ ମିଳିଛି। ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ ଓ ଶାଶୁ ଆହତ ହୋଇଥିବାବେଳେ ଶାଳକଙ୍କ ଆକ୍ରମଣରେ ଭିଣୋଇ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଅନୁଯାୟୀ, ନିପୁର ଗ୍ରାମର ବିପିନ ପ୍ରଧାନ ଗତ ୪ ବର୍ଷ ତଳେ ଖୋର୍ଦ୍ଧା ବାଘମାରି ଥାନା ଅଞ୍ଚଳର ସୀମାଙ୍କ ସହ ବିବାହ ହୋଇଥିଲା। ସୀମାର ଭଉଣୀ ମଧ୍ୟ ସେହି ଗ୍ରାମରେ ବିବାହ ହୋଇଥିବାରୁ ତାଙ୍କ ଘରକୁ ସୀମା ଯିବାଆସିବା କରୁଥିଲେ। ଏହାକୁ ଶାଶୁଘର ଲୋକେ ବିରୋଧ କରୁଥିବା ବେଳେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ଦିନେ ଏହି ବିବାଦକୁ ନେଇ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। ଗତ ୧୧ ତାରିଖରେ ସୀମା ପୁଣି ଭଉଣୀଙ୍କ ଘରକୁ ଯିବାରୁ ଶାଶୁ ଓ ସୀମାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ବିପିନ ଶୁଣିବା ପରେ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ସୀମାଙ୍କ ମା' ସେଠାରେ ଥିବାବେଳେ ପ୍ରତିବାଦ କରିବାରୁ ବିପିନ ଓ ତାଙ୍କ ସାନଭାଇ ଉଭୟ ମା' ଝିଅଙ୍କୁ ପିଟିଥିଲେ। ଏ ନେଇ ସୀମା ଭାଇଙ୍କୁ ଫୋନ କରି ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ସୀମାଙ୍କ ବାପା, ଭାଇ ଓ ତାଙ୍କ ସାଥୀମାନେ ଆସି ସ୍ୱାମୀ ବିପିନ ଓ ତାଙ୍କ ମାଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିପିନଙ୍କ ହାତ ପାପୁଲି କଟିଯାଇଥିଲା। ତେବେ ବିପିନଙ୍କ ଭାଇ ତପନଙ୍କ ଅଭିଯୋଗକ୍ରମେ ପୋଲିସ ୯ଜଣଙ୍କ ନାମରେ ମାମଲା(ନଂ.୩୪୭/୨୨) ରୁଜୁ କରିଛି। ଅପରପକ୍ଷେ ସୀମାଙ୍କ ଅଭିଯୋଗକ୍ରମେ ୬ ଜଣଙ୍କ ନାମରେ ମାମଲା(ନଂ. ୩୪୧/୨୨) ରୁଜୁ କରିଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିବା ବେଳେ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ଏ ନେଇ ମଙ୍ଗଳବାର ବିପିନଙ୍କ ଭାଇ ତପନ ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଠିକ୍ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିବେଦନ କରିଛନ୍ତି।

# ଏଆଇଆର୍‌ଏଫ୍‌ର ଜାତୀୟସ୍ତରୀୟ ସମ୍ମିଳନୀ



ପୂର୍ବତଟ ରେଲ୍‌ୱେ ଶ୍ରମିକ ସଂଘ ପକ୍ଷରୁ ସର୍ବଭାରତୀୟ ରେଲ୍‌ୱେ ମହାସଂଘର ଜାତୀୟସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ପୁରୀ ଅଫିସ, ୨୯।୧୧

ପୂର୍ବତଟ ରେଲ୍‌ୱେ ଶ୍ରମିକ ସଂଘ ପକ୍ଷରୁ ସର୍ବଭାରତୀୟ ରେଲୱେ ମହାସଂଘ (ଏଆଇଆର୍‌ଏଫ୍)ର ୯୮ତମ ଜାତୀୟସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଟାଉନହଲରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏଆଇଆରଏଫ୍‌ର ସଭାପତି ଡ.ଏନ୍.କାନ୍ହିହା, ଜିଲାପାଳ ସମର୍ଥ ବର୍ମା, ଏସପି କେ. ବିଶାଲ ସିଂ, ପୂର୍ବତଟ ରେଲୱେର ସାଧାରଣ ପରିଚାଳକ ରୂପ ନାରାୟଣ ଶଙ୍କର, ଏଆଇଆରଏଫ୍‌ର ଜିଏସ୍ ଶିବ ଗୋପାଳ ମିଶ୍ର, ଶ୍ରୀଜଗନ୍ନାଥ ମନ୍ଦିର ମ୍ୟାନେଜମେଣ୍ଟ କମିଟି ସଭ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ପୂର୍ବତଟ ରେଲୱେର ପିସିଓ ଟି.କେ.ମଣ୍ଡଳ, ଖୋର୍ଦ୍ଧା ଡିଆର୍‌ଏମ୍ ରିଙ୍କେଶ ରୟ, ବିଶ୍ୱ ଦକ୍ଷତା କେନ୍ଦ୍ର, ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଲ୍‌କା ଅରୋରା ମିଶ୍ର, ଏଆଇଆରଏଫ୍‌ର କାର୍ଯ୍ୟରତ ସଭାପତି ଜେ.ଆର. ଭୋସଲେ, ଏଆଇଆର୍‌ଏଫ୍‌ର କୋଷାଧ୍ୟକ୍ଷ ଶଙ୍କର ରାଓ, ଏଆଇଆର୍‌ଏଫ୍‌ର ଜିଏସ ପି.କେ. ପାଟଶାଣୀ, ଏଆଇଆରଏଫ୍‌ରର ଜୋନାଲ ସେକ୍ରେଟାରୀ ବି.ଦାମୋଦର ରାଓ, ଏଆଇଆରଏଫ୍‌ର ଜାତୀୟ ମହିଳା ଅଧକ୍ଷା ଜୟା ଅଗ୍ରୱାଲ, ଏଆଇଆରଏଫ୍‌ର ଜାତୀୟ ମହିଳା କନଭେନର ପ୍ରବୀଣା ସିଂ, ଏଆଇଆର୍‌ଏଫ୍‌ର ଜୋନାଲ ସେକ୍ରେଟାରୀ ଚମ୍ପା ବର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଚକ୍ରତୀର୍ଥ ରୋଡସ୍ଥିତ ବିଏନଆର ହୋଟଲରୁ ଏକ ଶୋଭାଯାତ୍ରା ବାହାରି ରେଳ ଷ୍ଟେଶନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଭା କରାଯାଇ ପୂର୍ବତଟ ରେଲୱେ ଶ୍ରମିକ ସଂଘର ସମସ୍ୟା ଓ ପରିବାରର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ତିନିଦିନିଆ କାର୍ଯ୍ୟକ୍ରମ ୧ ତାରିଖରେ ଉଦ୍‌ଯାପନୀ ହେବ।

# ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସ୍ନେହ ବନ୍ଧନର ପ୍ରତୀକ

## ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ସମ୍ପର୍କିତ ପ୍ରଶିକ୍ଷଣ

ପୁରୀ ଅଫିସ,୨୯।୧୧

ବିଶ୍ୱରେ ନଭେମ୍ବର ମାସକୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀ ଜିଲା ପ୍ରଶାସନର ଜିଲା ଶିଶୁ ସୁରକ୍ଷା ଶାଖା ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ-୨୦୨୨ ସମ୍ପର୍କିତ ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ(ଆନୁଷ୍ଠାନିକ ଯତ୍ନ) ଶୁଭ ନାରାୟଣ ଶତପଥୀ ଅତିଥିମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ କହିଥିଲେ। କର୍ମଶାଳାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣର ସରଳ ଏବଂ ସହଜ ପ୍ରକ୍ରିୟା ସମ୍ପର୍କରେ ତଥା ଏହାର ଆଇନଗତ ଦିଗ ବିଷୟରେ ଉପସ୍ଥିତ ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ପ୍ରମୁଖ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଦେବୀପ୍ରସାଦ ମହାପାତ୍ର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ଏବଂ ଶିଶୁ ମଙ୍ଗଳ କମିଟି ସଦସ୍ୟା ସୁଚେତା ଦାସ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସ୍ନେହ ବନ୍ଧନର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ତରର ଅଧିକାରୀଙ୍କର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ କେଉଁମାନେ ପ୍ରତ୍ୟାଶୀ ପୋଷ୍ୟଗ୍ରାହୀ ହୋଇପାରିବେ ଏବଂ ସେମାନଙ୍କର ବୟସ ସୀମା ତଥା ଦେଶ ମଧ୍ୟରେ ଏବଂ ଅନ୍ତର୍ଦେଶୀୟ ପୋଷ୍ୟ ସନ୍ତାନ ଗ୍ରହଣ ସୁବିଧା ବିଷୟରେ ଆଲୋଚନା କରି ଅଂଶଗ୍ରହଣକାରୀଙ୍କୁ ଆଇନକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ବୁଝାଇଥିଲେ। ଶେଷରେ ସୁରକ୍ଷା ଅଧିକାରୀ (ଅଣ ଆନୁଷ୍ଠାନିକ ଯତ୍ନ) ସ୍ନିଗ୍ଧାରାଣୀ ସାହୁ ଜିଲାରେ କାର୍ଯ୍ୟରତ ପୋଷ୍ୟ ସନ୍ତାନ ସଂସ୍ଥାର ଉତ୍ତମ ପ୍ରଦର୍ଶନ ଏବଂ ବିଗତ ବର୍ଷରେ ଜିଲାରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଥିବା ଶିଶୁ ଏବଂ ପ୍ରତ୍ୟାଶୀ ପୋଷ୍ୟଗ୍ରାହୀ ପିତାମାତାଙ୍କ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ମହିଳା ଶିଶୁ ବିକାଶ ବିଭାଗର ବ୍ଲକ ତଥା ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାଙ୍କ ସହିତ ଜିଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହର କର୍ମକର୍ତ୍ତା, ଚାଇଲ୍ଡଲାଇନ, ସୁଧାର ଗୃହର କର୍ମୀ ତଥା ଶିଶୁ ମଙ୍ଗଳ କମିଟିର ସଦସ୍ୟଙ୍କ ସମେତ ମୋଟ ୬୫ଜଣ ଉକ୍ତ କର୍ମଶାଳାରେ ଉପସ୍ଥିତ ଥିଲେ।



ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସପ୍ତାହ ପାଳନ କରାଯାଉଛି।




# ନକ୍ ଆଉଟରେ ନେଦରଲାଣ୍ଡ୍ସ, ସେନେଗାଲ

ଦୋହା, ୨୯।୧୧

ନେଦରଲାଣ୍ଡ୍ସ ଓ ସେନେଗାଲ ଚଳିତ ଫିଫା ବିଶ୍ୱକପର ନକ୍‌ଆଉଟରେ ପ୍ରବେଶ କରିଛନ୍ତି। ଗ୍ରୁପ୍ 'ଏ'ରେ ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚରେ ନେଦରଲାଣ୍ଡ୍ସ ୨-୦ ଗୋଲରେ ଆୟୋଜକ କାତାରକୁ ଏବଂ ସେନେଗାଲ ୨-୧ ଗୋଲରେ ଇକ୍ୱେଡରକୁ ପରାସ୍ତ କରିଛି। ସେନେଗାଲ ଶେଷଥରପାଇଁ ୨୦୦୨ରେ କ୍ୱାର୍ଟର ଫାଇନାଲ ଖେଳିଥିଲା। ଅର୍ଥାତ୍ ଦୀର୍ଘ ୨୦ ବର୍ଷପରେ ଏହିଦଳ ରାଉଣ୍ଡ ଅଫ୍ ୧୬ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅଲ୍ ବାୟତ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କାତାର ବିପକ୍ଷରେ ନେଦରଲାଣ୍ଡ୍ସର କୋଡି ଗାକ୍‌ପୋ ୨୬ ଓ ଫ୍ରେଙ୍କି ଡି ଜଙ୍ଗ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବଲ୍ ପୋଜେଶନଠାରୁ ଆରମ୍ଭ କରି ଶଟ୍, ଟାର୍ଗେଟ ଶଟ୍, ପାସ୍, କର୍ନର୍ସ ଆଦି ସବୁଥିରେ ନେଦରଲାଣ୍ଡ୍ସ ଆଗରେ ରହିଥିଲା। ଅନ୍ୟପକ୍ଷରେ ଆୟୋଜକ କାତାରର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଛି। ଦଳ ଗୋଟିଏ ହେଲେ ମ୍ୟାଚ ଜିତିବାରେ ସକ୍ଷମ ହୋଇନାହିଁ। କାତାର ଗୋଟିଏ ଗୋଲ ଦେଇଥିବାବେଳେ ୭ଟି ଗୋଲ ବରଣ କରିଛି। ନେଦରଲାଣ୍ଡ୍ସ ପୂର୍ବରୁ ୧୯୭୪, ୧୯୭୮, ୨୦୧୦ରେ ରନରଅପ୍ ହୋଇଥିବାବେଳେ ୨୦୧୪ରେ ତୃତୀୟ ଏବଂ ୧୯୯୮ରେ ଚତୁର୍ଥସ୍ଥାନ ଅଧିକାର କରିଥିଲା। ୨୦୧୮ ଗତ ସଂସ୍କରଣରେ କିନ୍ତୁ ଦଳ ଯୋଗ୍ୟତା ହାସଲ କରିପାରି ନ ଥିଲା।

ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ସେନେଗାଲ-ଇକ୍ୱେଡର ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ଶେଷରେ ସେନେଗାଲ ବାଜି ମାରିଥିଲା। ଇକ୍ୱେଡର ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ସେନେଗାଲକୁ ପେନାଲ୍ଟି ମିଳିଥିଲା। ଇସମାଇଲା ସର୍ ୪୪ତମ ମିନିଟରେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ ଦେଇଥିଲେ। ୬୭ତମ ମିନିଟରେ ଇକ୍ୱେଡରର ମୋଇସେସ କାଇସେଡେଶ ଗୋଲଟି ପରିଶୋଧ କରି ଦେଇଥିବାବେଳେ ୭୦ତମ ମିନିଟରେ ସେନେଗାଲର କାଲିଡୋ କୌଲିବାଲି ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଅନ୍ୟପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଇକ୍ୱେଡରର ଅଭିଯାନ ଏଥର ଗ୍ରୁପ୍ ପର୍ଯ୍ୟାୟରୁ ହିଁ ଶେଷ ହୋଇ ଯାଇଥିଲା। ସେନେଗାଲ ଶେଷଥରପାଇଁ ୨୦୦୨ରେ କ୍ୱାର୍ଟର ଫାଇନାଲ ଖେଳିଥିଲା। ଚଳିତ ବିଶ୍ୱକପରେ ପ୍ରଥମ ଆଫ୍ରିକୀୟ ଦେଶଭାବରେ ସେନେଗାଲ ୨ଟି ମ୍ୟାଚ ଜିତି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ପୂର୍ବ ମ୍ୟାଚରେ ଏହି ଦଳ କାତାରକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଫଳରେ ଦୀର୍ଘ ୨୦ ବର୍ଷପରେ ସେନେଗାଲ ରାଉଣ୍ଡ ଅଫ୍ ୧୬ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।


ଗୋଲ୍ ସ୍କୋର ପରେ ସେନେଗାଲ ଖେଳାଳିମାନେ ଖୁସି ମନାଉଛନ୍ତି।

## ବିରଳ କ୍ଲବରେ ଗାକ୍‌ପୋ

**ଦୋହା, ୨୯।୧୧:** ଚଳିତ ଫିଫା ବିଶ୍ୱକପରେ ଏକ ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି ନେଦରଲାଣ୍ଡ୍ସର କୋଡି ଗାକ୍‌ପୋ। ସେ ନେଦରଲାଣ୍ଡ୍ସର ୪ର୍ଥ ଖେଳାଳିଭାବେ କ୍ରମାଗତ ୩ଟି ବିଶ୍ୱକପ ମ୍ୟାଚରେ ଗୋଲ ସ୍କୋର କରିଛନ୍ତି। ଗାକ୍‌ପୋଙ୍କ ପୂର୍ବରୁ ନେଦରଲାଣ୍ଡ୍ସର ଜୋହାନ ନିସକେନ୍ସ, ଡେନିସ ବର୍ଗକାମ୍ପ ଓ ୱେସଲି ସ୍ନିଡର ଏହି କ୍ଲବର ସଦସ୍ୟ ଅଛନ୍ତି। ଚଳିତ ବିଶ୍ୱକପରେ ଗାକ୍‌ପୋ ମଙ୍ଗଳବାର ଆୟୋଜକ କାତାର ବିପକ୍ଷରେ ନେଦରଲାଣ୍ଡ୍ସ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ସେ ସେନେଗାଲ ଓ ଇକ୍ୱେଡର ବିପକ୍ଷରେ ମଧ୍ୟ ଗୋଲ ଦେଇଥିଲେ। ଅର୍ଥାତ୍ ନେଦରଲାଣ୍ଡ୍ସକୁ ନକ୍‌ଆଉଟକୁ ନେବାରେ ଗାକ୍‌ପୋଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ଦଳଗତ ପ୍ରଦର୍ଶନ ଆବଶ୍ୟକ


ଜର୍ଜିନୋ

**ବର୍ତ୍ତମାନ ଭିନି ହେଉଛନ୍ତି ବ୍ରାଜିଲର ଶ୍ରେଷ୍ଠ ଖେଳାଳି। ଅଧିକ ସହଯୋଗ ବ୍ୟତୀତ ତାଙ୍କୁ ବିନା ଚାପରେ ଖେଳିବାକୁ ଦିଆଯିବା ଆବଶ୍ୟକ। ବ୍ରାଜିଲର ଚରିତ୍ର ହେଲା ସବୁବେଳେ ଏହି ଦଳଠାରୁ କିଛି ନୂଆ ଷ୍ଟାଇଲର ଖେଳ ଦେଖିବାକୁ ମିଳିଥାଏ। ଏପର୍ଯ୍ୟନ୍ତ କିନ୍ତୁ ତାହା ଦେଖିବାକୁ ମିଳିନାହିଁ।**

ସୁଇଜରଲାଣ୍ଡ ବିପକ୍ଷ ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ବ୍ରାଜିଲ ଭଲ ଖେଳି ନ ଥିଲା। ନେମାରଙ୍କ ଅନୁପସ୍ଥିତିରେ ଯେଉଁ କେତେଜଣ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଯୋଗୁ ଦଳ ବିଜୟ ଲାଭ କଲା ସେମାନଙ୍କୁ ଧନ୍ୟବାଦ। ଗ୍ରୁପ୍ ପର୍ଯ୍ୟାୟରେ ଆଉ ଗୋଟିଏ ମ୍ୟାଚ ବାକି ଥାଇ ବ୍ରାଜିଲ ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରେ ପ୍ରବେଶ କରିପାରିଛି। ସୁଇଜରଲାଣ୍ଡ ବିପକ୍ଷରେ ବ୍ରାଜିଲ ପାଇଁ ପଥ ପରିଷ୍କାର କରିଥିଲେ ଭିନିସିଅସ୍ ଜୁନିୟର। ଦଳ ପାଇଁ ଏହା କଠିନ ଗେମ୍ ଥିଲା। ଦଳର ପ୍ରଦର୍ଶନ ପ୍ରଥମ ମ୍ୟାଚ ଭଳି ନ ଥିଲା। ନେମାରଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା ପାକ୍ୱେଟା ଯଥାର୍ଥ ପ୍ରମାଣ କରିବାରେ ବିଫଳ ହୋଇଥିଲେ। ଡାହାଣ ପାର୍ଶ୍ୱରେ ମିଲିଟାଓ ତାଙ୍କ ଦାୟିତ୍ୱ ଠିକଣାରୂପେ ତୁଲାଇଥିଲେ। ସୁଇଜରଲାଣ୍ଡ ଯେତେବେଳେ ଭଲ ଖେଳି ଚାପ ସୃଷ୍ଟି କଲା ବ୍ରାଜିଲ ସମର୍ଥକଙ୍କ ହୃଦ୍‌ସ୍ପନ୍ଦନ ବଢିଯାଇଥିବା ସ୍ୱାଭାବିକ। ଏହି ପରିସ୍ଥିତିରେ ବାମ ପାର୍ଶ୍ୱରେ ଖେଳୁଥିବା ଭିନି ଆଗଭର ହୋଇଥିଲେ। ସେ ଗୋଲ୍ କରିବାରେ ମଧ୍ୟ ସଫଳ ହୋଇଥିଲେ। ହେଲେ ଅଫ୍ ସାଇଡ୍ ଯୋଗୁ ରେଫରି ତାହାକୁ ନାକଚ କରିଦେଇଥିଲେ। ବର୍ତ୍ତମାନ ଭିନି ହେଉଛନ୍ତି ବ୍ରାଜିଲର ଶ୍ରେଷ୍ଠ ଖେଳାଳି। ଅଧିକ ସହଯୋଗ ବ୍ୟତୀତ ତାଙ୍କୁ ବିନା ଚାପରେ ଖେଳିବାକୁ ଦିଆଯିବା ଆବଶ୍ୟକ। ବ୍ରାଜିଲର ଚରିତ୍ର ହେଲା ସବୁବେଳେ ଏହି ଦଳଠାରୁ କିଛି ନୂଆ ଷ୍ଟାଇଲର ଖେଳ ଦେଖିବାକୁ ମିଳିଥାଏ। ଏପର୍ଯ୍ୟନ୍ତ କିନ୍ତୁ ତାହା ଦେଖିବାକୁ ମିଳିନାହିଁ। ୧୯୯୪ ବିଶ୍ୱକପ୍ ସ୍ୱିଡେନ ବିପକ୍ଷ ସେମିଫାଇନାଲ ମ୍ୟାଚ କଥା ମୋର ଏବେ ମନେ ପଡୁଛି। ଆମର ୮୦ ମିନିଟ ଧରି ଆକ୍ରମଣାତ୍ମକ ଖେଳ ନିରର୍ଥକ ହେବାପରେ ମଧ୍ୟ ଆମେ ଶେଷରେ ସଫଳ ହୋଇଥିଲୁ। ବେବେଟୋ ପଡ଼ିଆର ସେଣ୍ଟରରୁ ମୋତେ ଏକ ସିଧାସଳଖ ପାସ୍ ଦେଇଥିଲେ। ମୁଁ ସେତେବେଳେ ଡାହାଣ ପାର୍ଶ୍ୱରେ ପେନାଲ୍ଟି ଏରିଆଠାରୁ ଅଳ୍ପ ଦୂରରେ ଥାଏ। ମୁଁ ବଲ୍‌ଟିକୁ ତୁରନ୍ତ ଗୋଲ ପୋଷ୍ଟ ସମ୍ମୁଖରେ ଥିବା ରୋମାରିଓଙ୍କ ନିକଟକୁ ପଠାଇ ଦେଇଥିଲେ, ସେ ହେଡରର ଜରିଆରେ ଗୋଲ ସ୍କୋର କରିବାରେ ସଫଳ ହୋଇଥାନ୍ତେ। ଏହି ଟେକ୍‌ନିକ୍ ଆମେ ଟ୍ରେନିଂ ସେସନରେ ଅଭ୍ୟାସ କରିଥିଲୁ। ଏହାକୁ ପ୍ରୟୋଗ କରିବା ଲାଗି ଆମେ ଚେଷ୍ଟା କରିଥିଲୁ, ମାତ୍ର ଡେଙ୍ଗା ସ୍ୱିଡିଶ ଡିଫେଣ୍ଡରମାନେ ରୋମାରିଓଙ୍କୁ ବଲ୍ ଟଚ୍ କରିବାକୁ ଦେଇ ନ ଥିଲେ। ଶେଷରେ ସେ ପର୍‌ଫେକ୍ଟ ପୋଜିଶନରେ ଥିବା ବେଳେ ଆମେ ଗୋଲ ଦେବାରେ ସଫଳ ହେଲୁ। ୧୯୯୪ ବିଶ୍ୱକପ୍ ଭଳି ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ଦଳଠାରୁ ମୁଁ ଦଳଗତ ପ୍ରଦର୍ଶନ ଆଶା କରୁଛି। ସୋମବାର ମ୍ୟାଚରେ ସୁଇଜରଲାଣ୍ଡ ବାରମ୍ବାର ଆକ୍ରମଣ କରି ବ୍ରାଜିଲିଆନ ଗୋଲ୍‌କିପରକୁ ସାମାନ୍ୟ କ୍ଲାନ୍ତ କରିଦେଇଥିଲା। ହେଲେ ପରବର୍ତ୍ତୀ କାଳରେ ମନ୍ଥରତା ଯୋଗୁ ବ୍ରାଜିଲ ପାଇଁ ରାସ୍ତା ଖୋଲିଥିଲା। ଏହାର ସୁଯୋଗରେ ଆଣ୍ଟୋନି ଓ ଗାବ୍ରିଏଲ୍ ଚେଷ୍ଟା କରି ବିଫଳ ହୋଇଥିଲେ। ଭିନିସିଅସ୍, ରୋଡ୍ରିଗୋ ଓ କାସେମିରୋଙ୍କୁ ନେଇ କମ୍ବିନେଶନ ବ୍ରାଜିଲକୁ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରାଇଲା। ଏବେ ସୁଦ୍ଧା ବ୍ରାଜିଲ ଅନ୍ୟତମ ଟାଇଟଲ ଫେଭରାଇଟ୍ ବୋଲି ମୁଁ କହିବି। ଆମର ଏକ ଭଲ ଦଳ। ଏଥିରେ କ୍ୱାଲିଟି ଖେଳାଳି ରହିଛନ୍ତି। ଦଳ ନେମାରଙ୍କ ଉପରେ ନିର୍ଭରଶୀଳ ନୁହେଁ। ଦଳର ଜଣେ ପ୍ରବୀଣ କୋଚ୍ ରହିଛନ୍ତି। ଆମେ ପୁଣି ଚାମ୍ପିୟନ ହୋଇ ପାରିବୁ ବୋଲି ମୁଁ ଆଶା କରୁଛି।

-(ଟିଭାକ୍ ସ୍ପୋର୍ଟ୍ସ)

### ଫିଫା ବିଶ୍ୱକପ
**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଡେନ୍‌ମାର୍କ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ ଷ୍ଟାଡିୟମ, ସମୟ: ରାତି ୮.୩୦

**ଟ୍ୟୁନିସିଆ ବନାମ ଫ୍ରାନ୍ସ**
ସ୍ଥାନ: ଏଜୁକେଶନ୍ ସିଟି ଷ୍ଟାଡିୟମ, ସମୟ: ରାତି ୮.୩୦

**ସାଉଦି ଆରବ ବନାମ ମେକ୍ସିକୋ**
ସ୍ଥାନ: ଲୁସେଲ ଷ୍ଟାଡିୟମ, ସମୟ: ରାତି ୧୨.୩୦

**ପୋଲାଣ୍ଡ ବନାମ ଆର୍ଜେଣ୍ଟିନା**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ, ସମୟ: ରାତି ୧୨.୩୦

## କାତାରକୁ ଯାଉଛି ଓଡ଼ିଶାରୁ ଅଣ୍ଡା

ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ କାତାରରେ ଅଣ୍ଡାର ଚାହିଦା ଦୁଇଗୁଣାରୁ ଅଧିକ ବୃଦ୍ଧି ପାଇଛି। ଚାହିଦା ପୂରଣ ପାଇଁ ଓଡ଼ିଶାର ଅନ୍ୟତମ ଅଣ୍ଡା ଉତ୍ପାଦନକାରୀ ସଂସ୍ଥା ଓଭୋ ଫାର୍ମ ଆଗେଇ ଆସିଛି। ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍ ବଲାଙ୍ଗୀରରେ ଅବସ୍ଥିତ। ଦେଶରେ ଏହାର ପ୍ରାୟ ୪୦୦ ଜେନେରାଲା ରିଟେଲ କାଉଣ୍ଟର ରହିଛି। ନଭେମ୍ବରରେ ଏହି ସଂସ୍ଥା ଆଫ୍ରିକା ମହାଦେଶ ଅନ୍ତର୍ଗତ ଲାଇବେରିଆକୁ ଅଣ୍ଡା ରପ୍ତାନୀ କରିଛି। ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଆମ ଉତ୍ପାଦିତ ସାମଗ୍ରୀ ପହଞ୍ଚିପାରିଥିବାରୁ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ସୌମେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କାତାର ପାଇଁ ଭାରତ ଏକ ଅନ୍ୟତମ ବୃହତ୍ ଅଣ୍ଡା ରାପ୍ତାନିକାରୀ ରାଷ୍ଟ୍ର।



ମଙ୍ଗଳବାର ଇକ୍ୱେଡର ବିପକ୍ଷ ମ୍ୟାଚ୍ ଉପଭୋଗ କରୁଛନ୍ତି ସେନେଗାଲ ସମର୍ଥକ।

# ଆର୍ଜେଣ୍ଟିନା ଓ ମେସିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ

ଦୋହା, ୨୯।୧୧

ଚଳିତ ଫିଫା ବିଶ୍ୱକପ୍‌ର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଉପନୀତ। ଗ୍ରୁପ୍ ପର୍ଯ୍ୟାୟର ତୃତୀୟ ତଥା ଶେଷ ରାଉଣ୍ଡ ଖେଳ ଆରମ୍ଭ ହୋଇଯାଇଛି। କେଉଁ ଦଳ ନକ୍‌ଆଉଟକୁ ଯିବ କିମ୍ବା କେଉଁ ଦଳ ବିଦାୟ ନେବ ତାହା ଏହି ରାଉଣ୍ଡରୁ ସ୍ପଷ୍ଟ ହୋଇଯାଉଛି। କାତାରରେ ବିଶ୍ୱକପ ଆରମ୍ଭ ପୂର୍ବରୁ ଅନ୍ୟତମ ଟାଇଟଲ ଫେଭରାଇଟର ଆଖ୍ୟା ପାଇଥିବା ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ ସୌଦି ଆରବ ନିକଟରୁ ହାରିଯାଇଥିବାରୁ କଠିନ ପରିସ୍ଥିତି ଦେଇ ଗତି କରୁଛି। ଦ୍ୱିତୀୟ ମ୍ୟାଚରେ ଯଦିଓ ଏହି ଦଳ ମେକ୍ସିକୋକୁ ହରାଇବାରେ ସକ୍ଷମ ହୋଇଛି ତେବେ ନକ୍‌ଆଉଟ ପ୍ରବେଶ ଏବେ ମଧ୍ୟ କଷ୍ଟସାଧ ରହିଛି। ଗ୍ରୁପ୍ 'ସି'ରେ ଏହି ଦଳ ବୁଧବାର ପୋଲାଣ୍ଡକୁ ଭେଟିବାକୁ ଯାଉଛି। ପୋଲାଣ୍ଡ ଏବେ ଗ୍ରୁପ୍‌ରେ ଟେବୁଲ ଟପ୍ପର ରହିଛି। ଏହି ଦଳ ମେକ୍ସିକୋ ବିପକ୍ଷ ମ୍ୟାଚକୁ ଡ୍ର ରଖିବାପରେ ସୌଦିଆରବକୁ ହରାଇ ନକ୍‌ଆଉଟ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ତେବେ ରାଉଣ୍ଡ ଅଫ୍-୧୬କୁ ଯିବାକୁ ହେଲେ ଆର୍ଜେଣ୍ଟିନାକୁ କୌଣସିମତେ ଆଗାମୀ ମ୍ୟାଚରେ ପୋଲାଣ୍ଡକୁ ହରାଇବାକୁ ପଡ଼ିବ। ମାତ୍ର ଏହା ସହଜ ହେବନାହିଁ ନିଶ୍ଚିତ। ଦଳର ତାରକା ଖେଳାଳି ଲିଓନେଲ ମେସିଙ୍କର ଏହା ଶେଷ ବିଶ୍ୱକପ। ବିଶ୍ୱକପ ବିଜୟୀ ହେବା ମେସିଙ୍କର ସ୍ୱପ୍ନ ରହିଛି। ଏହାକୁ ସାକାର କରିବାକୁ ହେଲେ ଆର୍ଜେଣ୍ଟିନାକୁ ପ୍ରଥମେ ପୋଲାଣ୍ଡ ହର୍ଡଲ୍ସ ଅତିକ୍ରମ କରିବାକୁ ପଡ଼ିବ। ନ ହେଲେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟନେବା ପରିସ୍ଥିତି ସୃଷ୍ଟି ହେବ। ପୋଲାଣ୍ଡର ତାରକା ଷ୍ଟ୍ରାଇକର ରବର୍ଟ ଲିୱାଣ୍ଡସ୍କିଙ୍କର ମଧ୍ୟ ଏହା ଶେଷ ବିଶ୍ୱକପ ବୋଲି ବିବେଚନା କରାଯାଉଛି। ତେଣୁ ସେ ମଧ୍ୟ ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଆଶା ରଖିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ମେସି ପୂର୍ବରୁ ଅନେକଥର ଘଡ଼ିସନ୍ଧି ମୁହୂର୍ତ୍ତରେ ଆର୍ଜେଣ୍ଟିନାକୁ ଉଦ୍ଧାର କରିଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଦଳ ତାଙ୍କଠାରୁ ସେପରି ପ୍ରଦର୍ଶନ ଆଶା କରିବ। ପୋଲାଣ୍ଡ ବିପକ୍ଷରେ ବିଜୟୀ ହେଲେ ଆର୍ଜେଣ୍ଟିନା ସିଧାସଳଖ ନକ୍‌ଆଉଟରେ ପ୍ରବେଶ କରିବ। ମ୍ୟାଚ ଡ୍ର ରଖିଲେ ମଧ୍ୟ ଦଳର ଆଶା ରହିବ। ତେବେ ସୌଦିଆରବ ଏବଂ ମେକ୍ସିକୋ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ପରାଜିତ ହେଲେ ବିଦାୟ ନେବା ସାରହେବ। ତେଣୁ ଆଗାମୀ ମ୍ୟାଚ ଆର୍ଜେଣ୍ଟିନା ସମର୍ଥକଙ୍କ ପାଇଁ ବେଶ୍ ଭାବବିହ୍ୱଳ ରହିବ। ଆର୍ଜେଣ୍ଟିନା ଶେଷଥର ପାଇଁ ୨୦୦୨ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଚଳିତ ବିଶ୍ୱକପ୍‌ର ପୂର୍ବ ୨ଟି ମ୍ୟାଚରେ ମେସି ଗୋଲ ସ୍କୋର କରି ସାରିଛନ୍ତି। ତେଣୁ ସେ କ୍ରମାଗତ ତୃତୀୟ ମ୍ୟାଚରେ ମଧ୍ୟ ଗୋଲ କରିବାନେଇ ଆଶା ରହିବ। ୨୦୨୨ରେ ମେସି ଆର୍ଜେଣ୍ଟିନା ପାଇଁ ୧୩ ଗୋଲ ଦେଇ ସାରିଛନ୍ତି। ଏକ କ୍ୟାଲେଣ୍ଡର ବର୍ଷରେ ଏହା ତାଙ୍କର କ୍ୟାରିୟର ଶ୍ରେଷ୍ଠ। ମେସିଙ୍କ ସ୍ୱାସ୍ଥ୍ୟକୁ ନେଇ ସାମାନ୍ୟ ଚିନ୍ତା ରହିଛି। ସେ ସୌଦିଆରବ ବିପକ୍ଷରେ ପୂରା ୯୦ ମିନିଟ ଖେଳିଥିଲେ। ମେକ୍ସିକୋ ବିପକ୍ଷ ମ୍ୟାଚର ଶେଷ ଭାଗରେ କିନ୍ତୁ ସେ ଅସହଜ ମନେ ହୋଇଥିଲେ। ବଲ୍ ସହ ବୁଲିପଡ଼ିବା ବେଳକୁ ପାଦରେ ଯନ୍ତ୍ରଣା ଅନୁଭବ କରୁଥିବା ଜଣା ପଡୁଥିଲା। ତେବେ ଏଥିପାଇଁ କିଛି ଚିନ୍ତା କରିବାର ନାହିଁ ବୋଲି ୩୫ ବର୍ଷୀୟ ମେସି ପ୍ରକାଶ କରିଥିଲେ। ଆର୍ଜେଣ୍ଟିନା କୋଚ୍ ଲିଓନେଲ ସ୍କାଲୋନି ଫରୱାର୍ଡ ଲୌଟାରୋ ମାର୍ଟିନେଜଙ୍କୁ ନେଇ ପଡ଼ିଆକୁ ଓହ୍ଲାଉଛନ୍ତି ନା ଅନ୍ୟତମ ଷ୍ଟ୍ରାଇକର ଜୁଲିଆନ ଆଲଭାରେଜଙ୍କୁ ଖେଳାଉଛନ୍ତି ତା' ଉପରେ ନଜର ରହିବ। ଯୁବ ମିଡ୍‌ଫିଲ୍ଡର ଏନ୍‌ଜୋ ଫର୍ନାଣ୍ଡେଜ ମେକ୍ସିକୋ ବିପକ୍ଷ ଗେମ୍‌ରେ ବଦଳ ଖେଳାଳିଭାବେ ଆସି ପ୍ରଭାବୀ ରହିଥିଲେ। ତେଣୁ ସେ ଖେଳିବା ସମ୍ଭାବନା ଅଧିକ। ପୋଲାଣ୍ଡ ଅଧିକ ମାତ୍ରାରେ ୩୪ ବର୍ଷୀୟ ଲିୱାଣ୍ଡସ୍କିଙ୍କ ଉପରେ ନିର୍ଭର କରିବ। ଏହି ଦଳ ପ୍ରଥମଥର ପାଇଁ ବିଶ୍ୱକପ ନକ୍‌ଆଉଟ ପ୍ରବେଶ ସୁଯୋଗ ସୃଷ୍ଟି କରିଛି। ତେଣୁ ଆଗାମୀ ମ୍ୟାଚରେ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେବା ଆଶା କରାଯାଉଛି।

### ପୋଲାଣ୍ଡ ବିପକ୍ଷ ମ୍ୟାଚ ଆଜି




# ସପ୍ତରଙ୍ଗୀ ପତାକା ସହ ପଡ଼ିଆରେ ବିକ୍ଷୋଭକାରୀ

ଲୁସେଲ୍, ୨୯।୧୧ (ଏପି)

ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ରେ ସୋମବାର ପର୍ତ୍ତୁଗାଲ ଓ ଉରୁଗୁଏ ମଧ୍ୟରେ ଏକ ମ୍ୟାଚ ଖେଳାଯାଉଥିବା ବେଳେ ଜଣେ ବିକ୍ଷୋଭକାରୀ ପଡ଼ିଆ ଭିତରକୁ ପଶିଆସିଥିଲେ। ସେ ନୀଳରଙ୍ଗର ଏକ ସୁପରମ୍ୟାନ ଟି-ଶାର୍ଟ ପରିଧାନ କରିଥିଲେ। ଟି-ଶାର୍ଟ ସମ୍ମୁଖ ଭାଗରେ 'ୟୁକ୍ରେନ୍‌କୁ ବଞ୍ଚାଅ' ଏବଂ ପଛପଟେ 'ଇରାନ ମହିଳାଙ୍କୁ ସମ୍ମାନ' ଲେଖା ରହିଥିଲା। ତାଙ୍କ ହାତରେ ଏକ ସପ୍ତରଙ୍ଗୀ ପତାକା ରହିଥିଲା। ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଗୋଡାଇ ଗୋଡାଇ ଧରିଥିଲେ। ତାଙ୍କ ହାତରୁ ପତାକାଟିକୁ ଛଡ଼ାଇ ନିଆଯିବା ପରେ ପଡ଼ିଆରେ ପକାଇ ଦିଆଯାଇଥିଲା। ରେଫରି ପତାକାଟିକୁ ନେଇ ସାଇଡ୍ ଲାଇନରେ ପକାଇ ଦେଇଥିଲେ। ଜଣେ କର୍ମୀ ଏହାକୁ ଉଠାଇ ନେଇଥିଲେ। ଏହି କାରଣରୁ ଖେଳକୁ କିଛି ସମୟ ରୋକିବାକୁ ପଡ଼ିଥିଲା। ବିକ୍ଷୋଭକାରୀଙ୍କୁ ଏକ ଟନେଲ ବାଟ ଦେଇ ବାହାରକୁ ନିଆଯାଇଥିଲା। ସୋସିଆଲ ମିଡିଆ ଜରିଆରେ ବିକ୍ଷୋଭକାରୀଙ୍କୁ ଚିହ୍ନଟ କରାଯାଇଛି। ସେ ହେଉଛନ୍ତି ଇଟାଲୀର ମାରିଓ ଫେରି। ଫୁଟ୍‌ବଲ ମ୍ୟାଚ ବେଳେ ସେ ଅନେକଥର ଏହିଭଳି କାର୍ଯ୍ୟ କରିଛନ୍ତି। ଆୟୋଜକ କମିଟି ଏହି ବ୍ୟକ୍ତିଙ୍କୁ କାତାରରେ ଅବଶିଷ୍ଟ ବିଶ୍ୱକପ୍ ମ୍ୟାଚଗୁଡ଼ିକରୁ ବାସନ୍ଦ କରିଛି। ଇଟାଲି ଦୂତାବାସକୁ ଏସମ୍ପର୍କରେ ଅବଗତ କରାଯାଇଛି।



ପର୍ତ୍ତୁଗାଲ-ଉରୁଗୁଏ ମ୍ୟାଚ୍ ଅବସରରେ ପଡ଼ିଆ ମଧ୍ୟରେ ବିକ୍ଷୋଭକାରୀ।

## ଆଜି ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ ଅଫିସ,୨୯।୧୧: ମାର୍ଗଶିର ଶୁକ୍ଳପକ୍ଷ ସପ୍ତମୀ ତିଥି ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହା ଗୁପ୍ତନୀତି ହୋଇଥିବାରୁ ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ଏହି ବନକଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ପାଣି ପଡି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରି ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

# 'ମଗଜି'ରେ ବାଜିପାରେ ମୋହର

■ ରିପୋର୍ଟ ପ୍ରସ୍ତୁତ କରିଛି କୃଷି ବିଜ୍ଞାନ କେନ୍ଦ୍ର
■ ୬ରେ ଜିଆଇ ମାନ୍ୟତା ସମ୍ପର୍କିତ ଶୁଣାଣି

ଢେଙ୍କାନାଳ ଅଫିସ, ୨୯।୧୧

ଢେଙ୍କାନାଳର ପାରମ୍ପରିକ ମିଷ୍ଟାନ୍ନ ମଗଜି ଲଡୁକୁ ମିଳିପାରେ ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ମାନ୍ୟତା। ଏହାର ସ୍ୱତନ୍ତ୍ରତାକୁ ଦୃଷ୍ଟିରେ ରଖି ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସବିଶେଷ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଆସନ୍ତା ଡିସେମ୍ବର ୬ରେ ଭୁବନେଶ୍ୱରରେ ଜିଆଇ ଅଥରିଟିଙ୍କ ଉପସ୍ଥିତିରେ ଏହାର ଶୁଣାଣି ହେବ। ସେଠାରେ ସବୁଜ ସଙ୍କେତ ମିଳିଲେ ମଗଜି ଲଡୁ ବିଧିବଦ୍ଧ ଭାବେ ମାନ୍ୟତା ହାସଲ କରିବ ବୋଲି ଜଣାପଡ଼ିଛି।

ଏହି ସ୍ୱାଦିଷ୍ଟ ମିଠାର ପ୍ରସ୍ତୁତି ଶୈଳୀ ନିଆରା। ମଇଁଷି କ୍ଷୀରରୁ ପ୍ରସ୍ତୁତ ଛେନା, ଚିନି, ଗୁଜୁରାତି ଗୁଣ୍ଡ ସାଙ୍ଗକୁ ଜିଲାର ପୁରୁଖା ମିଠା କାରିଗରଙ୍କ ହାତର ଯାଦୁକରି ସ୍ପର୍ଶ ଏହାକୁ ସ୍ୱତନ୍ତ୍ର କରିଛି। ମଗଜି ଲଡୁକୁ ଜିଆଇ ମାନ୍ୟତା ଦେବା ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ବିଧିବଦ୍ଧ ଭାବେ ଆବେଦନ କରାଯାଇଥିଲା। ଏହାକୁ ଗ୍ରହଣ କରିଥିଲେ ଜିଆଇ କର୍ତ୍ତୃପକ୍ଷ। ତେବେ ପରୀକ୍ଷା ନିରୀକ୍ଷା ପରେ ଏ ସମ୍ପର୍କିତ ଅଧିକ ତଥ୍ୟ ଲୋଡ଼ିଥିଲେ। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆବଶ୍ୟକ ତଥ୍ୟ ପ୍ରଦାନ କରାଯିବା ପରେ ମଗଜି ଲଡୁ ଜିଆଇ ମାନ୍ୟତା ଆଡ଼କୁ ଆଉ ପାଦେ ଆଗେଇଛି। ପୁଷ୍ଟିକର ଗୁଣରେ ଭରପୂର ମଗଜି ନିଶ୍ଚିତ ଭାବେ ଜିଆଇ ମାନ୍ୟତା ପାଇବ ବୋଲି ଜିଲାର ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀଙ୍କ ସମେତ ମିଠା କାରିଗରମାନେ ଦୃଢ଼ ଆଶା ପୋଷଣ କରିଛନ୍ତି। ମଗଜି ଲଡୁକୁ ମାନ୍ୟତା ମିଳିଲେ ଢେଙ୍କାନାଳ ଇତିହାସରେ ନୂତନ ଫର୍ଦ୍ଦ ଯୋଡ଼ିହେବ। ଦୁଗ୍ଧ ଚାଷୀ, ଗୋପାଳକ, ମିଠା କାରିଗର, ମିଠା ବ୍ୟବସାୟୀ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।


ଢେଙ୍କାନାଳର ପ୍ରସିଦ୍ଧ ମଗଜି ଲଡୁ।

### କେମିତି ହୁଏ ପ୍ରସ୍ତୁତି

ମଗଜି ଲଡୁର ପ୍ରସ୍ତୁତି ପ୍ରଣାଳୀ ଯେମିତି ଏହାର ସ୍ୱାଦ ମଧ୍ୟ ଠିକ୍ ସେମିତି। ଏଥିଲାଗି ପ୍ରଥମେ ମଇଁଷି କ୍ଷୀରରୁ ଛେନା ଛିଣ୍ଡାଇବାକୁ ପଡ଼େ। ଛେନାକୁ କପଡ଼ାରେ ଚିପୁଡ଼ି ଯଥା ସମ୍ଭବ ପାଣି ବାହାର କରିଦିଆଯାଏ। ଏକ ପାତ୍ରକୁ ଚୁଲିରେ ବସାଇ ସେଥିରେ ଛେନା, ଚିନି, ଗୁଜୁରାତି ଗୁଣ୍ଡ ମିଶାଇ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଭଜା ଯାଇଥାଏ। ଉକ୍ତ ମିଶ୍ରଣକୁ ଥଣ୍ଡା କରାଯାଏ। ନଖ ଉଷୁମ ଥିବାବେଳେ ଏହାକୁ ହାତରେ ବଳି ମଗଜି ଲଡୁ ପ୍ରସ୍ତୁତ କରାଯାଏ। ଥଣ୍ଡା ହେବା ପରେ ମିଠା ଟାଣ ହୋଇଯାଏ। ସାଧାରଣ ତାପମାତ୍ରାରେ ଏହି ମିଠା ୧୦ରୁ ୧୨ ଦିନ ଯାଏ ରହିପାରେ।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ମନ୍ଦାର, ଷଡ଼ଙ୍ଗୀ ଅଞ୍ଚଳରୁ ଏହି ମିଠାର ସୃଷ୍ଟି। ଭୁବନ, ମନ୍ଦାର, କାଶୀପୁର, ଷଡ଼ଙ୍ଗୀ, ଗଁଦିଆ, ବିଧାରପୁର, ଦେଓଗାଁ ଏବଂ ଢେଙ୍କାନାଳ ସହରର ମିଠା ଦୋକାନରେ ମଗଜି ଲଡୁ ବିକ୍ରି ହେଉଥିବାବେଳେ ଏହାର ଚାହିଦା କାହିଁରେ କେତେ। ବଣପାହାଡ଼ ଘେରା ଗଁଦିଆ ବ୍ଲକର ଚାରଣ ଭୂମି ଗୋ-ମହିଷାଦି ପ୍ରାଣୀସମ୍ପଦ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ପୂର୍ବକାଳରେ ଏଠାରେ ବହୁସଂଖ୍ୟାରେ ମଇଁଷି ପାଳନ କରାଯାଉଥିବାବେଳେ ପ୍ରଚୁର ଦୁଗ୍ଧ ଉତ୍ପାଦନ ହେଉଥିଲା। ଏହି କ୍ଷୀରକୁ ପ୍ରକ୍ରିୟାକରଣ କରାଯାଇ ମଗଜି ଲଡୁ ପ୍ରସ୍ତୁତ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଢେଙ୍କାନାଳର ମଗଜି ଲଡୁ ବହୁ ପୁରୁଣା ଏବଂ ସ୍ୱତନ୍ତ୍ର ମିଠା। ଏହା ଜିଆଇ ଟ୍ୟାଗ୍ ମାନ୍ୟତା ପାଇବାର ଆବଶ୍ୟକତା ରହିଛି। ଏଥିପାଇଁ ଉଦ୍ୟମ ଜାରି ରହିଛି।

### ଖାଇଥିଲେ ଶ୍ରୀଚୈତନ୍ୟ

ଢେଙ୍କାନାଳ ମଗଜି ଲଡୁର ଇତିହାସ ବେଶ ପ୍ରାଚୀନ। ଐତିହାସିକ ତଥ୍ୟ ଅନୁଯାୟୀ, ଶ୍ରୀ ଚୈତନ୍ୟ ମହାପ୍ରଭୁ ଏବଂ ଶ୍ରୀଧର ସ୍ୱାମୀ କପିଳାସ ଆଶ୍ରମରେ କିଛିଦିନ ରହଣି କରିଥିଲେ। ଏହି ସମୟରେ ଶ୍ରୀଧର ସ୍ୱାମୀ ମଇଁଷି କ୍ଷୀରରୁ ପ୍ରସ୍ତୁତ ଛେନାରୁ ଏକ ପ୍ରକାର ମିଠା ପ୍ରସ୍ତୁତ କରି ଶ୍ରୀଚୈତନ୍ୟଙ୍କୁ ଖାଇବାକୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହା ମଗଜି ନାମରେ ଖ୍ୟାତି ଲାଭ କରିଥିଲା। ବ୍ୟାସକବି ଫକୀର ମୋହନ ସେନାପତି ଢେଙ୍କାନାଳରେ ରହଣି ସମୟରେ ତତ୍କାଳୀନ ବାଲେଶ୍ୱର କଲେକ୍ଟର ଜନ୍ ବିମ୍ସଙ୍କୁ ମହିମାଧର୍ମର ତାଳବରଡ଼ା ଛତା, ମଗଜି ଲଡୁ ଦେଇ ଆପ୍ୟାୟିତ କରିଥିଲେ। ଏଥିରୁ ମଗଜିର ପ୍ରାଚୀନତା ଜଣାପଡ଼େ।

# ରାଧିକା, ପ୍ରଣୟ ରୟ ଇସ୍ତଫା ଦେଲେ



## ଆଦାନିଙ୍କ ହାତକୁ ଯିବ ଏନ୍‌ଡିଟିଭି

ନୂଆଦିଲ୍ଲୀ,୨୯।୧୧

ନ୍ୟୁ ଡେଲ୍‌ହି ଟେଲିଭିଜନ୍ ଲିମିଟେଡ୍ (ଏନ୍‌ଡିଟିଭି)କୁ ଆଦାନି ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନି ଅଧିଗ୍ରହଣ କରିବାକୁ ଯାଉଥିବାବେଳେ ମଙ୍ଗଳବାର ଏହାର ମୁଖ୍ୟ ପ୍ରଣୟ ରୟ ଓ ତାଙ୍କ ସ୍ତ୍ରୀ ରାଧିକା ରୟ ଆର୍‌ଆର୍‌ପିଆର୍ ହୋଲ୍ଡିଂ ପ୍ରାଇଭେଟ୍ ଲିମିଟେଡ୍ (ଆର୍‌ଆର୍‌ପିଆର୍‌ଏଚ୍) ବୋର୍ଡ ଅଫ୍ ଡାଇରେକ୍ଟର୍ସରୁ ଇସ୍ତଫା ଦେଇଛନ୍ତି। ଏନେଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଏନ୍‌ଡିଟିଭି ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଛି। ମଙ୍ଗଳବାର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ବସିଥିଲା। ଏଥିରେ ସୁଦୀପ୍ତ ଭଟ୍ଟାଚାର୍ଯ୍ୟ(ଡିଆଇଏନ୍: ୦୦୦୬୮୧୭୩୩୩), ସଞ୍ଜୟ ପୁଗାଲିଆ(ଡିଆଇଏନ୍: ୦୦୦୮୩୬୦୩୯୮) ଏବଂ ସେନ୍ଥିଲ ସନ୍ନିଆହ ଚେଙ୍ଗାଲଭରୟାନ(ଡିଆଇଏନ୍: ୦୨୩୩୦୭୫୭)ଙ୍କୁ ଆର୍‌ଆର୍‌ପିଆର୍‌ଏଚ୍ ଡାଇରେକ୍ଟର ଭାବେ ନିଯୁକ୍ତିକୁ ତତ୍କାଳ ମଞ୍ଜୁର କରାଯାଇଛି। ଅନ୍ୟପକ୍ଷେ ଡ. ପ୍ରଣୟ ରୟ (ଡିଆଇଏନ୍: ୦୦୦୨୫୫୭୬) ଏବଂ ରାଧିକା ରୟ (ଡିଆଇଏନ୍: ୦୦୦୨୫୬୨୫)ଙ୍କୁ ମଙ୍ଗଳବାର କାର୍ଯ୍ୟ ସମୟ ଶେଷ ହେବା ମାତ୍ରେ ବୋର୍ଡ ଅଫ୍ ଡାଇରେକ୍ଟର୍ସରୁ ଅବ୍ୟାହତି ଦିଆଯାଇଛି। ପ୍ରମୋଟର ଗ୍ରୁପ୍ ଭେହିକିଲ ଆର୍‌ଆର୍‌ପିଆର୍ ହୋଲ୍ଡିଂ ପକ୍ଷରୁ ଏ ନେଇ ଏନ୍‌ଡିଟିଭିକୁ ଜଣାଇଦିଆଯାଇଥିବା ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ରାଧିକା ରୟ ଓ ପ୍ରଣୟ ରୟଙ୍କ ନାମାନୁସାରେ ଏହି ହୋଲ୍ଡିଂର ନାମକରଣ ଆର୍‌ଆର୍‌ପିଆର୍‌ଏଚ୍ କରାଯାଇଛି।

ପ୍ରକାଶ ଯେ, ଗତ ଅଗଷ୍ଟ ୨୩ରେ ଆଦାନିଙ୍କ ନେତୃତ୍ୱାଧୀନ ଆଦାନି ଗ୍ରୁପ୍ ଏନ୍‌ଡିଟିଭିର ୨୯.୧୮% ଶେୟାର କିଣିଥିଲା। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ନିୟମାନୁସାରେ ଆଦାନି ଗ୍ରୁପ୍ ଓପନ୍ ଅଫର୍‌ରେ ଆହୁରି ୨୬% ଅଂଶଧନ କିଣିବ ବୋଲି ସେତେବେଳେ ଘୋଷଣା କରିଥିଲା। ମଙ୍ଗଳବାର ଆଦାନି ଗ୍ରୁପ୍ ଆରମ୍ଭ କରିଥିବା ଓପନ୍ ଅଫର୍ ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ଜଣେ ଅଧିଗ୍ରହଣକାରୀଙ୍କ ନିକଟରେ ୨୫%ରୁ ଊର୍ଦ୍ଧ୍ୱ ପବ୍ଲିକ୍ ଶେୟାରହୋଲ୍ଡିଂ ଥିଲେ ସେ ଶେୟାର ମାର୍କେଟରୁ ଓପନ୍ ଅଫର୍‌ରେ ଅଂଶଧନ କିଣିପାରିବେ। ଏନ୍‌ଡିଟିଭି ମାମଲାରେ ଆଦାନି ଗ୍ରୁପ୍ ନିକଟରେ ସର୍ବାଧିକ ୨୯.୧୮% ଅଂଶଧନ ରହିଛି। ଫଳରେ ଆଦାନିଙ୍କ କମ୍ପାନୀ ଆଗକୁ ପ୍ରଣୟ ଓ ତାଙ୍କ ସ୍ତ୍ରୀ ରାଧିକାଙ୍କ କମ୍ପାନୀକୁ ହାତକୁ ନେଇ ଏହାର ନିୟନ୍ତ୍ରଣ ଢାଞ୍ଚାରେ ପରିବର୍ତ୍ତନ କରିପାରିବେ। ଏଥିପାଇଁ ଆଦାନି ଗ୍ରୁପ୍‌କୁ ଆଉ ୨୬% ଶେୟାର କିଣିବାକୁ ପଡ଼ିବ। ଯେଉଁ ଶେୟାରହୋଲ୍ଡରମାନେ ଏନ୍‌ଡିଟିଭିକୁ ଛାଡ଼ିବାକୁ ଚାହୁଁଛନ୍ତି, ସେମାନେ ନିଜ ନିଜ ଶେୟାର ବିକ୍ରି କରିପାରିବେ।

**WANTED**
Girls for Packaging Unit.
Age 18 to 22 years. Near Main Road, Kedar Gouri Temple, Lewis Road, Bhubaneswar.
Contact:
8908107191
6370061224

**Wanted**
Mobile Technician,
3 to 5 years experience having chip level knowledge. Salary negotiable. Plot No- 269, Near Hotel Empire, Saheed Nagar, Bhubaneswar.
Mob.:7205691103, 9908191103

**PEOPLES GROUP**
Required : Front Office, Back Office, Technical, Non-Technical, IT / Data Entry Operator
Qualifications : Any
Plot No: 216/594, Paikanagar Bhubaneswar
Contact: 9861720890, 8280498679

**EXPRESSION OF INTEREST** No. PP-45
**FOR EMPANLEMENT OF EVENT MANAGEMENT AGENCY FOR 17th TOSHALI NATIONAL CRAFTS MELA**

EOI in sealed covers are invited from reputed and experienced Event Management Agencies for management of Cultural Programme of **17th Toshali National Crafts Mela** to be held from **10th to 28th January 2023** at **Janata Maidan**, Bhubaneswar. For detail of EOI document and terms & conditions etc., please visit the websites: **www.sidacodisha.org.in, www.crafts.odisha.gov.in & www.odisha.gov.in/textiles.** For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

**The authority reserves the right to accept or reject any or all the tenders without asigning any reason thereof.**

Sd/-
Member Secretary, SIDAC

SIDAC
State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O- Khandagiri, Bhubaneswar - 751030
Tel No.+91 (0) 674 2350318, 2350310, E-mail: sidacorissa@gmail.com, Web site: www.sidacodisha.org.in
OIPR-31036/11/0010/2223

**ଏସ୍‌ଜିଟିଓ୍ୱାଇରୁ ଏଜିଟିଏଲ୍ ଏବଂ ଏଜିଟିଏଲ୍‌ରୁ ଏସ୍‌ଜିଟିଓ୍ୱାଇ ପର୍ଯ୍ୟନ୍ତ ପିସିଇଟିର ଲିଜିଂ ନିମନ୍ତେ ଇ-ଟେଣ୍ଡର ବିଜ୍ଞପ୍ତି ତଥା ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ର ଲିଜିଂ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍-ଜି୨୭-ଲିଜ୍-ପିସିଇଟି-୨୨-ଆଇ-୧ ତାରିଖ: ୨୮।୧୧।୨୦୨୨**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ୦୬ (ଛଅ) ବର୍ଷ ଅବଧି ପାଇଁ ରାଉଣ୍ଡ ଟ୍ରିପ୍ ଭିତ୍ତିରେ ପାର୍ସଲ କାର୍ଗୋ ଏକ୍ସପ୍ରେସ୍ ଟ୍ରେନ୍ (ପିସିଇଟି)ର ଲିଜିଂ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଉକ୍ତ ପିସିଇଟି ନିମ୍ନଲିଖିତ ଓଡି ଯୋଡ଼ା ମଧ୍ୟରେ ୧ମ ୬ ମାସ ଲାଗି ୧୫ଭିପିଏଚ୍ + ୧ ଏସ୍‌ଏଲ୍‌ଆର୍‌ର କ୍ଷମତା ସହିତ ଏବଂ ଅବଶିଷ୍ଟ ଅବଧି ପାଇଁ ୨୦ ଭିପିଏଚ୍ + ୧ ଏସ୍‌ଏଲ୍‌ଆର୍ କ୍ଷମତା ସହିତ ମାସରେ ଦୁଇଥର ଚଳାଚଳ କରିବ। ଏହାର ସବିଶେଷ ବିବରଣୀ **https://www.ireps.gov.in/** ୱେବ୍‌ସାଇଟ୍‌ରେ ମଧ୍ୟ ଅଧିସୂଚିତ ହୋଇଛି। **ପିସିଇଟି ନଂ.:** ୦୦୮୦୩/୦୦୮୦୪ ଏସ୍‌ଜିଟିଓ୍ୱାଇ-ଏଜିଟିଏଲ୍-ଏସ୍‌ଜିଟିଓ୍ୱାଇ। **ଠାରୁ:** ସଙ୍କରେଲ ଗୁଡ୍‌ସ ଟର୍ମିନାଲ ୟାର୍ଡ। **ପର୍ଯ୍ୟନ୍ତ:** ଅଗରତାଲା। **ମଧ୍ୟବର୍ତ୍ତୀ ଷ୍ଟେଶନ:** ରଙ୍ଗପାଣି (ଆର୍‌ଏନ୍‌ଆଇ), ନ୍ୟୁ ଗୁଆହାଟୀ ଗୁଡ୍‌ସ ଶେଡ୍। **ନିକଟବର୍ତ୍ତୀ ମୁଖ୍ୟ ଷ୍ଟେଶନଠାରୁ ଦୂରତା:** ନ୍ୟୁ ଜଲପାଇଗୁଡ଼ି ଜଙ୍କସନରୁ ୦୮ କିମି, ଗୁଆହାଟୀ ରେଳ ଷ୍ଟେଶନରୁ ୦୪ କିମି। **ପ୍ରକାଶନ ତାରିଖ:** ୨୫।୧୧।୨୦୨୨। **ଟେଣ୍ଡର ସମାପ୍ତି ତାରିଖ:** ୨୬।୧୨।୨୦୨୨, ୧୫.୦୦ ଘଣ୍ଟିକା।

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୩୫-୨୨ ତାରିଖ: ୧୬।୧୧।୨୦୨୨**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ୦୨ (ଦୁଇ) ବର୍ଷ ଅବଧି ପାଇଁ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। **ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୩୫-୨୨। **ନିଲାମ ତାରିଖ:** ୦୯।୧୨।୨୦୨୨। **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଣ୍ଟିକା। **ନିଲାମ ସମାପ୍ତି ସମୟ:** ୧୩.୪୦ ଘଣ୍ଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥି ପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

(PR-845) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-3921 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.5145/RE/OSIC Dt.28.11.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of work i.e. 1.**"Supply and Installation of additional 250 KVA 11/0.4KV Sub-Station for providing 11 KV Power supply and enhancement of load from 120 KW/ 134 KVA to 338.4 KW/ 376 KVA to Eco-Retreat spot at Putsil, G.P.-Duhari, Koraput"** 2. (a.) Supply and installation of Semi Integrated solar street light under BDO, Tangi (b.) Supply and installation of semi integrated solar street light under BDO, Chilika. Tender details can be downloaded from the OSIC website **www.osicltd.in** .Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

OIPR-14073/11/0124/2223 Sd/- GENERAL MANAGER(O)

## ୭ ବର୍ଷରେ ୩୧.୨୯ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଗତ ୭ ବର୍ଷରେ (୨୦୧୪-୧୫ରୁ ୨୦୨୨) ରାଜ୍ୟରେ ୩୧ ଲକ୍ଷ ୨୯ ହଜାର ୮୦୪ଟି ପକ୍କାଘର ନିର୍ମାଣ ହୋଇଛି। ଆହୁରି ୧ ଲକ୍ଷ ୬୪ ହଜାର ୨୨୭ ପକ୍କାଘର ନିର୍ମାଣାଧୀନ ରହିଛି। ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୭,୦୫,୯୧୭ ଘର ନିର୍ମାଣ ହୋଇଥିବା ବେଳେ ବିଜୁ ପକ୍କାଘର ଯୋଜନାରେ ୩,୧୬,୦୪୭, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୨,୬୭୧, ଖଣିଅଞ୍ଚଳ ପକ୍କାଘର ଯୋଜନାରେ ୨୮,୮୫୩, ଇନ୍ଦିରା ଆବାସ ଯୋଜନାରେ ୧୦,୬୫,୩୭୪ ଏବଂ ମତ୍ସ୍ୟଜୀବୀ ବାସଗୃହ ଯୋଜନାରେ ୯୪୨ ବାସଗୃହ ନିର୍ମାଣ କରାଯାଇଛି। ସେହିପରି ରାଜ୍ୟରେ ଏବେ ସୁଦ୍ଧା ୧୨ ଲକ୍ଷ ୨୪ ହଜାର ୭୨୬ ପରିବାରଙ୍କୁ ଚିହ୍ନଟ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମଞ୍ଜୁର ପାଇଁ ବିହିତ ପଦକ୍ଷେପ ନେବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ୧୫,୫୪୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

## ୧୫ ବର୍ଷରେ ୨୬,୩୨୮ ହେକ୍ଟର ଜମି ବରବାଦ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଗତ ୧୫ ବର୍ଷରେ ରାଜ୍ୟରେ ଶିଳ୍ପ, ଖଣି ଓ ଭିତ୍ତିଭୂମି ନିର୍ମାଣ ପାଇଁ ୨୬,୩୨୮.୩୨୬ ହେକ୍ଟର ଜଙ୍ଗଲ ଜମିକୁ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି। ଏହି ଜଙ୍ଗଲ ବଦଳରେ ୧୨୪,୫୭,୨୦,୮୯୩ ଟଙ୍କା ବ୍ୟୟରେ ମୋଟ ୩୫,୬୫୬.୯୩୯ ହେକ୍ଟର କ୍ଷତିପୂରକ ବନୀକରଣ କରାଯାଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

## ଯୁବଶକ୍ତିକୁ ଉତ୍ସାହିତ କଲେ ପରିବେଶ ସୁରକ୍ଷାର ବାହକ ହେଇପାରିବେ: ଗର୍ଗ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଜଳ ସମ୍ପଦ ବିଭାଗ ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ୟୁଥ ଫର ୱାଟର କାର୍ଯ୍ୟକ୍ରମ (ମିଟ୍ ଆଣ୍ଡ ଗ୍ରୀଟ) ଅନୁଷ୍ଠିତ ହୋଇଛି। ଜଳ ସମ୍ପଦର ସୁରକ୍ଷା, ଜଳର ସ୍ୱଚ୍ଛତା ରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଥିବା ରାଜ୍ୟର ବିଭିନ୍ନ ଜିଲାର ୩୦ ଜଣ ଯୁବତୀ, ଯୁବକଙ୍କ ସହିତ ସେମାନଙ୍କ ଏ କ୍ଷେତ୍ରରେ ରହିଥିବା ଅନୁଭୂତି, କାର୍ଯ୍ୟରେ ନୂତନତ୍ୱ ଏବଂ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି ଯେ, ସାମ୍ପ୍ରତିକ ସ୍ଥିତିରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜଳ ସଂରକ୍ଷଣ, ଜଳର ସୁରକ୍ଷା ଏବଂ ପରିବେଶ ସୁରକ୍ଷା ଦିଗରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବଶକ୍ତିକୁ ଉତ୍ସାହିତ କରାଗଲେ ସେମାନେ ଆଗାମୀ ଦିନରେ ପରିବର୍ତ୍ତନର ବାହକ ହୋଇପାରିବେ। ୟୁନିସେଫ୍ ଓଡ଼ିଶା ଶାଖା ତରଫରୁ ସିପ୍ରା ସକ୍ସେନା ସ୍ୱାଗତ ଭାଷଣ ପ୍ରଦାନ କରି କହିଛନ୍ତି, ଆମେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏବଂ ପିଲାମାନଙ୍କୁ ତଥା ଯୁବକଙ୍କୁ କିପରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ କରିପାରିବେ ସେନେଇ ସଚେତନ କରୁଛୁ।

## ପୂର୍ବତଟ ରେଳପଥ-ଏଏସ୍‌ଆର୍‌ଏଲ୍ ମଧ୍ୟରେ ରାଜିନାମା



ଭୁବନେଶ୍ୱର,୨୯।୧୧

ଅନୁଗୋଳ-ସୁକିନ୍ଦା ରେଳଲାଇନ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କିତ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥ ଏବଂ ଅନୁଗୋଳ-ସୁକିନ୍ଦା ରେଳ ଲିମିଟେଡ୍(ଏଏସ୍‌ଆର୍‌ଏଲ୍) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷର ହୋଇଯାଇଛି। ଅନୁଗୋଳ ଜିଲାର ବୁଢ଼ାପଙ୍କ ଓ ଯାଜପୁର ଜିଲାର ବାଘୁଆପାଳ ରେଳ ଷ୍ଟେଶନ ମଧ୍ୟରେ ୯୮.୭୦ କି.ମି. ବ୍ରଡ୍ ଗେଜ୍ ରେଳଲାଇନର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନେଇ ଏକ ରାଜିନାମା ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳସଦନଠାରେ ପୂର୍ବତଟ ରେଳପଥ ଓ ଏଏସ୍‌ଆର୍‌ଏଲ୍ ମଧ୍ୟରେ ଅନୁଗୋଳ-ସୁକିନ୍ଦା ରେଳ ଲାଇନ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ଏଏସ୍‌ଆର୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ଏବଂ ପୂର୍ବତଟ ରେଳପଥର ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ (ପଣ୍ୟ) ଏଚ୍. ଏଲ୍. ଲୁଆଙ୍ଗ ଉକ୍ତ ରାଜିନାମାରେ ସ୍ୱାକ୍ଷର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ରୂପନାରାୟଣ ସୁନକରଙ୍କ ସମେତ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଏବଂ ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହ ଭାଗୀଦାରିମାନେ ମଧ୍ୟ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2022-T-151
**କାର୍ଯ୍ୟର ନାମ :** କାଣ୍ଡେଲ ରୋଡ଼ (KDLR) ଏବଂ ନୂଆପଡ଼ା ରୋଡ୍ (NPD) ଷ୍ଟେସନ ୟାର୍ଡ଼ ଠାରେ ଆଲୋକ ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 23,51,149.71, EMD (ଟଙ୍କାରେ): 47,000.00, **ଶେଷ ହେବା ଅବଧି :** LOA ଜାରି ହେବାର 06 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2022ରିଖ 1630 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-756/N/22-23

बैंक ऑफ़ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୫.୧୨.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୧୬.୧୨.୨୦୨୨ରିଖ** ଅପରାହ୍ନ **୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।
ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାଙ୍କୁ **୧୫ ଦିନିଆ** ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ତା.୨୯.୧୧.୨୦୨୨ରିଖ ସୁଦ୍ଧା ବକେୟା ପରିମାଣ + ଭବିଷ୍ୟତ ସୁଧ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଭୁବନେଶ୍ୱର ଶାଖା, ଏନ୍ ବି ଟାୱାର, ପ୍ଲଟ୍ ନଂ.: ୨୨୬୦, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା- ୭୫୧୦୧୨, ଫୋନ୍ ନଂ.: ୬୩୭୦୭୦୪୮୫୦** | | |
| ୧ | **ଦିଲ୍ଲିପ ରାୟ ମହାପାତ୍ର,** ପ୍ଲଟ୍ ନଂ.: ଇବି- ୭୦୩, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା- ୭୫୧୦୧୮ | ଟ.୨,୧୬,୭୬୪.୦୦ | ୬୯.୦୦ |
| ୨ | **ଆନନ୍ଦ ନାୟକ,** ପ୍ଲଟ୍ ନଂ.: ୧୨୨୪, ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର- ୭୫୧୦୧୨ | ଟ.୨୩,୮୦୬.୦୦ | ୧୪.୫୦ |
| ୩ | **ଲକ୍ଷ୍ମୀପ୍ରିୟା ସାହୁ,** ସା: ପ୍ଲଟ୍ ନଂ.: ୧୨୮୫/୧୪୯୩, ଗଡ଼ସାହି, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା- ୭୫୧୦୧୨ | ଟ.୪୩,୯୮୮.୯୭ | ୧୪.୫୦ |
| | **ରାଉରକେଲା ଶାଖା, ଉଦିତ୍ ନଗର, ମେନ୍ ରୋଡ୍, ମହାରାଜା ଟେଣ୍ଟ ହାଉସ୍ ଉପର, ରାଉରକେଲା - ୭୬୯୦୧୨, ଫୋନ୍ ନଂ.: ୬୩୭୦୭୦୪୮୫୨** | | |
| ୧ | **ରଶ୍ମୀରଞ୍ଜନ ଡ଼ଗରା,** ଏଲ୍-୧୩୪, ବାସନ୍ତୀ କଲୋନୀ, ରାଉରକେଲା- ୭୬୯୦୧୨ | ଟ.୧୩,୭୬୭.୦୦ | ୭.୫୧୦ |
| | **ବ୍ରହ୍ମପୁର ଶାଖା, ମନ୍‌ସୁନ ହାଉସ୍, ଧର୍ମ ନଗର, ଲୋହିଆ ମୋଟର୍ସ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୦୦୦୨, ଫୋନ୍ ନଂ.: ୬୩୭୦୭୦୪୮୫୩** | | |
| ୧ | **କୁମାରୀ ସାଧନା ମହାରଣା,** ସ୍ୱାମୀ: ବିନାୟକ ମହାରଣା, ୱାର୍ଡ଼ ନଂ.: ୧୪, ନିଉ ପୋଲିସ୍ ଲାଇନ, ଛତ୍ରପୁର, ବ୍ରହ୍ମପୁର- ୭୬୧୦୨୦ | ଟ.୧,୪୯,୧୫୨.୬୦ | ୪୮.୭୨୦ |
| | **ସମ୍ବଲପୁର ଶାଖା, ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ୍, ଗୋଲବଜାର ନିକଟ, ସମ୍ବଲପୁର, ଓଡ଼ିଶା- ୭୬୮୦୦୧, ଫୋନ୍ ନଂ.: ୬୩୭୦୭୦୪୮୫୫** | | |
| ୧ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଂ, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୮୭.୪୦୦ |
| ୨ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଂ, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୮୪.୧୦୦ |
| ୩ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଂ, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୭୯.୪୦୦ |
| ୪ | **ପି ପ୍ରଦୀପ ପାତ୍ର,** ସା: ଆଇସିଏଆଇ ବିଲ୍ଡିଂ, ଦେହୁରିପାଲୀ, ପୋ: ବୁଢ଼ାରାଜା ସଦର, ଜିଲ୍ଲା: ସମ୍ବଲପୁର- ୭୬୮୦୦୪ | ଟ.୨,୫୩,୩୭୧.୦୦ | ୮୪.୧୦୦ |
| ୫ | **ଅକ୍ରୁସ ରଞ୍ଜନ ପ୍ରଧାନ,** ଆଇନଗତ ପ୍ରତିନିଧିମାନେ: **ଶ୍ରୀ ମନବନ୍ଧୁ ଏବଂ ଶ୍ରୀମତୀ ଲବଙ୍ଗଲତା ପ୍ରଧାନ,** ଗୁରୁପାଲି, ଲପଙ୍ଗା, ସମ୍ବଲପୁର- ୭୬୮୨୧୨ | ଟ.୧,୧୪,୪୩୨.୦୦ | ୨୮.୫୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧. ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜଦ୍ୱାରା ଅଳଙ୍କାର / ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି ୨୪ ଘଣ୍ଟା ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୧୫ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୧୧.୨୦୨୨** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ରାୟଗଡ଼ା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମିଲନ ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ମିଲନ କୁମାର ସାହୁ,** ପିତା: ଶ୍ରୀ ତ୍ରିନାଥ ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ତ୍ରିନାଥ ସାହୁ,** ପିତା: ଶ୍ରୀ ସୌରୀ ସାହୁ, ଉଭୟଙ୍କ ଠିକଣା- ଅଟୋ ନଗର, ଏଫ୍‌ସିଆଇ ଗୋଦାମ ନିକଟ, ରାୟଗଡ଼ା-୭୬୫୦୦୧ | ଟ.୨୯,୮୬,୩୧୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୮.୨୦୨୨ / ୨୮.୧୧.୨୦୨୨ | ଘରବାରୀ ଜମି ଏବଂ ଗୃହ ଯାହାର ଗ୍ରାମ ଏବଂ ମୌଜା: ତୁମ୍ବିଗୁଡ଼ା, ଥାନା: ରାୟଗଡ଼ା, ଥାନା ନଂ: ୧୪୬, ତହସିଲ ଏବଂ ଜିଲ୍ଲା: ରାୟଗଡ଼ା, ପରିମିତ କ୍ଷେତ୍ର: ପୂର୍ବରୁ ପଶ୍ଚିମ- ୩୦ଫୁଟ ଏବଂ ଉତ୍ତରରୁ ଦକ୍ଷିଣ- ୬୦ଫୁଟ ଯାହା ୨୦୦ ବର୍ଗୟାର୍ଡ କିମ୍ବା ଏକର ୦.୦୪୧ ସେଣ୍ଟସ, ଖାତା ନଂ.: ୬୨/୨୩୭୨, ପ୍ଲଟ୍ ନଂ.: ୭/୩୬୫/୪୦୭/ |

୬୦୬/୨୪୫୯ ଏବଂ ଲେଆଉଟ ପ୍ଲଟ୍ ନଂ.: ୬୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାଙ୍କ ଜମି, ପୂର୍ବ: ବିକ୍ରେତାଙ୍କ ଜମି, ଦକ୍ଷିଣ: ୩୩ ଫୁଟିଆ ରାସ୍ତା, ପଶ୍ଚିମ: ବିକ୍ରେତାଙ୍କ ଜମି

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୨** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ସିଙ୍ଗାପୁରରେ ସମଲିଙ୍ଗୀ ସମ୍ପର୍କ ବୈଧ



ସିଙ୍ଗାପୁରରେ ପୁରୁଷଙ୍କ ମଧ୍ୟରେ ଯୌନ ସମ୍ପର୍କକୁ ଅପରାଧୀକରଣ କରିଥିବା ଆଇନକୁ ମଙ୍ଗଳବାର ଦେଶର ପାର୍ଲାମେଣ୍ଟ ରଦ୍ଦ କରିଦେଇଛି। ରଦ୍ଦ ସପକ୍ଷରେ ୯୩ ସଦସ୍ୟ ଭୋଟ ଦେଇଥିବାବେଳେ ୩ ଜଣ ବିରୋଧ କରିଥିଲେ। ଏହି ଉପନିବେଶ ଶାସନ ସମୟର ଆଇନକୁ ଦୀର୍ଘଦିନ ଧରି ବିରୋଧ କରାଯାଉଥିଲା। ଏହି ଆଇନ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ପ୍ରତି ପକ୍ଷପାତ ଏବଂ ଅପମାନଜନକ ବୋଲି ସମାଲୋଚନା କରାଯାଉଥିଲା। ଆଇନର ଧାରା ୩୭୭ଏ ଅନୁଯାୟୀ ଦୁଇ ଜଣ ପୁରୁଷ ଯୌନ ସମ୍ପର୍କରେ ଲିପ୍ତ ହେଲେ ସେମାନଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ବ୍ୟବସ୍ଥା ରହିଥିଲା। ଉକ୍ତ ଆଇନ ରଦ୍ଦ ହୋଇଥିବାରୁ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ଖୁସିବ୍ୟକ୍ତ କରିଛି। ପୁରୁଷ ଓ ମହିଳାଙ୍କ ମଧ୍ୟରେ ପାରମ୍ପରିକ ବିବାହ ସଂଜ୍ଞାକୁ କାଏମ୍ ରଖିବା ଲାଗି ପାର୍ଲାମେଣ୍ଟ ସମ୍ବିଧାନରେ ସଂଶୋଧନ କରିଛି।

# ୧୦୦ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତି ୨୫ ବିଲିୟନ ଡଲାର ବଢ଼ିଛି



ଭାରତର ୧୦୦ ଜଣ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତି ୨୦୨୨ରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଛି। ଫୋର୍ବସ୍ ୨୦୨୨ ତାଲିକା ଅନୁଯାୟୀ ଦେଶର ସର୍ବାଧିକ ଧନୀ ୧୦୦ ଜଣଙ୍କ ମୋଟ ସମ୍ପତ୍ତି ପରିମାଣ ୮୦୦ ବିଲିୟନ ଡଲାର ଅତିକ୍ରମ କରିଛି। ମହାମାରୀ ପରବର୍ତ୍ତୀ ମାନ୍ଦାବସ୍ଥାକୁ ଅତିକ୍ରମ କରି ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ହୋଇଥିବାବେଳେ ୧୦ ଜଣ ଶ୍ରେଷ୍ଠ ଧନୀଙ୍କ ମୋଟ ସମ୍ପତ୍ତି ୩୮୫ ବିଲିୟନ ଡଲାରରେ ପହଞ୍ଚିଥିବା ଫୋର୍ବସ ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ରେ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି ୩ ଗୁଣ ହେବା ସହ ସେ ଦେଶର ସବୁଠୁ ଧନୀ ବ୍ୟକ୍ତିର ମାନ୍ୟତା ପାଇଛନ୍ତି। ୨୦୨୨ରେ ତାଙ୍କ ସମ୍ପତ୍ତି ପରିମାଣ ୧୫୦ ବିଲିୟନ ଡଲାରରେ ପହଞ୍ଚିଛି। ଏବେ ସେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଧନୀ ବ୍ୟକ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଭାରତର ଦ୍ୱିତୀୟ ଧନୀ। ତାଙ୍କ ମୋଟ ସମ୍ପତ୍ତି ପରିମାଣ ୮୮ ବିଲିୟନ ଡଲାର। ସୁପରମାର୍କେଟ ଚେନ୍ ଡିମାର୍ଟର ମାଲିକ ରାଧାକ୍ରିଷ୍ଣନ ଡମଲାନି ଧନୀ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ତାଙ୍କ ପଛକୁ ରହିଛନ୍ତି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସାଇରସ୍ ପୁନାୱାଲା। ଡମଲାନିଙ୍କ ସମ୍ପତ୍ତି ପରିମାଣ ୨୭.୬ ବିଲିୟନ ଡଲାର ହୋଇଥିବାବେଳେ ପୁନାୱାଲାଙ୍କ ସମ୍ପତ୍ତି ମୂଲ୍ୟ ୨୧.୫ ବିଲିୟନ ଡଲାର। ଦେଶର ସବୁଠୁ ଧନୀ ମହିଳା ଓପି ଜିନ୍ଦଲ ଗ୍ରୁପ୍ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତି ପରିମାଣ ୧୬.୪ ବିଲିୟନ ଡଲାର। ଶ୍ରେଷ୍ଠ ଧନୀ ତାଲିକାରେ ନାଇକାର ସିଇଓ ଫାଲ୍‌ଗୁନୀ ନାୟାର ପ୍ରଥମ ଥର ସ୍ଥାନ ପାଇଛନ୍ତି।

## ସଂକ୍ଷେପରେ

### ଅଣବାସମତି ଚାଉଳ ରପ୍ତାନି ଉପରୁ କଟକଣା ହଟିଲା

**ନୂଆଦିଲ୍ଲୀ,୨୯।୧୧:** ଜୈବିକ ଅଣବାସମତି ଚାଉଳ ରପ୍ତାନି ଉପରେ କେନ୍ଦ୍ର ସରକାର ଲଗାଇଥିବା ନିଷେଧାଦେଶ ଉଠାଇନେବାକୁ ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ଦେଶରେ ଚାଉଳ ଉପଲବ୍ଧତା ବଢ଼ାଇବା ପାଇଁ ସରକାର ଗତ ସେପ୍ଟେମ୍ବରରେ ଭଙ୍ଗା ଚାଉଳ ରପ୍ତାନି ବନ୍ଦ କରିଥିଲେ। ଖୁଚୁରା ବଜାରରେ ଚାଉଳ ଦାମ୍ ବଢ଼ିବା ପରେ ଯୋଗାଣ ବୃଦ୍ଧି ନିମନ୍ତେ ଅଣବାସମତୀ ଚାଉଳ ରପ୍ତାନି ଉପରେ ୨୦ ପ୍ରତିଶତ ଶୁଳ୍କ ଲଗାଯାଇଥିଲା। ଏଣିକି ସେପ୍ଟେମ୍ବର ପୂର୍ବବର୍ତ୍ତୀ ନିୟମ ଅନୁଯାୟୀ ଅଣବାସମତୀ ଚାଉଳ ଓ ଭଙ୍ଗା ଚାଉଳ ରପ୍ତାନି ହେବ ବୋଲି ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

### ୧,୫୦୦ ଅଫିସରଙ୍କୁ ହରେଇଲାଣି ରୁଷିଆ

**ମସ୍କୋ,୨୯।୧୧:** ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୯ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଛି। ଉଭୟ ଦେଶ ଏହାଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଏହାର ନକାରାତ୍ମକ ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିଛି। ତେବେ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମରୁ ସଂଗୃହୀତ ତଥ୍ୟ ଅନୁସାରେ ଫେବୃୟାରୀ ୨୪ରୁ ଆରମ୍ଭ ହୋଇଥିବା ଏହି ଅବିରତ ଯୁଦ୍ଧରେ ରୁଷିଆ ନିଜର ୧,୫୦୦ରୁ ଅଧିକ ସେନା ଅଫିସରଙ୍କୁ ହରାଇଛି। ଏଥିସହ ପାଖାପାଖି ୧୬୦ ସେନା ଜେନେରାଲ ପ୍ରାଣ ହରାଇଥିବାବେଳେ ବହୁ ସୈନିକ କ୍ଷତାକ୍ତ ମଧ୍ୟ ହୋଇଛନ୍ତି। ବିଭିନ୍ନ ଅଞ୍ଚଳକୁ ନିଜ ଅକ୍ତିଆର କରିବା ପାଇଁ ରୁଷୀୟ ସେନା ୟୁକ୍ରେନ୍ ମାଟିରେ ଲଢ଼େଇ ଜାରି ରଖିଛି। ଯୁଦ୍ଧରେ ପାଖାପାଖି ୧,୦୦,୦୦୦ ରୁଷୀୟ ଯବାନ ପ୍ରାଣ ହରାଇଥିବା ଆମେରିକୀୟ ମିଲିଟାରି ଜେନେରାଲ ମାର୍କ ମିଲି କହିଛନ୍ତି। ୟୁକ୍ରେନ୍‌ର ସମାନ ସଂଖ୍ୟକ ସୈନିକ ପ୍ରାଣ ହରାଇବା ସହ ଆହତ ହୋଇଥିବା ଖବର ପ୍ରକାଶ ପାଇଛି।

### ର‍୍ୟାଗିଂ କରି ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ୧୮ ଛାତ୍ର ବହିଷ୍କୃତ

**ଡିବ୍ରୁଗଡ଼,୨୯।୧୧:** ବରିଷ୍ଠ ଛାତ୍ରମାନଙ୍କ ର‍୍ୟାଗିଂ ଯୋଗୁ ରବିବାର ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟର ପ୍ରଥମ ସେମିଷ୍ଟର ଛାତ୍ର ହଷ୍ଟେଲ୍ ବିଲ୍ଡିଂରୁ ଡେଇଁ ଗୁରୁତର ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୧୮ ଜଣ ଛାତ୍ରଙ୍କୁ ୟୁନିଭର୍ସିଟି କର୍ତ୍ତୃପକ୍ଷ ହଷ୍ଟେଲରୁ ବହିଷ୍କାର କରିଛନ୍ତି। ଏହା ବ୍ୟତୀତ ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ ଛାତ୍ରଙ୍କୁ ତଦନ୍ତ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଏମ୍.କମ୍ ପ୍ରଥମ ସେମିଷ୍ଟର ଛାତ୍ର ଆନନ୍ଦ ଶର୍ମାଙ୍କୁ ସିନିୟର ଛାତ୍ରମାନେ ଗତ ୨୬ ତାରିଖ ଅପରାହ୍ନ ସାଢ଼େ ୪ଟାରୁ ତା ପରଦିନ ଭୋର ୫ଟା ପର୍ଯ୍ୟନ୍ତ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହି ନ ପାରି ଛାତ୍ର ଜଣକ ପିଏନ୍‌ଜିବି ହଷ୍ଟେଲ୍ ବି ବ୍ଲକ୍ ଦ୍ୱିତୀୟ ମହଲାରୁ ଡେଇଁ ପଡ଼ିଥିଲେ।

# ବିତର୍କିତ 'କଶ୍ମୀର ଫାଇଲ୍ସ'



ଅଭିନେତ୍ରୀ ସ୍ତ୍ରୀ ପଲ୍ଲବୀ ଜୋଷୀଙ୍କ ସହ 'ଦି କଶ୍ମୀର ଫାଇଲ୍ସ' ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ

**ପଣଜୀ/ନୂଆଦିଲ୍ଲୀ,୨୯।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସମର୍ଥିତ ଚଳିତବର୍ଷର ବହୁଚର୍ଚ୍ଚିତ ହିନ୍ଦୀ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ପୁଣିଥରେ ବିବାଦ ଘେରକୁ ଚାଲିଆସିଛି। ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ବିଚାରକ ମଣ୍ଡଳୀ ଅଧ୍ୟକ୍ଷ ନଦାଭ ଲାପିଡ୍ ସୋମବାର ଏହାକୁ ଏକ ଅଶ୍ଳୀଳ ସିନେମା ଭାବେ ଅଭିହିତ କରିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗୋଆରେ ଗତ ୨୨ ତାରିଖରେ ଆଇଏଫ୍ଏଫ୍ଆଇର ଇଣ୍ଡିଆନ୍ ପାନୋରାମା ବର୍ଗରେ 'କଶ୍ମୀର ଫାଇଲ୍ସ' ପ୍ରଦର୍ଶିତ ହୋଇଥିଲା। ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନାରେ ମାତ୍ର ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏହାର ସମ୍ବେଦନଶୀଳ ତଥା ମର୍ମସ୍ପର୍ଶୀ ବିଷୟବସ୍ତୁକୁ ନେଇ ଦର୍ଶକଙ୍କ ମନରେ ଉତ୍ସୁକତା ଲାଗିରହିବାରୁ ଏହା ବିଶେଷ ଆଦୃତି ଲାଭ କରିଥିଲା। ପ୍ରଧାନମନ୍ତ୍ରୀଙ୍କ ସମର୍ଥନ କ୍ରମେ ୮ ଭାଜପା ଶାସିତ ରାଜ୍ୟରେ ଟ୍ୟାକ୍ସ ଫ୍ରି ହୋଇଥିବା 'କଶ୍ମୀର ଫାଇଲ୍ସ'ବକ୍ସ ଅଫିସ୍‌ରେ ୩୪୦.୯୨ କୋଟି ଟଙ୍କା କଲେକ୍ସନ କରିସାରିଛି। ଆଇଏଫ୍ଏଫ୍ଆଇରେ ଏହା ସମାଲୋଚିତ ହେବା ପରେ ୪୮ ବର୍ଷୀୟ ବିବେକ ଜୁରି ଅଧ୍ୟକ୍ଷ ଲାପିଡ୍‌ଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଡାଇରେକ୍ଟର ବିବେକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମହାନ୍ ଇସ୍ରାଏଲୀ ଫିଲ୍ମ ମେକର ଲାପିଡ୍‌ଙ୍କ ସମେତ ବିଶ୍ୱର ବୁଦ୍ଧିଜୀବୀମାନେ ଏହି ଫିଲ୍ମର ଏପରି ଏକ ଇଭେଣ୍ଟ (ଫ୍ରେମ୍ କିମ୍ବା ଡାଇଲଗ୍) ଖୋଜି ବାହାର କରନ୍ତୁ, ଯାହା ସତ୍ୟ ହୋଇ ନ ଥିବ। 'କଶ୍ମୀର ଫାଇଲ୍ସ'ରେ ଗୋଟିଏ ବି ଅସତ୍ୟ ବାହାର କରିଦେଲେ ସେ ଫିଲ୍ମ ତିଆରି କରିବା ବନ୍ଦ କରିଦେବେ ବୋଲି ବିବେକ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ବିବେକଙ୍କ ମତରେ ନିଜ ଫିଲ୍ମକୁ ଆତଙ୍କବାଦୀ ସଙ୍ଗଠନ ଓ ସହରୀ ନକ୍ସଲ ମଧ୍ୟ ପୂର୍ବରୁ ବିରୋଧ କରିଆସିଛନ୍ତି।

- ଅସତ୍ୟ ଉପରେ ସତ୍ୟର ବିଜୟ ହେବା।
  **-ଅନୁପମ ଖେର, ଅଭିନେତା**
- ଶେଷରେ ଘୃଣାକୁ ତିରସ୍କାର ହିଁ ମିଳିଥାଏ।
  **-ସୁପ୍ରିୟା ଶ୍ରୀନାଟେ, କଂଗ୍ରେସ ମୁଖପାତ୍ର**
- କଶ୍ମୀର ଫାଇଲ୍ସ ଉପରେ ବିତର୍କ ଭାରତ-ଇସ୍ରାଏଲ ସମ୍ପର୍କକୁ ଆହୁରି ମଜଭୁତ କରିବ।
  **-କୋବ୍ବି ଶୋଶାନି, ଭାରତରେ ଇସ୍ରାଏଲର କନ୍‌ସୁଲ ଜେନେରାଲ**
- ଲାପିଡ୍‌ଙ୍କ ମନ୍ତବ୍ୟ କଶ୍ମୀରୀ ହିନ୍ଦୁଙ୍କ ପାଇଁ ଏକ ଅପମାନ।
  **-ସଭିଓ ରୋଡ୍ରିଗୁଏସ୍, ଭାଜପାର ଗୋଆ ମୁଖପାତ୍ର**
- ଆଇଏଫ୍ଏଫ୍ଆଇ ମଞ୍ଚରେ ଲାପିଡ୍ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ତାଙ୍କ ବ୍ୟକ୍ତିଗତ ମତ।
  **-ସୁଦୀପ୍ତୋ ସେନ, ଆଇଏଫ୍ଏଫ୍ଆଇ ଜୁରି ସଦସ୍ୟ**

## ନଦାଭ ଲାପିଡ୍ କିଏ

**'ଦି କଶ୍ମୀର ଫାଇଲ୍ସ'କୁ ନଦାଭ ଲାପିଡ୍ ସମାଲୋଚନା କରିବା ପରେ ତାଙ୍କ ସମ୍ପର୍କରେ ଗୁଗଲରେ ୟୁଜର୍ସ ତଥ୍ୟ ଖୋଜିବାରେ ଲାଗିଛନ୍ତି। ପ୍ୟାରିସ୍‌ରେ ରହୁଥିବା ଇସ୍ରାଏଲୀ ଫିଲ୍ମମେକର ଲାପିଡ୍ ପୂର୍ବରୁ ମଧ୍ୟ ଆଇଏଫ୍ଏଫ୍ଆଇ ଜୁରି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। କିନ୍ତୁ ଏପରି ବିବାଦ କେବେ ସୃଷ୍ଟି ହୋଇ ନ ଥିଲା।**



୧୯୭୫ରେ ଇସ୍ରାଏଲ୍‌ର ତେଲ-ଆଭିଭରେ ଜନ୍ମିତ ସ୍କ୍ରିନ୍ ରାଇଟର ତଥା ଫିଲ୍ମ ପ୍ରଯୋଜକ ନଦାଭ ଲାପିଡ୍ ତେଲ୍-ଆଭିଭ ୟୁନିଭର୍ସିଟିରେ ଦର୍ଶନଶାସ୍ତ୍ର ଏବଂ ପ୍ୟାରିସ୍‌ରେ ସାହିତ୍ୟ ଅଧ୍ୟୟନ କରିଥିଲେ। ସେ ୨୦୦୬ରେ ଜେରୁଜେଲମ୍‌ସ୍ଥିତ ସାମ୍ ସ୍ପିଏଜେଲ ଫିଲ୍ମ ସ୍କୁଲରେ ମଧ୍ୟ ପାଠ ପଢ଼ିଥିଲେ। ୪୭ ବର୍ଷୀୟ ଲାପିଡ୍ ଇସ୍ରାଏଲର ଅନେକ ଡକ୍ୟୁମେଣ୍ଟାରିରେ ସିନେମାଟୋଗ୍ରାଫର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଥମ ଫିଲ୍ମ 'ପୋଲିସମ୍ୟାନ୍'କୁ ୨୦୧୧ରେ ଲୋକାର୍ନୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ସ୍ୱତନ୍ତ୍ର ଜୁରି ପ୍ରାଇଜ ପ୍ରଦାନ କରାଯାଇଥିଲା। ଲାପିଡ୍ ୩ଟି କ୍ଷୁଦ୍ର ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ। ସେଗୁଡ଼ିକ ହେଲା 'ଏମିଲିଜ୍ ଗର୍ଲଫ୍ରେଣ୍ଡ୍', 'ରୋଡ୍' ଏବଂ 'ମହମୁଦ୍ ୱାର୍କ୍ସ ଇନ୍ ଦି ଇଣ୍ଡଷ୍ଟ୍ରି'। ୨୦୧୪ରେ ତାଙ୍କର ଫିଲ୍ମ 'ଦି କିଣ୍ଡରଗାର୍ଟେନ୍ ଟିଚର' ସେହିବର୍ଷର ଇଣ୍ଟରନ୍ୟାଶନାଲ କ୍ରିଟିକ୍ସ ୱିକ୍‌ରେ ପ୍ରଦର୍ଶିତ ହୋଇଥିଲା। ଏହି ଫିଲ୍ମକୁ ଇଂଲିଶ୍‌ରେ ରିମେକ୍ କରାଯାଇଥିଲା, ଯହିଁରେ ଜଣାଶୁଣା ଆମେରିକୀୟ ଅଭିନେତ୍ରୀ ମଗ୍‌ଗି ଜିଲ୍‌ଏନ୍‌ହଲ ଅଭିନୟ କରିଥିଲେ। ଏହି ଫିଲ୍ମ ଜଣେ ଶିକ୍ଷକ ଓ ତାଙ୍କର ବିସ୍ମୟ ଛାତ୍ରଙ୍କୁ ନେଇ ଗତିଶୀଳ ହୋଇଛି। ଲାପିଡ୍‌ଙ୍କ ଫିଲ୍ମ 'ସିନୋନିମ୍ସ' ୨୦୧୯ ବର୍ଲିନ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଗୋଲ୍ଡେନ୍ ବିୟର ଆୱାର୍ଡ ହାସଲ କରିଥିଲା। ୨୦୨୧ରେ ଲାପିଡ୍‌ଙ୍କ 'ଆହେଡ୍ସ ନି' ଅନ୍ତର୍ଜାତୀୟ ସ୍ତରରେ ଆଦୃତି ଲାଭ କରିଥିଲା। କାନ୍‌ରେ ଏହାକୁ ଜୁରି ପ୍ରାଇଜ ଦିଆଯାଇଥିଲା।

## କ୍ଷମା ମାଗିଲେ ଇସ୍ରାଏଲ ରାଷ୍ଟ୍ରଦୂତ

ନୂଆଦିଲ୍ଲୀରେ ଅବସ୍ଥାପିତ ଇସ୍ରାଏଲୀ ରାଷ୍ଟ୍ରଦୂତ ନାଓର ଗିଲୋନ୍ ମଙ୍ଗଳବାର ନଦାଭ ଲାପିଡ୍‌ଙ୍କ ମନ୍ତବ୍ୟକୁ ଖୋଲାଖୋଲି ବିରୋଧ କରିବା ସହ ତାଙ୍କ ପାଇଁ ଭାରତକୁ କ୍ଷମା ମାଗିଛନ୍ତି। ସେ ଟୁଇଟରରେ ନଦାଭଙ୍କ ଉଦ୍ଦେଶ୍ୟରେ ଏକ ଖୋଲାଚିଠି ଜାରି କରିଛନ୍ତି। ଭାରତୀୟ ଭଉଣୀ ଭାଇମାନେ ଯେପରି ବୁଝିପାରିବେ ସେଥିଲାଗି ସେ ହିବ୍ରୁରେ ନ ଲେଖି ଇଂଲିଶରେ ଏହାକୁ ପ୍ରକାଶ କରିଛନ୍ତି। ନଭାଦ କାହିଁକି ଲଜ୍ଜିତ ହେବା ଉଚିତ ତା'ର କାରଣ ସେ ଉକ୍ତ ଚିଠିରେ ଲେଖିଛନ୍ତି। ଭାରତୀୟ ସଂସ୍କୃତିରେ ଅତିଥି ହେଉଛନ୍ତି ଭଗବାନ ସଦୃଶ। ଆଇଏଫ୍ଏଫ୍ଆଇକୁ ଜୁରି ଅଧ୍ୟକ୍ଷ ଭାବେ ନିମନ୍ତ୍ରିତ ହୋଇ ଆସିବା ପରେ ନଦାଭଙ୍କୁ ମିଳିଥିବା ସମ୍ମାନ, ବିଶ୍ୱାସ ଓ ଆତିଥ୍ୟର ସେ ଅତି ନିକୃଷ୍ଟ ଭାବେ ଦୁରୁପଯୋଗ କରିଥିବା ରାଷ୍ଟ୍ରଦୂତ କହିଛନ୍ତି।

# ୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକଲେ ନାବାଳକ

**ବେମେତାରା,୨୯।୧୧**

ଛତିଶଗଡ଼ର ବେମେତାରା ଜିଲାରେ ଜଣେ ନାବାଳକ ପଡ଼ିଶା ଘରର ଜଣେ ୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ୧୭ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଅଟକ ରଖିଛି। ରାୟପୁରଠାରୁ ୯୦ କିଲୋମିଟର ଦୂର ବେମେତରାର ସିଟି କୋଟୱାଲି ଥାନା ଅନ୍ତର୍ଗତ ଏକ ଗାଁରେ ଶନିବାର ଏହି ଅପରାଧ ଘଟିଛି। ପୀଡ଼ିତା ରହସ୍ୟଜନକ ଭାବେ ଘର ବାହାରେ ଝୁଲୁଥିବା ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଝିଅଟିକୁ ବଳାତ୍କାର କରାଯିବା ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପଚରାଉଚରା ପରେ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା। ନାବାଳକ ଜଣକ ମୋବାଇଲ୍ ଫୋନ୍‌ରେ ଅଶ୍ଳୀଳ ଫିଲ୍ମ ଦେଖିବା ପରେ ପୀଡ଼ିତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲା ବୋଲି ପୋଲିସ ନିକଟରେ ସ୍ୱୀକାର କରିଛି। ଝିଅଟି ଅପରାଧ ସମ୍ପର୍କରେ ପରିବାରକୁ ଜଣାଇଦେବ ଭାବି ସେ ଏକ ଉତ୍ତରୀୟରେ ତାଙ୍କ ଗଳା ଚିପି ହତ୍ୟା କରି ମୃତଦେହକୁ ଝୁଲାଇ ଦେଇଥିଲେ ଏବଂ ଛାତ ଉପର ବାଟେ ଖସି ପଳାଇଥିଲେ। ଅଭିଯୁକ୍ତଙ୍କ ନାମରେ ଆଇପିସିର ଧାରା ୩୭୬, ୩୭୬ଏବି, ୩୦୨, ୨୦୧ ଏବଂ ୪୫୦ ସମେତ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ କୋର୍ଟ ତାଙ୍କୁ ଦୁର୍ଗ ଜିଲାର ଜୁଭେନାଇଲ୍ ହୋମ୍‌କୁ ପଠାଇଦେଇଛନ୍ତି।



ବେଜିଂରେ କୋଭିଡ୍ କଟକଣା ପ୍ରତିବାଦରେ ସାଦା କାଗଜ ଧରିଛନ୍ତି ବିକ୍ଷୋଭକାରୀ।

# ଆନ୍ଦୋଳନ ପରେ ଚାଇନାର ସହରରେ ପୋଲିସ ଛାଉଣୀ

**ସାଂଘାଇ,୨୯।୧୧**

ଚାଇନାରେ ଜିରୋ-କୋଭିଡ୍ ନୀତିକୁ ବିରୋଧ କରି ବିଭିନ୍ନ ସହରରେ ଆନ୍ଦୋଳନ ଜାରି ରହିଥିବାବେଳେ ରାଜନୈତିକ ସ୍ୱାଧୀନତା ପ୍ରଦାନ ସହ ଲକ୍‌ଡାଉନ୍ କଟକଣା ହଟାଇବା ଦାବିରେ ଦେଶବ୍ୟାପୀ ର‍୍ୟାଲି ନିମନ୍ତେ ଆହ୍ୱାନ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଶି ଜିନ୍‌ପିଙ୍ଗ୍ ସରକାର ବେଜିଂ, ସାଂଘାଇ ସମେତ ବିଭିନ୍ନ ସହରକୁ ପୋଲିସ ଓ ସୁରକ୍ଷା ବଳ ଛାଉଣିରେ ପରିଣତ କରିଛନ୍ତି। କୋଭିଡ୍ କଟକଣା ଓ ଲକ୍‌ଡାଉନ୍‌କୁ ନେଇ ଚାଇନାରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ରାଜନୈତିକ ପରିବର୍ତ୍ତନ ନିମନ୍ତେ ଆହ୍ୱାନ ଦେଇଛନ୍ତି। ଚାଇନାର କମ୍ୟୁନିଷ୍ଟ ଶାସକ ବହୁ ଦଶନ୍ଧି ମଧ୍ୟରେ କେବେ ଏଭଳି ବିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଆନ୍ଦୋଳନକୁ ଜାତିସଂଘ, ଆମେରିକା ଓ ଅନ୍ୟ ରାଷ୍ଟ୍ର ସମର୍ଥନ ଜଣାଇବା ପରେ ଜିନ୍‌ପିଙ୍ଗ୍ ସରକାର ଲକ୍‌ଡାଉନ୍ ପ୍ରଭାବ କମ୍ କରିବାକୁ ପଦକ୍ଷେପ ନେବେ ବୋଲି ମଙ୍ଗଳବାର କହିଛନ୍ତି। ପରିବର୍ତ୍ତିତ ସ୍ଥିତି ସହ ଜିରୋ-କୋଭିଡ୍ ନୀତିକୁ ବଦଳାଇବାକୁ ଉଦ୍ୟମ ହେଉଛି। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖି ଲକ୍‌ଡାଉନ୍ ଯେପରି ସାମାଜିକ-ଅର୍ଥନୈତିକ ବିକାଶ ଉପରେ ପ୍ରଭାବ ନ ପକାଇବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି।

କଠୋର କୋଭିଡ୍ କଟକଣାକୁ ନେଇ ଦୀର୍ଘଦିନ ହେଲା ଜନ ଅସନ୍ତୋଷ ଲାଗି ରହିଥିଲା। ଗତ ସପ୍ତାହରେ ଉରୁମ୍‌କି ଅଗ୍ନିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। କୋଭିଡ୍ କଟକଣା ଯୋଗୁ ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ୧୦ ଜଣଙ୍କ ଜୀବନ ଗଲା ବୋଲି ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଥିଲେ।

# କୁରୁକ୍ଷେତ୍ରରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବ

**କୁରୁକ୍ଷେତ୍ର,୨୯।୧୧(ଆଇଏଏନ୍ଏସ୍)**

## ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ହରିୟାଣାର କୁରୁକ୍ଷେତ୍ରରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ପୁରୁଷୋତ୍ତମପୁର ବାଗ୍‌ରେ ଥିବା ଶ୍ରୀକୃଷ୍ଣଙ୍କ ରଥ ନିକଟରେ ରାଷ୍ଟ୍ରପତି ଯଜ୍ଞ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଏବଂ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଉପସ୍ଥିତ ଥିଲେ। ଏଥିସହିତ ରାଷ୍ଟ୍ରପତି ମୁର୍ମୁ ପୁରୁଷୋତ୍ତମ ବାଗ୍‌ରେ ନିର୍ମିତ ଗୀତା ଶିଳ୍ପ ଉଦ୍ୟାନକୁ ଉଦ୍‌ଘାଟନ କରିଛନ୍ତି।



କୁରୁକ୍ଷେତ୍ରରେ କୃଷ୍ଣ-ଅର୍ଜୁନ ବ୍ରୋଞ୍ଜ ରଥ ପ୍ରତିମୂର୍ତ୍ତି ଆଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଏବଂ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର।

# କାର୍ ସହ ଶର୍ମିଳାଙ୍କୁ ଟାଣିନେଲା କ୍ରେନ୍

## କେସିଆର୍‌ଙ୍କ ଘରକୁ ଯିବାବେଳେ ଗିରଫ

**ହାଇଦ୍ରାବାଦ,୨୯।୧୧**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି (ୱାଇଏସ୍‌ଆର୍‌ଟିପି) ନେତ୍ରୀ ଶର୍ମିଳା ହାଇଦ୍ରାବାଦରେ ମଙ୍ଗଳବାର ପଦଯାତ୍ରାରେ ବାହାରିଥିବାବେଳେ ପୋଲିସ କ୍ରେନ୍ ସହାୟତାରେ ତାଙ୍କ କାର୍‌କୁ ରାସ୍ତାରୁ ଉଠାଇନେଇଛି। ଏହି ସମୟରେ ଶର୍ମିଳା କାର୍‌ରେ ବସିଥିଲେ। ଥାନାରେ ଶର୍ମିଳା କାର୍‌ରୁ ବାହାରିବାକୁ ମନା କରିଦେବାରୁ ଏସ୍‌ୟୁଭି ଡୋର୍ ଖୋଲିବା ପାଇଁ ପୋଲିସ ତାଲା ମରାମତି କରୁଥିବା ଜଣେ ଲୋକଙ୍କୁ ଡାକିଥିଲା। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ବାସଭବନ ଅଭିମୁଖେ ପଦଯାତ୍ରା ଉଦ୍ୟମ ଅଭିଯୋଗରେ ତାଙ୍କୁ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଗିରଫ କରାଯାଇଛି।

ଝିଅଙ୍କୁ ଭେଟିବା ପାଇଁ ୱାଇଏସ୍ ବିଜୟଲକ୍ଷ୍ମୀ ହାଇଦ୍ରାବାଦ ଘରୁ ବାହାରିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୋମବାର ୱାରାଙ୍ଗଲ୍‌ରେ ଶର୍ମିଳାଙ୍କ ଗାଡ଼ି ଉପରେ ଶାସକ ଟିଆର୍‌ଏସ୍ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହାକୁ ନେଇ ପଦଯାତ୍ରାରେ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ଶର୍ମିଳାଙ୍କ ସମେତ ପଦଯାତ୍ରାରେ ସାମିଲ ଥିବା ଦଳୀୟ ନେତା ଓ କର୍ମୀଙ୍କୁ ଗିରଫ କରିଥିଲା। ଟିଆର୍‌ଏସ୍ ସମର୍ଥକଙ୍କ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଏକ କାର୍ ଚଳାଇ ମଙ୍ଗଳବାର ସକାଳେ ଶର୍ମିଳା ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପ୍ରଗତି ଭବନ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ରାସ୍ତାରୁ ତାଙ୍କ ସହ କାର୍‌କୁ ଉଠାଇ ନେଇଥିଲା। କ୍ରେନ୍‌ରେ କାର୍‌କୁ ଟାଣିନିଆଯାଉଥିବାବେଳେ ପଛରେ ସମର୍ଥକ ଓ ଗଣମାଧ୍ୟମ ପ୍ରତିନିଧି ଦୌଡ଼ୁଥିବା ଦେଖାଯାଇଛି।



କାର୍‌ରେ ୱାଇଏସ୍‌ଆର୍‌ଟିପି ମୁଖ୍ୟ ଶର୍ମିଳା।

ଗତ ରବିବାର ନରସମପେଟ୍‌ଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ଶର୍ମିଳା ସ୍ଥାନୀୟ ଟିଆର୍‌ଏସ୍ ବିଧାୟକ ପେଦ୍ଦି ସୁଦର୍ଶନ ରେଡ୍ଡୀଙ୍କୁ ସମାଲୋଚନା କରିଥିଲେ। ତାଙ୍କ ମନ୍ତବ୍ୟ କେସିଆର୍‌ଙ୍କ ଦଳର କର୍ମୀମାନଙ୍କୁ କ୍ଷୁବ୍ଧ କରିଥିଲା ଓ ସୋମବାର ସେମାନେ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଆକ୍ରମଣକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଶର୍ମିଳା ଓ ତାଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀଙ୍କୁ ଗିରଫ କରିଥିଲା।

## ସୋରିଷରେ ପାଉଁଶିଆ ରୋଗ ଦମନ

**ସୋ**ରିଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ



ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଗହମ ଚାଷରେ କୋଡ଼ାଖୁସା

**ଗ**ହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



## ରବି ଚିନାବାଦାମ ଚାଷ

**ର**ବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା.ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।



# ଧାନ କାଟିବା ପୂର୍ବରୁ...

### ଡିସେମ୍ବର ମାସ କୃଷି ସୂଚନା



**ଧା**ନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ । ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍‌ସି କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ । ଡାଲୁଆଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳୀ ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ। ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ। ଧାନର ସହଳ କିସମ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ। ମଧ୍ୟମ କିସମଗୁଡ଼ିକ ହେଉଛି ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ–୧୦୦୧। ଏହି ମାସ ଶେଷଶୁଦ୍ଧା ଡାଲୁଆଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

**କପା :** ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳାଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ :** ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣିପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଫଳଚାଷ :** ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ଆଉଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପ୍ରାଣୀପାଳନ :** ଶୀତଦିନେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ। ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବର୍‌ସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

**ମତ୍ସ୍ୟଚାଷ :** ୧ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର –୩

## ଆଖୁରେ ଶର୍କରା ଅଂଶ ପରୀକ୍ଷା



**ଆ**ଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଆବଶ୍ୟକ। ଆଖୁ ଗଛକୁ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନକରି କାଟିଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ମୂଳିଆଖୁ ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଗେଣ୍ଡୁଫୁଲ ପାଇଁ ପଟାଳି



**ଖ**ରାଦିନିଆ ଗେଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତ କରି ସିରାକୋଲ୍ ବି.ଏମ୍.–୨ ଏବଂ ବି.ଏମ୍.–୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗା କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦–୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁ ଫୁଲ ଚାଷରେ ପତ୍ରପୋଡ଼ା, କଢ଼ ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ – ସିରାକୋଲ୍, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ୍, ବି.ଏମ୍.–୨ ଏବଂ ବି.ଏମ୍.–୩ । ଚାରା ମାସକର ବା ୪୦ ଦିନର ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ। ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଗ୍ଲାଡିଓଲସ୍ ଚାଷ କରିଥିଲେ ଦୁଇ ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଏବେ ବି ଗ୍ଲାଡିଓଲସ୍ ଲଗାଇପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ । ଲିଲିୟମ୍‌ର କନ୍ଦା ସଂଗ୍ରହକରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।

## ଆଳୁରେ ହୁଡ଼ା ଟେକୁଥିଲେ...



**ଆ**ଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲକୁ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଆବଶ୍ୟକ। ଅନ୍ୟପକ୍ଷରେ ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ। କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

# ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ



ଡା. ନିରାକାର ଜେନା

**ଆ**ମ ରାଜ୍ୟରେ ସାଧାରଣତଃ ଡିସେମ୍ବର ଏବଂ ଜାନୁୟାରୀରେ ଜଳବାୟୁର ତାପମାତ୍ରା ବହୁ ତଳକୁ ଖସିଯାଇଥାଏ। ଏପରି କି ଅନେକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥାଏ। ଅତ୍ୟଧିକ ଥଣ୍ଡା ଯୋଗୁ ଗୃହପାଳିତ ପ୍ରାଣୀମାନେ ଥଣ୍ଡା, ଜ୍ୱର, କାଶ ସହ ଫାଟୁଆ, ସାହାଣା, ବଜବଜିଆ, ପିପିଆର୍, ରେନିଟି ଭଳି ରୋଗରେ ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଉତ୍ପାଦିକା କ୍ଷମତାରେ ମଧ୍ୟ ବ୍ୟାହତ ଘଟିଥାଏ। ତେଣୁ ଏହି ସମୟରେ ଗୋପାଳକ ତଥା ଗାଈ ଫାର୍ମ କରିଥିବା ବ୍ୟକ୍ତି ବିଶେଷଭାବେ ସତର୍କ ରହିବା ଆବଶ୍ୟକ। ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଲାଗି ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନଦେବା ଜରୁରୀ।

**ଗୁହାଳ ପରିଚାଳନା ଏବଂ ଆଖପାଖ ପରିବେଶର ପରିବର୍ତ୍ତନ**

➤ ଶୀତଦିନେ ଗୃହପାଳିତ ପ୍ରାଣୀ ରହୁଥିବା ଗୁହାଳ ତଥା ଆଖପାଖ ପରିବେଶରେ ସାମାନ୍ୟ ପରିବର୍ତ୍ତନ ହେବା ଆବଶ୍ୟକ।

➤ ଅତ୍ୟଧିକ ଥଣ୍ଡା ସମୟରେ ଗୃହପାଳିତ ପ୍ରାଣୀଙ୍କୁ ଘରେ ବାନ୍ଧି ରଖିବା ଆବଶ୍ୟକ। ଏହି ସମୟରେ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ସେମାନଙ୍କୁ ସନ୍ଧ୍ୟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ।

➤ ଗୁହାଳର ଝରକା, କବାଟ, କାନ୍ଥ, ଛାତକୁ ଶୀତଦିନ ପୂର୍ବରୁ ମରାମତି କରିଦିଅନ୍ତୁ। ଖୋଲା ଗୁହାଳ ପ୍ରଣାଳୀରେ ଗୃହପାଳିତ ପ୍ରାଣୀ ରଖୁଥିଲେ, ଗୁହାଳ ଚାରିପଟେ ଅଖା, ପଲିଥିନ୍ କିମ୍ବା ଶୁଖିଲା ନଡ଼ା ଓ ଘାସରେ ତିଆରି ତାଟି ଦ୍ୱାରା ଆବଦ୍ଧ କରିବା ଆବଶ୍ୟକ।



➤ ଗୁହାଳ ମଧ୍ୟକୁ ସୂର୍ଯ୍ୟକିରଣ ଓ ବାୟୁ ଚଳାଚଳ ଠିକ୍ ଭାବରେ ହେବା ପାଇଁ ଧ୍ୟାନଦେବା ଦରକାର।

➤ ଅତ୍ୟଧିକ ଥଣ୍ଡା ସମୟରେ ଗୃହପାଳିତ ପ୍ରାଣୀଙ୍କୁ ବିଶେଷକରି ଛୋଟ, ବୟସ୍କ ଏବଂ ଗର୍ଭିଣୀ ପ୍ରାଣୀଙ୍କୁ ଅଖା, କମ୍ବଳ ମାଧ୍ୟମରେ ଢଙ୍କାଇବା ଜରୁରୀ।

➤ ଗୁହାଳ କିମ୍ବା ଗୁହାଳର ଚଟାଣ ସନ୍ତସନ୍ତିଆ କି ଓଦା ନ ହେବା ପାଇଁ ଯତ୍ନବାନ ହେବା ଆବଶ୍ୟକ। ସେଥିପାଇଁ ଗୁହାଳଟି ଉଚ୍ଚା ସ୍ଥାନରେ ନିର୍ମିତ ହେବା ସହ ମଳ, ମୂତ୍ର ଆଦି ନିଷ୍କାସନର ସୁବନ୍ଦୋବସ୍ତ କରିବା ଦରକାର। ଗୁହାଳ ସନ୍ତସନ୍ତିଆ ରହିଲେ ପ୍ରାଣୀଙ୍କଠାରେ ଝାଡ଼ା, ଜ୍ୱର, ନିମୋନିଆ, ହାଇପୋଥର୍ମିଆ ଆଦି ରୋଗ ସୃଷ୍ଟି ହୋଇଥାଏ।

➤ ଗୁହାଳ ଚଟାଣ ପକ୍କା ବା କଂକ୍ରିଟ ହୋଇଥିଲେ ପ୍ରାଣୀଙ୍କୁ ଥଣ୍ଡାରୁ ରକ୍ଷା ପାଇଁ ଚଟାଣ ଉପରେ ୪–୬ ଇଞ୍ଚ ବହଳର ଶୁଖିଲା ବାଲି, କାଠଗୁଣ୍ଡ, କୁଟା, ଶୁଖିଲା ଘାସପତ୍ର ଆଦି ପକାଇବା ଦରକାର।

➤ ଗୁହାଳରେ ପ୍ରାଣୀଙ୍କ ଗହଳି କରିବା ଅନୁଚିତ। ଗହଳି ହେବା ଫଳରେ ନିମୋନିଆ ଭଳି ଶ୍ୱାସଜନିତ ରୋଗ ସୃଷ୍ଟି ହେବାର ଆଶଙ୍କା ବଢିଥାଏ।

**ବାୟୁ ଚଳାଚଳର ସୁବନ୍ଦୋବସ୍ତ**

➤ ଗୁହାଳ ମଧ୍ୟରେ ପରିବେଶ ଠିକ୍ ରଖିବା ପାଇଁ ଦୈନିକ ଦୁଇଥର ଗୁହାଳକୁ ସଫା କରିବା ଆବଶ୍ୟକ।

➤ ପ୍ରାଣୀଙ୍କୁ ପ୍ରତ୍ୟେକ ଦିନ ସଫା କପଡ଼ାରେ କିମ୍ବା ବ୍ରସ୍ ଦ୍ୱାରା ସଫା କରନ୍ତୁ।

➤ ପ୍ରାଣୀଙ୍କ ଲୋମକୁ ଶୀତଦିନରେ କାଟିବା ଅନୁଚିତ।

➤ ପ୍ରାଣୀମାନଙ୍କୁ ଥଣ୍ଡା ପାଣିରେ ନ ଗାଧୋଇବା ଭଲ।

**ସୁଷମ ଖାଦ୍ୟ ପରିଚାଳନା :** ଶୀତଦିନେ ସାଧାରଣତଃ ଗୃହପାଳିତ ପ୍ରାଣୀଙ୍କର ଖାଦ୍ୟ ଆବଶ୍ୟକତା ବଢ଼ିଥାଏ। ଏହି ସମୟରେ ସେମାନଙ୍କୁ ଛୁଇଁଜାତୀୟ ବର୍ସିମ ସବୁଜଘାସ ସହ ତନ୍ତୁଜାତୀୟ ନଡ଼ା, କୁଟା ଓ ଗହମ ଭୁଷି ଦେବା ଭଲ। ୧୦ଲିଟର ଦୁଗ୍ଧ ପ୍ରଦାନ କରୁଥିବା ଗୋଟିଏ ବଡ ଗାଈକୁ ଶୀତଦିନେ ୨୫–୩୦ କି.ଗ୍ରା. ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଦେବା ସଙ୍ଗେ ସଙ୍ଗେ ୧୦ କି.ଗ୍ରା. ନଡ଼ା ଓ ୩ କି.ଗ୍ରା. ସନ୍ତୁଳିତ ଦାନା ଦେଲେ ଭଲ ଲାଭ ମିଳିଥାଏ। ଦାନା ମଧ୍ୟରେ ମକା, ଗହମ, ଓଟ୍ ସହିତ ବାଦାମ, ପିଡ଼ିଆ, ସୋରିଷ ପିଡ଼ିଆ ଆଦି ଗୃହପାଳିତ ପ୍ରାଣୀଙ୍କ ଶରୀରକୁ ଉଷ୍ମ ରଖିଥାଏ। ଛୋଟ ଛୋଟ ପ୍ରାଣୀ ଏବଂ ବାଛୁରୀଙ୍କୁ ଦିନକୁ ୩/୪ ଥର ମା' କ୍ଷୀର ପିଇବାକୁ ଦିଅନ୍ତୁ। ପ୍ରାଣୀଙ୍କୁ ଏଦିନେ ଅତ୍ୟଧିକ ଥଣ୍ଡା ପାଣି ପିଇବାକୁ ନ ଦେଇ ନଖ ଉଷୁମ ପାଣି ପିଇବାକୁ ଦିଅନ୍ତୁ।

–ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡି, ଭଦ୍ରକ

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୬ଷ୍ଠ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୭(୧୭୭.୦୪) ପଏଣ୍ଟ ବଢ଼ି ୬୨,୬୮୨ (୬୨,୬୮୧.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୫୫ (୫୫.୩୦) ପଏଣ୍ଟ ବୃଦ୍ଧି ଘଟି ୧୮,୬୧୮ (୧୮,୬୧୮.୦୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଡୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପହିଲାରୁ ଖୁଚୁରା ଡିଜିଟାଲ ଟଙ୍କା

**ନୂଆଦିଲ୍ଲୀ,୨୯।୧୧:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ର ହୋଲ୍‌ସେଲ ଡିଜିଟାଲ ଟଙ୍କାର ସଫଳ ଶୁଭାରମ୍ଭ ପରେ ଆର୍‌ବିଆଇ ଦେଶରେ ରିଟେଲ ଡିଜିଟାଲ ଟଙ୍କାର ଶୁଭାରମ୍ଭ ନେଇ ଯୋଜନା ପ୍ରସ୍ତୁତି କରିଛି। ଏପରିକି ମଙ୍ଗଳବାର ଏହାର ପାଇଲଟ ପ୍ରକଳ୍ପର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଆର୍‌ବିଆଇ ଘୋଷଣା କରିଛି। ବିଶେଷ କରି ମାସକ ତଳେ ହୋଲ୍‌ସେଲ ଡିଜିଟାଲ ଟଙ୍କାର ଶୁଭାରମ୍ଭ କରାଯାଇଥିଲା। ସେହିଭଳି ଆର୍‌ବିଆଇ ଚଳିତ ବର୍ଷ ଡିସେମ୍ବର ୧ରୁ ରିଟେଲ ଡିଜିଟାଲ ଟଙ୍କା ପ୍ରାଥମିକ ପର୍ଯ୍ୟାୟରେ ୮ଟି ବ୍ୟାଙ୍କ ଚିହ୍ନଟ ହୋଇଥିବା ବେଳେ କେତେକ ମର୍ଚ୍ଚାଣ୍ଟ ଓ ଗ୍ରାହକଙ୍କୁ ନେଇ ଏହି ପାଇଲଟ ପ୍ରକଳ୍ପ ମଧ୍ୟ ଆରମ୍ଭ ହେବ। ସେହିପରି ଏକ ଡିଜିଟାଲ ଟୋକେନ ଆକାରରେ ଇ-ରୁପି'ର ପ୍ରଚଳନ କରାଯିବ। ବିଶେଷକରି କାଗଜ ଟଙ୍କା ଯେତେ ମୂଲ୍ୟର ଅଛି ସେତେ ପ୍ରକାରର ଇ-ରୁପି (ଆର୍) ପ୍ରଚଳନ କରାଯିବ। ଏପରିକି ଉକ୍ତ ବ୍ୟାଙ୍କଗୁଡିକ ଜରିଆରେ ଏଗୁଡ଼ିକର ବିତରଣ କରାଯିବ ଓ ମୋବାଇଲ ଫୋନରେ ମଧ୍ୟ ଡିଜିଟାଲ ୱାଲେଟ ଆକାରରେ ରଖିପାରିବେ। ଅପରପକ୍ଷରେ ଗ୍ରାହକ ଓ ମର୍ଚ୍ଚାଣ୍ଟ କିମ୍ବା ଗ୍ରାହକ-ଗ୍ରାହକ ମଧ୍ୟରେ ନେଣଦେଣ ହୋଇପାରିବ। ଯଦି ହିତାଧିକାରୀ ଗୋଟିଏ ଦୋକାନୀକୁ ପେମେଣ୍ଟ କରିବାକୁ ଚାହୁଁଛନ୍ତି, ତେବେ ଦୋକାନରେ ଥିବା କ୍ୟୁଆର କୋଡ୍ ମାଧ୍ୟମରେ ଗ୍ରାହକ ପେମେଣ୍ଟ କରିପାରିବେ। ଉକ୍ତ ପାଇଲଟ ପରୀକ୍ଷଣ ପାଇଁ ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ୟେସ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କୋଟକ ମହିନ୍ଦ୍ରା ବ୍ୟାଙ୍କ, ଆଇଡିଏଫ୍‌ସି ବ୍ୟାଙ୍କ ଇତ୍ୟାଦି ଚିହ୍ନଟ ହୋଇଛନ୍ତି।

## ମାରୁତି ସୁଜୁକିର ନୂଆ 'ଇକୋ'ର ବଜାର ପ୍ରବେଶ




**ନୂଆଦିଲ୍ଲୀ,୨୯।୧୧:** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନୂଆ ଇକୋର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଯାଇଛି। ଏହା ନୂତନ ଓ ଶକ୍ତିଶାଳୀ ଇଞ୍ଜିନ ସହିତ ଉନ୍ନତ ଇନ୍ଧନ ଦକ୍ଷତା ପ୍ରଦାନ କରୁଛି। ଦେଶରେ ସର୍ବାଧିକ ବିକ୍ରି ହେଉଥିବା ଭ୍ୟାନ ମାରୁତି ସୁଜୁକି ଇକୋ କ୍ରମାଗତ ଭାବରେ ଏହି ସେଗ୍‌ମେଣ୍ଟରେ ନିଜର ଆଧିପତ୍ୟ ବଜାୟ ରଖିଛି। ନୂଆ ଇକୋ ନୂଆ ଇଣ୍ଟେରିୟର ଏବଂ ସଦ୍ୟତମ ଟେକ୍ନୋଲୋଜି ଓ ଫିଚର ସହିତ ସୁସଜ୍ଜିତ ରହିଛି। ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଏବଂ ସେଲ୍ସର ସିନିୟର ଏକ୍ଜିକ୍ୟୁଟିଭ ଅଫିସର ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ଏହାର ଶୁଭାରମ୍ଭ ଠାରୁ ଇକୋ ୯.୭୫ ଲକ୍ଷ ଗ୍ରାହକଙ୍କର ପସନ୍ଦରେ ପରିଣତ ହୋଇଛି। ନୂଆ ଇକୋ ଏକ ଭରସାଯୋଗ୍ୟ ଏବଂ ଗ୍ରାହକଙ୍କ ପାଇଁ ଆରାମଦାୟକ, ଷ୍ଟାଇଲିଶ ଏବଂ ପ୍ରଶସ୍ତ ପାରିବାରିକ ବାହନ ହେବା ସହିତ ବ୍ୟବସାୟିକ ବ୍ୟବହାର ପାଇଁ ଫ୍ଲେକ୍ସିବିଲିଟି ଯୋଗାଇ ଦେବ।

## ଏୟାର ଇଣ୍ଡିଆରେ ମିଶିବ ଭିସ୍ତାରା

**ନୂଆଦିଲ୍ଲୀ,୨୯।୧୧:** ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆର ମାଲିକାନା ହାସଲ କରିଥିବା ଟାଟା ବର୍ତ୍ତମାନ ଭିସ୍ତାରା ଏୟାରଲାଇନ୍ସକୁ କମ୍ପାନୀ ସହ ମିଶାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ଏପରିକି ୨୦୨୪ ମାର୍ଚ୍ଚ ମଧ୍ୟରେ ଭିସ୍ତାରା ଏୟାର ଲାଇନକୁ ଏୟାର ଇଣ୍ଡିଆ ସହିତ ମିଶାଇବା ନେଇ ସିଙ୍ଗାପୁର ଏୟାର ଲାଇନ୍ ପକ୍ଷରୁ କୁହାଯାଇଛି। କାରଣ ଟାଟା ସହ ମିଶି ସିଙ୍ଗାପୁର ଏୟାରଲାଇନ୍ ଭିସ୍ତାରାର କିଛି ଶେୟାର ଅଧିଗ୍ରହଣ କରିଛି। ମିଳିଥିବା ସୂଚନା ଅନୁସାରେ ସିଙ୍ଗାପୁର ଏୟାରଲାଇନ୍ ଏବଂ ଏୟାର ଇଣ୍ଡିଆ ମିଳିତ ଭାବେ ଭିସ୍ତାରାର ୨୫% ଅଂଶଧନ କିଣିବାକୁ ଯାଉଛନ୍ତି, ଯାହାକି ୨ ହଜାର କୋଟି ଟଙ୍କାରୁ ଅଧିକ ହେବ।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

## ମୁଦ୍ରା ଫାଇନାନ୍ସ

**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

## LOAN

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକ୍କୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଡିସିବିଏଲ୍-ଏଲ୍‌ଭିପିଇଆଇର ରାଜିନାମା

**ଭୁବନେଶ୍ୱର,୨୯।୧୧**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍) ଓ ଏଲ୍. ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି କମ୍ପାନୀର କାର୍ଯ୍ୟ ପରିସର ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନରେ ଉନ୍ନତି ଆଣିବା ନିମନ୍ତେ ଜାରି ରହିଥିବା ପ୍ରୟାସକୁ ଅଧିକ ତ୍ୱରାନ୍ୱିତ କରିବା ନେଇ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା କୁହାଯାଇଛି। ଏପରିକି ପରବର୍ତ୍ତୀ ପର୍ଯ୍ୟାୟରେ ତାହା କ୍ଷେତ୍ର ସ୍ତରରେ କାର୍ଯ୍ୟ କରାଯିବା ସହ ପ୍ରୋଜେକ୍ଟ ଦୃଷ୍ଟି ଜରିଆରେ ଜଉରୁମାଲ ଗ୍ରାମରେ ଏହାର ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଡିସିବିଏଲ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଏବଂ ୟୁନିଟ୍ ହେଡ୍-ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ, ଏଲ୍‌ଭିପିଇଆଇର ଭାଇସ ଚେୟାର ଡା. ରାଜୀବ ଆର୍. ପପ୍ପୁରୁ, ଡା. ନୀଳାଦ୍ରି ଭୂଷଣ ପାଢ଼ୀ ଏଇଡି-ଡିସିବିଏଲ୍, ରାଜଗାଙ୍ଗପୁର ବିଡିଓ ପୀୟୂଷ ଲୋହାର, ଡା. ଦେବସ୍ମିତା ମାଝି, ଯୋଗିତା ଟିଗା (ସରପଞ୍ଚ ଜଉରୁମାଲ), ଲାଲୁ ଲାକ୍ରା (ପଞ୍ଚାୟତ ସମିତି ସଭ୍ୟ) ଏବଂ ବ୍ଲକ ଅଧ୍ୟକ୍ଷା ସବିନା ମିଞ୍ଜ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡିସିବିଏଲ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ତଥା ରାଜଗାଙ୍ଗପୁର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ କହିଛନ୍ତି, ଆମେ ଏଲ୍.ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ ରାଜଗାଙ୍ଗପୁର ସହ ୨୦୧୫ରୁ ଅତି ଘନିଷ୍ଠ ଭାବେ ମିଶି କାର୍ଯ୍ୟ କରିଆସୁଛୁ। ଏହି ମିଳିତ ପ୍ରୟାସ ଆଇ ସେଣ୍ଟରକୁ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ଜନସାଧାରଣଙ୍କ ନିକଟତର କରିପାରୁଛି ଏବଂ ସେମାନେ ଏହାର ସୁଯୋଗ ନେଉଛନ୍ତି ଏବଂ ଏହା ରାଜଗାଙ୍ଗପୁର ଓ ସୁନ୍ଦରଗଡ଼କୁ ଦୃଷ୍ଟିହୀନମୁକ୍ତ ଜିଲାରେ ପରିଣତ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ଦୋହରାଉଛି।




## ସିଓରବାଏର ପ୍ରିମିୟମ ମୋବାଇଲ ଷ୍ଟୋର



**ଭୁବନେଶ୍ୱର,୨୯।୧୧**

ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍ ସବୁ ବର୍ଗର ଲୋକଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ପରିଣତ ହୋଇଯାଇଛି। ଏଭଳି କିଛି ଅଭାବ ଓ ଆବଶ୍ୟକତାକୁ ନଜରରେ ରଖି ସ୍ଥାନୀୟ ବାପୁଜୀନଗରଠାରେ ସିଓରବାଏର ପ୍ରିମିୟମ ମୋବାଇଲ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପୁନମ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରର ମୁଖ୍ୟ ତଥା ସିଓରବାଏର ଏମ୍‌ଡି ସର୍ବପ୍ରିୟ ମାତୃଦତ୍ତ ଏବଂ ଆଭାରାଣୀ ଚୌଧୁରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୧୦ ଜଣ ମୂକ ବଧିର ପିଲାଙ୍କୁ ମାଗଣାରେ ଫୋନ୍ ଦିଆଯାଇଥିବା କଥା ଷ୍ଟୋରର ମୁଖ୍ୟ ସର୍ବପ୍ରିୟ ମାତୃଦତ୍ତ କହିଥିଲେ।


# Classified Everyday
0674-2580101, 2549949



MATRIMONIAL

### BRIDE WANTED

Gudia girl, M.Com, 27.5, 1993, 5'-00'', Colour Shyamal. Contact No.-9778642153, 7751840747. D-2076

ଆଭିଜାତ୍ୟ ପରିବାରର ସୁନ୍ଦର ବଙ୍ଗାଳୀ ବ୍ରାହ୍ମଣ ପାତ୍ର B.Com, ବୟସ- 30, ବ୍ୟବସାୟୀ ପାଇଁ ପୁରୀ ଜିଲ୍ଲା ନିବାସୀ ବଙ୍ଗାଳୀ ବ୍ରାହ୍ମଣ ପାତ୍ରୀ 24+ ଆବଶ୍ୟକ। ଯୋଗାଯୋଗ- 7003424901, 7pm. to 10pm. D-69076

Teli groom 30/ 5'8" B.Tech. Comp. Science, MNC Bangalore wanted general caste bride. Mobile: 9778072479. D-2118

SC (Gokha) boy-1992, 5'7", B.Tech Employed in a company job at BBSR Father Retired Central Govt. Employee settled in BBSR, wants any graduate girl for immediate marriage. 9938678229. D-2128

Required bride for Bengali Kayastha groom 33 years B.Com. working as Stock Exchange Trading. 7377497659, 8249950627. D-69077

Divorce khandayat boy 46/ OAS/ (Caste no bar) 'SUHAG'. 9938199964, 9090486408. D-2122

### GROOM WANTED

34 ବୟସ୍କା Marwadi Widow Government ଚାକିରିଆ ଝିଅଙ୍କୁ Odia/ Non- Odia ପୁଅ ଦରକାର। (Caste no bar). 6371298869. D-2103

ଏକାକୀ ରହୁଥିବା 54 ବୟସ୍କା ବିଧବା ସରକାରୀ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଝିଅଙ୍କ ପାଇଁ ଯୋଗ୍ୟ ବରପାତ୍ର ଆବଶ୍ୟକ। 8658185147. D-2107



REAL ESTATE

### SALE

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

NH side plot (gharabari, boundarywall). Nakhara to Niali road Cuttack. 8249851363. D-74603

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

**Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165.** D-2069

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ **4BHK**ର **Duplex** ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ **sqft.କୁ 1600-Rs.** ରେ ବିକ୍ରି କରାଯାଉଛି। **Contact: 9439539146, 9777777525.** D-2075

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127




Newly open Spa positively health benefit with expert. Contact: 7749976301. D-73899

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

### LOST

ମୁଁ ନିରଞ୍ଜନ ଦେଓ, କୋଣାର୍କ ଇଣ୍ଡଷ୍ଟ୍ରିଜ୍ ଜାରକା ନାମରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଏସ୍.ବି.ଆଇ.ର ଦୁଇଟି ଚେକ୍ ହଜାଇ ଦେଇଛି। କେହି ପାଇଲେ ଦୟାକରି ଫୋନ୍ ନଂ.- 9040500090ରେ ଯୋଗାଯୋଗ କରନ୍ତୁ। ଧ-୭୩୨୩୩


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ଦଶମ ଜନ୍ମଦିନର ଶୁଭେଚ୍ଛା



(ଡୁଗୁ)
ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
**ଶୁଭେଚ୍ଛା ସହ:** ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ମିନିଅପା, ଅନୁପିଇସା, ମାମିଅପା, ଟୁଟୁପିଇସା, ମାନୁଅପା, ନବପିଇସା, ରାନୁଅପା, ଟିଲୁପିଇସା, ଲିପୁଭାଇ, ନବ୍ୟା, ଲିନା, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୧୯

### ନିରୁଦ୍ଦିଷ୍ଟ



ଗତ ଶନିବାର ତା୨୬।୧୧।୨୨ରିଖ ଅପରାହ୍ନ ୫ଟା ପରେ ଶ୍ୟାମସୁନ୍ଦର ବେହେରା ୩୯ ଲକ୍ଷ୍ମୀ ବଜାର ଜି. ଉଦୟଗିରି କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଯେକୌଣସି ସହୃଦୟ ବ୍ୟକ୍ତି ଶ୍ୟାମସୁନ୍ଦର ବେହେରାଙ୍କ ସନ୍ଧାନ ପାଆନ୍ତି ତେବେ ନିମ୍ନୋକ୍ତ ମୋବାଇଲ ନଂ.- ୯୯୩୭୨୬୨୩୬୦ରେ କିମ୍ବା ନିକଟସ୍ଥ ଥାନାରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୧୨୧

### LEGAL NOTICE

U/O 5 rule 20 CPC
ପୁରୀ ଫ୍ୟାମିଲ ଜଜ୍, ଫ୍ୟାମିଲ କୋର୍ଟ ପୁରୀ।
ସି.ପି. ନଂ.-୯୧/୨୦୨୦
କୃଷ୍ଣଚନ୍ଦ୍ର ନାୟକ ବ୪୦ର୍ଷ, ପି- ୰ନୀଳକଣ୍ଠ ନାୟକ, ଦୋଳଗୋବିନ୍ଦପୁର, ପୋ.ଅ: ବୀରପ୍ରତାପପୁର, ଥାନା- ଚନ୍ଦନପୁର, ଜିଲ୍ଲା- ପୁରୀ ...ଦରଖାସ୍ତକାରୀ
ବନାମ
୧. ଶ୍ରୀମତୀ ରିନାମଣୀ ନାୟକ ବ୩୮ର୍ଷ, କ୍ୟାରଫ- ଅଜୟ କୁମାର ପ୍ରଧାନ, ପିତା- ନକୁଳ ପ୍ରଧାନ, ୨. ଅଜୟ କୁମାର ପ୍ରଧାନ, ବ୪୧ର୍ଷ, ପିତା- ନକୁଳ ପ୍ରଧାନ, ସାକିନ: ଦୋଳଗୋବିନ୍ଦପୁର, ପୋ.ଅ: ବୀରପ୍ରତାପପୁର, ଥାନା: ଚନ୍ଦନପୁର, ଜିଲ୍ଲା: ପୁରୀ। .....ପ୍ରତିବାଦୀ
ନୋଟିସ
ଦରଖାସ୍ତକାରୀ ଆପଣମାନଙ୍କ ବିରୁଦ୍ଧେ ଉପରୋକ୍ତ ଛାଡ଼ପତ୍ର ମୋକଦ୍ଦମା କରିଥିବାରୁ ବାରମ୍ବାର ସମନ ଗଲେ ମଧ୍ୟ ଆପଣମାନେ ଜାଣିଶୁଣି ସମନ ଗ୍ରହଣ କରୁନାହାନ୍ତି। ଏଣୁ ଏହି ନୋଟିସ ଦ୍ୱାରା ଜଣାଇ ଦିଆଯାଉଛି ଯେ ଆପଣମାନେ ସ୍ୱୟଂ ବା ଆପଣଙ୍କ ଦ୍ୱାରା ନିଯୁକ୍ତ ଓକିଲଙ୍କ ମାଧ୍ୟମରେ ତା ୧୯।୧୨।୨୨ରିଖରେ କୋର୍ଟରେ ହାଜର ହୋଇ ଜବାବ ଦେବେ ନଚେତ୍ ଆପଣମାନଙ୍କ ଗେରହାଜିରରେ ଆଇନଗତ ଭାବେ ଉପରୋକ୍ତ କୋମଦ୍ଦମା ଫଏସଲା କରାଯିବ।
ସ୍ୱା./- ଆଦେଶ ମତେ
ଧ-୨୧୨୭

### AFFIDAVIT

By virtue of an affidavit sworn before the Notary Public, Sambalpur, I, Md. Riyaz Khan, R/o- At. Sunapali, P.O. Dhankauda, Dist. Sambalpur declare that my name has been mentioned in some documents as Md. Riyazuddin Abbaskhan and Md. Riyaz Khan and Mohammad Riyaz Khan. That all the above names are belongs to one and same person. D-2123

### ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆର୍ତ୍ତତ୍ରାଣ ଆଚାର୍ଯ୍ୟ
ବିଜ୍ଞାନ ଶିକ୍ଷକ, କୁତାମଚଣ୍ଡୀ ବିଦ୍ୟାପୀଠ
ବଣିଆ ସାହି ଡିହ
ଗ୍ରାମ: କାଳିଆବୋଦା, ଜଗତ୍‌ସିଂହପୁର
ଆବିର୍ଭାବ: ମାଘ କୃଷ୍ଣ ଦଶମୀ (୧୨।୦୧।୧୯୬୧)
ତିରୋଧାନ: କୁମାର ପଞ୍ଚମୀ (୩୦।୧୧।୨୦୦୦)
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଚାହୁଁ ଚାହୁଁ ବାଇଶି ବରଷ ବିତିଗଲା। ତୁମ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସର୍ବଦା ରହିଥାଉ। ତୁମର ପବିତ୍ର ଆତ୍ମାକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୨୦

ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଶ୍ରଦ୍ଧାଞ୍ଜଳି



୰ପଙ୍କଜ କୁମାର କର
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ : ୨୧.୦୨.୧୯୫୨
ତିରୋଧାନ : ୧୦.୧୨.୨୦୨୧
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ-ବିଦ୍ୟୁତ୍‌ପ୍ରଭା କର, ପୁତ୍ର-ଶିଶିର କୁମାର କର, କନ୍ୟା-ମଞ୍ଜୁଶ୍ରୀ ପାଣି, ନାତି-ପୂର୍ଣ୍ଣାୟନ, ବନ୍ଧୁ ଓ କର ପରିବାରବର୍ଗ।
ଧ-୭୩୯୦୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ବାଲିଆ ବାଣ ବିସ୍ଫୋରଣ ଘଟଣାରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ/ଚୌକିଶ, ୨୯।୧୧(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆଠାରେ ବାଣ ବିସ୍ଫୋରଣ ଘଟଣା ଏବେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଏଣ୍ଡର ଗାଁର ସାଗର ଜେନା ଏ ସମ୍ପର୍କରେ ଏନ୍‌ଏଚ୍‌ଆର୍‌ସିରେ ସୋମବାର ଅଭିଯୋଗ (ନଂ-୧୯୯୧୨/୨୨) କରିଛନ୍ତି। ଏଥିରେ ପ୍ରତି ମୃତକଙ୍କୁ ୨୦ ଲକ୍ଷ ଟଙ୍କା, ଗୁରୁତରଙ୍କୁ ୧୦ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦାବି କରିଛନ୍ତି। ଏଥିସହ ଓଡ଼ିଶା ପୋଲିସ ସହ ମାନବିକ କମିଶନରଙ୍କ ସ୍ୱତନ୍ତ୍ର ଟିମ୍ ତଦନ୍ତ ପାଇଁ ଆବେଦନ କରିଛନ୍ତି।

# ପ୍ରଶାନ୍ତ କୁମାର ଏଏଆଇର ସଭାପତି ନିର୍ବାଚିତ


ପ୍ରଶାନ୍ତ କୁମାର

ନୂଆଦିଲ୍ଲୀ,୨୯।୧୧: ସାଉଥ ଏସିଆ ଗ୍ରୁପ୍-ଏମ୍ ମିଡିଆ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରଶାନ୍ତ କୁମାର ବିଜ୍ଞାପନ ଶିଳ୍ପର ଶୀର୍ଷ ସଂଘ ଆଡଭର୍ଟାଇଜିଂ ଏଜେନ୍ସି ଆସୋସିଏସନ ଅଫ୍ ଇଣ୍ଡିଆ (ଏଏଆଇ)ର ନୂତନ ସଭାପତି ଭାବେ ବୁଧବାର ନିର୍ବାଚିତ ହୋଇଛନ୍ତି। ଏପରିକି ଏଏଆଇର ବାର୍ଷିକ ସାଧାରଣ ଅଧିବେଶନରେ ପ୍ରଶାନ୍ତ ୨୦୨୨-୨୩ ବର୍ଷ ପାଇଁ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ଏଏଆଇ ପକ୍ଷରୁ କୁହାଯାଇଛି। ସେହିଭଳି ହାଭାସ୍ ଗ୍ରୁପ୍ ଇଣ୍ଡିଆର ରାଣା ବରୁଆ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବିଶନଦାସ ହର୍ଦ୍ଦାସାନି, କୁନାଲ ଲାଲାନି, ରୋହନ ମେହେଟା, ଚନ୍ଦ୍ରମୌଳି ମୁଥୁ, ଶ୍ରୀଧର ରାମାସୁବ୍ରମଣ୍ୟନ, ଶଶିଧର ସିହ୍ନା, କେ. ଶ୍ରୀନିବାସ ଏବଂ ବିବେକ ଶ୍ରୀବାସ୍ତବ ସଂଘର ବୋର୍ଡକୁ ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ଏଏଆଇର ସଭାପତି ପ୍ରଶାନ୍ତ କୁମାର (ପି.କେ.) କହିଛନ୍ତି, ଏଭଳି ଏକ ସମ୍ମାନଜନକ ସଙ୍ଗଠନର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଉଲ୍ଲେଖଯୋଗ୍ୟ, ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ହେବ ପି.କେ. ଗ୍ରୁପ୍-ଏମ୍ ସହ ଜଡ଼ିତ ରହିବା ସହିତ ବିଜ୍ଞାପନ ଶିଳ୍ପରେ କାର୍ଯ୍ୟ କରିସାରିଛନ୍ତି। ସେ ଏହା ପୂର୍ବରୁ ପେପ୍‌ସି, ଦି ହିନ୍ଦୁ, ଦି ମିଡିଆ ଏଜ୍ ଏବଂ ମ୍ୟାକ୍‌କାନ୍ ଏରିକ୍ସନ୍ ଭଳି ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ୨୦୨୦-୨୨ ପର୍ଯ୍ୟନ୍ତ ଏଏଆଇର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିସାରିଛନ୍ତି।

## ଜାମିନ ସତ୍ତ୍ୱେ ମୁକୁଳି ପାରୁନାହାନ୍ତି ଗରିବ ବନ୍ଦୀ

# ରାଷ୍ଟ୍ରପତିଙ୍କ ଉଦ୍‌ବେଗ ପରେ ଜେଲକୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧୧(ପି.ଟି.): ଜାମିନ ସତ୍ତ୍ୱେ ମାମୁଲି ଅପରାଧରେ ଜେଲରେ ଥିବା ଗରିବ ଆଦିବାସୀ ମୁକୁଳି ପାରୁନାହାନ୍ତି। ଏନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆବେଗଭରା ଉଦ୍‌ବୋଧନ ପରେ ସୁପ୍ରିମକୋର୍ଟ ମଙ୍ଗଳବାର ସାରା ଦେଶରେ ଥିବା ଜେଲ କର୍ତ୍ତୃପକ୍ଷଙ୍କୁ ଏଭଳି ବନ୍ଦୀଙ୍କ ସବିଶେଷ ରିପୋର୍ଟ ମାଗିଛନ୍ତି। ସେମାନଙ୍କ ମୁକ୍ତି ଲାଗି ଏକ ଜାତୀୟ ଯୋଜନା ପ୍ରସ୍ତୁତି ନିମନ୍ତେ ଉକ୍ତ ବନ୍ଦୀମାନଙ୍କ ରିପୋର୍ଟ ୧୫ ଦିନ ମଧ୍ୟରେ ଜାତୀୟ ନ୍ୟାୟିକ ସେବା କର୍ତ୍ତୃପକ୍ଷ (ଏନ୍‌ଏଲ୍‌ଏସ୍‌ଏ)ରେ ଦାଖଲ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟରେ ଗତ ୨୬ ତାରିଖ ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ନିଜ ରାଜ୍ୟ ଓଡ଼ିଶା ସମେତ ଝାଡ଼ଖଣ୍ଡର ଗରିବ ଆଦିବାସୀମାନଙ୍କ ଅସୁବିଧା ସମ୍ପର୍କରେ ଅବତାରଣା କରିଥିଲେ। ଜାମିନ ପାଇବା ସତ୍ତ୍ୱେ ଜମାନତ ଅର୍ଥ ଜମା କରି ନ ପାରି ସେମାନେ ଜେଲରେ ରହିବାକୁ ବାଧ୍ୟ ହେଉଛନ୍ତି। ନ୍ୟାୟପାଳିକା ସେମାନଙ୍କ ପାଇଁ କିଛି କରିବା ନିମନ୍ତେ ରାଷ୍ଟ୍ରପତି ଅନୁରୋଧ କରିଥିଲେ। ବଡ଼ ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ଅନାୟାସରେ ଖସିଯାଉଥିବାବେଳେ କାହାକୁ ଚାପୁଡ଼ାଟିଏ ମାରି ଗରିବ ଲୋକ ବର୍ଷ ବର୍ଷ ଧରି ସଜା କାଟୁଛନ୍ତି। ରାଷ୍ଟ୍ରପତି ଭାଷଣ ଦେଉଥିବାବେଳେ ମଞ୍ଚରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଏସ୍.କେ. କୌଲ ଉପସ୍ଥିତ ଥିଲେ। ଏଭଳି ବନ୍ଦୀଙ୍କ ସବିଶେଷ ବିବରଣୀ ଦାଖଲ କରିବା ଲାଗି ମଙ୍ଗଳବାର ଜଷ୍ଟିସ୍ କୌଲଙ୍କ ଖଣ୍ଡପୀଠ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

---

## WORKS DEPARTMENT
## OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

No. B-901 e-mail: seec_bls@rediffmail.com

**Government of Odisha "e" Procurement Notice**
**Bid Identification No. CCEEC-17/2022-23**

No. 5865 Dt.23.11.2022

| | | |
|---|---|---|
| Nature of Work | : | Building & Road Works |
| Number of Works | : | 02 (Two) Nos. Building Works & 3 (Three) Nos. Road Work |
| Amount put to tender | : | Rs.295.35 lakh to Rs.453.51 lakh |
| Class of Contractor | : | "B" Class / "A" Class |
| Date & time of availability of bid document in the portal | : | Dt.01.12.2022 at 10.00 A.M. |
| Last date/time of receipt of bid in the portal | : | Dt.15.12.2022 upto 05.00 P.M. |
| Date of Opening of Bid | : | Dt.16.12.2022 at 11.00 A.M. |
| Name & address of the Office Inviting Bid | : | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

**Sd./- R. Rout, Chief Construction Engineer**
**OIPR-34026/11/0020/2223 Eastern Circle (R&B), Balasore**

---

## DIRECTORATE OF GROUND WATER DEVELOPMENT: ODISHA

**Office of The Executive Engineer, GWD Division I**
**HP BUILDING, UNIT-VIII, DELTA SQUARE, BHUBANESWAR-12**
**[e-mail:executiveenginerhpbbsr@gmail.com]**

**INVITATION FOR BIDS (IFB)**

**e-Procurement Notice : Date:**
**Bid Identification No.04/GWDHPD/ARUA/2022-23**
**(Single-Envelope Bidding Process)**

**No.A-786:** Executive Engineer, GWD Division-I, Unit-VIII, Delta Square, Bhubaneswar, on behalf of Governor of Odisha invites bids from bidders Class "C" and above registered with the State Governments and bidders of equivalent Grade/Class registered with Central Government/ MES/Railways for the construction of works following Work.

Bids must be submitted online on or before 07/12/2022 at 14.00 Hrs IST (system server time). Proposals will be opened online on 07/12/2022 ; at 15.30hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the RFP will be available in the procurement portal 'www.tendersodisha.gov.in"

| Sl. No. | Description | Details |
|---|---|---|
| 1 | Name of the Work | Construction of 20 nos. recharge shafts in Tanks/ Ponds in Bhubaneswar Block of Khurdha District. |
| 2. | Start Date of availability of Bid document online (bid download) | 28.11.2022 from 11.00 Hrs. |
| 3 | Last Date of availability of bid documents online (bid download/ Sale end Date) | 07.12.2022 upto 14.00 Hrs. |
| 4 | Last Date and Time for receipt of bid document (Bid Submission End date & Time) | 07.12.2022 upto 14.00 Hrs. |
| 5 | Date and Time of Opening of RFP document (bid Opening date) - Technical Part | 07.12.2022 at 15.30 Hrs. |

**Sd./- Executive Engineer**
**OIPR-32462/11/0007/2223 GWD Division-I, Bhubaneswar**

---

## OHPC ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଚିପିଲିମା

**ବୁର୍ଲା ଜଳ ବିଦ୍ୟୁତ୍ କେନ୍ଦ୍ରଠାରୁ ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ର ପର୍ଯ୍ୟନ୍ତ ପାୱାର ଚ୍ୟାନେଲରେ ଜଳ ପ୍ରବାହ ବନ୍ଦ ହେବା ସମ୍ପର୍କରେ**

**ବିଜ୍ଞପ୍ତି**

**No.CAD-3916:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୁର୍ଲା ଚିପିଲିମା ପର୍ଯ୍ୟନ୍ତ ପାୱାର ଚ୍ୟାନେଲ, ହେଡ଼ ରେଗୁଲେଟର, ଫୋରବେ, ସ୍ଲିଲ୍‌ୱେ ଏବଂ ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରର ପାଣି ଭିତରେ ବହୁତ ଦିନ ଧରି ରହିଥିବା ଯନ୍ତ୍ରାଂଶଗୁଡ଼ିକର ନିରୀକ୍ଷଣ ନିମନ୍ତେ ଆସନ୍ତା ଡିସେମ୍ବର ମାସ ୦୭ ତାରିଖ (ତା୦୭.୧୨.୨୦୨୨ରିଖ)ଠାରୁ ଡିସେମ୍ବର ମାସ ୨୦ ତାରିଖ (ତା୨୦.୧୨.୨୦୨୨ରିଖ) ପର୍ଯ୍ୟନ୍ତ ବୁର୍ଲା ଜଳ ବିଦ୍ୟୁତ୍ କେନ୍ଦ୍ରଠାରୁ ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ର ପର୍ଯ୍ୟନ୍ତ ପାୱାର ଚ୍ୟାନେଲରେ ଜଳ ପ୍ରବାହ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଯେକୌଣସି ସମସ୍ୟାର ସମାଧାନ ଏବଂ ଜଳ ନିଷ୍କାସନ ହୋଇପାରେ। ଜଳପ୍ରବାହ ବନ୍ଦ ଜନିତ ଅସୁବିଧା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍‌ର କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସଙ୍ଗେ ସଙ୍ଗେ ଉପରୋକ୍ତ କାର୍ଯ୍ୟ ସମ୍ପନ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି।

ପୁଣଶ୍ଚ ଜଣାଇଦିଆଯାଉଅଛି ଯେ, ଆସନ୍ତା ଡିସେମ୍ବର ମାସ ୨୧ ତାରିଖ (ତା୨୧.୧୨.୨୦୨୨ରିଖ) ସକାଳ ୬ଟା (06.00 AM) କିମ୍ବା ତତ୍‌ପରବର୍ତ୍ତୀ ଯେକୌଣସି ସମୟରେ ବୁର୍ଲା ଜଳ ବିଦ୍ୟୁତ୍ କେନ୍ଦ୍ରଠାରୁ ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ର ପର୍ଯ୍ୟନ୍ତ ପାୱାର ଚ୍ୟାନେଲରେ ମଧ୍ୟକୁ ପାଣି ଛଡ଼ାଯିବ। ତେଣୁ ଆସନ୍ତା ଡିସେମ୍ବର ମାସ ୨୧ ତାରିଖ ସକାଳ ୬ଟା (06.00 AM) ପରେ ପାୱାର ଚ୍ୟାନେଲ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ଜନସାଧାରଣଙ୍କୁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡର କର୍ତ୍ତୃପକ୍ଷ ନିବେଦନ କରୁଛନ୍ତି।

ସ୍ୱା./- ପ୍ରକଳ୍ପ ମୁଖ୍ୟ
ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଚିପିଲିମା
OIPR-04006/11/0030/2223 ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ

---

## OFFICE OF THE MUNICIPAL COUNCIL, RAYAGADA

No.5847 Dtd:28.11.22

**"e" TENDER NOTICE**

**Bid Identification No.RGDA-MUN-06/2022-23**

**No.C-1668:** Bid documents consisting of 01 (One) no. of Civil Work (Roads and Building) with their Estimated Cost (Work Value) Cost of Tender Paper, E.M.D. Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the Contract and other required necessary documents can be seen in the Government Website (i.e., **http://tendersodisha.gov.in.**).

| | | | |
|---|---|---|---|
| 1. | Name of the Work | : | Civil Works (Roads and Building) as mentioned in the website |
| 2. | No. of Works | : | 01 (One) No. |
| 3. | Estimated Costs | : | (As mentioned in the DTCN) |
| 4. | Period of Completion | : | As mentioned against the work in the NIT/DTCN. |
| 5. | Date & Time of availability of Bid documents on the Portal | : | From Dated 29.11.2022, 11.30 A.M. Hrs. to Dated 9.12.2022, 05.30 P.M. Hrs. |
| 6. | Last date & time for original documents submission on or before | : | Dated 12.12.2022, 05.30 PM Hrs. |
| 7. | Bids received online to be opened on | : | Dated 13.12.2022,11.30 A.M. Hrs. |
| 8. | Name and Address of the Officer Inviting the Bid | : | Executive Officer, Rayagada Municipality, Rayagada |

Further details can be seen from the Procurement Portal **http://tendersorissa.gov.in.**

**Sd./- Executive Officer, Rayagada Municipality**
OIPR-13150/11/0038/2223

---

## SAMBALPUR MUNICIPAL CORPORATION, SAMBALPUR

**Email id: sambalpurm.hud@nic.in**

**'e' Procurement NOTICE**

**Bid Identification No. 23/SMC_SBP/2022-23**

No. C-1671: The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantites and the set of terms and conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

| | | | |
|---|---|---|---|
| 1. | Number of Civil Works | : | 6 (Six) Numbers |
| 2. | Estimated Costs | : | 1.86 lakhs to 29.42 lakhs |
| 3. | Period of Completion | : | As per NIT |
| 4. | Date and time of availability of the bid documents in the portal | : | From 11.00 A.M. of 29.11.2022 to 05.00 P.M. of 14.12.2022 |
| 5. | Last date/time for receipt of bids in the portal | : | 05.00 P.M. of 14.12.2022 |
| 6. | Bids will be opened on | : | 11.00 A.M. of Dt.15.12.2022 |
| 7. | Name and address of the Officer Inviting Bid | : | Municipal Commissioner, Sambalpur Municipal Corporation, Sambalpur |

**Sd./- Commissioner**
**Sambalpur Municipal Corporation**
**OIPR-13122/11/0074/2223**

---

No. A-791

## GOVT. OF ODISHA
## OFFICE OF THE ADDITIONAL CHIEF ENGINEER CENTRAL IRRIGATION CIRCLE, BHUBANESWAR

**'e' Procurement Notice No. ACECIC - 02/2022-23**

Name of the Work :
I. Improvement to Kathajodi Sirua Devi Right Embankment from RD 0.100 Km to 0.700Km, RD 17.80Km to 19.70 Km & RD 27.00 Km to 31.00 Km.
II. Improvement to Canal Service Road on Right Bank of Puri Main Canal from RD 20.080 Km. to RD 24.300Km & from RD 26.180 Km to 29.00 Km.
III. Improvement to Canal Service Road on Right Bank of Sakhigopal Branch Canal from RD 2.40 Km to 10.065 Km.
IV. Improvement to Road on Sukal Distributary from RD 16.00 Km to 25.30 Km of Sakhigopal Branch Canal System.
V. Improvement to Raod on Left Bank of Kanas Branch Canal from RD 24.650Km. to 35.400Km from Village Kumundal to Katapada.

Amount put to tender : Varies from Rs.441.17 lakhs to 646.18 lakhs
Bid Document Cost : Rs.10,000.00 for each work (Online)
E.M.D. : Bid Security Declaration to be furnished as per Annexure-III of Section - 06 of Technical Bid document.
Class of Contractor : "A" & Special Class
Period of Completion : 6 Calendar Months
Other details are as follows:

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Additional Chief Engineer, Central Irrigation Circle, Bhubaneswar | ACECIC/PRD-01 to PRD-02 of 2022-23 & ACECIC/PID-01, PID-02 & PID-03 of 2022-23 | 02.12.2022 at 10.00 Hrs. | 16.12.2022 at 17.00 hrs. | 19.12.2022 11.00 hrs, |

e-mail ID: **secic_dowr@yahoo.com**
Further detail conditions can be seen from Govt. website **www.tenderodisha.gov.in.**

**Sd./- Additional Chief Engineer**
**OIPR-32160/11/0003/2223 Central Irrigation Circle, Bhubaneswar**

---

## SHORT TENDER CALL NOTICE

**Tender Notice No. 9561/Jls Date: 28.11.2022**

No. D-229: Sealed tenders in plain papers are invited from the intended firms/contractors/Co-operative Organisations registered under GST Act having PAN Card and up-to-date GST Clearance Certificate (September, 2022) with TIN/SRIN for supply of Feeding and Cooking Utensils for the year 2022-2023 as per the quantity given below. The rates should be quoted in Kg/piece inclusive of all taxes and free delivery at the Jail Gate in Circle Jail, Berhampur, Ganjam. The rates should be accompanied with samples to be certified by the Purchase Committee confirming the required specification. All the tenderers must be present either in person or through their authorised agents/representatives with samples on the day of opening of tender papers. The selected samples may be put to auction, if necessary. Every tenderer will be required to deposit along with his tender an earnest money @ 2.5% of the estimated value of the articles tendered for in shape of N.S.C./Postal Savings Pass Book account duly pledged in favour of the Senior Superintendent of Circle Jail, Berhampur. Successful tenderers or bidders will be required to enter into a stamped agreement with the Senior Superintendent, Circle Jail, Berhampur within seven days from the date of receipt of intimation by them that their rates have been accepted for the supply of the articles at th Jail Gate in such quantities and at such time as may be required. In addition, they should before entering such agreements, deposit security money @ 10% of the cost of supplies undertaken, in form of Postal Savings Bank Account or in shape of National Savings Certificate duly pledged to the undersigned. Failing compliance within the time specified the earnest money be confiscated. The earnest money deposited by the tenderers whose tenders have not been accepted will be reunded to them after the final acceptance of the tender by the Purchae Committee. The rate fixed by the purchase committee is final. The Chairman, Purchase Committee reserves the right in the public interest to reject any or all tenders without assigning any reason thereof. The sealed tenders quoting rates to be submitted directly to the Senior Superintendent, Circle Jail, Berhampur **on or before 5.00 P.M. of 23.12.2022.** Sealed tenders will be opened at **3.00 P.M. of 05.01.2023** or in consultation with the Chairman of the Purchase Committee.

**Sd./- Senior Superintendent**
**OIPR-12032/11/0001/2223 Circle Jail, Berhampur**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA

**(E-mail id: cceabp@gmail.com/loabpbbsr@gmail.com)**

No. A-787:- **E-procurement Notice No. CCEABP-08 of 2022-23**

| E-Procurement Officer | Name of the work | Bid Id No. | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender online for bidding | | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A.B. Project, Salapada | Excavation and Cement Concrete Lining of Baitarani Right Bank Canal (BRBC) from RD 3400 m to RD 6810 m including construction of structures and service road. | ABP-ACD-01/8 of 2022-23 | 2111.00 | Bid Security Declaration | 10,000/- | Spl. & Super Class | 12 calendar months | 01.12.22 11.30 AM | 22.12.22 5.00 PM | 23.12.22 11.30 AM |

**Further details can be seen from the Govt. website www.tendersorissa.gov.in/www.dowrodisha.gov.in.**
**Addendum/corrigendum/cancelletion if any required will be published in Govt. website only.**
**OIPR-32068/11/0013/2223 Sd./- Chief Construction Engineer, Anandapur Barrage Project, Salapada**

---

## ଓଡ଼ିଶା ସରକାର
## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର

**E-mail: serwcirclesbp@yahoo.com**

**No. 2568/RWCSBP Dated: 28.11.2022**

**1st Corrigendum to this Office Bid ID No. Road Tender Online RWCSBP - 21/2022-23**

No. O-1344: Following modification is here by made to the e-procurement notice invited vide this office letter No. 2457 Dt.09.11.2022 for Bid ID No. Road Tender Online RWCSBP-21/2022-23.

| Sl. No. as per Notice | Name of Work | Item at Sl. No. 13 | | | |
|---|---|---|---|---|---|
| 1 | 2 | 3 | | 4 | |
| | | As per BOQ | | May be read as | |
| 1 | Construction & maintenance of Sodo to Tulubdihi Road via Patrajhari, Beluam Road in the district of Deogarh under Transferred Road Improvement Programme (TRIP) for the year 2022-23 | Qty. (Cum) 315.40 | Rate (Rs.) 342.12 | Qty. (Cum) 342.12 | Rate (Rs.) 376.30 |

Rest of the terms and conditions remain unchanged.
**OIPR-25091/11/0031/2223 Sd./- Chief Construction Engineer, Rural Works Circle, Sambalpur**

---

## OFFICE OF THE DIVISIONAL FOREST OFFICER, PHULBANI FOREST DIVISION

**Phone – 06842-253617(Off), 06842-253707(Res), 06842-255266(FAX), Cell-9437065299**
**Email:dfo_phulbani@yahoo.co.in**

**Short Tender Call Notice**

No.MM-306 **Bid Identification No. 5272 /DFO/PLB/CAMPA-2022-23 , Date 28.11.2022**

e-PROCUREMENT DETAILS

| Procurement Officer | Bid Identification No | No. of works | Availability of bid document in portal | Last date for submission of Bid | Date & Time of opening of Bid | Place of opening of Bid |
|---|---|---|---|---|---|---|
| Divisional Forest Officer, Phulbani Division | 5272/DFO/ PLB/ CAMPA-2022-23, Date 08.11.2022 | 08 | From 10.30 AM of 30.11.2022 to 17.30 PM of 07.12.2022 | 07.12.2022 | 08.12.2022 at 11 AM | O/o- DFO, Phulbani Forest Division |

1. Details of bid documents can be seen in the e-procurement portal https://www.tendersodisha.gov.in / www.odishaforest.in and www.kandhamal.nic.in
2. Concession of 10% to SC/ST contractors over General category contractors upto B Class only shall be allowed on production of Affidavit.

OIPR-08098/11/0002/2223 **Sd./- Divsional Forest Officer, Phulbani Forest Division**

---

## RURAL DEVELOPMENT DEPARTMENT
## OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA

**TENDER CALL NOTICE No. 02 of 2022-23 FOR DISPOSAL OF OLD CONDEMNED/ UNSERVICEABLE VEHICLES UNDER RURAL WORKS DIVISION, JHARSUGUDA**

No. O-1345: Sealed tendes in conformity with Detailed Tender Call Notice are invited from intending Firms/ Bidders for sale of Old/Condemned/Unserviceable vehicles as detailed below on "as is where is basis". The tender schedule containing details of the Old/Condemned/Unserviceable vehicles can be obtained from Office of the **Superintending Engineer, Rural Works Division, Jharsuguda from Dt. 02.12.2022 to 21.12.2022** during the office hours on payment of cost of tender paper for each vehicle which is not refundable. The tender documents will be dropped in the tender box kept in the Office of the **Superintending Engineer, Rural Works Division, Jharsuguda upto 22.12.2022 till 05.00 P.M. & will be opened in the Office of the Superintending Engineer, Rural Works Division, Jharsuguda by the undersigned on 23.12.2022 at 11.00 A.M.** in presence of the tenderer of their authorized representative if any. After purchase of the tender documents the Old/Condemned/Unserviceable vehicles can be inspected at the Office of the Superintending Engineer, Rural Works Division, Jharsuguda mentioned below during office hours from 11.00 A.M. to 5.00 P.M. Before submission of the tenders. The tender must accompany with EMD @ **5% of the upset price in shape of POST OFFICE TIME DEPOSIT PASS BOOK/POSTAL SAVING PASS BOOK/TDR duly pledged in favour of the Superintending Engineer, Rural Works Division, Jharsuguda payable at Jharsuguda** failing which the tender will be rejected. **GSTIN Certificate & PAN** are requied to be attached to the tender failing which the tender will be liable for rejection.

The authority reserves the right to accept or reject any or all the tenders without assigning any reason thereof.

| Sl. No. | Name of Old/ Condemned/ Unserviceable Vehicles | Quantity | Upset Price Fixed | Cost of Tender Paper | Place at which the Old/Condemned/ Unserviceable vehicles are available for inspection |
|---|---|---|---|---|---|
| 1 | SC-94031418 (PRR) | 1 | Rs.1,00,000.00 | 600/- | Premises of R.W. Division, Jharsuguda |
| 2 | BM-24913 (PRR) | 1 | Rs.1,00,000.00 | 600/- | Premises of R.W. Sub-Division, Laikera |

**Sd./- Superintending Engineer**
**OIPR-25104/11/0014/2223 Rural Works Division, Jharsuguda**

---

No. O-1346

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR

**No.4756 / Date: 28.11.2022**

**"e" PROCUREMENT NOTICE FOR BUILDING WORK**

| | | | |
|---|---|---|---|
| 1. | Name of the Work | : | Building Work |
| 2. | Total No. of Packages | : | 01 No. of Building Work |
| 3. | Approximate Estimated Cost of the Package | : | Rs.434.22 lakhs |
| 4. | Class of Contractors | : | |
| | a) Estimated cost more than Rs.1.00 Crores upto Rs.20.00 Crore | : | **A Class** (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.30 of 2022 | 08.12.22 at 11.00 A.M. | 26.12.22 upto 5.00 P.M. | 27.12.22 upto 11.00 A.M. | To be intimated later on |

Further details can be seen from the website: **www.tendersodisha.gov.in**.

**Sd./- Chief Construction Engineer,**
**OIPR-25082/11/0028/2223 Central Rural Works Circle, Bhubaneswar**

---

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER NUAPADA IRRIGATION DIVISION, NUAPADA - 766105

**E-Mail ID: ee.npd.irr@gmail.com**

No. A-790

**NOTICE INVITING TENDER**
**e-Procurement Notice No. SENID - 03/2022-23**
**PERCENTAGE RATE e-TENDER**

1. The Superintending Engineer, Nuapada Irrigation Division, Nuapada, Odisha, PIN - 766105 on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.

**Table - 1: Details of critical dates, Works & Bid Security**

| Sl. No. | Bid ID No. | Name of Work | Approx. value of work (Rs. in Lakhs), (Excluding GST) | Period of Completion | Class of Contractor | Bid Security/ EMD (in Rs.) | Cost of Bid Document (in Rs.) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | SENID 74/2022-23 | Improvement to Approach road from Patora Gate to Jogeswar temple and Patora Chak to Irrigation IB at Patora of Upper Jonk Irrigation Project for the year 2022-23 | Rs.60.71 (Excluding GST) | 02 (Two) Calendar Months | 'B' Class Only | Bid Security Declaration is to be furnished | 10000/- |

**(One No. of Work Only)**

| | |
|---|---|
| Tender documents available on website | Can be downloaded from website **(http://www.tendersodisha.gov.in)** |
| Bid documents available Date and Time | 03.12.2022 at 10.00 hrs. to 17.12.2022 at 17.30 hrs. |
| Bid clarification start date & closing date | 03.12.2022 to 16.12.2022 during office hours |
| Online Bid submission closing date and time | 17.12.2022 at 17.30 hrs. |
| Date, Time and Venue of Opening of Bid Online | 19.12.2022 at 11.00 hrs. Office of the Superintending Engineer, Nuapada Irrigation Division, Nuapada, Odisha, PIN - 766105 |
| Date/time of Opening of Financial Bid | To be intimated after evaluation of Technical Bid |
| If situation arises the Tender will be decided through Lottery System | To be intimated after opening of Financial Bid |

Further details can be seen from Govt. website. Any addendum/corrigendum/cancellation to the above notice will be published in the Govt. website: **www.tendersodisha.gov.in** only.

**OIPR-32026/11/0005/2223 Sd./- Superintending Engineer, Nuapada Irrigation Division, Nuapada**

---

## NOTICE

No. C-1664: The following contractor, who were registered as "C" Class Contractors under S.E.P.H. Circle, Bhubaneswar. (Now Addl. Cheif Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regn. No. & Class | This Office Order No. & Date |
|---|---|---|---|
| 1) | Sri Tapan Kumar Mallick S/o. Gangadhara Mallick At/P.O.: Kubera, Itagadi P.S.: Tihidi, Dist.: Bhadrak PIN - 756163 | CDMS Regd. No. 669SK938 'C' Class (Valid upto 31.03.2023) | S.E.P.H. Circle, BBSR Dt.30.09.2020 |
| 2) | M/S OMM NAMAH SIVAY CONSTRUCTION Prop.: Sri Rajit Patra S/o. Giridhari Patra At/P.O.: Sanamulai, P.S.: Gobindpur Dist.: Cuttack | Regd. No. 1234 of 2012-13 'C' Class | S.E.P.H. Circle, BBSR No.1700 Dt.21.04.2012 |
| 3) | Smt. Pravati Behura W/o. Sri Manmath Kumar Behura At: Plot No. 04, Surya, Unit - 07 P.O.: Bhubaneswar, Dist.: Khordha | Regd. No. 1293 of 2013-14 'D' Class | S.E.P.H. Circle, BBSR No. 539 Dt.05.02.2014 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.

In case no report from any office/Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released/refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd./- Additional Chief Engineer**
**OIPR-13047/11/0019/2223 P.H. Circle, Bhubaneswar**

---

See Career Appointment on every Wednesday & Saturday

# ୩ ଛାତ୍ରଙ୍କୁ ବହିଷ୍କାର, ୪ ଜଣଙ୍କୁ ଜରିମାନା

ସମ୍ବଲପୁର,୨୯।୧୧(ବ୍ୟୁରୋ)

ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଗତ ୨୩ ତାରିଖରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅନୁଭବ କୁମାର ଖମାରୀଙ୍କୁ ରାଗିଂ ହୋଇଥିଲା। ଏହି ଘଟଣାରେ ୩ ଜଣ ଶେଷବର୍ଷ ଛାତ୍ରଙ୍କୁ କଲେଜ ଓ ହଷ୍ଟେଲରୁ ୧ବର୍ଷ ପାଇଁ ବହିଷ୍କାର କରାଯାଇଛି। ୧ ଜାନୁୟାରୀ ୨୦୨୩ଠାରୁ ଏହା କାର୍ଯ୍ୟକାରୀ କରାଯାଇଛି। ସେମାନେ ହେଲେ ମାନସ ଟୁଡୁ, ପ୍ରୀତିଶ୍ ଏସ୍‌ଆର୍ ପଣ୍ଡା ଓ ଶାନ୍ତି ସ୍ୱରାଜ ରାଉତ। ସେହିପରି ଦ୍ୱିତୀୟବର୍ଷ ଛାତ୍ର ପି. ଅରବିନ୍ଦ ସେନାପତି, ଅଙ୍କିତ ମହାକୁଡ଼, ବିଆର୍ ସ୍ୱାଧୀନ, ବିଶ୍ୱଜିତ ପଟେଲଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଡିସେମ୍ବର ୧୫ ସୁଦ୍ଧା ଏହି ଟଙ୍କା ଜମା କରିବାକୁ ସେମାନଙ୍କୁ ତାଗିଦା କରାଯାଇଛି। ଛାତ୍ରମାନଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଭିଭାବକଙ୍କୁ ସୂଚନା ଦିଆଯାଇଛି।

**ଭିସୁଟ୍‌ରେ ଛାତ୍ରଙ୍କୁ ରାଗିଂ ଘଟଣା**

# ୬ ଜଣଙ୍କୁ ଆଜୀବନ କାରାଦଣ୍ଡ

ବୌଦ୍ଧ,୨୯।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଏକ ଡବଲ ମର୍ଡର ମାମଲାର ବିଚାର କରି ୬ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହତପୁର ଗ୍ରାମର ହରିତ କର୍ଣ୍ଣ ୨୦।୪।୨୦୧୫ରେ ଏକ ବାଇକ୍‌ରେ କେଉଁଆଡେ ଯାଇ ଫେରି ନ ଥିଲେ। ସେହି ମାସ ୨୨ ତାରିଖରେ ସେ ନିଖୋଜ ଥିବା ନେଇ ତାଙ୍କ ଭାଇ ଅମିର କର୍ଣ୍ଣ ମନମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ୨୬ ତାରିଖରେ ଅମିର ଜାଣିବାକୁ ପାଇଥିଲେ ଯେ, ହରିତ ପାଇକବାହାଲ ଗ୍ରାମର ସୁରଥ ନାୟକଙ୍କ ସମେତ କେତେଜଣ ସାଙ୍ଗଙ୍କ ସହ ମିଶି ୪ଟି ବାଇକ୍‌ରେ ଅନ୍ୟ ଜଣେ ସାଙ୍ଗର ବାହାଘର ଭୋଜି ପାଇଁ ଛେଳି କିଣିବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଘରକୁ ଫେରିବା ସମୟରେ ହରିତ ଓ ସୁରଥ ଗୋଟିଏ ବାଇକ୍‌ରେ ବସିଥିଲେ। ଏହି ସମୟରେ ସସକାପଦର ଗ୍ରାମ ମୁଣ୍ଡ ନାଳ ପାଖରେ ଗ୍ରାମର ଚିତ୍ତରଞ୍ଜନ କହଁର, ଦଶରଥ କହଁର, ବିଘ୍ନେଶ୍ୱର କହଁର,ବିଜୁ କହଁର, ଲିବେଶ୍ୱର କହଁର,ବାରକୁଡୁଲି ଗ୍ରାମର ଅକୁର କହଁର ପାଖ ଗାଁର ଦଶ ବାର ଜଣ ଲୋକଙ୍କୁ ଡାକି ଠେଙ୍ଗା ଓ ବାଡିରେ ହରିତ ଓ ସୁରଥଙ୍କୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହରିତ ଓ ସୁରଥଙ୍କର ମୃତ୍ୟୁ ଘଟିଥିଲା। ଭୟରେ ଉଭୟଙ୍କ ଅନ୍ୟ ଛଅ ଜଣ ସାଙ୍ଗ ବାଇକ୍ ଛାଡି ସେଠାରୁ ଦୌଡି ପଳାଇ ଯାଇଥିଲେ। ଅପରପକ୍ଷରେ ଆକ୍ରମଣକାରୀମାନେ ଦୁଇ ମୃତଦେହକୁ କାକଟପଙ୍ଗା ଜଙ୍ଗଲର ଜୁନାଡିହି ଠାରେ ପୋଡି ଦେବା ସହ ସାଙ୍ଗମାନେ ଛାଡି ପଳାଇଥିବା ବାଇକ୍‌ଗୁଡିକ ବାଘନଦୀର ପଦ୍ମଦୋରରେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ପୋଲିସ ନଂ ୬୧/୧୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

**ସସକାପଦର ଡବଲ ମର୍ଡର ମାମଲା**

# ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଚାଲିବ

ସମ୍ବଲପୁର,୨୯।୧୧(ବ୍ୟୁରୋ)

ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପଶ୍ଚିମ ଓଡ଼ିଶାବାସୀଙ୍କ ମାନସମ୍ମାନ, ମର୍ଯ୍ୟାଦା, ଭାବାବେଗ ସହିତ ଯୋଡ଼ି ହୋଇ ରହିଛି। ପଶ୍ଚିମ ଓଡ଼ିଶାବାସୀ ଦୀର୍ଘବର୍ଷ ଧରି ଏହି ଆନ୍ଦୋଳନ କରିଆସୁଛନ୍ତି। ବିଭିନ୍ନ ଜିଲାରେ ସାମାଜିକ ସଂଗଠନଗୁଡିକ ଏହାର ନେତୃତ୍ୱ ନେଉଛନ୍ତି। ପୂର୍ବ ନିର୍ଦ୍ଧାରିତ ଏହି ଆନ୍ଦୋଳନ ଚାଲୁଛି ଓ ଆଗକୁ ଚାଲିବ। ଏଥିରେ କୌଣସି ଦ୍ୱିମତ ନାହିଁ ବୋଲି ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି। ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସାଧାରଣ ପରିଷଦ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଜନସାଧାରଣଙ୍କ ଆନ୍ଦୋଳନରେ ପରିଣତ ହୋଇଛି। ସୂଚନାଯୋଗ୍ୟ, ସୋମବାର ସୁପ୍ରିମକୋର୍ଟ ଆନ୍ଦୋଳନକାରୀଙ୍କ ଲାଇସେନ୍ସ ରଦ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ଜିଲା ଓକିଲ ସଂଘ ସଦସ୍ୟ ମଧ୍ୟ ନିଜ ପକ୍ଷ ରଖି ମଙ୍ଗଳବାର ଫେରିଛନ୍ତି। ଫେରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

# ମଜୁରି ନ ଦେବା ଦିନେଶଙ୍କ ପାଇଁ କାଳ ହେଲା

## ଇଟା ଫ୍ୟାକ୍ଟ୍ରି ମାଲିକ ହତ୍ୟା ଘଟଣାର ପର୍ଦ୍ଦାଫାଶ

ମହାକାଳପଡ଼ା,୨୯।୧୧ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସୀ ମୁଖ୍ୟ ରାସ୍ତାପାର୍ଶ୍ୱ ମା'ମନସା ଜ୍ୟୋତି ବୈଦ୍ୟ ଫ୍ଲାଏ ଆଶ୍ ଇଟା ଫ୍ୟାକ୍ଟ୍ରି ମାଲିକ ଦିନେଶ ବୈଦ (୩୪)ଙ୍କୁ ରବିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଫ୍ୟାକ୍ଟ୍ରିରେ କାମ କରୁଥିବା ଶ୍ରମିକ ତଥା ଭଦ୍ରକ ଜିଲା ପୀରହାଟ ଥାନା ତଳଦପା ଗାଁର ପରମାନନ୍ଦ ମଲ୍ଲିକ (୪୦)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଉକ୍ତ ଘଟଣା ପରଠୁ ପରମାନନ୍ଦ ଫେରାର ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ଏସ୍‌ପି ମଡକର ସନ୍ଦିତ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ପେଶାଲ୍ ସ୍କ୍ୱାଡ୍ ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ପରେଶ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ସେମାନେ ପରମାନନ୍ଦଙ୍କ ମୋବାଇଲକୁ ଟ୍ରାକିଂ କରି କେନ୍ଦ୍ରାପଡ଼ା ନିକଟ ଦୁହୁରିଆ ଛକରୁ ମଙ୍ଗଳବାର ସକାଳେ ଗିରଫ କରିଥିଲେ।

ମିଳିଥିବା ସୂଚନାନୁଯାୟୀ, ଦିନେଶ ଠିକ୍ ଭାବେ ମଜୁରୀ ଦେଉ ନ ଥିଲେ। ମଜୁରୀ ମାଗିଛି ସେ ପରମାନନ୍ଦଙ୍କୁ ପିଟୁଥିଲେ। ଘଟଣାଦିନ ରାତି ପରମାନନ୍ଦ ଓ କେତେଜଣ ଶ୍ରମିକ କୁକୁଡ଼ା ମାଂସ ଭୋଜି କରି ଖାଇଥିଲେ। ପରେ ମଜୁରୀ ମାଗିବାରୁ ଦିନେଶ ତାଙ୍କୁ ଦୁଇ ଚାପୁଡ଼ା ମାରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ପରମାନନ୍ଦ ପାହାଚରେ ବସିଥିବା ଦିନେଶଙ୍କ ମୁଣ୍ଡକୁ ଏକ ଶାବଳରେ ଜୋରରେ ପିଟି ଦେଇଥିଲେ। ଦିନେଶ ତଳେ ପଡି ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ପୁଣି ଥରେ ଶାବଳରେ ପିଟିଥିଲେ। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ଯୋଗୁ ଦିନେଶ ଚେତାଶୂନ୍ୟ ହୋଇ ପଡିଥିଲେ। ଘଟଣାସ୍ଥଳରେ ଦିନେଶଙ୍କ ମୃତ୍ୟୁ ଘଟିଥିଲା। ପରେ ପରମାନନ୍ଦ ଚମ୍ପଟ ମାରିଥିଲେ। ସେ ଏକ ଡାଲା ଅଟୋରେ କେନାଲ ବ୍ରିଜ ଦେଇ ବସ୍‌ରେ କଟକ ବାଦାମବାଡିରେ ପହଞ୍ଚିଥିଲେ। ପରେ ଘରକୁ ଯିବା ବାଟ ପାଇ ନ ଥିଲେ। ଶେଷରେ ସେ ଏକ ଅଟୋରିକ୍ସା ଭଡ଼ା କରି କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିଲେ। ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଅଟୋରିକ୍ସାକୁ ଦୁହୁରିଆ ଛକରେ ଅଟକାଇଥିଲା। ହେଲେ ପୋଲିସକୁ ଚାପୁଡ଼ା ମାରି ସେ ଚାଷ ଜମିରେ ଦୌଡ଼ି ଫେରାର ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ପରେ ପୋଲିସ ପରମାନନ୍ଦଙ୍କୁ ଘଟଣାସ୍ଥଳକୁ ଆଣି ସିନ୍ ରିକ୍ରିଏଟ୍ କରିଥିଲା। ଏହି ହତ୍ୟା ପଛରେ ପରମାନନ୍ଦ ଛଡ଼ା ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସର ସ୍ପେଶାଲ ସ୍କ୍ୱାଡ ଛାନ୍‌ଭିନ୍ କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ସହ ପୋଲିସ ପରମାନନ୍ଦଙ୍କ ମୋବାଇଲ, ମନିପର୍ସରୁ ୧୧୨ଟଙ୍କା ଜବତ କରିଛି।















































# ‘ଚନ୍ଦ୍ରମୁଖୀ ୨’ରେ କଙ୍ଗନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଆଉ ଏକ ହାଇବଜେଟ୍ ଫିଲ୍ମରେ କାମ କରିବାକୁ ଯାଉଛନ୍ତି। ନିକଟରେ ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ହରର୍, କମେଡି ଫିଲ୍ମ ‘ଚନ୍ଦ୍ରମୁଖୀ’ର ସିକ୍ୱେଲ୍ ‘ଚନ୍ଦ୍ରମୁଖୀ ୨’ର ନିର୍ମାଣ ନେଇ ଘୋଷଣା କରାଯାଇଛି। ଏଥିରେ ମୁଖ୍ୟ ଭୂମିକାରେ କଙ୍ଗନା ଅଭିନୟ କରିବେ,ଯେଉଁଥିରେ ମୁଖ୍ୟ ନାୟକ ଚରିତ୍ରରେ ରାଘବ ଲରେନ୍ସ ଦେଖାଯିବେ। ଫିଲ୍ମର ନିର୍ଦ୍ଦେଶନା ଭାର ପି. ବାସୁ ସମ୍ଭାଳିବାକୁ ଥିବାବେଳେ ତାମିଲ ହାସ୍ୟ ଅଭିନେତା ଭାଡିଭେଲୁ ମଧ୍ୟ ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିବେ। ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି କଙ୍ଗନା ଏହି ସୂଚନା ଦେଇଛନ୍ତି। ଆଉଥରେ ଏକ ମେଗା ତାମିଲ ଫିଲ୍ମରେ କାମ କରିବାର ସୁଯୋଗ। ବାସୁଜୀଙ୍କ ସହଆଉଥରେ କାମ କରିବା ନେଇ ଉତ୍ସାହିତ ଥିବା ପୋଷ୍ଟ ଜରିଆରେ ସେ କହିଛନ୍ତି। ୨୦୦୫ରେ ମୁକ୍ତିଲାଭ କରିଥିବା ଚନ୍ଦ୍ରମୁଖୀରେ ଜ୍ୟୋତିକା ଅଭିନୟ କରିଥିବାବେଳେ ସିକ୍ୱେଲ୍‌ରେ କିନ୍ତୁ କଙ୍ଗନା ଅଭିନୟ କରିବେ।

# ହାଇଡ୍ରୋଜେନ୍‌ରେ ଚାଲିବ ବିମାନ

## ବିଶ୍ୱରେ ପ୍ରଥମ

**ଲଣ୍ଡନ:** ଗାଡି, ମୋଟରରେ ବ୍ୟବହୃତ ଇନ୍ଧନ ବାୟୁପ୍ରଦୂଷଣ ପାଇଁ ଦାୟୀ। ଇନ୍ଧନରୁ ବାହାରୁ ଥିବା ବିଷାକ୍ତ ଗ୍ୟାସ୍ କାରଣରୁ ଏୟାର ପଲ୍ୟୁଶନ୍‌ର ମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ପ୍ରଦୂଷଣ ପାଇଁ ଏୟାରକ୍ରାଫ୍ଟ ବା ବିମାନରେ ବ୍ୟବହାର ହେଉଥିବା ଇନ୍ଧନର ମଧ୍ୟ ସମାନ ସମ୍ପୃକ୍ତି ରହିଛି। ବ୍ରିଟେନ୍‌ର ଏୟାରଲାଇନ୍ସ ଇଜିଜେଟ୍ ଏବଂ ବିମାନ ଇଞ୍ଜିନ ନିର୍ମାଣକାରୀ କମ୍ପାନୀ ରୋଲ୍ସ-ରୋଏସି ମିଳିତ ଭାବେ ଏକ ଏୟାରକ୍ରାଫ୍ଟ ଇଞ୍ଜିନ୍‌ର ସଫଳ ପରୀକ୍ଷଣ କରିଛନ୍ତି। ଏହା ବିଶ୍ୱର ପ୍ରଥମ ଇଞ୍ଜିନ, ଯାହା ହାଇଡ୍ରୋଜେନ୍ ଦ୍ୱାରା ପରିଚାଳିତ।

କମ୍ପାନୀ ପକ୍ଷରୁ ତିଆରି କରାଯାଇଥିବା ଟର୍ବୋ ପ୍ରୋପ୍ ଫ୍ୟାନ୍ ଇଞ୍ଜିନର ପରୀକ୍ଷଣ ସ୍କଟ୍‌ଲାଣ୍ଡର ଓର୍କନୀ ଦ୍ୱୀପରେ ଚଳିତମାସରେ କରାଯାଇଛି। ଏ ପ୍ରକାର ଇଞ୍ଜିନ କ୍ଷୁଦ୍ର ବିମାନଗୁଡ଼ିକରେ ବ୍ୟବହାର କରାଯାଏ। ଏକ ଫୁଟ ସ୍କେଲ୍ ଗ୍ରାଉଣ୍ଡ ଟେଷ୍ଟ ପାଇଁ ରୋଲ୍ସ-



ରୋଏସି ଏକକାଳୀନ ୧୫ଟି ଜେଟ୍ ଇଞ୍ଜିନ ନିର୍ମାଣ କରିବାର ଯୋଜନା ରଖିଛି। ବ୍ଲୁ ହାଇଡ୍ରୋଜେନ୍ (ଗଛରୁ ନିର୍ମମନ ହେଉଥିବା ହାଇଡ୍ରୋଜେନ ଗ୍ୟାସ) ପରିଚାଳିତ ବିମାନ ଇଞ୍ଜିନ୍‌କୁ ବ୍ରିଟେନ୍‌ର ବ୍ୟାପାର ଓ ଶକ୍ତି ମନ୍ତ୍ରୀ ଗ୍ରାଣ୍ଟ ସାପ୍ସ ପ୍ରଶଂସା କରିଛନ୍ତି। ଇଞ୍ଜିନ ନିର୍ମାଣକାରୀ କମ୍ପାନୀ ଏବଂ ସରକାର ମିଳିତଭାବେ ଏ ଦିଗରେ କାର୍ଯ୍ୟ କରିବେ। ବାୟୁ ପ୍ରଦୂଷଣ ରୋକିବା ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପନ୍ଥା ବୋଲି ସେ କହିଛନ୍ତି।

# ଖପୁରିଠୁ ବଡ଼ ମସ୍ତିଷ୍କ

**ୱାଶିଂଟନ୍:** ଇଂଲଣ୍ଡର ମର୍ସିସାଇଡ୍‌ରୁ ଏକ ବିରଳ ଘଟଣା ସାମ୍ନାକୁ ଆସିଛି। ନୋସ୍ଲି ଗ୍ରାମରେ ସାମନ୍ଥା ଏମ୍‌ସିଙ୍ଗଙ୍କ ପୁଅ ଲେନୀଙ୍କ ମସ୍ତିଷ୍କ ଖପୁରିଠାରୁ ବଡ଼। ସ୍କୁଲରୁ ଫେରିବା ପରେ ୨ ବର୍ଷୀୟ ପୁଅ ଲେନୀ ଅଣ୍ଟା କାଟୁଥିବା କଥା କହିଥିଲେ।



ଡାକ୍ତରଖାନାରେ ଏମ୍‌ଆର୍‌ଆଇ ପରୀକ୍ଷା ପରେ ଲେନୀଙ୍କ ଖପୁରି ତୁଳନାରେ ତାଙ୍କ ମସ୍ତିଷ୍କ ବଡ଼ ଜଣାପଡ଼ିଥିଲା। ମସ୍ତିଷ୍କରୁ ସ୍ପାଇନାଲ କର୍ଡକୁ ହରମୋନ ଯିବାରେ ଅସୁବିଧା ହେବା କାରଣରୁ ଏହି ବ୍ୟତିକ୍ରମ ଦେଖିବାକୁ ମିଳିଛି। ହର୍‌ମୋନ୍ ଠିକ୍ ଭାବେ ଶରୀରର ବିଭିନ୍ନ ଅଙ୍ଗକୁ ଯାଇପାରୁ ନ ଥିବା ଯୋଗୁ ଅଣ୍ଟା ବିନ୍ଧାଭଳି ଅସୁବିଧା ଦେଖାଯାଉଥିଲା। ସ୍ପାଇନାଲ କର୍ଡରୁ ଏକ ଛୋଟ ଅସ୍ଥିକୁ କାଢ଼ିଲେ ସେ ସୁସ୍ଥ ହେବେ ବୋଲି ଡାକ୍ତର କହିଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋରଧା
ବିଦ୍ୟାଳୟର ଗର୍ବ ଓ ଗୌରବ
ଚଳିତ ବର୍ଷ (୨୦୨୨) ଦଶମ ପରୀକ୍ଷାରେ A1 ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର/ଛାତ୍ରୀ
ABHILIPSA SWAIN 574, OM PRAKASH BEHERA 574, SAMBIT KUMAR BALABANTRAY 570, SANGHARSA BEHERA 570, ANKITA PRIYADARSHINI 570, OM PRASAD SUTAR, ASHUTOSH BEHERA, PRIYADARSHINI DASH, ABHIJIT SARKAR 563, SUBHRASMITA SAMANTARAY 561
ASHISH CHINARA 558, JYOTIRMAYEE SAHOO, MANASWINI CHHUALSINGH, ASHIRBAD MANGARAJ, SIBANI PRADHAN, KRISHNANGI SAMANTARAY, ARIJIT MISHRA, N. AYUSH SENAPATI, SIMRAN MOHANTY 546
SANJEEB KUMAR SAHOO, RASHMI RANJAN MOHAPATRA, SURYAJEET MOHAPATRA, SAITOSH KAR, MRUTYUNJAYA SRICHANDAN, SIDHARTHA CHAMPTI
SAUBHAGYA KUMAR DAS, MITHUN BEHERA, ANUSAYA CHAMPATI 544, MAHAVIR SWAIN 543, SHUNYASAKTA BHUJABAL 561, SMRUTI RANJAN BEHERA 553, PRIYANSHU SHARIMALLA, SHRUTIRANJAN SAHOO 541, B. DEEPIKA NAIDU 541
100% SUCCESS
ଶିଶୁ ପ୍ରାରମ୍ଭ (୩+) ଓ ଶିଶୁ ବୋଧ (୪+) ଶ୍ରେଣୀ ପାଇଁ ଶିଶୁ ମାନଙ୍କ ପ୍ରବେଶ ନିମନ୍ତେ ୧୫ ଡିସେମ୍ବର ୨୦୨୨ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଉଅଛି।

ଅଭିନନ୍ଦନ
୪୯ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ‘ଧରିତ୍ରୀ’ର ଶୁଭକାମନା କରୁଛି। ନିରପେକ୍ଷ, ନିର୍ଭୀକ ଏବଂ ବାସ୍ତବ ଖବର କ୍ଷେତ୍ରରେ ଅନନ୍ୟ ‘ଧରିତ୍ରୀ’ ଜଟଣୀ ଓ ଖୋରଧା ଅଂଚଳର ସମସ୍ତ ପାଠକପାଠିକା ଏବଂ ବୀମାଧାରକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ବିକ୍ରମ କୁମାର ମହାପାତ୍ର
ଲିଆଫି ସେକ୍ରେଟାରୀ,ଏଲ୍‌ଆଇସି ଅଫ୍ ଇଣ୍ଡିଆ, ଖୋରଧା, କୁଦିଆରୀ, ଜଟଣୀ

ଅଭିନନ୍ଦନ
ନିଃସ୍ୱାର୍ଥପର ସେବାର ପ୍ରତୀକ। ଦିନ, ଦୁଃଖୀଙ୍କର ସ୍ୱର।
ଓଡ଼ିଶା ଏବଂ ଓଡ଼ିଆଙ୍କ ସ୍ୱାଭିମାନ ‘ଧରିତ୍ରୀ’ ଖବର କାଗଜର ୪୯ତମ ସ୍ୱନକ୍ଷତ୍ର ଶୁଭ ଅବସରରେ ତାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ସୁନୀଲ କୁମାର ରାଉତରାୟ
ପୂର୍ବତନ ସରପଞ୍ଚ
କୁଶମାଟି-ଛଣଘର ଗ୍ରାମ ପଞ୍ଚାୟତ

ଅଭିନନ୍ଦନ
ନିରପେକ୍ଷ, ଅପ୍ରତିଦ୍ୱନ୍ଦ୍ୱୀ ଦୈନିକ ଖବର କାଗଜ ‘ଧରିତ୍ରୀ’ର ୪୯ତମ ଜୟନ୍ତୀ ଅବସରରେ ଜଟଣୀ ତଥା ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ‘ଧରିତ୍ରୀ’ ଏମିତି ଆଗକୁ ଅଗ୍ରସର ହେଉଥାଉ ଜଗନ୍ନାଥ ନିକଟରେ ପ୍ରାର୍ଥନା।
ମାନଗୋବିନ୍ଦ ସାହୁ
କ୍ଲଷ୍ଟର ସଂଯୋଜକ,
ହାଟବଜାର କ୍ଲଷ୍ଟର, ଜଟଣୀ, ଖୋର୍ଦ୍ଧା

ଦୈନିକ ଖବର କାଗଜ “ଧରିତ୍ରୀ”ର ୪୯ ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ଅଗଣିତ ପାଠକ ପାଠିକା ଓ ଖୋରଧା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଶ୍ରୀଯୁକ୍ତ ଜ୍ୟୋତିରିନ୍ଦ୍ର ନାଥ ମିତ୍ର
ବିଧାୟକ, ଖୋରଧା

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍, ପୁରୀ ପରିବାର ତରଫରୁ ଧରିତ୍ରୀ ର ୪୯ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ଧରିତ୍ରୀ ର ଉତ୍ତରୋତ୍ତର ମଙ୍ଗଳ କାମନା କରୁଅଛୁ।
With Best Compliments from :
College of Pharmaceutical Sciences, Puri
Puri-Konark Marine Drive Road, Baliguali, Puri-752004

ଦୈନିକ ଖବର କାଗଜ “ଧରିତ୍ରୀ”ର ୪୯ ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ଅଗଣିତ ପାଠକ ପାଠିକା ଓ ଖୋରଧାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ADVOCATE
ଶ୍ରୀଯୁକ୍ତ ଅଜିତ ପଟ୍ଟନାୟକ
ବରିଷ୍ଠ ଆଇନଜିବୀ,ତଥା
ପୂର୍ବତନ ବାର ସଭାପତି, ଖୋରଧା

ACHIEVE YOUR MISSION WITH
NAIDU HIGHER SECONDARY SCHOOL
NHSS FORUM FOR IIT-JEE
NAIDU HIGHER SECONDARY SCHOOL
(Explore an IITian within you)
Brahmapura, Near Khordha, S.P. Office, Khordha
www.sciencecollege.com | Mob : 8249139091

ବିଜୁ ଜନତା ଦଳ
ଦୈନିକ ଖବର କାଗଜ “ଧରିତ୍ରୀ”ର ୪୯ ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ଅଗଣିତ ପାଠକ ପାଠିକା ଓ ରାଜ୍ୟ ଓ ଖୋରଧାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ବାସନ୍ତୀ ମହାପାତ୍ର
ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା (ଖୋରଧା) ତଥା
ରାଜ୍ୟ ଉପସଭାପତି ବିଜୁ ମହିଳା ଜନତା ଦଳ

BAIBHABI Kala Kendra
We Proved
Classical (Odishi) & Semi Classical
Rojalin Panda
Odishi Dancer & choreographer
Gopinathpur, nuasahi,Atharanala puri-2
Mob no-8093189220,9337521937
E.mail-rojalinpanda64@gmail.com

ଦୈନିକ ଖବର କାଗଜ “ଧରିତ୍ରୀ”ର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ଅଗଣିତ ପାଠକ ପାଠିକା ଓ ରାଜ୍ୟ ଓ ଖୋରଧାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଅବ୍ୟକ୍ତ ହରିହର ଖାଡ଼ଙ୍ଗା
ରାଜ୍ୟ ସାଧାରଣ ସମ୍ପାଦକ
ବିଜୁ ଯୁବ ଜନତା ଦଳ
ସତ୍ୟ ପ୍ରକାଶ ସାହୁ
ରାଜ୍ୟ ସାଧାରଣ ସମ୍ପାଦକ
ବିଜୁ ଛାତ୍ର ଜନତା ଦଳ

ଦୈନିକ ଖବର କାଗଜ “ଧରିତ୍ରୀ”ର ୪୯ ତମ ସ୍ୱନକ୍ଷତ୍ର ଅବସରରେ ଅଗଣିତ ପାଠକ ପାଠିକା, ବେଗୁନିଆ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଓ ଖୋରଧା ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁ
ବିଧାୟକ ବେଗୁନିଆ ତଥା
ଖୋରଧା ଜିଲ୍ଲା ଯୋଜନା କମିଟି ସଭାପତି
ଶ୍ରୀମତୀ ସଂଯୁକ୍ତା ସାହୁ
ପୂର୍ବତନ ପୌରାଧକ୍ଷା
ଖୋରଧା ପୌରପରିଷଦ, ଖୋରଧା

NON-VEG ODISHA
ମଟନ, ଚିକେନ୍ ଓ ମାଛର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ
ନୂଆବସଷ୍ଟାଣ୍ଡ, ପଛପଟ, ଖୋରଧା
୧. ଏଠାରେ ସମସ୍ତ ପ୍ରକାର ଆମିଷ ତଥା ୧୦ ପ୍ରଜାତିର କୁକୁଡ଼ା ମାଂସ, ମାଛ, ଜୀବନ୍ତ ଚିଲିକା ଚିଙ୍ଗୁଡ଼ି, କଙ୍କଡ଼ା ବଜାର ମୂଲ୍ୟ ଠାରୁ କମରେ ମିଳେ।
୨. ସୁଲଭ ମୂଲ୍ୟରେ ଚାଇନ ତନ୍ଦୁର, ବିରାୟାନି, ଇଣ୍ଡିଆନ୍ ଖାଦ୍ୟ ପରସା ହୁଏ। ଏହା ସହ ଯଦି କୌଣସି ବ୍ୟକ୍ତି ଘର ବସି ଖାଦ୍ୟ ପାଇବାକୁ ଆଗ୍ରହୀ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ।
NON VEG-
1. Chicken Lajawab, 2. Chicken Boti Kassa, 3. Chicken Murg Masala, 4. Chicken Sathe, 5. Yoga Chicken, 6. Mutton Rogon Josh, 7. Chicken Biriyani, 8. Fish Kaliya
VEG :
1. Paneer Lajawab,
2. Paneer Sathe
EX-MILITARY KITCHEN INDIAN CHINESE TANDOOR
ନୂଆବସଷ୍ଟାଣ୍ଡ,ଖୋରଧା
ଯୋଗାଯୋଗ - ୭୯୭୮୯୨୮୨୪୪, ୮୮୪୭୮୬୬୨୯୭

# ଆଗେଇଲେ ଇଂଲଣ୍ଡ, ଆମେରିକା

**ଦୋହା, ୨୯।୧୧**

ଇଂଲଣ୍ଡ ଓ ଆମେରିକା ଚଳିତ ଫିଫା ବିଶ୍ୱକପର ରାଉଣ୍ଡ ଅଫ୍-୧୬ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ 'ବି' ମ୍ୟାଚରେ ୱେଲ୍ସକୁ ଇଂଲଣ୍ଡ ଏବଂ ଇରାନକୁ ଆମେରିକା ପରାସ୍ତ କରିଛି। ଏଥିସହ ଦୁଇଟି ଯାକ ଦଳ ଅପରାଜେୟ ରହି ନକ୍‌ଆଉଟରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୱେଲ୍ସ ଓ ଇରାନର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଛି। ଇରାନ ୩ ଓ ୱେଲ୍ସ ୧ ପଏଣ୍ଟ ପାଇ ବିଦାୟ ନେଇଛି।

## ରଶ୍‌ଫୋର୍ଡଙ୍କ ଡବଲ ଗୋଲ

ଅଲ ଥୁମାମା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚର ପ୍ରଥମାର୍ଦ୍ଧରେ ଇଂଲଣ୍ଡକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ୱେଲ୍ସ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଟ୍ରିପଲ ଗୋଲ ବଳରେ ଇଂଲଣ୍ଡ ଆଗକୁ ବଢ଼ିଥିଲା। ୫୦ତମ ମିନିଟରେ ମାର୍କୁସ ରଶଫୋର୍ଡ ଗୋଟିଏ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ଏହାର ୧ ମିନିଟ ପରେ ଫିଲ୍ ଫୋଡେନ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୱେଲ୍ସ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୬୮ତମ ମିନିଟରେ ରଶ୍‌ଫୋର୍ଡ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଇଂଲଣ୍ଡ ପକ୍ଷରୁ ତୃତୀୟ ଗୋଲ ଦେଇ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଖେଳର ସବୁ ବିଭାଗରେ ୱେଲ୍ସ ଉପରେ ଭାରି ପଡ଼ିଥିଲା ଇଂଲଣ୍ଡ। ଦ୍ୱିତୀୟାର୍ଦ୍ଧରେ ଚାପର ବଶବର୍ତ୍ତୀ ହୋଇ ୱେଲ୍ସ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲା। ଇଂଲଣ୍ଡ ୧୯୬୬ରେ ଥରେ ଚାମ୍ପିୟନ ହୋଇଥିଲା । ଏହା ବ୍ୟତୀତ ୨ଥର ୧୯୯୦ ଓ ୨୦୧୮ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ୧୯୫୪, ୧୯୬୨, ୧୯୭୦, ୧୯୮୬, ୨୦୦୨ ଓ ୨୦୦୬ରେ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଗତ ସଂସ୍କରଣର ସେମିଫାଇନାଲରୁ କ୍ରୋଏସିଆ ନିକଟରୁ ଅତିରିକ୍ତ ସମୟରେ ହାରି ଯିବାପରେ ବ୍ରୋଞ୍ଜ ପଦକ ମୁକାବିଲାରେ ମଧ୍ୟ ବେଲଜିୟମଠାରୁ ହାର ମାନିଥିଲା। ଚଳିତ ବିଶ୍ୱକପରେ ଇଂଲଣ୍ଡ ୬-୨ ଗୋଲରେ ଇରାନକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଆମେରିକା ବିପକ୍ଷ ମ୍ୟାଚକୁ ଡ୍ର ରଖି ତୃତୀୟ ମ୍ୟାଚ ଖେଳିଥିଲା।

## ଆମେରିକା ବିଜୟରେ ପୁଲିସିକ ହିରୋ

ଅଲ ରାୟାନ୍ ଷ୍ଟାଡିୟମରେ ଇରାନ ଭଲ ଖେଳିଥିଲେ ହେଁ ଆମେରିକାକୁ ଭାଗ୍ୟ ସାଥ୍ ଦେଇଥିଲା। ୩୮ତମ ମିନିଟରେ ଆମେରିକା ପକ୍ଷରୁ ଗୋଲ ଦେଇଥିଲେ ଖ୍ରିଷ୍ଟିଆନ ପୁଲିସିକ। ଆମେରିକାର ବିଶ୍ୱକପ ରେକର୍ଡ ସେତେ ଭଲ ନାହିଁ। ଦଳ ପ୍ରଥମ ସଂସ୍କରଣରେ ସେମିଫାଇନାଲ ଖେଳିଥିଲେ ହେଁ ପରେ ଆଉ କେବେ ସେ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ୨୦୦୨ରେ ଦଳ କ୍ୱାର୍ଟର ଫାଇନାଲ ଖେଳିଥିଲା। ୧୯୩୪, ୧୯୯୪, ୨୦୧୦ ଓ ୨୦୧୪ରେ ଆମେରିକା ରାଉଣ୍ଡ ଅଫ୍-୧୬ରୁ ବିଦାୟ ନେଇଥିଲା। ଏଥର ଆମେରିକା ଏହାର ପ୍ରଥମ ମ୍ୟାଚକୁ ୱେଲ୍ସ ସହ ୧-୧ ଗୋଲରେ ଡ୍ର ରଖିଥିଲା। ପରେ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ମଧ୍ୟ ଗୋଲଶୂନ୍ୟ ରଖି ପଏଣ୍ଟ ଭାଗ କରିଥିଲା।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ପଏଣ୍ଟ |
|---|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | | |
| ନେଦରଲାଣ୍ଡ୍ସ | ୩ | ୨ | ୧ | ୦ | ୫ | ୧ | ୭ |
| ସେନେଗାଲ | ୩ | ୨ | ୦ | ୧ | ୫ | ୪ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୪ | ୩ | ୪ |
| କାତାର | ୩ | ୦ | ୦ | ୩ | ୧ | ୭ | ୦ |
| **ଗ୍ରୁପ୍ 'ବି'** | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୨ | ୭ |
| ଆମେରିକା | ୩ | ୧ | ୨ | ୦ | ୨ | ୧ | ୫ |
| ଇରାନ | ୩ | ୧ | ୦ | ୨ | ୪ | ୭ | ୩ |
| ୱେଲ୍ସ | ୩ | ୦ | ୧ | ୨ | ୧ | ୬ | ୧ |
| **ଗ୍ରୁପ୍ 'ସି'** | | | | | | | |
| ପୋଲାଣ୍ଡ | ୨ | ୧ | ୧ | ୦ | ୨ | ୦ | ୪ |
| ଆର୍ଜେଣ୍ଟିନା | ୨ | ୧ | ୦ | ୧ | ୩ | ୨ | ୩ |
| ସାଉଦି ଆରବ | ୨ | ୧ | ୦ | ୧ | ୨ | ୩ | ୩ |
| ମେକ୍ସିକୋ | ୨ | ୦ | ୧ | ୧ | ୦ | ୨ | ୧ |
| **ଗ୍ରୁପ୍ 'ଡି'** | | | | | | | |
| ଫ୍ରାନ୍ସ | ୨ | ୨ | ୦ | ୦ | ୬ | ୨ | ୬ |
| ଅଷ୍ଟ୍ରେଲିଆ | ୨ | ୧ | ୦ | ୧ | ୨ | ୪ | ୩ |
| ଡେନମାର୍କ | ୨ | ୦ | ୧ | ୧ | ୧ | ୨ | ୧ |
| ଟ୍ୟୁନିସିଆ | ୨ | ୦ | ୧ | ୧ | ୦ | ୧ | ୧ |
| **ଗ୍ରୁପ୍ 'ଇ'** | | | | | | | |
| ସ୍ପେନ | ୨ | ୧ | ୧ | ୦ | ୮ | ୧ | ୪ |
| ଜାପାନ | ୨ | ୧ | ୦ | ୧ | ୨ | ୨ | ୩ |
| କୋଷ୍ଟାରିକା | ୨ | ୧ | ୦ | ୧ | ୧ | ୭ | ୩ |
| ଜର୍ମାନୀ | ୨ | ୦ | ୧ | ୧ | ୨ | ୩ | ୧ |
| **ଗ୍ରୁପ୍ 'ଏଫ'** | | | | | | | |
| କ୍ରୋଏସିଆ | ୨ | ୧ | ୧ | ୦ | ୪ | ୧ | ୪ |
| ମରକ୍କୋ | ୨ | ୧ | ୧ | ୦ | ୨ | ୦ | ୪ |
| ବେଲଜିୟମ | ୨ | ୧ | ୦ | ୧ | ୧ | ୨ | ୩ |
| କାନାଡ଼ା | ୨ | ୦ | ୦ | ୨ | ୧ | ୫ | ୦ |
| **ଗ୍ରୁପ୍ 'ଜି'** | | | | | | | |
| ବ୍ରାଜିଲ | ୨ | ୨ | ୦ | ୦ | ୩ | ୦ | ୬ |
| ସୁଇଜରଲାଣ୍ଡ | ୨ | ୧ | ୦ | ୧ | ୧ | ୧ | ୩ |
| କାମେରୁନ | ୨ | ୦ | ୧ | ୧ | ୩ | ୪ | ୧ |
| ସର୍ବିୟା | ୨ | ୦ | ୧ | ୧ | ୩ | ୫ | ୧ |
| **ଗ୍ରୁପ୍ 'ଏଚ୍'** | | | | | | | |
| ପର୍ତ୍ତୁଗାଲ | ୨ | ୨ | ୦ | ୦ | ୫ | ୨ | ୬ |
| ଘାନା | ୨ | ୧ | ୦ | ୧ | ୫ | ୫ | ୩ |
| ଦକ୍ଷିଣ କୋରିଆ | ୨ | ୦ | ୧ | ୧ | ୨ | ୩ | ୧ |
| ଉରୁଗୁଏ | ୨ | ୦ | ୧ | ୧ | ୦ | ୨ | ୧ |



କାତାରରେ ଚାଲିଥିବା ଫିଫା ବିଶ୍ୱକପ୍ ଅବସରରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଜଣେ ପ୍ରଶଂସକ।

## ଆମେରିକା ବିପକ୍ଷ ମ୍ୟାଚ ପୂର୍ବରୁ ଇରାନରେ ଫୁଟ୍‌ବଲ ଖେଳାଳିଙ୍କୁ ଜାମିନ

**ଦୁବାଇ, ୨୯।୧୧ (ଏପି):** ଇରାନ କର୍ତ୍ତୃପକ୍ଷ ମଙ୍ଗଳବାର ଜାତୀୟ ଫୁଟ୍‌ବଲ ଦଳର ଦୁଇ ଜଣ ପୂର୍ବତନ ଖେଳାଳିଙ୍କୁ ଜାମିନରେ ଖଲାସ କରିଛନ୍ତି। ଚଳିତମାସରେ ଦେଶବ୍ୟାପୀ ସରକାରୀ ବିରୋଧୀ ବିକ୍ଷୋଭରେ ସାମିଲହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା। ପାରଭିଜ୍ ବୋରୋମାଣ୍ଡ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଗୋଲ୍‌କିପର। ରାଜଧାନୀ ତେହେରାନ୍‌ରେ ସେ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସମ୍ପତ୍ତି ନଷ୍ଟ କରିଥିବା ଅଭିଯୋଗରେ ସେ ଗିରଫ ହୋଇଥିଲେ। ସରକାରୀ ବିରୋଧୀ ପ୍ରଚାର ଓ ଜାତୀୟ ଫୁଟ୍‌ବଲ ଟିମ୍‌କୁ ସମାଲୋଚନା କରିଥିବା ଅଭିଯୋଗରେ ଭୋରିଆ ଘାଫୋରିଙ୍କୁ ଗତ ସପ୍ତାହରେ ଗିରଫ କରାଯାଇଥିଲା। ଖେଳାଳି ଦ୍ୱୟଙ୍କୁ ଖଲାସ କରାଯାଇଥିବା ବିଚାର ବିଭାଗ ତରଫରୁ ଘୋଷଣା କରାଯାଇଥିଲା। ଘାଫୋରି ଏବେ ମଧ୍ୟ ସ୍ଥାନୀୟ ଏକ କ୍ଲବ ତରଫରୁ ଖେଳୁଛନ୍ତି। ସେ ଜଣେ ସ୍ପଷ୍ଟବାଦୀ। ସେ ତାଙ୍କ କ୍ୟାରିୟର ସାରା ଇରାନ କର୍ତ୍ତୃପକ୍ଷଙ୍କ ସମାଲୋଚକ ରହି ଆସିଛନ୍ତି। ଦେଶରେ ପୁରୁଷ ଫୁଟ୍‌ବଲ ମ୍ୟାଚ ଦେଖିବା ଲାଗି ମହିଳା ଦର୍ଶକଙ୍କୁ ବାରଣର ସେ ପ୍ରତିବାଦ କରିଥିଲେ। ମୁକାବିଲାମୂଳକ ବୈଦେଶିକ ନୀତି ଯୋଗୁ ଦେଶକୁ ପାଶ୍ଚାତ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ କହିଛନ୍ତି। ତାଙ୍କର ଏହି ସରକାରୀ ବିରୋଧୀ କାର୍ଯ୍ୟକଳାପ କିମ୍ବା ଅନ୍ୟ କୌଣସି କାରଣରୁ ଘାଫୋରି ଜାତୀୟ ଦଳରୁ ବାଦ୍ ପଡ଼ିଛନ୍ତି ସେ ସମ୍ପର୍କରେ ଇରାନ ଅଫିସିଆଲ ମାନେ ନୀରବ ରହୁଛନ୍ତି।

# ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଆଜି

**ଖ୍ରିଷ୍ଟଚର୍ଚ୍ଚ, ୨୯।୧୧ (ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ଦିନିକିଆ ବର୍ଷା ଯୋଗୁ ଅଧାରୁ ବାତିଲ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ ସମ୍ପୂର୍ଣ୍ଣ ଖେଳ ହେଉ ବୋଲି ଭାରତ ପ୍ରାର୍ଥନା କରିବ। ତା' ହେଲେ ଯାଇ ଟିମ୍ ଇଣ୍ଡିଆକୁ ସମ୍ମାନର ସହ ସିରିଜ ଶେଷ କରିବା ସୁଯୋଗ ମିଳିବ।

ହଗ୍‌ଲେ ଓଭାଲ ଗ୍ରାଉଣ୍ଡ ପାରମ୍ପରିକଭାବେ ଦ୍ରୁତ ବୋଲରଙ୍କୁ ସୁହାଇଥାଏ। ଗତ କିଛି ବର୍ଷର ରେକର୍ଡ ଦେଖିଲେ ଏଠାରେ ଆଭରେଜ ସ୍କୋର ହେଉଛି ୨୩୦। ଅଗାମୀ ବିଶ୍ୱକପକୁ ଦୃଷ୍ଟିରେ ରଖିଲେ ଶିଖର ଧାୱନଙ୍କ ପାଇଁ ପାୱାରପ୍ଲେରେ ଦ୍ରୁତ ବ୍ୟାଟିଂ କରିବା ଗୁରୁତ୍ୱପୂର୍ଣ୍ଣ। ସେ ଗତ କିଛିବର୍ଷ ଧରି ଓପନର ଦାୟିତ୍ୱ ନିର୍ବାହ କରି ଆସୁଥିଲେ ହେଁ ତାଙ୍କ ଷ୍ଟାଇଲ୍‌ରେ ସାମାନ୍ୟ ପରିବର୍ତ୍ତନ ଆବଶ୍ୟକ ହେଉଛି। ତାଙ୍କ ଯୁବ ଓପନିଂ ପାର୍ଟନର ଶୁବମନ ଗିଲ ଶଟ୍ ଚୟନ କ୍ଷେତ୍ରରେ ଅଧିକ ଏକାଗ୍ରତା ଦେଖାଇଛନ୍ତି। ଗତ ୨ଟି ମ୍ୟାଚରେ ସେ ଯଥାକ୍ରମେ ୫୦ ଓ ୪୫ ରନ ସ୍କୋର କରିଛନ୍ତି। ଫର୍ମରେଥିବା ସୂର୍ଯ୍ୟକୁମାର ଯାଦବଙ୍କଠାରୁ ଆଉ ଏକ ବଡ଼ ଇନିଂ ଆଶା ରହିଛି। ପ୍ରଥମ ଦିନିକିଆରେ ଭାରତ ବଡ଼ ସ୍କୋର କରିଥିଲେ ହେଁ ନ୍ୟୁଜିଲାଣ୍ଡ ତାହାକୁ ଅତିକ୍ରମ କରି ଯାଇଥିଲା। ତେଣୁ ବ୍ୟାଟିଂ ସମୟରେ ଏହାକୁ ଭାରତୀୟ ବ୍ୟାଟର ଦୃଷ୍ଟିରେ ରଖିବାକୁ ହେବ। ଏ କ୍ଷେତ୍ରରେ କେବଳ ଧାୱନ, ଗିଲ୍ କିମ୍ବା ସୂର୍ଯ୍ୟ ନୁହନ୍ତି ରିଷଭ ପନ୍ତଙ୍କୁ ମଧ୍ୟ ବିସ୍ଫୋରକ ଇନିଂସ ଖେଳିବାକୁ ହେବ। ପନ୍ତ ଜଣେ ଆକ୍ରମଣାତ୍ମକ ଖେଳାଳିଭାବେ ପରିଚିତ, ମାତ୍ର ନିକଟ ଅତୀତରେ ତାଙ୍କ ବ୍ୟାଟ୍ ନିରବ ରହିଛି। ସେ କ୍ଲିକ୍ କଲେ ଯାଇ ଭାରତୀୟ ମିଡିଲ ଅର୍ଡର ଦ୍ରୁତ ହାରରେ ରନ ସଂଗ୍ରହ କରିପାରିବ।

ପନ୍ତଙ୍କ ଉପସ୍ଥିତିରେ ସଞ୍ଜୁ ସାମସନଙ୍କୁ ପୁଣି ପଡ଼ିଆ ବାହାରେ ବସିବାକୁ ପଡ଼ିବ। କାରଣ ଅଲ୍‌ରାଉଣ୍ଡ ଦକ୍ଷତା ଯୋଗୁ ଦୀପକ ହୁଡା ପସନ୍ଦଯୋଗ୍ୟ ରହିବେ। ଭାରତର ଅନ୍ତରିଣ କୋଚ୍ ଭିଭିଏସ୍ ଲକ୍ଷ୍ମଣ ବୋଲିଂ ବିଭାଗରେ ଯୁଜବେନ୍ଦ୍ର ଚହଲ ଓ ୱାଶିଂଟନ ସୁନ୍ଦରଙ୍କ ସହ ଅପରିବର୍ତ୍ତିତ ରହିବେ ନା କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିବ ତା' ଉପରେ ନଜର ରହିବ। ଅର୍ଶଦୀପ ସିଂ, ଦୀପକ ଚହର ଓ ଇମ୍ରାନ ମଲିକ ଦ୍ରୁତ ବୋଲିଂ ବିଭାଗ ସମ୍ଭାଳି ପାରନ୍ତି। ଅନ୍ୟପକ୍ଷରେ ପେସ୍ ଫ୍ରେଣ୍ଡଲୀ ପିଚ୍‌ରେ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀ, ଟିମ୍ ସୌଦୀ ଓ ଲୋକି ଫର୍ଗୁସନ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ଧ୍ୱସ୍ତ କରିବା ପାଇଁ ଚେଷ୍ଟା କରିବେ।

**ମ୍ୟାଚ ଆରମ୍ଭ: ସକାଳ ୭ଟା**


ଖ୍ରିଷ୍ଟଚର୍ଚ୍ଚରେ ଭାରତୀୟ ଦଳର ଟ୍ରେନିଂ ସେସନ ସମୟରେ ଅନ୍ତରୀଣ କୋଚ୍ ଭିଭିଏସ୍ ଲକ୍ଷ୍ମଣ ଓ ସୂର୍ଯ୍ୟକୁମାର ଯାଦବ।

## ରୋଜର ବିନ୍ନିଙ୍କୁ ଏଥିକ୍ସ ଅଫିସରଙ୍କ ନୋଟିସ

**ନୂଆଦିଲ୍ଲୀ, ୨୯।୧୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଫିସର ବିନିତ୍ ଶରଣ ବୋର୍ଡ ସଭାପତି ରୋଜର ବିନ୍ନିଙ୍କୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱଜନିତ ଏକ ନୋଟିସ୍ ଜାରି କରିଛନ୍ତି। ଡିସେମ୍ବର ୨୦ ସୁଦ୍ଧା ଲିଖିତ ଜବାବ ଦେବାକୁ ସେ ବିନ୍ନିଙ୍କୁ କହିଛନ୍ତି। ବିସିସିଆଇ ମୁଖ୍ୟଙ୍କ ବିରୋଧରେ ସଞ୍ଜୀବ ଗୁପ୍ତା ନାମକ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି। ବିନ୍ନିଙ୍କ ବୋହୂ ଷ୍ଟାର ସ୍ପୋର୍ଟ୍ସ ପାଇଁ କାର୍ଯ୍ୟକରନ୍ତି, ଯେଉଁ ପ୍ରସାରଣକାରୀ ସଂସ୍ଥା ଭାରତୀୟ କ୍ରିକେଟ ପାଇଁ ଘରୋଇ ସିଜନ ମିଡିଆ ରାଇଟ୍ ହାସଲ କରିଛି।

# ରହିତାଦେଶ ପାଇଁ ମନାକଲେ ହାଇକୋର୍ଟ

**ନୂଆଦିଲ୍ଲୀ, ୨୯।୧୧ (ପି.ଟି.)**

ରାଷ୍ଟ୍ରପତି ଭବନରେ ବୁଧବାର ଆୟୋଜିତ ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବରେ ଅର୍ଜୁନ ପୁରସ୍କାର ପ୍ରଦାନ ଉପରେ ରହିତାଦେଶ ଜାରି କରିବା ଲାଗି ମନା କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ୨୦୧୮ ଏସିଆନ ଗେମ୍ସ ୮୦୦ ମିଟର ଦୌଡ଼ ସ୍ୱର୍ଣ୍ଣ ବିଜେତା ଚାମ୍ପିୟନ ସ୍ପ୍ରିଣ୍ଟର ମନଜିତ ସିଂଙ୍କ ନାମ ପୁରସ୍କାର ବିଜେତାଙ୍କ ତାଲିକାରେ ସ୍ଥାନ ପାଇ ନ ଥିବାରୁ ସେ ଏକ ପିଟିଶନ ଦାଖଲ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ରୋକାଯାଇ ପାରିବ ନାହିଁ ବୋଲି ମାମଲାର ଶୁଣାଣି କରି ଜଷ୍ଟିସ ପ୍ରତିଭା ଏମ୍. ସିଂ କହିଛନ୍ତି। ଜାକର୍ତ୍ତାଠାରେ ଅନୁଷ୍ଠିତ ୧୮ତମ ଏସିଆନ ଗେମ୍ସରେ ଏକ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ବିଚାରକୁ ନେବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ମନଜିତ୍ ତାଙ୍କ ପିଟିଶନରେ ନିବେଦନ କରିଥିଲେ। ହାଇକୋର୍ଟ କିନ୍ତୁ ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ବିରୁଦ୍ଧରେ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ପୁରସ୍କାର ବିତରଣ ଉତ୍ସବକୁ ରୋକାଯାଇ ପାରିବ ନାହିଁ।

**ଅର୍ଜୁନ ପୁରସ୍କାର**

ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଜବାବ ମିଳିବା ପରେ ଆବଶ୍ୟକତା ଅନୁଭବ କରାଗଲେ ଆବେଦନକାରୀଙ୍କ ମାମଲାର ବିଚାର କରାଯାଇପାରେ। ପୁରସ୍କାର ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ କରା ନଯିବା ଦ୍ୱାରା ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଏହା ଦ୍ୱାରା ସମ୍ବିଧାନର ଧାରା ୧୪ର ଉଲ୍ଲଂଘନ କରାଯାଇଛି, ଯେଉଁଥିରେ କି ଆଇନ ଆଗରେ ସମସ୍ତେ ସମାନ ବୋଲି ଉଲ୍ଲେଖ ରହିଛି। ଅର୍ଜୁନ ପୁରସ୍କାର ସ୍କିମ୍‌ରେ ରହିଥିବା ପଏଣ୍ଟ ବ୍ୟବସ୍ଥାରେ ସେ ୩୦ ପଏଣ୍ଟ ଅର୍ଜନ କରିଛନ୍ତି। ପୁରସ୍କାର ବିଜେତା ତାଲିକାରେ ୨୫ ପଏଣ୍ଟ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ଙ୍କ ନାମ ସ୍ଥାନ ପାଇଥିଲେ ହେଁ ତାଙ୍କୁ ବାଦ୍ ଦିଆଯାଇଛି। ୨୦୧୮ ଏସିଆନ ଗେମ୍ସରେ ଭାରତ ୫ ସ୍ୱର୍ଣ୍ଣ ଜିତିଥିଲା। ମନଜିତ୍‌ଙ୍କ ଛାଡ଼ିଦେଲେ ଅନ୍ୟ ସମସ୍ତ ସ୍ୱର୍ଣ୍ଣ ବିଜେତା ପୁରସ୍କାର ପାଇ ସାରିଛନ୍ତି। ଗତ ୪ ବର୍ଷ ହେଲା ତାଙ୍କ ନାମ ସୁପାରିସ ହୋଇଆସିଛି, ହେଲେ ଯୋଗ୍ୟତା ଥାଇ ମଧ୍ୟ ତାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ବିଚାର କରାଯାଇ ନାହିଁ। ଏଥର ତାଙ୍କ ପାଇଁ ଶେଷ ସୁଯୋଗ ଥିଲା। ଏହାପରେ ସେ ଆଉ ଅର୍ଜୁନ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

# ଓଡ଼ିଶା ପରାସ୍ତ, ହରିୟାଣାକୁ ୭ ପଏଣ୍ଟ

**ସମ୍ବଲପୁର, ୨୯।୧୧ (ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ କୁଚ ବିହାର ଟ୍ରଫି ମଙ୍ଗଳବାର ଚତୁର୍ଥ ଦିନରେ ଶେଷ ହୋଇଛି। ସକାଳେ ପ୍ରାୟ ୨ଘଣ୍ଟା ଧରି ଖେଳ ହୋଇଥିଲା। ଏଥିରେ ଓଡ଼ିଶା ଦଳର ଖେଳାଳି ୬ଉଇକେଟ ହରାଇ ମାତ୍ର ୫୭ରନ କରିପାରିଥିଲେ। ଓଡ଼ିଶା ଦଳ ପ୍ରଥମ ଇନିଂସରେ ୧୯୪ ଓ ଦ୍ୱିତୀୟ ଇନିଂସରେ ୨୯୯ ମୋଟ ୪୯୩ରନ ସଂଗ୍ରହ କରିଥିଲା। ହରିୟାଣା ଦଳ ପ୍ରଥମ ଇନିଂସରେ କରିଥିବା ୫୧୧ରନ ପୂରଣ କରି ନ ପାରି ୧୮ ରନ ପଛରେ ରହିଥିଲା। ଫଳରେ ଓଡ଼ିଶା ଦଳ ଶୋଚନୀୟ ଭାବେ ପରାଜିତ ହୋଇଥିଲା। ହରିୟାଣା ଦଳର ଅଲରାଉଣ୍ଡର ମୟଙ୍କ ସାଣ୍ଡିଲ୍ୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେ ୧୯୪ ବଲରେ ୧୨୯ ରନ କରିଥିଲେ। ଏଥିରେ ୧୬ ଚୌକା ଓ ୪ ଛକ୍କା ରହିଛି। ଏଥିସହ ଚମତ୍କାର ବୋଲିଂ କରି ୨୦ ଓଭରରେ ୩ଟି ମେଡେନ ଓଭର ଓ ୭୯ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ।


ମୟଙ୍କ ସାଣ୍ଡିଲ୍ୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି ।

**କୁଚ୍ ବିହାର ଟ୍ରଫି**

ଗତ ୨୬ତାରିଖଠାରୁ ଏହି ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଖେଳରେ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମସ୍ତ ଉଇକେଟ ହରାଇ ଦଳ ୧୯୪ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିନରେ ହରିୟାଣା ଦଳ ବ୍ୟାଟିଂ ଆରମ୍ଭ କରି ଖେଳ ଶେଷ ପର୍ଯ୍ୟନ୍ତ ୫ ଉଇକେଟ ହରାଇ ୪୬୬ରନ ସଂଗ୍ରହ କରିଥିଲା। ତୃତୀୟ ଦିନରେ ଲଞ୍ଚବ୍ରେକ ପର୍ଯ୍ୟନ୍ତ ଅବଶିଷ୍ଟ ୫ଉଇକେଟ ହରାଇ ଦଳ ୧୪୫ରନ କରି ସମୁଦାୟ ୫୧୧ ରନରେ ଏକ ବଡ ସ୍କୋର ଛିଡା କରିଥିଲା। ଓଡ଼ିଶା ଦଳ ଅପରାହ୍ନ ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ଖେଳ ଶେଷ ହେବା ପର୍ଯ୍ୟନ୍ତ ୪ଉଇକେଟ ହରାଇ ୨୪୨ରନ ସଂଗ୍ରହ କରିଥିଲା। ଚତୁର୍ଥ ଦିନ ଖେଳ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ସମସ୍ତ ୬ ଖେଳାଳି ପ୍ୟାଭିଲିଅନକୁ ଫେରି ଯାଇଥିଲେ। ୫୭ରନ ସଂଗ୍ରହ କରି ଖେଳ ସମାପ୍ତି ହୋଇଥିଲା। ହରିୟାଣା ଦଳର ସହଜ ବିଜୟ ହୋଇଥିଲା। ହରିୟାଣାକୁ ବୋନସ ସହ ମୋଟ ୭ ପଏଣ୍ଟ ମିଳିଛି।

ପୁରସ୍କାର ବିତରଣୀ ସଭାରେ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥ୍‌ଲେଟିକ ସମ୍ପାଦକ ବିକାଶ ମିଶ୍ର, ଖେଳ ସମ୍ପାଦକ ରାଜେଶ ସେଠଙ୍କ ସମେତ କ୍ରୀଡା ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ